ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୪/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, October 14/2023 | Page 20 | ₹ 7.00 | SAMBALPUR

୪୯ଶ ଭାଗ ୩୨୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 320 ମୂଲ୍ୟ ₹୭/-






SnapUp

₹199*-ରେ

ସ୍ମାର୍ଟ ୱାଚ

₹2499 ର କିଣିବା ଉପରେ

MRP ~~₹2499~~



₹199*-ରେ

ଡଫଲ ଟ୍ରଲି

(24" inch)

₹4999 ର କିଣିବା ଉପରେ

MRP ~~₹4999~~

V MART

*Terms & conditions apply. Image used are for reference only. Indicative pricing of which may vary product wise, all prices mentioned are inclusive of all taxes. No two offers can be clubbed together. For more details regarding size, quantity, customer care manager, marketer refer product pack and label of the product. VMRL reserves the right to amend terms & conditions at its discretion without any prior notice. In case of any dispute, V-Mart has the right to take the final decision.

HDFC BANK

FESTIVE TREATS

Up to 7.5% Instant Discount* with HDFC Bank Cards & EasyEMI

Min. Trxn.: ₹2,500; Max. Discount up to ₹1000
Validity: 14 October - 2 November 2023. *T&C Apply.

Shop Online: LimeRoad.com

+91 9027 057 057

customercare@vmart.co.in

439 STORES | 283 CITIES | 27 STATES

SCAN & SHOP

ନବରଙ୍ଗପୁର: ଗାନ୍ଧୀ ଛକ, ମେନ୍ ରୋଡ୍, ପୁରାନୀ ବଜାର • କେନ୍ଦୁଝର: ମାଗୁରଗଡ଼ିଆ, ଗାନ୍ଧୀ ଛକ ନିକଟ • ବ୍ରହ୍ମପୁର: ଅର୍ବାନ୍ ବ୍ୟାଙ୍କ ରୋଡ୍
ବାରିପଦା: କେ.ସି. ସର୍କଲ, ଉଦଳା ରୋଡ୍ • ଝାରସୁଗୁଡ଼ା: ସରବାହାଲ ରୋଡ୍, ଶଙ୍କର ଉଦ୍ୟାନ ନିକଟ • ସମ୍ବଲପୁର: ନୟାପଡ଼ା, ଗୋଲ ବଜାର ଛକ
କଟକ: କଟକ ଲିଙ୍କ୍ ରୋଡ୍, ବିଶ୍ରାମ ନଗର, ବାଦାମବାଡ଼ି • ରାଉରକେଲା: ମେନ୍ ରୋଡ୍, ଡେଲି ମାର୍କେଟ, ହରିୟାଣା ଭବନ ନିକଟ
ପଟିଆ: ମାରୁତି ମଲ୍, ଭୁବନେଶ୍ୱର • ଅନୁଗୁଳ: ଶଙ୍କର ସିନେମା ରୋଡ୍

**ଫ୍ରାନ୍ସ ସ୍କୁଲରେ ଆକ୍ରମଣ: ଶିକ୍ଷକ ମୃତ**

ଫ୍ରାନ୍ସର ଆରାସ୍ ସହରରେ ଥିବା ଏକ ସ୍କୁଲରେ ଶୁକ୍ରବାର ଛୁରି ଆକ୍ରମଣରେ ଜଣେ ଶିକ୍ଷକ ପ୍ରାଣ ହରାଇବା ସହ ଅନେକ ଲୋକ ଆହତ ହୋଇଛନ୍ତି। ଆକ୍ରମଣକାରୀଙ୍କୁ ଗିରଫ କରାଯାଇଥିବା ଆଞ୍ଚଳିକ କର୍ତ୍ତୃପକ୍ଷ କହିଛନ୍ତି। ଆକ୍ରମଣକାରୀ 'ଆଲ୍ଲାହୁ ଆକବର' ଚିତ୍କାର କରୁଥିବା ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଥିବାବେଳେ ପୋଲିସ ଏହାକୁ ସ୍ପଷ୍ଟ କରିନାହାଁନ୍ତି। ଆକ୍ରମଣକାରୀ ୨୦ ବର୍ଷୀୟ ଯୁବକ ଉକ୍ତ ସ୍କୁଲର ପୂର୍ବତନ ଛାତ୍ର ବୋଲି ଜଣାପଡ଼ିଛି। ଆକ୍ରମଣକାରୀଙ୍କ ଭାଇକୁ ମଧ୍ୟ ଗିରଫ କରାଯାଇଛି। ପ୍ରାଣ ହରାଇଥିବା ଶିକ୍ଷକ ଜଣକ ଫ୍ରେଞ୍ଚ ଭାଷା ପଢ଼ାଉଥିଲେ। ଏହା ବ୍ୟତୀତ ଖେଳ ଶିକ୍ଷକ ଛୁରାମାଡ଼ରେ ଆହତ ହୋଇଛନ୍ତି।





ଗାଜା ଷ୍ଟ୍ରିପ୍ ସୀମାରେ ଆର୍ମୋର୍ଡ ପର୍ସନେଲ କେରିୟର (ଏପିସି) ସହ ଇସ୍ରାଏଲୀ ସୈନ୍ୟ।

# ଗାଜାରୁ ଗଣପଳାୟନ

**➩ବଡ଼ ଆକ୍ରମଣ ପାଇଁ ଇସ୍ରାଏଲର ପ୍ରସ୍ତୁତି ➩୧୦ ଲକ୍ଷ ଲୋକଙ୍କୁ ଖାଲି କରିବାକୁ ନିର୍ଦ୍ଦେଶ**

**ଜେରୁଜେଲମ/ଗାଜା ସିଟି,୧୩।୧୦**

ଗାଜାର ଶାସକ ହମାସ୍ ଆତଙ୍କବାଦୀ ଗୋଷ୍ଠୀ ବିରୋଧରେ ଇସ୍ରାଏଲ ସ୍ଥଳସେନା ପକ୍ଷରୁ ବଡ଼ ଧରଣର ଆକ୍ରମଣ ହେବାକୁ ଯାଉଛି। ଏଥିପାଇଁ ୧୦ ଲକ୍ଷ ପାଲେଷ୍ଟିନୀୟ ୨୪ ଘଣ୍ଟା ମଧ୍ୟରେ ଉତ୍ତର ଗାଜା ଛାଡ଼ି ଦକ୍ଷିଣ ପାର୍ଶ୍ୱକୁ ଚାଲିଯିବା ପାଇଁ ଇସ୍ରାଏଲ୍ ସୈନ୍ୟବାହିନୀ ପକ୍ଷରୁ ଶୁକ୍ରବାର ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଚେତାବନୀ ପରେ ଗାଜା ଷ୍ଟ୍ରିପ୍‌ରୁ ବହୁସଂଖ୍ୟାରେ ଲୋକ ଘର ଛାଡ଼ିବା ଆରମ୍ଭ କରିଛନ୍ତି। ବହୁ ସଂଖ୍ୟାରେ ଲୋକେ କାର୍ ଛାତରେ ବିଛଣାପତ୍ର ଓ ଅତ୍ୟାବଶ୍ୟକ ସାମଗ୍ରୀ ଧରି ପଳାଉଥିବା ଦେଖାଯାଇଛି। ଗାଜା ସିଟି, ବେଇଟ୍ ଲାହିଆ, ବେଇଟ୍ ହାନୌନ ଏବଂ ଜାବାଲିଆ ଆର୍‌ସିରୁ ବାସିନ୍ଦାମାନେ ଗଣପଳାୟନ କରୁଛନ୍ତି। ଯେଉଁମାନେ ଘର ନ ଛାଡ଼ିବେ ସେମାନେ ମାରାତ୍ମକ ପରିଣାମର ସମ୍ମୁଖୀନ ହୋଇପାରନ୍ତି ବୋଲି ଇସ୍ରାଏଲ୍ ସେନା ଚେତାବନୀ ଦେଇଥିଲା।

ଗାଜା ଷ୍ଟ୍ରିପ୍ ଉପରେ ଆକାଶ ମାର୍ଗରୁ ବୋମା ଓ ରକେଟ ମାଡ଼ କରିଚାଲିଥିବା ଇସ୍ରାଏଲ୍ ସେନା ଏବେ ସ୍ଥଳପଥରେ ଉକ୍ତ ଅଞ୍ଚଳକୁ ଦଖଲ କରିବାକୁ ଚାହୁଁଛି। ଏଥିପାଇଁ ୩ ଲକ୍ଷ ସୈନ୍ୟଙ୍କୁ ଗାଜା ସୀମାକୁ ପଠାଯିବା ସହ ବହୁସଂଖ୍ୟାରେ ଟ୍ୟାଙ୍କ ଠୁଳ କରିଛି। ଯେକୌଣସି ମୁହୂର୍ତ୍ତରେ ସେମାନେ ଗାଜା ଭିତରେ ପ୍ରବେଶ କରିବେ। ସେଥିପାଇଁ ଉତ୍ତର ଗାଜାର ଲୋକମାନେ ସେମାନଙ୍କର ତଥା ସେମାନଙ୍କ ପରିବାର ସଦସ୍ୟମାନଙ୍କ ସୁରକ୍ଷା ଲାଗି ଦକ୍ଷିଣ ଭାଗକୁ ପଳାଇଯିବା ଲାଗି କୁହାଯାଇଛି। ହମାସ୍ ଆତଙ୍କବାଦୀମାନେ ନିରୀହ ଲୋକମାନଙ୍କୁ ମାନବ ଢାଲ ଭାବେ ବ୍ୟବହାର କରୁଥିବା ଇସ୍ରାଏଲ ସେନା କହିଛନ୍ତି। ହମାସ୍ ଆତଙ୍କବାଦୀମାନେ ସାଧାରଣ ଜନବସତି ମଧ୍ୟରେ ଆତ୍ମଗୋପନ କରିଥିବା ଅଭିଯୋଗ ହୋଇଛି।

ଉତ୍ତର ଗାଜାରୁ ଏତେ ସଂଖ୍ୟାରେ ଲୋକଙ୍କ ଗଣପଳାୟନ ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ଜାତିସଂଘ ସତର୍କ କରାଇଦେଇଛି। ଇସ୍ରାଏଲ୍ ପକ୍ଷରୁ ଉତ୍ତର ଗାଜା ଖାଲି କରିବାକୁ ନିର୍ଦ୍ଦେଶ ଦିଆଯିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଆକାଶମାର୍ଗରୁ ଘନଘନ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଅନେକ ଲୋକ ଘରଦ୍ୱାର ଛାଡ଼ି ପଳାଇଥିଲେ। ଏବେ ଇସ୍ରାଏଲ୍ ସମଗ୍ର ଅଞ୍ଚଳକୁ ଦଖଲ କରିବାକୁ ଉଦ୍ୟମ କରୁଥିବାରୁ ତାହା ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯିବ ବୋଲି ଆଶଙ୍କା କରାଯାଉଛି। ଏବେ ଲୋକ ଖାଦ୍ୟ, ବିଜୁଳି, ଇନ୍ଧନ ଆଦିକୁ ଭୁଲିଗଲେଣି। କେବଳ ଜୀବନ ବଞ୍ଚାଇବାକୁ ସେମାନେ ଚିନ୍ତା କରୁଛନ୍ତି ବୋଲି ପାଲେଷ୍ଟିନୀୟ ରେଡ୍ କ୍ରିସେଣ୍ଟ ମୁଖପାତ୍ର ନେବାଲ ଫରସାଖ୍ କହିଛନ୍ତି। ଯୁଦ୍ଧରେ ଉଭୟ ପକ୍ଷରୁ ୩,୦୦୦ରୁ ଅଧିକ ଲୋକାଙ୍କ ମୃତ୍ୟୁ ଘଟିବା ସହ ଉତ୍ତେଜନା ବଢ଼ିବାରେ ଲାଗିଛି। ଲେବାନନ୍‌ର ହେଜବୋଲ୍ଲା ଆତଙ୍କବାଦୀ ସଂଗଠନ ଉପରେ ଇସ୍ରାଏଲ୍ ଆକ୍ରମଣ କରିଥିବାରୁ ଯୁଦ୍ଧ ଅଧିକ ଅଞ୍ଚଳକୁ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। ଶୁକ୍ରବାର ମୁସଲମାନଙ୍କ ନମାଜ ପାଠ ବେଳେ ଆଖପାଖ ଦେଶଗୁଡ଼ିକରେ ଉତ୍ତେଜନା ଦେଖାଦେଇଛି।

ଗତ ଶନିବାର ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିବା ପରେ ଜେରୁଜେଲମ୍ ପକ୍ଷରୁ ଗାଜା ଉପରେ କ୍ରମାଗତ ବୋମାମାଡ଼ ଜାରି ରହିଛି। ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ହଜାର ହଜାର ରକେଟ ମାଡ଼ କରିବା ସହ ଏହାର ଦକ୍ଷିଣ ଭାଗରେ ଥିବା କେତେକ ସହରରେ ପ୍ରବେଶ କରି ଛୋଟ ପିଲାଙ୍କ ସମେତ ବହୁ ଲୋକଙ୍କୁ ହତ୍ୟା କରିଥିଲେ। ସେମାନେ ୧୫୦ ଲୋକଙ୍କୁ ଅପହରଣ କରି ଗାଜାକୁ ନେଇଯାଇଛନ୍ତି।



ଇସ୍ରାଏଲର ଚେତାବନୀ ପରେ ଗାଜାର ରାଫାହରୁ ପିଲାଛୁଆଙ୍କୁ ଧରି ପଳାୟନ କରୁଛନ୍ତି ପାଲେଷ୍ଟିନୀୟ ମହିଳା।

## ଇସ୍ରାଏଲ, ଆମେରିକାକୁ ପ୍ରବଳ ବିରୋଧ

**ଜୋର୍ଡାନ୍‌ର ଅମ୍ମାନଠୁ ନେଇ ୟେମେନ୍ ରାଜଧାନୀ ସନା ପର୍ଯ୍ୟନ୍ତ ମୁସଲମାନ ସମ୍ପ୍ରଦାୟର ଲୋକେ ଶୁକ୍ରବାର ନମାଜ ପାଠ ପରେ ରାସ୍ତାକୁ ଓହ୍ଲାଇଥିଲେ। ସେମାନେ ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲର ଅଭୂତପୂର୍ବ ଏୟାରଷ୍ଟ୍ରାଇକ୍‌କୁ ବିରୋଧ କରି ଇସ୍ରାଏଲୀ ଓ ଆମେରିକୀୟ ପତାକା ପୋଡ଼ିଥିଲେ। ମଧ୍ୟପ୍ରାଚ୍ୟ, ଉପସାରଗୀୟ ଓ ମୁସଲମାନ ବହୁଳ ଅନେକ ରାଷ୍ଟ୍ରରେ ଶୁକ୍ରବାର ଅନୁରୂପ ବିକ୍ଷୋଭ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।**

**ଜେରୁଜେଲମ୍/ବାଗ୍‌ଦାଦ/ ପ୍ୟାରିସ୍,୧୩।୧୦**

ହମାସ୍ ସହ ଇସ୍ରାଏଲର ଯୁଦ୍ଧକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଛି। ମଧ୍ୟପ୍ରାଚ୍ୟରେ ଅନେକ ହଜାର ଲୋକ ରାସ୍ତାକୁ ଓହ୍ଲାଇ ଗାଜା ଉପରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍ ବିରୋଧରେ ପ୍ରତିବାଦ ଜଣାଇଛନ୍ତି। ନିଜ ଦେଶର ରାଜଧାନୀରେ ନମାଜ ପାଠ ପାଇଁ ମସ୍‌ଜିଦଗୁଡ଼ିକରେ ଠୁଳ ହୋଇଥିବା ମୁସଲମାନମାନେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶିଆ ନେତା ମୋକ୍ତାଦା ସଦର୍ ଗାଜା ସପକ୍ଷରେ ବିକ୍ଷୋଭ କରିବାକୁ ଆହ୍ୱାନ ଦେବା ପରେ ଇରାକ୍‌ର ବାଗ୍‌ଦାଦରେ ଆନ୍ଦୋଳନକାରୀ ସ୍ଲୋଗାନ ଦେଇଥିଲେ, 'କବ୍‌ଜା ଚଳିବ ନାହିଁ', 'ଆମେରିକାର ଆଧିପତ୍ୟ ଗ୍ରହଣୀୟ ନୁହେଁ'। ଅଧିକୃତ ପାଲେଷ୍ଟାଇନ୍‌ରେ ଚାଲିଥିବା ରକ୍ତପାତ ଓ ମାନବ ଅଧିକାର ଉଲ୍ଲଂଘନକୁ ନିନ୍ଦା କରିବା ପାଇଁ ଏହି ରାଲିର ଆୟୋଜନ କରାଯାଇଛି ବୋଲି ବିକ୍ଷୋଭ ଆୟୋଜକ ଅବୁ କନ୍ୟାନ୍ କହିଛନ୍ତି। ତେହେରାନ୍‌ରେ

### ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକରେ ବ୍ୟାପକ ବିକ୍ଷୋଭ

ବିକ୍ଷୋଭକାରୀମାନେ ଇରାନୀ, ପାଲେଷ୍ଟିନୀୟ, ଲେବାନନ୍‌ର ହେଜ୍‌ବୋଲ୍ଲା ପତାକା ଉଡ଼ାଇଥିଲେ। ସେମାନେ ଧରିଥିବା ବ୍ୟାନରଗୁଡ଼ିକରେ ଲେଖାଥିଲା, 'ଡାଉନ୍ ୱିଥ୍ ଆମେରିକା' ଏବଂ 'ଡାଉନ୍ ୱିଥ୍ ଇସ୍ରାଏଲ'। ଇରାନ୍‌ର ଅନ୍ୟ ସହରଗୁଡ଼ିକରେ ମଧ୍ୟ ବିକ୍ଷୋଭକାରୀମାନେ ଆମେରିକା ଓ ଇସ୍ରାଏଲର ଜାତୀୟ ପତାକାକୁ ପୋଡ଼ିଥିଲେ। ବାହାରିନ୍‌ର ଦିରାଜ ମସ୍‌ଜିଦ ଆଗରେ ନମାଜ ପାଠ ପୂର୍ବରୁ ଅନେକ ହଜାର ମୁସଲମାନ ସ୍ଲୋଗାନ ଦେଇଥିଲେ, 'ଡେଥ୍ ଟୁ ଇସ୍ରାଏଲ' ଏବଂ 'ଡେଟ୍ ଟୁ ଆମେରିକା'। ସାଉଦି ରାଜଧାନୀ ରିୟାଧରେ ବିକ୍ଷୋଭକୁ ନିଷିଦ୍ଧ କରାଯାଇଥିବାବେଳେ କେତେଜଣ ଲୋକ ଏହାକୁ ଅବଜ୍ଞା କରିଛନ୍ତି। ଆଇନ ଅମାନ୍ୟକାରୀ ଜଣେ ପୂଜକଙ୍କୁ ପୋଲିସ ଗିରଫ କରି ନେଉଥିବାବେଳେ ସେ କହୁଥିଲେ, 'ସ୍ପିକ୍ ଆବାଉଟ୍ ପାଲେଷ୍ଟାଇନ୍'!



ମାଲେସିଆର କୁଆଲାଲମ୍ପୁରରେ ଇସ୍ରାଏଲ ବିରୋଧୀ ବିକ୍ଷୋଭ ବେଳେ ମହିଳାମାନେ ସ୍ଲୋଗାନ ଦେଉଛନ୍ତି।

## ହମାସ୍‌ର ଗୁପ୍ତ ସୁଡ଼ଙ୍ଗ ଇସ୍ରାଏଲ ସେନା ପାଇଁ ବଡ଼ ଚ୍ୟାଲେଞ୍ଜ

ଇସ୍ରାଏଲ୍ ସ୍ଥଳସେନା ଜୋର୍‌ଦାର ଆକ୍ରମଣ କରି ଗାଜା ଷ୍ଟ୍ରିପ୍‌କୁ ଦଖଲ ପାଇଁ ପ୍ରସ୍ତୁତି ଚଳାଇଛି। ତେବେ ସେଠାରେ ହମାସ ଆତଙ୍କବାଦୀଙ୍କ ଗୁପ୍ତ ସୁଡ଼ଙ୍ଗ ଇସ୍ରାଏଲ୍ ସୈନ୍ୟଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ସ୍ଥଳଭାଗରେ ଆକ୍ରମଣ କଲେ ଇସ୍ରାଏଲ୍‌କୁ ମହଙ୍ଗା ପଡ଼ିପାରେ ବୋଲି ବହୁ ବିଶେଷଜ୍ଞ ସତର୍କ କରାଇଛନ୍ତି। ଗାଜା ଷ୍ଟ୍ରିପ୍‌ରେ ଅନେକ ଦୀର୍ଘ ଗୁପ୍ତ ସୁଡ଼ଙ୍ଗ ନେଟ୍‌ୱର୍କ ରହିଛି। ଉକ୍ତ ଟନେଲ ନେଟ୍‌ୱର୍କ ଉପରେ ଆକ୍ରମଣ କରାଯିବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ମୁଖପାତ୍ର କହିଛନ୍ତି। ତେବେ ଏହା ସହଜ ନୁହେଁ। ୨୦୨୧ରେ ହମାସର ୧୦୦ କିଲୋମିଟରରୁ ଅଧିକ ଟନେଲ ନେଟ୍‌ୱର୍କକୁ ଧ୍ୱଂସ କରାଯାଇଥିବା ଇସ୍ରାଏଲ ଡିଫେନ୍ସ ଫୋର୍ସ ଦାବି କରିଥିଲା। ତେବେ ସେଠାରେ ୫୦୦ କିଲୋମିଟର ଟନେଲ ନେଟ୍‌ୱର୍କ



ରହିଥିବାବେଳେ ମାତ୍ର ୫ ପ୍ରତିଶତ ନଷ୍ଟ ହୋଇଥିବା ହମାସ ନେତା ୟାହୟା ସିନଓ୍ୱର କହିଥିଲେ। ଦିଲ୍ଲୀର ଆୟତନ ଗାଜାର ୪ ଗୁଣ ହୋଇଥିବାବେଳେ ମୋଟ ମେଟ୍ରୋ ନେଟ୍‌ୱର୍କ ୩୯୨ କିଲୋମିଟର ରହିଛି। ଏଥିରୁ ଗାଜାରେ ସୁଡଙ୍ଗ ନେଟ୍‌ୱର୍କ କେତେ ଅଧିକ ତାହା ସହଜେ ଅନୁମେୟ।

## ମଣିପୁର ଛାତ୍ରୀଛାତ୍ର ହତ୍ୟା: ୫ମ ଅଭିଯୁକ୍ତଙ୍କୁ ଗିରଫକଲା ସିବିଆଇ

**ପୁଣେ,୧୩।୧୦:** ହିଂସାକାଣ୍ଡ ଲାଗି ରହିଥିବା ମଣିପୁରରେ ମେଇତି ସମ୍ପ୍ରଦାୟର ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ଅପହରଣ କରିନେଇ ହତ୍ୟା କରିବା ଅଭିଯୋଗରେ ସିବିଆଇ ମହାରାଷ୍ଟ୍ରର ପୁଣେରୁ ୫ମ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ମାମଲାରେ ଅକ୍ଟୋବର ୧ରେ ୪ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିଲା। ଜୁଲାଇ ୬ରୁ ୨ ମେଇତି ଛାତ୍ରୀଛାତ୍ର ନିଖୋଜ ଥିବାବେଳେ ପରେ ସେମାନଙ୍କ ମୃତଦେହ ମିଳିଥିଲା। ୨୨ ବର୍ଷୀୟ ବାଓଲୁନ୍ ମାଙ୍ଗ୍‌ଙ୍କୁ ଗିରଫ କରାଯାଇ ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ଅଦାଲତ ତାଙ୍କୁ ଅକ୍ଟୋବର ୧୬ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇଦେଇଛନ୍ତି। ଛାତ୍ରୀଛାତ୍ରଙ୍କୁ ଅପହରଣ ଓ ହତ୍ୟା ମାମଲାରେ ମାଙ୍ଗଙ୍କର ପ୍ରମୁଖ ଭୂମିକା ଥିଲା ସିବିଆଇ ଅଧିକାରୀମାନେ ତାଙ୍କୁ ଜେରା କରୁଛନ୍ତି।

## ଜି୨୦ ବାଚସ୍ପତି ସମ୍ମିଳନୀ ଉଦ୍‌ଘାଟିତ

### ଶାନ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

**ନୂଆଦିଲ୍ଲୀ,୧୩।୧୦:** ଜି୨୦ ରାଷ୍ଟ୍ର ଗୋଷ୍ଠୀର ସଂସଦୀୟ ବାଚସ୍ପତିମାନଙ୍କ ସମିଟ୍ (ପି୨୦)କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ନୂଆଦିଲ୍ଲୀର ଯଶୋଭୂମିଠାରେ ଉଦ୍‌ଘାଟନ କରିଛନ୍ତି। ଇସ୍ରାଏଲ୍-ହମାସ ଯୁଦ୍ଧ ପରିପ୍ରେକ୍ଷୀରେ ଶାନ୍ତି ଓ ଭ୍ରାତୃଭାବ ପାଇଁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ସମସ୍ତ ପ୍ରକାର ଆତଙ୍କବାଦ ହେଉଛି ମାନବୀୟତାର ବିରୋଧୀ। ଏବେ ଶାନ୍ତି ଓ ଭ୍ରାତୃଭାବର ସମୟ ଆସିଛି, ଯାହାଦ୍ୱାରା ସମସ୍ତେ ଏକାଠି ଚାଲି ଆଗକୁ ବଢ଼ିପାରିବେ। ନବମ ପି୨୦ ସମିଟ୍‌ରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଏହାକୁ ସଂସଦୀୟ ପରମ୍ପରାର ମହାକୁମ୍ଭ ବୋଲି କହିଥିଲେ। ବିଶ୍ୱର ବିଭିନ୍ନ ଭାଗରେ ଘଟୁଥିବା ଘଟଣା ସହ ପ୍ରତ୍ୟେକ ସଚେତନ ଅଛନ୍ତି। ସାରା ବିଶ୍ୱ ଏବେ ସଂଘର୍ଷ ଓ ମୁହାଁମୁହିଁ ସ୍ଥିତିର ସମ୍ମୁଖୀନ। ବିବାଦ ଏବଂ ସଂଘର୍ଷ କାହା ପାଇଁ ଭଲ ନୁହେଁ। ବିଭାଜିତ ବିଶ୍ୱ ମାନବବାଦ ସମ୍ମୁଖୀନ ହେଉଥିବା ବୃହତ୍ ଚ୍ୟାଲେଞ୍ଜଗୁଡ଼ିକର ସମାଧାନ କରିପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆତଙ୍କବାଦର ମୁକାବିଲା ପାଇଁ କଠୋର ଆଭିମୁଖ୍ୟ ନେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

## ଅପରେଶନ ଅଜୟ: ଫେରିଲେ ୨୧୨ ଭାରତୀୟ

**ନୂଆଦିଲ୍ଲୀ,୧୩।୧୦**

ଯୁଦ୍ଧ ପ୍ରଭାବିତ ଇସ୍ରାଏଲ୍‌ରୁ ପ୍ରଥମ ପର୍ଯ୍ୟାୟରେ ୨୧୨ ଭାରତୀୟ ଫେରିଛନ୍ତି। ସେମାନଙ୍କୁ ଆଣି ଆସିଥିବା ଚାର୍ଟାର୍ଡ ବିମାନ ଶୁକ୍ରବାର ଭୋର ସମୟରେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲା। ସେମାନଙ୍କ ମଧ୍ୟରେ ଛାତ୍ରୀଛାତ୍ର ଅଛନ୍ତି। ହମାସ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଇସ୍ରାଏଲ୍‌ରେ ଫସିରହିଥିବା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ଲାଗି ନୂଆଦିଲ୍ଲୀ ପକ୍ଷରୁ ଅପରେଶନ ଅଜୟ ଆରମ୍ଭ ହୋଇଛି। ବିମାନବନ୍ଦରରେ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଉପସ୍ଥିତ ରହି ଯାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ୨୦୧୯ରୁ କେନ୍ଦ୍ରୀୟ ଇସ୍ରାଏଲ୍‌ରେ ରହୁଥିବା ଗବେଷକ ଶାଶ୍ୱତ ସିଂ ତାଙ୍କ ସ୍ତ୍ରୀଙ୍କ ସହ ଦିଲ୍ଲୀ ଫେରିଛନ୍ତି। ଆକାଶମାର୍ଗରୁ ଆକ୍ରମଣ ସାଇରନ ସହ ତାଙ୍କ ନିଦ ଭାଙ୍ଗୁଥିଲା। ସେଠାରେ କୃଷି ଉପରେ ପୋଷ୍ଟ ଡକ୍ଟରେଟ୍ କରୁଥିବା ସିଂ ଭାରତର ଅପରେଶନ ଅଜୟ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଇସ୍ରାଏଲ୍‌ରେ ଥିବା ଭାରତୀୟ ଦୂତାବାସକୁ ଧନ୍ୟବାଦ ଜଣାଇଛନ୍ତି। ଇସ୍ରାଏଲ୍‌ରେ ୧୮,୦୦୦ ଭାରତୀୟ ରହିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଗୁରୁବାର କହିଥିଲେ।



## ୬୦ ହମାସ୍ ଆତଙ୍କବାଦୀ ନିହତ

### ୨୫୦ ପଣବନ୍ଦୀଙ୍କୁ ଉଦ୍ଧାର କଲା ଇସ୍ରାଏଲ୍ ସେନା

**ଜେରୁଜେଲମ୍,୧୩।୧୦**

ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଶୁକ୍ରବାର ଏକ ଦୁଃସାହସିକ ଅଭିଯାନକ୍ରମେ ୬୦ ହମାସ ଆତଙ୍କବାଦୀଙ୍କୁ ହତ୍ୟାକରି ସେମାନଙ୍କ କବଳରୁ ୨୫୦ରୁ ଊର୍ଦ୍ଧ୍ୱ ପଣବନ୍ଦୀଙ୍କୁ ମୁକ୍ତ କରିଛି। ଆଇଡିଏଫ୍‌ର ଫ୍ଲୋଟିଲା-୧୩ ୟୁନିଟ୍ ସୁଫା ଆଉଟପୋଷ୍ଟ ଉପରେ ଚଢ଼ାଉ କରି ୬୦ରୁ ଅଧିକ ହମାସ୍ ଆତଙ୍କୀଙ୍କୁ ହତ୍ୟା କରିଥିଲା। ହମାସ୍ ସଦର୍ନ ନାଭାଲ ଡିଭିଜନର ଉପ କମାଣ୍ଡର ମହମ୍ମଦ ଅବୁ ଆଲିଙ୍କ ସମେତ ୨୬ ଆତଙ୍କବାଦୀଙ୍କୁ ଇସ୍ରାଏଲୀ ସେନା ବନ୍ଦୀ କରିଛି।

## ଇସ୍ରାଏଲୀଙ୍କ ସୁରକ୍ଷା ଚିନ୍ତା: ଦିଲ୍ଲୀ, ମହାରାଷ୍ଟ୍ର, ଗୋଆରେ ହାଇ ଆଲର୍ଟ

**ନୂଆଦିଲ୍ଲୀ,୧୩।୧୦**

ଇସ୍ରାଏଲ୍ ଏବଂ ହମାସ୍ ଆତଙ୍କବାଦୀ ସଂଗଠନ ମଧ୍ୟରେ ଯୁଦ୍ଧ ଲାଗିଥିବାବେଳେ ଭାରତରେ ଅସାମାଜିକ କାର୍ଯ୍ୟକଳାପ ସମ୍ଭାବନା ନେଇ ସୁରକ୍ଷା ସଂସ୍ଥାଗୁଡ଼ିକ ସତର୍କ କରାଇବା ପରେ ଦିଲ୍ଲୀ, ମହାରାଷ୍ଟ୍ର, ଗୋଆ ସମେତ ବିଭିନ୍ନ ସ୍ଥାନରେ ଶୁକ୍ରବାର ହାଇ ଆଲର୍ଟ ଜାରି ହୋଇଛି। ଶୁକ୍ରବାର ନମାଜ ପାଠ ବେଳେ ସତର୍କତା ସ୍ୱରୂପ ଜାତୀୟ ରାଜଧାନୀର ରାସ୍ତାଗୁଡ଼ିକରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହା ବ୍ୟତୀତ ଇସ୍ରାଏଲୀ ଦୂତାବାସ ଏବଂ ଇହୁଦୀ ଧର୍ମ ପ୍ରତିଷ୍ଠାନ ଆଦି ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବଢ଼ାଇ ଦିଆଯାଇଥିଲା। ଇସ୍ରାଏଲୀ କୂଟନୀତିଜ୍ଞ, କର୍ମଚାରୀ ଓ ପର୍ଯ୍ୟଟକମାନଙ୍କୁ ସୁରକ୍ଷା ନିଶ୍ଚିତ କରିବା ଲାଗି ମହାରାଷ୍ଟ୍ର, ହିମାଚଳପ୍ରଦେଶ ଏବଂ ଗୋଆ ସରକାର ନିର୍ଦ୍ଦେଶ ଦେଇଛନ୍ତି।

## ସୁପ୍ରିମକୋର୍ଟଙ୍କୁ ଅବଜ୍ଞା କରିପାରିବେ ନାହିଁ ବାଚସ୍ପତି

### ଶିବସେନା ବିବାଦ

**ନୂଆଦିଲ୍ଲୀ,୧୩।୧୦**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ତାଙ୍କ ସମର୍ଥକ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଆବେଦନ ଉପରେ ବିଧାନସଭା ବାଚସ୍ପତି ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କୁ ଭର୍ତ୍ସନା କରିଛନ୍ତି। ବାଚସ୍ପତି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରିପାରିବେ ନାହିଁ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଉକ୍ତ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନେବାର ସମୟସୀମା କୋର୍ଟଙ୍କୁ ଜଣାଇବାକୁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ଆବେଦନ ଉପରେ ନିଷ୍ପତ୍ତି ନେବାକୁ ହେବ, ନଚେତ୍ ସମୁଦାୟ ପ୍ରକ୍ରିୟା ନିଷ୍ଫଳ ହେବ ବୋଲି ସିଜେଆଇ କହିଛନ୍ତି। ବାଚସ୍ପତିଙ୍କ ସମୟସୀମାରେ ଅଦାଲତ ସନ୍ତୁଷ୍ଟ ନ ହେଲେ ୨ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେବେ। ଶିନ୍ଦେ ଓ ତାଙ୍କ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ସମୟସୀମା ଧାର୍ଯ୍ୟ କରିବାକୁ ଗତମାସ ୧୮ରେ ସୁପ୍ରିମକୋର୍ଟ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପିଟିଶନର ପରବର୍ତ୍ତୀ ଶୁଣାଣି ସୋମବାର କିମ୍ବା ମଙ୍ଗଳବାର ଅନୁଷ୍ଠିତ ହେବ।

**ଆବେଦନକାରୀଙ୍କୁ ସୁପ୍ରିମକୋର୍ଟ କହିଲେ**

## ନିଜ ବୈଜ୍ଞାନିକ ମତବାଦ ପ୍ରଚାର କର

### ଡାରୱିନ୍ ସିଦ୍ଧାନ୍ତ, ଆଇନ୍‌ଷ୍ଟାଇନ୍‌ଙ୍କ ଆପେକ୍ଷିକ ତତ୍ତ୍ୱକୁ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୧୩।୧୦**

ବ୍ରିଟେନ୍‌ର ପ୍ରକୃତି ବିଜ୍ଞାନୀ ଚାର୍ଲ୍ସ ଡାରୱିନ୍‌ଙ୍କ ଇଭୋଲ୍ୟୁଶନ୍ ଥିଓରି (ବିବର୍ତ୍ତନବାଦ) ଅନୁସାରେ ସମସ୍ତ ଜୀବନ୍ତ ପ୍ରାଣୀଙ୍କ ବିବର୍ତ୍ତନ ଏକ ପ୍ରାକୃତିକ ଚୟନ ଜରିଆରେ ହୋଇଥାଏ। ସେହିପରି ପ୍ରଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ '$E = mc^2$' ସମୀକରଣ ଜରିଆରେ ଦ୍ରବ୍ୟମାନ ଓ ଶକ୍ତିର ସମାନତା ପ୍ରତିପାଦିତ କରିଛନ୍ତି। ଡାରୱିନ୍‌ଙ୍କ ବିବର୍ତ୍ତନ ସିଦ୍ଧାନ୍ତ ଓ ଆଇନ୍‌ଷ୍ଟାଇନଙ୍କ ଆପେକ୍ଷିକ ତତ୍ତ୍ୱକୁ ଚ୍ୟାଲେଞ୍ଜକରି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଥିଲା। ଜଷ୍ଟିସ୍ ସଞ୍ଜୟ କିଷାନ କୌଲ ଏବଂ ସୁଧାଂଶୁ ଧୂଲିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଡାରୱିନ୍‌ଙ୍କ ବିବର୍ତ୍ତନ ସିଦ୍ଧାନ୍ତ ଏବଂ ଆଇନ୍‌ଷ୍ଟାଇନଙ୍କ ସମୀକରଣକୁ ଆବେଦନକାରୀ ଭୁଲ୍ ପ୍ରମାଣିତ କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ଏକ ମଞ୍ଚ ଲୋଡ଼ୁଛନ୍ତି। ଯଦି ତାଙ୍କର କିଛି ସ୍ୱତନ୍ତ୍ର ଧାରଣା ଅଛି, ତେବେ ସେ ନିଜ ମତବାଦର ପ୍ରଚାରପ୍ରସାର କରିପାରନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୨ ଅଧୀନରେ ଏକ ରିଟ୍ ପିଟିଶନ ଦାଖଲ କରି ବୈଜ୍ଞାନିକ ମତବାଦଗୁଡ଼ିକୁ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ। ଏହି ଅନୁଚ୍ଛେଦ କେବଳ ମୌଳିକ ଅଧିକାର ସମ୍ପର୍କରେ କହିଥାଏ।



କୋର୍ଟରୁମ୍‌କୁ ଗୈରିକ ପୋଷାକ ପରିଧାନ କରି ଆସିଥିବା ରାଜକୁମାର ଏହି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିଛନ୍ତି। ପୂର୍ବରୁ ବିଜ୍ଞାନ ଛାତ୍ର ଥିବା ରାଜକୁମାର ଏଥିରେ ଉଲ୍ଲେଖ କରିଛନ୍ତି, ଡାରୱିନ୍‌ଙ୍କ ସିଦ୍ଧାନ୍ତ ଓ ଆଇନ୍‌ଷ୍ଟାଇନଙ୍କ ବିଷୟରେ ସ୍କୁଲ କଲେଜରେ ପଢ଼ିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଗବେଷଣା କରି ଉଭୟଙ୍କ ମତବାଦ ଭୁଲ୍ ବୋଲି ଜାଣିବାକୁ ପାଇଛନ୍ତି। ତାଙ୍କ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ କହିଥିଲେ, ଆପଣ ନିଜ ଥିଓରିକୁ ଅଧିକ ବିକଶିତ କରି ତା'ର ପ୍ରଚାରପ୍ରସାର କରିପାରନ୍ତି। ଏହା ଉପରେ ସୁପ୍ରିମକୋର୍ଟ କ'ଣ କରିବେ? ୨ ବୈଜ୍ଞାନିକଙ୍କ ସିଦ୍ଧାନ୍ତ ଯୋଗୁ ଅନୁଚ୍ଛେଦ ୩୨ରେ ପ୍ରଦତ୍ତ ଆପଣଙ୍କର କେଉଁ ମୌଳିକ ଅଧିକାର ଉଲ୍ଲଂଘନ ହୋଇଛି ବୋଲି ସୁପ୍ରିମକୋର୍ଟ ରାଜକୁମାରଙ୍କୁ ପ୍ରଶ୍ନ କରିଛନ୍ତି।

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୪/୨୦୨୩ | Bhubaneswar, Saturday, October 14/2023 | ପୃଷ୍ଠା-୧


## ଅଲିମ୍ପିକ୍ସରେ ସାମିଲ ହେବ ଟି୨୦ କ୍ରିକେଟ

**ମୁମ୍ବାଇ, ୧୩।୧୦ (ପି.ଟି.)**

ଅଲିମ୍ପିକ୍ସ ୨୦୨୮ରେ କ୍ରିକେଟ ସାମିଲ ହେବାକୁ ଯାଉଛି। ଲସଆଞ୍ଜେଲ୍ସ ଗେମ୍ସ ଆୟୋଜକଙ୍କର ଏ ସମ୍ପର୍କିତ ପ୍ରସ୍ତାବ ଶୁକ୍ରବାର ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଦ୍ୱାରା ଅନୁମୋଦନ ଲାଭ କରିଛି। କ୍ରିକେଟ ଟି୨୦ ଫର୍ମାଟରେ ଖେଳାଯିବ। ଅନ୍ୟ ୪ଟି ଖେଳ ମଧ୍ୟ ଏଥିରେ ସ୍ଥାନ ପାଇବ। ସେଗୁଡ଼ିକ ହେଲା ବେସ୍‌ବଲ୍-ସଫ୍ଟବଲ, ଫ୍ଲାଗ୍ ଫୁଟ୍‌ବଲ, ଲାକ୍ରୋସେ (ସିକ୍ସେସ) ଏବଂ ସ୍କ୍ୱାଶ। ଏହା ମଧ୍ୟ ଥୋମାସ ବ୍ୟାକ୍‌ଙ୍କ ଅଧ୍ୟକ୍ଷତାରେ ଆଇଓସିର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଗୃହୀତ ହୋଇଯାଇଛି। ଏଠାରେ ରବିବାର ଆରମ୍ଭ ହେବାକୁଥିବା ଆଇଓସି ସେସନରେ ଏହି ପ୍ରସ୍ତାବଗୁଡ଼ିକ ନେଇ ଭୋଟ ଗ୍ରହଣ ହେବ। କ୍ରିକେଟ ସପକ୍ଷରେ ଯଦି ଅଧିକ ସମର୍ଥନ ମିଳେ ତେବେ ୧୯୦୦ ପରେ କ୍ରିକେଟ ଅଲିମ୍ପିକ୍ସରେ ସ୍ଥାନ ପାଇବ। ଏହି ଅତିରିକ୍ତ କ୍ରୀଡ଼ାଗୁଡ଼ିକ ☞ପୃଷ୍ଠା-୨

## ଆଜି ପାକିସ୍ତାନକୁ ଭେଟିବ ଭାରତ

**ଅହମଦାବାଦ, ୧୩।୧୦ (ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍-୨୦୨୩ରେ ଭାରତ-ପାକିସ୍ତାନ ମ୍ୟାଚ୍ ଅହମଦାବାଦର




ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଶନିବାର ଖେଳାଯିବ। ଭାରତରେ ଖେଳାଯାଉଥିବା ଏହି ବିଶ୍ୱକପ୍‌ରେ ଘରୋଇ ଦଳ ଫେଭରିଟ୍ ରହିବ। ୭ ବର୍ଷ ପରେ ପାକିସ୍ତାନ ଦଳ ଭାରତକୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଆସିଛି। ଅନ୍ୟପକ୍ଷରେ ରେକର୍ଡକୁ ଦେଖିଲେ ଭାରତୀୟ ଦଳକୁ ଫେଭରିଟ୍ ବୋଲି ବିବେଚନା କରାଯିବ। ☞ପୃଷ୍ଠା-୨

# ଡାଟା ଚୋରି ଯୋଗୁ ପିଲା ହଇରାଣ

**ବ୍ୟକ୍ତିଗତ ତଥ୍ୟ(ଡାଟା) ଚୋରି ସମ୍ପ୍ରତି ଲୋକଙ୍କୁ ବହୁଳମାତ୍ରାରେ ପ୍ରଭାବିତ କରୁଛି। ଲୋକଙ୍କ ଫୋନନମ୍ବର, ଠିକଣା, ଆଧାର ଆଦି ତଥ୍ୟକୁ ନେଇ ବଡ଼ ବଡ଼ ଠକେଇ ସମେତ ଅନେକ ଅପରାଧ ସଙ୍ଗଠିତ ହେଉଛି, ଯାହାର ଏକ ସଦ୍ୟ ଦୃଷ୍ଟାନ୍ତ ବଲାଙ୍ଗୀର ଜିଲାରେ ଦେଖିବାକୁ ମିଳିଛି। ସରକାରୀ ମେଡିକାଲ କଲେଜରେ ନାମଲେଖା ନାଁରେ ଜଣେ ଛାତ୍ରୀଙ୍କ ବାପାଙ୍କଠାରୁ ୧୬ ଲକ୍ଷ ଟଙ୍କା ଠକି ନେଇଛନ୍ତି ଦୁର୍ବୃତ୍ତମାନେ। ଛାତ୍ରୀଙ୍କ ଡାଟା ଚୋରି ଯୋଗୁ ଏହା ସମ୍ଭବ ହୋଇପାରିଛି। କାରଣ ସେ ସରକାରୀ ମେଡିକାଲ କଲେଜରେ ନାମଲେଖା ପାଇଁ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍)ରେ ଯୋଗ୍ୟ ର୍‍ୟାଙ୍କ ପାଇ ନ ଥିଲେ। ସରକାରୀ ବ୍ୟବସ୍ଥାରେ ଏହି ପରୀକ୍ଷା ହେଉଥିବାବେଳେ ଛାତ୍ରୀଜଣକ ଆବଶ୍ୟକ ର୍‍ୟାଙ୍କ ପାଇ ନ ଥିବା ତଥ୍ୟ ହାସଲ କରିନେଇଥିଲେ ଠକେଇ ସଂସ୍ଥା। ଫଳରେ ଛାତ୍ରୀଙ୍କ ବାପା ଠକେଇ ସଂସ୍ଥା ଷଡ଼ଯନ୍ତ୍ରର ଶିକାର ହୋଇ ବିପୁଳ ଟଙ୍କା ହରାଇଛନ୍ତି। ଏହାସହ ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷା ଦେବାରେ ସରକାରୀ ବ୍ୟବସ୍ଥା ବିଫଳ ହୋଇଥିବା ପ୍ରମାଣିତ ହେଉଛି। ଡାଟା ଚୋରି ମାଧ୍ୟମରେ ଏଭଳି ଠକେଇ ଏହି ଘଟଣାରେ ସୀମିତ ନାହିଁ, ପ୍ରତିଦିନ ବହୁସଂଖ୍ୟକ ଛାତ୍ରୀଛାତ୍ର, ନିଯୁକ୍ତି ଆଶାୟୀ ଯୁବତୀଯୁବକ, ବ୍ୟବସାୟୀ, ଅବସରପ୍ରାପ୍ତ କର୍ମଚାରୀଙ୍କ ସମେତ ସାଧାରଣ ନାଗରିକ ଆର୍ଥିକ ଠକେଇ ଏବଂ ଅନ୍ୟ ଅପରାଧର ଶିକାର ହେଉଛନ୍ତି।**

## ସରକାରୀ ମେଡିକାଲ କଲେଜ ନାମଲେଖା ନାଁରେ ଠକେଇ

- ଯୋଗ୍ୟ ନିଟ୍ ର୍‍ୟାଙ୍କ୍ ନ ଥିବା ଛାତ୍ରୀଛାତ୍ରଙ୍କୁ ଟାର୍ଗେଟ
- ଝିଅର ନାମଲେଖା ପାଇଁ ବାପାଙ୍କଠାରୁ ଠକିନେଲେ ୧୬ ଲକ୍ଷ
- ୩ ଗିରଫ, ୧.୯ ଲକ୍ଷ ଟଙ୍କା ଜବତ
- ଭୁବନେଶ୍ୱର ବରମୁଣ୍ଡାସ୍ଥିତ କଳିଙ୍ଗ ଏକାଡେମୀ ସିଲ୍
- ଖୋଲାଯାଇଥିଲା ଜାଲ୍ ଅଫିସ, ୱେବ୍‌ସାଇଟ୍

**ବଲାଙ୍ଗୀର, ୧୩।୧୦**
**(ବୀରେନ୍ଦ୍ର କୁମାର ଝାଙ୍କର)**

ସରକାରୀ ମେଡିକାଲ କଲେଜରେ ଆଡ୍‌ମିଶନ କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରୁଥିବା ଏକ ର୍‍ୟାକେଟକୁ ବଲାଙ୍ଗୀର ସାଇବର ପୋଲିସ ଟିମ୍ ପର୍ଦ୍ଦାଫାଶ କରିଛି। ଭୁବନେଶ୍ୱରରେ ରହି ଏହି ର୍‍ୟାକେଟ ରାଜ୍ୟବ୍ୟାପୀ ଠକାଇରେ ସକ୍ରିୟ ରହିଥିଲା। ଯୋଗ୍ୟ ନିଟ୍ ର୍‍ୟାଙ୍କ୍ ନ ଥିବା ଛାତ୍ରୀଛାତ୍ରଙ୍କୁ ଏହି ଠକ ଦଳ ଟାର୍ଗେଟ କରୁଥିଲା। ର୍‍ୟାକେଟର ୩ଜଣ ଅଭିଯୁକ୍ତଙ୍କୁ ବଲାଙ୍ଗୀର ସାଇବର ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅନ୍ତର୍ଗତ ବଳରାମ ପ୍ରସାଦ ମା' ମଙ୍ଗଳା ସାହିର ବ୍ୟାସଦେବ ମହାନ୍ତି (୨୮), ଫୁଲବାଣୀ କେନ୍ଦୁପଡାର ଅବିନାଶ ଓରଫ୍ କାହ୍ନା ପୁରୋହିତ (୩୩) ଏବଂ ଭୁବନେଶ୍ୱର ଝାରପଡ଼ା ନିବାସୀ ତଥା ନୟାଗଡ଼ ଜିଲା ଓଡ଼ଗାଁର ମୂଳ ବାସିନ୍ଦା ମାନସ ପରିଡ଼ା (୩୧)। ସେମାନଙ୍କଠାରୁ ୧ ଲକ୍ଷ ୯୦ ହଜାର ଟଙ୍କା, ୫ଟି ମୋବାଇଲ ଫୋନ୍, ୬ଟି ଡେବିଟ୍ କାର୍ଡ, ୪ଟି ସିମ୍ କାର୍ଡ, ଅଫିସ ଆସବାବପତ୍ର, ଡାଏରି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କ ବ୍ୟାଙ୍କ ଆକାଉଣ୍ଟ ବାଜ୍ୟାପ୍ତ କରାଯାଇଥିବା ବଲାଙ୍ଗୀର ଏସ୍‌ପି ଋଷିକେଶ ☞ପୃଷ୍ଠା-୨

## ୨୦ରୁ ପୂଜା ଛୁଟି

**ଭୁବନେଶ୍ୱର, ୧୩।୧୦**
**(ଅସମାପିକା ସାହୁ)**

ଦୁର୍ଗାପୂଜା ଓ ଗଜଲକ୍ଷ୍ମୀ ପୂଜା ପାଇଁ ରାଜ୍ୟରେ ଆସନ୍ତା ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ରହିବ। ପୂଜା ଛୁଟି ନେଇ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ୧୪ ତାରିଖ ଶନିବାର ମହାଳୟା ପାଇଁ ମଧ୍ୟ ସ୍କୁଲ ବନ୍ଦ ରହିବ। ପୂର୍ବରୁ ରାଜ୍ୟ ସରକାରଙ୍କ ବାର୍ଷିକ ଛୁଟି ତାଲିକାରେ ମହାଳୟା ଛୁଟି ଦିଆଯାଇ ନ ଥିଲା। ଫଳରେ ଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ମହାଳୟା ଦିନ ସ୍କୁଲ ଛୁଟି ଦେବା ପାଇଁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅନୁରୋଧ କରାଯାଇଥିଲା। ମହାଳୟା ଏକ ପବିତ୍ର ଦିନ ଏବଂ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଇଥାଏ। ଦ୍ୱିତୀୟ ଶନିବାର ଏହା ପଡ଼ିଥିବାରୁ ସରକାରୀ କର୍ମଚାରୀଙ୍କ ଛୁଟି ରହିବ। ତେଣୁ ସେମାନଙ୍କ ପାଇଁ କୌଣସି ଅସୁବିଧା ହେବ ନାହିଁ। କିନ୍ତୁ ଶିକ୍ଷକମାନଙ୍କର ଛୁଟି ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ମହାଳୟା ଦିନ ସ୍କୁଲ ଛୁଟି କରିବା ପାଇଁ ଓଷ୍ଟା ଅନୁରୋଧ କରିଥିଲା।


ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଭାଗନେବେ ଭଉଣୀଭାଇ ୨


**ଆଜିର ସମ୍ପାଦକୀୟ**

ଭାଜପାରେ ଅମଲାତନ୍ତ୍ରୀ

**ଆଜିର ମନ୍ତବ୍ୟ**

"ବିଶ୍ୱର ଯେକୌଣସି ସ୍ଥାନରେ କୌଣସି ରୂପରେ ହେଲେ ବି ଆତଙ୍କବାଦ ମାନବଜାତିର ବିରୋଧୀ। ସଂଘର୍ଷରୁ କୌଣସି ପକ୍ଷକୁ ଲାଭ ମିଳି ନ ଥାଏ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ







## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠେକିରେ ଭାଜିଲି ଚଣା,**
**ଗୁଡ଼ ଗୋଳିଦେଲି ପଣା,**
**କିଏ ସିଙ୍ଗିଟାଳି କିଏ ମଗର,**
**ଏଇଠାରେ ଯିବ ଜଣା।**

ପରୀକ୍ଷା ନିରୀକ୍ଷା କରି ସତ୍ୟାସତ୍ୟ ଜାଣିବା ବା ବାହାର କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଅସଲି ଏବଂ ନକଲି ତଥା ସାଧୁ ଓ ଠକଙ୍କୁ ପରୀକ୍ଷା କରିବାର କାଇଦା ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଠକ ସୁନାରି, ଗଉଡ଼ ମିତ**
**ଠକ ନ ଦେଖିଲେ ବଣିଆ ଦେଖ।**

ସୁନାରି ବଣିଆ ଅଳଙ୍କାର ତିଆରି କରିବା ସମୟରେ ଖାଦ ମିଶାଇ ପ୍ରକୃତ ସୁନାର କିଛି ପରିମାଣ ଅପହରଣ କରିନେବା ପରି ଗଉଡ଼ ମଧ୍ୟ କ୍ଷୀରରେ ପାଣି ମିଶାଇ ଗ୍ରାହକଙ୍କୁ ଠକିଥାନ୍ତି। ତେଣୁ ସୁନାରି ଓ ଗଉଡ଼ ଦୁହେଁ ସମାନ ସ୍ତରର ବା ସ୍ୱଭାବର ବ୍ୟକ୍ତି ଅଟନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଆଉ ଜଣଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

### ଜାଲ୍ ଦସ୍ତାବିଜରେ ଜମି ଠକେଇ

ଭୁବନେଶ୍ୱର,୧୩।୧୦(ସତ୍ୟଜିତ୍ ରାଉତ)

ଜାଲ୍ ଦସ୍ତାବିଜ ଜରିଆରେ ଜମି ଠକେଇ ଘଟଣାରେ ସମ୍ପୃକ୍ତ ର୍ୟାକେଟ୍‌ର ଆଉ ଜଣେ ସଦସ୍ୟଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ମଳିପଡ଼ା ଅଞ୍ଚଳର ବିଚିତ୍ର ବେହେରା। ତାଙ୍କୁ ଶୁକ୍ରବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ବିଚିତ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ଏହି ମାମଲାରେ ବିଏମ୍‌ସିର ପୂର୍ବତନ କର୍ମଚାରୀ ହଳଧର ଦାସ, ମାଷ୍ଟରମାଇଣ୍ଡ ତଥା ମୋହରିର ଅନ୍ତର୍ଯ୍ୟାମୀ ସେନାପତି, ମମତା ପରିଡ଼ା, ଗାୟତ୍ରୀ ମଲ୍ଲିକଙ୍କ ସମେତ ୬ଜଣ ଗିରଫ ହୋଇ ଜେଲ ଯାଇଛନ୍ତି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ନଶଡ଼ିପୁର ଗ୍ରାମର ଲିପିକା ଦାସଙ୍କର ଭୁବନେଶ୍ୱର ମଳିପଡ଼ା ମୌଜାସ୍ଥିତ ବସନ୍ତ ବିହାରରେ ଏକ ଜମି ରହିଛି। ସେ ଉକ୍ତ ଜମିକୁ ୧୯୯୯ରେ କିଣିଥିଲେ। ତେବେ ସେ ଖଜଣା ଦେବାକୁ ଯିବାବେଳେ ତାଙ୍କ ଜମି ଅଭିଯୁକ୍ତ ହଳଧରଙ୍କ ନାମରେ ଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ଫେବୃୟାରୀ ୨୧ରେ ଏକ ମାମଲା (ନଂ.୭/୨୦୨୩) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତମାନେ ଖଣ୍ଡଗିରିସ୍ଥିତ ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ଲିପିକାଙ୍କ ଦସ୍ତଖତକୁ ନକଲ କରି ଏହି ଠକେଇ କରିଥିବା ଜଣାପଡ଼ିଥିଲା। ମୋହରିର ଅନ୍ତର୍ଯ୍ୟାମୀଙ୍କ ପରିଚାଳନାରେ ହିଁ ଏହି ଠକେଇ ହୋଇଥିଲା। ଏହାପରେ ଗୋଟିଏ ପରେ ଗୋଟିଏ ଠକେଇ ଘଟଣା ପଦାକୁ ଆସିଥିଲା। ଏଥିରେ ଏକ ର୍ୟାକେଟ ସମ୍ପୃକ୍ତ ଥିବା ଜଣାପଡିଥିଲା। ସେହିପରି କଟକ ଗୋବିନ୍ଦପୁରର ସତ୍ୟଭାମା ଦାସଙ୍କ ମଳିପଡ଼ା ମୌଜାରେ ଥିବା ୪ଟି ପ୍ଲଟ୍‌କୁ ମଧ୍ୟ ଅଭିଯୁକ୍ତମାନେ ବିକ୍ରି କରିଦେଇଥିଲେ। ଏଥିରେ ଗାୟତ୍ରୀ ନକଲି ମାଲିକାଣୀ ସାଜିଥିଲେ। ଅଭିଯୁକ୍ତମାନେ ରାଜଧାନୀ ଉପକଣ୍ଠରେ ଥିବା ଏକାଧିକ ଜମିକୁ ଏଭଳି ନିଜ ନାମରେ କରି ଏହାକୁ ଅନ୍ୟମାନଙ୍କୁ ବିକ୍ରି କରି ଠକେଇ କରୁଥିଲେ। ସେମାନଙ୍କ ଦ୍ୱାରା ହୋଇଥିବା ୮ଟି ଜମି ଠକେଇ ଘଟଣା ଇଓଡବ୍ଲ୍ୟୁ ନଜରକୁ ଆସିଛି।

# ଖୋଲିବା ପୂର୍ବରୁ ଶିମିଳିପାଳ ପ୍ରବେଶ ପଥ ଅବରୋଧ



ଶିମିଳିପାଳ ପ୍ରବେଶ ପଥ ସମ୍ମୁଖରେ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ୫ ଦଫା ଦାବି ନେଇ ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ

ବାରିପଦା,୧୩।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଅକ୍ଟୋବର ୧୪ରେ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ଲାଗି ଖୋଲିବ ବୋଲି ବନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଖୋଲିବା ପୂର୍ବରୁ ପ୍ରବେଶ ପଥ ଅବରୋଧ କରିଛନ୍ତି ସ୍ଥାନୀୟ ଜନସାଧାରଣ। ୫ଦଫା ଦାବି ନେଇ ସେମାନେ ଯଶିପୁରର କାଳିଆଣିସ୍ଥିତ ତନଖି ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରବେଶ ଫାଟକ ବନ୍ଦ ରହିବ ବୋଲି ଚେତାବନୀ ଦେଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରୁଥିବା ବେଳେ ଲୋକେ ଯିଦ୍‌ରେ ଅଡ଼ି ବସିଛନ୍ତି। ଅଭୟାରଣ୍ୟ ମଧ୍ୟକୁ ପର୍ଯ୍ୟଟକଙ୍କ ପ୍ରବେଶ ନିମନ୍ତେ ଦୁଇଟି ପ୍ରବେଶ ପଥ ରହିଛି। ବାରିପଦା ସହର ଦେଇ ପିଠାବଟା ତନଖି ଫାଟକ ଏବଂ ଯଶିପୁରସ୍ଥିତ କାଳିଆଣି ତନଖି ଫାଟକ ଦେଇ ପର୍ଯ୍ୟଟକମାନେ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥାନ୍ତି। ତେବେ ଶିମିଳିପାଳ ମଧ୍ୟରେ ରହିଥିବା ସମସ୍ୟାକୁ ନେଇ ୫ ଦଫା ଦାବିରେ ଶତାଧିକ ମହିଳା ପୁରୁଷ ଯଶିପୁରସ୍ଥିତ ତନଖି ଫାଟକ ସମ୍ମୁଖ ରାସ୍ତା ଅବରୋଧ କରିଛନ୍ତି। ଏହି ଆନ୍ଦୋଳନରେ ଗୁଡୁଗୁଡିଆ,ବରେହିପାଣି ଓ ଅସ୍ତକୁଅଁର ପ୍ରଭୃତି ୩ ପଞ୍ଚାୟତର ଜନସାଧାରଣ ସାମିଲ ଅଛନ୍ତି। କାଳିଆଣି ତନଖି ଫାଟକଠାରୁ ଗଡ଼ ଶିମିଳିପାଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଶିମିଳିପାଳ ମଧ୍ୟରେ ମୋବାଇଲ ଟାୱାର ନିର୍ମାଣ, ଶିମିଳିପାଳ ମୁଖ୍ୟ ରାସ୍ତାରେ କାଠ ପୋଲ ବଦଳରେ କଂକ୍ରିଟ ପୋଲ ନିର୍ମାଣ, ଅଭୟାରଣ୍ୟ ମଧ୍ୟରେ ଥିବା ରାଜସ୍ୱ ଗାଁଗୁଡ଼ିକରେ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ଏବଂ ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ ଲାଗି ଦାବି କରାଯାଇଛି। ଦାବି ପୂରଣ ନ ହେଲେ ମୁଖ୍ୟ ଗେଟ ଖୋଲିବେ ନାହିଁ ଓ ପର୍ଯ୍ୟଟକମାନଙ୍କୁ ଶିମିଳିପାଳ ଭିତରକୁ ଛାଡ଼ିବେ ନାହିଁ ବୋଲି ଲୋକେ ଚେତାବନୀ ଦେଇଛନ୍ତି।




# ଯୁବପିଢ଼ିଙ୍କ ବିକାଶ ପାଇଁ ସ୍ୱାୟତ୍ତ ସଂସ୍ଥା

### 'ମେରା ଯୁବା ଭାରତ' ପ୍ରତିଷ୍ଠାକୁ କ୍ୟାବିନେଟ ଅନୁମୋଦନ

ନୂଆଦିଲ୍ଲୀ, ୧୩।୧୦

ଭାରତର ଯୁବତୀ ଯୁବକମାନଙ୍କ ବିକାଶ ସାଧନ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ମଞ୍ଚ ପ୍ରସ୍ତୁତି ପାଇଁ ମେରା ଯୁବା ଭାରତ (ମାଇଁ ଭାରତ) ପ୍ରତିଷ୍ଠା କରାଯିବ। ଏହି ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ 'ମେରା ଯୁବା ଭାରତ'କୁ ଏକ ସ୍ୱୟଂଶାସିତ ସଂସ୍ଥା ରୂପେ ଗଢ଼ିତୋଳିବା ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଯୁବ ବିକାଶ ଓ ଯୁବ ନେତୃତ୍ୱାଧୀନ ବିକାଶ ପାଇଁ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ଏକ ବ୍ୟାପକ ସକ୍ଷମ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା, ସବୁ ସରକାରୀ କ୍ଷେତ୍ରରେ ଯୁବପିଢ଼ିଙ୍କ ଆଶା ଆକାଂକ୍ଷାକୁ ସାକାର କରିବା ଲାଗି ସମାନ ସୁବିଧା ଦେବା ଏବଂ ବିକଶିତ ଭାରତ ଗଠନ ଉଦ୍ଦେଶ୍ୟରେ ଏହି ସଂସ୍ଥା କାର୍ଯ୍ୟ କରିବ। ଏହି ବ୍ୟବସ୍ଥା ଅଧୀନରେ ସମ୍ବଳର ଉପଲବ୍ଧତା ଏବଂ ସୁଯୋଗ ସହିତ ସଂଯୋଗ ଜରିଆରେ ଯୁବତୀଯୁବକଙ୍କୁ ପରିବର୍ତ୍ତନର ସୂତ୍ରଧର ତଥା ରାଷ୍ଟ୍ର ନିର୍ମାତା ଭାବେ ପରିଣତ କରିବା ଲାଗି ପଦକ୍ଷେପ ନିଆଯିବ। ଫଳରେ ସେମାନେ ସରକାର ଏବଂ ନାଗରିକମାନଙ୍କ ମଧ୍ୟରେ ଯୁବ ସେତୁ ଭାବେ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିବେ।

# ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଭାଗନେବେ ଭଉଣୀଭାଇ


ନେହା ପଟ୍ଟନାୟକ


ଲୋହିତ ପଟ୍ଟନାୟକ

ରାୟଗଡ଼ା,୧୩।୧୦
(ଆଶିଷ ରଞ୍ଜନ ପଣ୍ଡା)

ପୂର୍ବରୁ ଜାତୀୟସ୍ତରରେ କ୍ରସ୍‌ବୋ ଶୁଟିଂ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଭାଇଭଉଣୀ ବର୍ତ୍ତମାନ ୧୦ତମ ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଭାଗନେବା ପାଇଁ ଚୟନ ହୋଇଛନ୍ତି । ଇଣ୍ଡିଆନ କ୍ରସ୍‌ବୋ ଶୁଟିଂ ଆସୋସିଏଶନ ପକ୍ଷରୁ ଉତ୍ତରପ୍ରଦେଶର ଆଗ୍ରା ପୋଲିସ ଲାଇନ ପରେଡ୍ ପଡ଼ିଆରେ ୨୬ରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ରାୟଗଡ଼ାର ଏହି ୨ଯୁବ ପ୍ରତିଭା ଭାଗନେବା ପାଇଁ ଚୟନ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରି ଖେଳିବା ସହ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଦୁଇ ଭାଇ ଭଉଣୀ ହେଉଛନ୍ତି ରାୟଗଡ଼ା ନିବାସୀ ଆନନ୍ଦ ପଟ୍ଟନାୟକଙ୍କ ଝିଅ ନେହା ପଟ୍ଟନାୟକ ଓ ଲୋହିତ ଚନ୍ଦ୍ର ପଟ୍ଟନାୟକ ।

## ପ୍ରଥମ ପୃଷ୍ଠାରୁ...





ଗିରଫ ୩ ଅଭିଯୁକ୍ତ। ବଲାଙ୍ଗୀର ସାଇବର ଥାନା ପୋଲିସ ଜବତ କରିଥିବା ଟଙ୍କା, ମୋବାଇଲ ଫୋନ୍।

### ଡାଟା ଚୋରି ଯୋଗୁ ...

ଡି. ଖିଲାରୀ ଜିଲା ପୋଲିସ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବରଗଡ଼ ଜିଲା ପଦ୍ମପୁର ଥାନା ସୂର୍ଯ୍ୟନଗର ନିବାସୀ ବୃନ୍ଦାବନ ମେହେର ଏହି ର୍ୟାକେଟ ଦ୍ୱାରା ୧୬ ଲକ୍ଷ ଟଙ୍କାର ଠକାମିର ଶିକାର ହୋଇଥିବା ବଲାଙ୍ଗୀର ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନାରେ ଗତ ୪ ତାରିଖରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା (୨୪/୨୩) ରୁଜୁ ହୋଇଥିଲା। ଅଭିଯୋଗ ମୁତାବକ ବୃନ୍ଦାବନଙ୍କ ଝିଅ ସରକାରୀ ମେଡିକାଲ କଲେଜରେ ଆଡ୍‌ମିଶନ ପାଇଁ ଆବଶ୍ୟକ ର୍ୟାଙ୍କ ପାଇ ନ ଥିବାରୁ ଘରୋଇ ମେଡିକାଲ କଲେଜରେ ପଢ଼ିବାକୁ ଚାହୁଁଥିଲେ। ନିଟ୍ ରେଜଲ୍ଟର କିଛିଦିନ ପରେ ଭୁବନେଶ୍ୱର ବରମୁଣ୍ଡା ରୁଚିକା ମାର୍କେଟଠାରେ ଥିବା କଳିଙ୍ଗ ଏକାଡେମୀ ନାମକ ଏକ ସଂସ୍ଥାରୁ ବୃନ୍ଦାବନଙ୍କୁ ଯୋଗାଯୋଗ କରାଯାଇଥିଲା। ଉକ୍ତ ସଂସ୍ଥା ଜରିଆରେ ରାଜ୍ୟର ବଲାଙ୍ଗୀର, ବାରିପଦା ଏବଂ କୋରାପୁଟ ସରକାରୀ ମେଡିକାଲ କଲେଜରେ ତାଙ୍କ ଝିଅର ନାମଲେଖା ସିଧାସଳଖ ସମ୍ଭବ ହୋଇପାରିବ ବୋଲି କୁହାଯାଇଥିଲା। ଏହାପରେ ବୃନ୍ଦାବନ ଏବଂ ତାଙ୍କ ଝିଅ ଭୁବନେଶ୍ୱର କଳିଙ୍ଗ ଏକାଡେମୀକୁ ଯାଇଥିଲେ। ସେଠାରେ ୮ ଜଣ ବ୍ୟକ୍ତି ନିଜକୁ ବିଭିନ୍ନ ପଦାଧିକାରୀ ପରିଚୟ ଦେଇ ସେମାନଙ୍କୁ କଳିଙ୍ଗ ଏକାଡେମୀ ୱେବ୍‌ସାଇଟ ସହ ପୂର୍ବରୁ ତିଆରି ହୋଇଥିବା ବିଭିନ୍ନ ସରକାରୀ ମେଡିକାଲ କଲେଜର ଜାଲ୍ ୱେବ୍‌ସାଇଟ୍ ଦେଖାଇଥିଲେ। ବଲାଙ୍ଗୀର, ବାରିପଦା ଏବଂ କୋରାପୁଟ ସରକାରୀ ମେଡିକାଲ କଲେଜରେ ନାମଲେଖା ହୋଇପାରିବ ବୋଲି ସେମାନଙ୍କୁ କୁହାଯାଇଥିଲା। ବଲାଙ୍ଗୀର ପାଇଁ ୩୦ ଲକ୍ଷ ଓ ବାରିପଦା ଏବଂ କୋରାପୁଟ ମେଡିକାଲ କଲେଜ ନିମନ୍ତେ ୨୭ ଲକ୍ଷ ଟଙ୍କା ଲେଖାଏ ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ବୃନ୍ଦାବନ ତାଙ୍କ ଝିଅଙ୍କ ଆଡ୍‌ମିଶନ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ କରିବେ ବୋଲି ସ୍ଥିର କରିଥିଲେ। ଦୁଇଜଣ ଠକ ଓଡ଼ିଶା ଜଏଣ୍ଟ ଏଣ୍ଟ୍ରାନ୍ସ ଟେଷ୍ଟ ଅଫିସର ଭାବେ ନିଜକୁ ପରିଚୟ ଦେଇ ସେମାନଙ୍କୁ ସେହି ଅଫିସକୁ ମଧ୍ୟ ନେଇଥିଲେ। ସେଠାରେ ଝିଅର ଫର୍ମ ଫିଲ୍ ଅପ୍ କରିଥିଲେ। ଝିଅର ଆଡ୍‌ମିଶନ ସରକାରୀ ମେଡିକାଲ କଲେଜରେ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫର୍ମ ଧରି ଜଣେ ଠକ ଓଜେଇଇ ଅଫିସ୍ ଭିତରକୁ ଯାଇଥିଲେ ଓ କିଛି ସମୟ ପରେ ଫେରିଆସି ତାଙ୍କ ଇ-ମେଲ ଚେକ୍ କରିବାକୁ କହିଥିଲେ। ଏହାପରେ ଭୀମ ଭୋଇ ମେଡିକାଲ କଲେଜ ନାଁରେ ଖୋଲାଯାଇଥିବା ଜାଲ୍ ମେଡିକାଲ ଡୋମେନ୍‌ରୁ ଇ-ମେଲ୍ ଆସିଥିଲା। ଏହାକୁ ବୃନ୍ଦାବନ ଏବଂ ତାଙ୍କ ଝିଅ ସତ ବୋଲି ଭାବି ନେଇଥିଲେ। ଏଥିପାଇଁ ଠକମାନେ ବୃନ୍ଦାବନଙ୍କଠାରୁ ୧୬ ଲକ୍ଷ ଟଙ୍କା ନେଇଥିଲେ। ନାମଲେଖା ଇ-ମେଲ୍ ଧରି ବୃନ୍ଦାବନଙ୍କ ଝିଅ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜକୁ ଯିବାପରେ ତାହା ଜାଲ୍ ବୋଲି ଜଣାପଡ଼ିଥିଲା। ଏହାପରେ ବଲାଙ୍ଗୀର ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଏସ୍‌ପି ଋଷିକେଶ ଡି. ଖିଲାରୀ ସାଇବର ଥାନା ଆଇଆଇସି ଭାରତୀ ନାଏକ, ସବ୍‌ଇନ୍ସପେକ୍ଟର ଅବିନାଶ ନାୟକ, ଆକାଶ ସାମଲ, ଏସ୍. ବାରିକ ଏବଂ ବଲାଙ୍ଗୀର ଟାଉନ୍ ଏବଂ ସଦର ପୋଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଏହି ଟିମ୍ ଭୁବନେଶ୍ୱର ଯାଇ ବରମୁଣ୍ଡା କଳିଙ୍ଗ ଏକାଡେମୀ ସିଲ୍ କରିବା ସହ ସେଠାରୁ ୩ ଜଣଙ୍କୁ ଗିରଫ କରିଛନ୍ତି। ଏହି ର୍ୟାକେଟ ବରଗଡ଼ ଏବଂ କେନ୍ଦୁଝର ଜିଲାର ଅନ୍ୟ ପ୍ରାର୍ଥୀଙ୍କୁ ମଧ୍ୟ ଠକିଥିବା ଜଣାପଡିଛି।

ଛାତ୍ରୀଙ୍କ ସମ୍ପର୍କୀୟ ଜୟ ମେହେର କହିଛନ୍ତି, ଭୁବନେଶ୍ୱରରେ ଏକ ବଡ଼ଧରଣର ର୍ୟାକେଟ ଚାଲିଛି। ପଶ୍ଚିମ ଓଡ଼ିଶାର ମଧ୍ୟବିତ୍ତ ଶ୍ରେଣୀର ପ୍ରାର୍ଥୀ ଏବଂ ଯେଉଁମାନଙ୍କ ଅଭିଭାବକ କମ୍ ପାଠୁଆ, ସେହିମାନଙ୍କୁ ଅଭିଯୁକ୍ତମାନେ ଟାର୍ଗେଟ କରୁଥିବା ସେ କହିଛନ୍ତି। ଭୁବନେଶ୍ୱରର ଜଣେ ଯୁକ୍ତ୨ ଛାତ୍ରୀଙ୍କ ବାପା କହିଛନ୍ତି, ସରକାରୀ ଅଫିସ୍‌ରୁ ତାଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହେବା ଯୋଗୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ମାନସିକ ଯନ୍ତ୍ରଣା ପାଇଛନ୍ତି। ତାଙ୍କ କହିବାନୁଯାୟୀ ଯୁକ୍ତ୨ ନାମଲେଖା ପାଇଁ ରାଜ୍ୟ ସରକାର ସାମ୍ସ ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନ୍ ବ୍ୟବସ୍ଥା କରିଛନ୍ତି। ଏଥିରେ ଅଭିଭାବକ ଜଣକ ତାଙ୍କ ଝିଅର ନାମଲେଖା ପାଇଁ ଆବଶ୍ୟକ ତଥ୍ୟ ଦେଇଥିଲେ। ତେବେ ନାମଲେଖା ମେରିଷ୍ଟ ଲିଷ୍ଟ ପ୍ରକାଶ ପାଇବା ପରେ ତାଙ୍କ ପାଖକୁ ପ୍ରାୟ ୧ ମାସ ଧରି ବିଭିନ୍ନ କୋଚିଂ ସେଣ୍ଟରରୁ ଘନ ଘନ ଫୋନ୍‌କଲ୍ ଆସିଥିଲା। ସେଥିରେ ସେ ବ୍ୟସ୍ତବିବ୍ରତ ହେଉଥିଲେ ମଧ୍ୟ ସେଥିରୁ ତ୍ରାହି ମିଳି ନ ଥିଲା। କୋଚିଂ ସେଣ୍ଟରଗୁଡ଼ିକ ସରକାରୀ ଅଫିସ୍‌ରୁ ଛାତ୍ରୀଛାତ୍ରଙ୍କ ଡାଟା ସଂଗ୍ରହ କରିବାରେ ସକ୍ଷମ ହୋଇଥିବାରୁ ବହୁ ଅଭିଭାବକ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

### ଆଜି ପାକିସ୍ତାନକୁ ...

ଦିନିକିଆରେ ରେକର୍ଡ ପାକିସ୍ତାନ ସପକ୍ଷରେ ରହିଥିଲେ ମଧ୍ୟ ବିଶ୍ୱକପ୍‌ରେ ଭାରତର ପଲା ଭାରି ରହିଛି। ୧୩୪ ଥର ଦିନିକିଆରେ ଖେଳିଥିବା ବେଳେ ପାକିସ୍ତାନ ୭୩ ଥର ବିଜୟୀ ହୋଇଛି ଓ ଭାରତ ୫୬ ଥର ଜିତିଛି। ଏହା ମଧ୍ୟରେ ୫ଟି ମ୍ୟାଚ ବାତିଲ ହୋଇଥିବା ବେଳେ ଘରୋଇ ମାଟିରେ ଭାରତ ୧୧ ଥର ବିଜୟୀ ହୋଇଛି। ଉଭୟ ଦଳ ବିଶ୍ୱକପ୍‌ରେ ୭ ଥର ପରସ୍ପରକୁ ଭେଟିଥିବା ବେଳେ ସମସ୍ତ ଥର ଭାରତ ବିଜୟ ମୁକୁଟ ପିନ୍ଧିଛି। ଅଷ୍ଟମ ମୁକାବିଲାରେ ମଧ୍ୟ ଭାରତ ସମାନ ସଫଳତା ଦୋହରାଇବାକୁ ପ୍ରୟାସ କରିବ। ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଘରୋଇ ପରିବେଶର ଫାଇଦା ଉଠାଇବାକୁ ଚେଷ୍ଟା କରିବ। ଉଭୟ ଦଳ ବିଶ୍ୱକପ୍‌ର ପ୍ରଥମ ଦୁଇ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ପାକିସ୍ତାନ ଅପେକ୍ଷା ଭାରତୀୟ ଦଳ ଅଧିକ ସନ୍ତୁଳିତ ମନେହେଉଛି। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଭାରତୀୟ ଦଳର ପ୍ରଦର୍ଶନ ଚମତ୍କାର ରହିଥିବା ବେଳେ ଶନିବାର ମ୍ୟାଚରେ ଭାରତ ଏହାର ବିଜୟ ରେକର୍ଡ ୮-୦ରେ ପହଞ୍ଚାଇବା ନେଇ ଆଶା କରାଯାଉଛି।

### ଅଲିମ୍ପିକ୍ସରେ ସାମିଲ ...

ଲସ୍‌ଆଞ୍ଜେଲ୍ସ ଆୟୋଜକ କମିଟି ତରଫରୁ ସୁପାରିସ କରାଯାଇଥିଲା। ଅଲିମ୍ପିକ ପ୍ରୋଗ୍ରାମ୍ କମିଶନ (ଓପିସି) ଦ୍ୱାରା ସମୀକ୍ଷା ପରେ କାର୍ଯ୍ୟନିର୍ବାହୀ ବୋର୍ଡକୁ ଫରୱାର୍ଡ କରାଯାଇଥିଲା। ଲସଆଞ୍ଜେଲ୍ସ ଅଲିମ୍ପିକ୍ସରେ କମ୍ପାଉଣ୍ଡ ଆର୍ଚେରୀକୁ ସାମିଲ କରିବା ପ୍ରସ୍ତାବ ଆଇଓସି କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକରେ କାଟ୍ ଖାଇଯାଇଛି। ଭାରତୀୟ ତୀରନ୍ଦାଜ ପାଇଁ ଏହା ନୈରାଶ୍ୟଜନକ ବିଷୟ। ଲସଆଞ୍ଜେଲ୍ସ ୨୦୨୮ ଅଲିମ୍ପିକ ଗେମ୍ସ କାର୍ଯ୍ୟକ୍ରମରେ କମ୍ପାଉଣ୍ଡ ଆର୍ଚେରୀକୁ ସ୍ଥାନ ମିଳି ନ ଥିଲା। ମାତ୍ର ଏହାକୁ ସାମିଲ କରିବା ଲାଗି ଗତବର୍ଷ ଜୁନ୍‌ରେ ୱାର୍ଲ୍ଡ ଆର୍ଚେରୀ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଅନ୍ୟପକ୍ଷରେ ଆଇଓସି କାର୍ଯ୍ୟନିର୍ବାହୀ ପରିଷଦ ବକ୍ସିଂକୁ ଖୁଲା ଅବସ୍ଥାରେ ରଖିଥିବା ବେଳେ ଆଧୁନିକ ପେଣ୍ଟାଥ୍ଲନ ଓ ଭାରୋତ୍ତୋଳନକୁ ସାମିଲ କରିବା ଲାଗି ସୁପାରିସ କରିଛି। ଆଇଓସି ବକ୍ସିଂ ପାଇଁ କୌଣସି ଗଭର୍ଣ୍ଣିଂବଡିକୁ ସ୍ୱୀକୃତି ଦେଇନାହିଁ। ଦୁଇ ଦିନିଆ ଆଇଓସି କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ଶୁକ୍ରବାର ଶେଷ ହୋଇଛି। ଏଥିରେ ସୁପାରିସ ହୋଇଥିବା ପ୍ରସ୍ତାବ ଗୁଡ଼ିକ ନେଇ ଅକ୍ଟୋବର ୧୫ରୁ ୧୭ ପର୍ଯ୍ୟନ୍ତ ଏଠାରେ ହେବାକୁଥିବା ଆଇଓସିର ୧୪୧ତମ ସେସନରେ ଭୋଟିଂ ହେବ। ଏହି ସେସନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରାଶିକୁ ମଙ୍ଗଳଙ୍କ ଦୃଷ୍ଟି ହେତୁ ଆଜି କର୍ମକ୍ଷେତ୍ରରେ ନୈରାଶ୍ୟ କ୍ରମଶଃ ଦୂରେଇଯିବ। ସହମତିତା କାରଣରୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ବନ୍ଧୁ ଗହଣରେ ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ରହିବେ।

**ବୃଷ** ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଗୁରୁଚାଣ୍ଡାଳ ଯୋଗ ପ୍ରଭାବରୁ ସମସ୍ୟା କମିବା ବଦଳରେ ବିଶେଷ ଭାବେ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ଭଲରେ ଚାଲିବ। ପରୋକ୍ଷ ଶତ୍ରୁତା ଦୈନିକ ଜୀବନଚର୍ଯ୍ୟାକୁ କେତେକାଂଶରେ ପ୍ରଭାବିତ କରିପାରେ।

**ମିଥୁନ** ଶୁକ୍ରଙ୍କ ସୁପ୍ରଭାବରେ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ଉଦ୍ୟମକୁ ସାକାର କରିବାରେ ସାହାଯ୍ୟ କରିବ। ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। ଆତ୍ମୀୟଙ୍କ ମିଥ୍ୟାରୋପ ଅଶାନ୍ତିର ମୁଖ୍ୟ କାରଣ ହେବାର ଆଶଙ୍କା ରହିଛି।

**କର୍କଟ** କାମଟିକୁ ସୁରୁଖୁରୁରେ କରିପାରିବା କାରଣରୁ ଟେନସନ୍ କିଛି ମାତ୍ରାରେ କମିଯିବ। ସମସ୍ୟା ସମାଧାନରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ଚନ୍ଦ୍ର ସହ ବୁଧ ସମ୍ପର୍କଜନିତ ସଭାସମିତିରେ କାହା ସହ କାହା କଥା ମିଶିବ ନାହିଁ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ହେତୁ ସାମୟିକ ଖୁସି ରହିପାରନ୍ତି।

**ସିଂହ** ଆଜି କର୍ମକ୍ଷେତ୍ରର ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ଶୁକ୍ରଙ୍କ ସ୍ଥିତିରୁ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ଭାଙ୍ଗି ପଡ଼ନ୍ତୁ ନାହିଁ।

**କନ୍ୟା** କର୍ମକ୍ଷେତ୍ରରେ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ପାରିବାରିକ କ୍ଷେତ୍ରରେ ଅର୍ଥ ଦେବା ନେବାକୁ କେନ୍ଦ୍ରକରି ସମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ବୁଧାଦିତ୍ୟ ଯୋଗରୁ ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** ଆଜିର ଯାତ୍ରା, ନୂତନ କର୍ମାରମ୍ଭ ଓ ଚୁକ୍ତିପତ୍ର ସକାଶେ ବହୁତ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ଛୋଟବଡ଼ ସମସ୍ୟାର ସରଳ ସମାଧାନ କରି ଏକପ୍ରକାର ଆନନ୍ଦ ଅନୁଭବ କରିପାରନ୍ତି। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଶନିଙ୍କ ପ୍ରଭାବରେ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ବିଛା** ଆପଣ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ ଚର୍ଚ୍ଚା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ଦ୍ୱାଦଶସ୍ଥ କେତୁଯୁକ୍ତ ମଙ୍ଗଳଜନିତ ଶାରୀରିକ ସୁସ୍ଥତା ରହି ନ ପାରେ।

**ଧନୁ** ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ଶନିଙ୍କ ସ୍ଥିତି କାରଣରୁ ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପଡ଼ୋଶୀଙ୍କ ଶ୍ଳେଷାତ୍ମକ କଥାକୁ ଠିକ୍ ଭାବେ ବୁଝିବା କଷ୍ଟକର ହୋଇପାରେ।

**ମକର** ପରିବାରର ପରିସ୍ଥିତିକୁ ଆଖି ଅଗରେ ରଖି ଧାର କରଜ କରିବାକୁ ବାଧ୍ୟ ହେବେ। ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡିବେ ନାହିଁ। ପାପଯୁକ୍ତ ଗୁରୁ ହେତୁ ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ।

**କୁମ୍ଭ** ଦୀର୍ଘ ଦିନର ଆଶା ପୂରଣ ହେବ ଏବଂ ଅଧାପନ୍ତରିଆ କାର୍ଯ୍ୟଟିକୁ ପୂର୍ଣ୍ଣାଙ୍ଗ କରିପାରିବେ। ଶୁକ୍ରଙ୍କ ପ୍ରଭାବରେ ନୂତନ ଜିନିଷ କ୍ରୟ କରିବା ସକାଶେ ପାଇଁ ମନ ବଳାଇପାରନ୍ତି। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତି ବଢ଼ିଯିବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ହରାଇପାରନ୍ତି।

**ମୀନ** କର୍ମକ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ିଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ସପ୍ତମସ୍ଥ ଏକାଧିକ ଗ୍ରହ ପ୍ରଭାବରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବା ହେତୁ ବିବାଦୀୟ ସ୍ଥିତି ଦୂର ହେବ।

ଆଜି ମହାଳୟା ଅମାବାସ୍ୟା, ଶନିବାର, ବଜ୍ରକାଳିକାପୂଜା, ଫୁଲୋରିବ୍ରତ, ଅମାବାସ୍ୟାର ନିଶାପାଳନ, ଅକ୍ଟୋବର ୧୪ ତାରିଖ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, (ଓଡ଼ିଶା ତଥା ଭାରତକୁ ଅଦୃଶ୍ୟ କେତୁଗ୍ରସ୍ତ ବଳୟ ଗ୍ରାସ ସୂର୍ଯ୍ୟୋପରାଗ- ଯାହାକି ଅଦୃଶ୍ୟ ହେତୁ ପାଳନୀୟ ନୁହେଁ), ଦିବା ଘ.୦୭।୧୭ ଗତେ ଘ.୦୮।୩୮ମଧ୍ୟେ, ଘ.୧୧।୫୫ ଗତେ ଘ.୧୨।୫୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

# ଶ୍ରୀମନ୍ଦିରରେ ପିଠା ପାଇଁ ହାତାହାତି

## ପସରିଆଙ୍କୁ ସେବାୟତଙ୍କ ମୁଥ ମାଡ଼

- ଗର୍ଭଗୃହରେ ପଡ଼ିଲା ରକ୍ତଛିଟା
- ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୧୩।୧୦(ଅଜିତ ମହାନ୍ତି)

ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ବିଭିନ୍ନ ନିଯୋଗ ପକ୍ଷରୁ ସେବକମାନଙ୍କୁ ମହାପ୍ରଭୁଙ୍କ ସେବା ପୂଜା ନେଇ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ଏହାସତ୍ତ୍ୱେ ଅନେକ ସମୟରେ ସେବକଙ୍କ ଆଚରଣ ଓ ଉଚ୍ଚାରଣରେ ଭିନ୍ନତା ଦେଖିବାକୁ ମିଳୁଛି। ଏପରିକି ବେଳେବେଳେ ସାମାନ୍ୟ କଥାକୁ କେନ୍ଦ୍ର କରି ସେମାନଙ୍କ ମଧ୍ୟରେ ବିବାଦ ଓ ହାତାହାତି ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଶୁକ୍ରବାର ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଶ୍ରୀମନ୍ଦିର ଗର୍ଭଗୃହରେ ପିଠା ପାଇଁ ଦୁଇ ସେବକ ମାରପିଟ୍ ହେବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ଦୁହେଁ ହାତାହାତି ହେବାରୁ ଜଣେ ସେବାୟତଙ୍କ ଓଠ ଫାଟି ରକ୍ତଛିଟା ପଡ଼ିଥିଲା, ଫଳରେ ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିରରେ ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ପ୍ରଶାସନର ନୀରବଦ୍ରଷ୍ଟା ଅଗଣିତ ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରୁଛି।

ସୂଚନା ଅନୁଯାୟୀ, ଶୁକ୍ରବାର ପ୍ରାୟ ୪ଟାରେ ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସରିବା ପରେ ପିଠା ସୁଆରଙ୍କ ପସରିଆ ବାବୁଲି ପ୍ରଧାନଙ୍କ ପିଠାରୁ ପତ୍ରୀବଡୁ ସେବାୟତ ମାଧବ ପତ୍ରୀ ଅଧିକ କାଢି ନେଇଥିଲେ। ଏହାକୁ ନେଇ ଗର୍ଭଗୃହରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଯୁକ୍ତିତର୍କ ବଢିବା ସହ ଉଭୟ ହାତାହାତି ହୋଇଥିଲେ। ମାଧବଙ୍କ ମୁଥ ମାଡ଼ରେ ବାବୁଲିଙ୍କ ଓଠ ଫାଟି ଗର୍ଭଗୃହରେ ରକ୍ତଛିଟା ପଡ଼ିଥିଲା। ଗୁରୁତର ଅବସ୍ଥାରେ ବାବୁଲିଙ୍କୁ ଉଦ୍ଧାର କରାଯାଇ ମେଡିକାଲ ନିଆଯାଇଥିଲା। ଅନ୍ୟପକ୍ଷରେ ଗର୍ଭଗୃହରେ ରକ୍ତଛିଟା ପଡ଼ିବା ଯୋଗୁ ମହାପ୍ରଭୁଙ୍କର ବଡ଼ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଏହି କାରଣରୁ ଅନ୍ୟ ନୀତି ବିଳମ୍ବ ଘଟିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷାରତ ଭକ୍ତମାନେ ହଇରାଣ ହୋଇଥିଲେ। ଏହି ଘଟଣା ସମ୍ପର୍କରେ ଖବର ପାଇ ସିଂହଦ୍ୱାର ଥାନା ପୋଲିସ ଉଭୟଙ୍କୁ ଡାକି ପଚରାଉଚୁରା କରିଥିଲା। ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇ ଘଟଣାର ସମାଧାନ ହୋଇଥିବା କୁହାଯାଉଛି। ତେବେ ସବୁଠୁ ବଡ଼କଥା ହେଉଛି, ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କ ଲାଗି ବିଭିନ୍ନ ନିୟମକାନୁନ ଓ କଟକଣା ଜାରି କରୁଥିବାବେଳେ ସେବାୟତଙ୍କ ଆଚାର ବ୍ୟବହାର ଉପରେ ରୋକ୍ ଲଗାଇପାରୁନାହିଁ। ଗର୍ଭଗୃହ ମଧ୍ୟରେ ମହାପ୍ରଭୁଙ୍କ ସମ୍ମୁଖରେ ମାରପିଟ୍ ହୋଇ ଲହୁଲୁହାଣ ହେବା କେତେଦୂର ଠିକ୍ ବୋଲି ଜଗନ୍ନାଥପ୍ରେମୀମାନେ ପ୍ରଶ୍ନ କରିବା ସହ ତୁରନ୍ତ ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ସାକ୍ଷ୍ୟ ଗ୍ରହଣ ପାଇଁ ମୋକିମଙ୍କୁ ଅଧିକ ସମୟ ଦେଲେ ହାଇକୋର୍ଟ

## ବାରବାଟୀ-କଟକ ନିର୍ବାଚନୀ ମାମଲା



କଟକ,୧୩।୧୦ (କାର୍ତ୍ତିକ ସାହୁ)

ବାରବାଟୀ-କଟକ ବିଧାନସଭା ନିର୍ବାଚନୀ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଥିଲା। ବିଧାୟକ ମହମ୍ମଦ ମୋକିମଙ୍କ ପକ୍ଷରୁ ସାକ୍ଷୀମାନଙ୍କ ସାକ୍ଷ୍ୟ ଗ୍ରହଣ ପାଇଁ ଅଧିକ ସମୟ ଲୋଡ଼ାଯାଇଥିଲା। ହାଇକୋର୍ଟ ଏଥିପାଇଁ ଅନୁମତି ଦେବା ସହ ମୋକିମଙ୍କୁ ୧୦ ହଜାର ଟଙ୍କା ହାଇକୋର୍ଟ ବାର୍ ଆସୋସିଏଶନ ୱେଲଫେୟାର ଫଣ୍ଡରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ଇଜିଲାସ୍‌ରେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଆଗତ ନିର୍ବାଚନୀ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ବାରବାଟୀ-କଟକ ନିର୍ବାଚନୀ ମାମଲାର ଶୁଣାଣିବେଳେ ପ୍ରତିପକ୍ଷ ମୋକିମଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀଙ୍କ ବ୍ୟକ୍ତିଗତ ଅସୁବିଧାର କାରଣ ଦର୍ଶାଯାଇଥିଲା। ଏଥିସହ ସାକ୍ଷ୍ୟ ଗ୍ରହଣ ଲାଗି ଅଧିକ ସମୟ ପ୍ରଦାନ କରିବାକୁ ଏକ ଅନ୍ତରୀଣ ଆବେଦନ କରାଯାଇଥିଲା। ଏହାକୁ ମାମଲାର ଆବେଦନକାରୀ ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଗତ ୬ରେ ପ୍ରତିପକ୍ଷ ମୋକିମଙ୍କ ଜେରା ଶେଷ ହୋଇଥିଲା। ମୋକିମଙ୍କ ପକ୍ଷରୁ ୩ ଜଣଙ୍କ ସାକ୍ଷ୍ୟ ପ୍ରଦାନ କରିବାକୁ ଥିଲା। ହେଲେ ଜଣେ ସାକ୍ଷୀଙ୍କ ସତ୍ୟପାଠର ନକଲ ଆବେଦନକାରୀଙ୍କୁ ପ୍ରଦାନ କରାଯାଇସାରିଛି ବୋଲି ଶୁକ୍ରବାର ଶୁଣାଣିବେଳେ ସ୍ପଷ୍ଟ ହୋଇଥିଲା। ଅନ୍ୟ ଦୁଇ ସାକ୍ଷୀଙ୍କ ସତ୍ୟପାଠର ନକଲ ଆସନ୍ତା ୧୫ ତାରିଖ ସୁଦ୍ଧା ଆବେଦନକାରୀଙ୍କୁ ପ୍ରଦାନ କରିବା ନିମନ୍ତେ ହାଇକୋର୍ଟ ମୋକିମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ସାକ୍ଷୀମାନେ ଅଦାଲତରେ ଉପସ୍ଥିତ ରହିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲ ଦେଶର ଶ୍ରେଷ୍ଠ ସ୍କୁଲ

## କ୍ରମାଗତ ଚତୁର୍ଥ ଥର ମିଳିଲା ମାନ୍ୟତା




ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏବଂ ସିନିୟର୍ ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୧୩।୧୦ (ଅସମାପିକା ସାହୁ)

ଏଜୁକେଶନ ୱାର୍ଲଡ ଇଣ୍ଡିଆ ସ୍କୁଲ୍ ର୍‌ୟାଙ୍କିଙ୍ଗ୍‌ରେ ସର୍ବଭାରତୀୟ ସ୍ତରରେ ଡେ କମ୍ ବୋର୍ଡିଂ ବିଭାଗରେ ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ୨୦୨୩-୨୪ବର୍ଷ ପାଇଁ ଶ୍ରେଷ୍ଠ ସ୍କୁଲ ମାନ୍ୟତା ପାଇଛି। ଏଥିସହ ଓଡ଼ିଶାରେ ଏକ ନମ୍ବର ସ୍କୁଲର ମାନ୍ୟତା ପାଇଛି। ୨୦୨୦ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଦେଶର ଶ୍ରେଷ୍ଠ ସ୍କୁଲର ମାନ୍ୟତା ପାଇଥିବାବେଳେ ସେବେଠାରୁ କ୍ରମାଗତ ଭାବେ ଚତୁର୍ଥଥର ପାଇଁ ଏହି ସ୍ଥାନ ବଜାୟ ରଖିଛି। ଶୁକ୍ରବାର ଦିଲ୍ଲୀରେ ଅନୁଷ୍ଠିତ ଏଜୁକେଶନ୍ ୱାର୍ଲଡ ଇଣ୍ଡିଆ କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏବଂ ଡାଇରେକ୍ଟର ଏକାଡେମିକ୍ ତଥା ସିନିୟର୍ ପ୍ରିନ୍ସିପଲ୍ ନୀଳକଣ୍ଠ ପାଣିଗ୍ରାହୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏଜୁକେଶନ୍ ୱାର୍ଲଡ ଇଣ୍ଡିଆର ସ୍କୁଲ ର୍‌ୟାଙ୍କିଙ୍ଗ ସର୍ଭେରେ ଭାରତର ବଛା ବଛା ୧୦୦୦ ସ୍କୁଲ ସାମିଲ ହୋଇଥିଲା। ଏକାଡେମିକ୍ ପ୍ରତିଷ୍ଠା, ଅଭିଭାବକଙ୍କ ଯୋଗଦାନ, ଛାତ୍ରୀଛାତ୍ରଙ୍କ ପ୍ରତି ବ୍ୟକ୍ତିଗତ ଧ୍ୟାନ, ଶିକ୍ଷକଙ୍କ ଦକ୍ଷତା, କ୍ରୀଡ଼ା ଶିକ୍ଷା ପରି ୧୪ଟି ପାରାମିଟରକୁ ବିଚାରକୁ ନେଇ ଏହି ଚୟନ ପ୍ରକ୍ରିୟା କରାଯାଇଥିଲା।

ଏହିସଫଳତା ସମ୍ପର୍କରେ ସ୍କୁଲ୍‌ର ଚେୟାର ପର୍ସନ ଡ. ସାହୁ କହିଛନ୍ତି, ସାଇ ଇଣ୍ଟରନ୍ୟାଶନାଲ୍ ନିଜର କେ-୧୨ ଶିକ୍ଷା ସହ ଟେକ୍ନୋଲୋଜିକୁ ଏକ ଉପକରଣ ଭାବେ ଗ୍ରହଣ କରି କ୍ରମାଗତ ଭାବେ ଅନୁସନ୍ଧାନ ଏବଂ ଉଦ୍ଭାବନ କରିଆସୁଛି। ଏହା କେବଳ ବିକାଶଶୀଳ ପରିସ୍ଥିତି ସହ ଖାପଖୁଆଇବା ପାଇଁ ନୁହେଁ, ବରଂ ଛାତ୍ର ଏବଂ ଶିକ୍ଷକଙ୍କ ବହୁମୂଲ୍ୟ ଶିକ୍ଷା ପାଇଁ ଏକ ପଥ ପରିଷ୍କାର କରିଛି। ଏହି ପୁରସ୍କାର ସାଇ ଇଣ୍ଟରନ୍ୟାଶନାଲ୍ ଗ୍ରୁପ୍‌ର ସମସ୍ତ ଅଭିଭାବକ, ଛାତ୍ରୀଛାତ୍ର, ଅଧ୍ୟାପକଙ୍କ ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଓଡ଼ିଶାକୁ ସ୍କୁଲ ଶିକ୍ଷା କ୍ଷେତ୍ରରେ ଜାତୀୟ ସ୍ତରରେ ନୂଆ ପରିଚୟ ଦେଇଛି। ଏଭଳି ଭାବେ ଶିକ୍ଷା ମାଧ୍ୟମରେ ଏକ ଉନ୍ନତ ଭାରତ ଗଠନ କରିବାର ସଂକଳ୍ପ ଓ ପ୍ରଚେଷ୍ଟା ଆଗାମୀ ଦିନରେ ଜାରି ରହିବ ବୋଲି ଡ. ସାହୁ ପ୍ରକାଶ କରିଛନ୍ତି।

# ମାନବାଧିକାର କମିଶନରେ ପହଞ୍ଚିଲା ମାମଲା

## ଗେଣ୍ଡୁ ତାରା ଚୋରି ପାଇଁ ନାବାଳିକାଙ୍କୁ ହତ୍ୟା ଘଟଣା

ଉଦଳା,୧୩।୧୦ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଭାଲୁହୁରୁଡ଼ା ଗ୍ରାମରେ ଗେଣ୍ଡୁ ତାରା ଚୋରି ପାଇଁ ଜଣେ ନାବାଳିକାଙ୍କୁ ସମ୍ପର୍କୀୟ ବଡ଼ ମା' ହତ୍ୟା କରିବା ପରେ ରଶିରେ ବାନ୍ଧି ଝୁଲାଇଦେବା ଘଟଣା ମାନବାଧିକାର କମିଶନଙ୍କ ନିକଟରେ ପହଞ୍ଚିଛି। ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ଘଟଣାକୁ ନେଇ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୃତା ନାବାଳିକାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନେଇ ସେ ମାନବାଧିକାର କମିଶନରଙ୍କୁ ଅନୁରୋଧ କରିଛନ୍ତି। ଏହି ମାମଲାରେ ରାଜ୍ୟ ଗୃହ ବିଭାଗ, ପୋଲିସ ମହା ନିର୍ଦ୍ଦେଶକ ଓ ମୟୂରଭଞ୍ଜ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏ ନେଇ ମାନବାଧିକାର କମିଶନରେ ମାମଲା(ନଂ. ୧୭୦୬୩/୨୦୨୩) ରୁଜୁ ହୋଇଛି।

ଉଲ୍ଲେଖଯୋଗ୍ୟ, ବୁଧବାର ମଧ୍ୟାହ୍ନରେ ସାମାନ୍ୟ ଗେଣ୍ଡୁ ତାରା ଚୋରିକୁ ନେଇ ଗୁଣ୍ଡି ହାଁସଦାଙ୍କ ଝିଅ ସରସ୍ୱତୀଙ୍କୁ ସମ୍ପର୍କୀୟ ବଡ଼ ମା' ଏକ ବେଗୁନିଆ ବାଡ଼ିରେ ପିଟିପିଟି ମାରିଦେବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ ବେକରେ ରଶି ବାନ୍ଧି ଝୁଲାଇ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ବଡ଼ ମା' ଲକ୍ଷ୍ମୀ ମୁର୍ମୁଙ୍କୁ ଗିରଫ କରିଛି।



ପ୍ରତ୍ୟେକ ମଣିଷ ଯେ ଜଣେ କଳାକାର ହେବ, ତା'ନୁହେଁ। କିନ୍ତୁ ପ୍ରତି ମଣିଷର କଳାତ୍ମକ ଚିତ୍ତବୃତ୍ତିଟି ଉନ୍ନତ ହେବା ଉଚିତ। ତା'ର ରୁଚି ସୁଶିକ୍ଷିତ –ତା'ର ମାର୍ଜିତ ସୌନ୍ଦର୍ଯ୍ୟବୋଧ–ରୂପ ଓ ରଙ୍ଗ ପ୍ରତି ଅନ୍ତର୍ଦୃଷ୍ଟି ଏବଂ ତା'ଭିତରେ ଯାହା ପ୍ରକାଶ ପାଏ – ତାହା ଅଭ୍ୟାସଗତ ଭାବେ ସକ୍ରିୟ, ସଂଶୋଧିତ, ଯଥାଯଥ ଓ ସମ୍ବେଦନଶୀଳ ହେବା ଉଚିତ। –ଶ୍ରୀଅରବିନ୍ଦ



# ଭାଜପାରେ ଅମଲାତନ୍ତ୍ରୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଧାନମନ୍ତ୍ରୀ ତାଙ୍କ ବାବୁମାନଙ୍କୁ ହୁଏତ ଭଲ ପାଇପାରନ୍ତି, କିନ୍ତୁ ରାଜନୀତିରେ ପୂର୍ବତନ ବାବୁମାନେ ଅଧିକ ସଂଖ୍ୟାରେ ଯୋଗଦେବା ଭାଜପା କ୍ୟାଡର ମଧ୍ୟରେ ଅସନ୍ତୋଷର କାରଣ ପାଲଟିଛି। ଏହି ଧାରା ଏବେ ଅଧିକ ଗତିଶୀଳ ହୋଇଛି। ସିଭିଲ ସର୍ଭାଣ୍ଟମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଏବଂ ସରକାରରେ ଏପରିକି ଭାଜପାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସିଛନ୍ତି। କିନ୍ତୁ ସେମାନଙ୍କର ଭାଜପାରେ ଯୋଗଦେବା ଧାରା ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ନିକଟରେ ରାଜସ୍ଥାନରେ ୧୯୮୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଚନ୍ଦ୍ରମୋହନ ବାବୁ ଭାଜପାରେ ଯୋଗଦେଇ ଆସନ୍ତା ବିଧାନସଭା ନିର୍ବାଚନରେ ଟିକେଟ ଆଶାୟୀ ଅଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି ଭାଜପା କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ ଉଠାଇଛନ୍ତି। କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି । ଏପରିକି ଦଳର କେତେଜଣ କର୍ମୀ ଏହା ବିରୋଧରେ ଏକ ଅଭିଯାନ ଆରମ୍ଭ କରି ବିଶ୍ୱସ୍ତ ଦଳୀୟ କର୍ମକର୍ତ୍ତାଙ୍କୁ ଟିକେଟ ନ ଦେଇ ପୂର୍ବତନ ବାବୁମାନଙ୍କୁ ଟିକେଟ ଦେଉଥିବା ଦଳୀୟ ନେତୃତ୍ୱକୁ ରୋକିବାକୁ ଚେଷ୍ଟା କରିଛନ୍ତି। ସବୁ ପୂର୍ବତନ ବାବୁ ଭାଜପା ଟିକେଟ ପାଉ ନ ଥିବାବେଳେ ସାଂଗଠନିକ ଭୂମିକାରେ ସେମାନଙ୍କ ଉପସ୍ଥିତି ପାର୍ଟି କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷର କାରଣ ହେଉଛି ବୋଲି ଜଣାପଡ଼ିଛି। ରାଜସ୍ଥାନରେ ଚନ୍ଦ୍ରମୋହନ ବାବୁଙ୍କ ସମ୍ଭାବ୍ୟ ପ୍ରାର୍ଥିତ୍ୱ ଭଳି ଘଟଣା ଏବଂ ୨୦ରୁ ଅଧିକ ପୂର୍ବତନ ବାବୁ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଭାଜପାରେ ଯୋଗଦେବା ବିଷୟ ଅସନ୍ତୋଷକୁ ପଦାକୁ ଆଣିଛି। ତେବେ ରାଜନୀତିରେ ପୂର୍ବତନ ଅମଲାତନ୍ତ୍ରୀ ପ୍ରବେଶ କରିବା ଏବଂ ଗୋଟିଏ ରାଜନୈତିକ ପାର୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରିବା ଧାରା ଗତିଶୀଳତା ହରାଇବା ସମ୍ଭାବନା ନାହିଁ। ବରଂ ଏହା ଆଗାମୀ ବର୍ଷଗୁଡ଼ିକରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିବା ସମ୍ଭାବନା ରହିଛି।

### ଶର୍ଟଲିଷ୍ଟରେ ଶେଲୀ

ଇଣ୍ଡିଆନ ରେଲ୍‌ୱେ ଫାଇନାନ୍ସ କର୍ପୋରେଶନ(ଆଇଆର୍‌ଏଫ୍‌ସି)ରେ ଖାଲିଥିବା ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି) ପଦବୀ ପୂରଣ କରିବା ସକାଶେ ରେଳ ମନ୍ତ୍ରଣାଳୟ ଚୟନ ସାକ୍ଷାତକାର କରିବାକୁ ପ୍ରସ୍ତୁତ ହେଉଛି। ପୂର୍ବତନ ସିଏମ୍‌ଡି ଅମିତାଭ ବାନାର୍ଜୀ ଗତବର୍ଷ ଅକ୍ଟୋବରରେ ପଦବୀରୁ ହଟିବା ପରଠାରୁ ବର୍ଷେ ହେଲା ଏହି ପଦବୀ ଖାଲି ରହିଛି। ତାଙ୍କ ନାମରେ ଦୁର୍ନୀତି ମାମଲା ଆସିଲା ପରେ ତାଙ୍କୁ ପଦବୀରୁ ହଟାଇ ଦିଆଯାଇଥିଲା। ସୂତ୍ରରୁ ଜଣାପଡ଼ିଛି, ପ୍ରାର୍ଥୀଙ୍କ ନିଯୁକ୍ତି ପାଇଁ ଯୋଗ୍ୟ ତାଲିକା ବା ଶର୍ଟଲିଷ୍ଟରେ ପିଏସ୍‌ୟୁରେ ଅର୍ଥ ନିର୍ଦ୍ଦେଶକ ଏବଂ ସାମୟିକ ଭାବେ ସିଏମ୍‌ଡି ଭାବରେ କାର୍ଯ୍ୟ କରିଥିବା ଶେଲୀ ବର୍ମା ରହିଛନ୍ତି। ବାନାର୍ଜୀଙ୍କ କାର୍ଯ୍ୟକାଳ ମଧ୍ୟରେ ଶେଲୀ ବହୁମୂଲ୍ୟ ଉପହାର ପ୍ରଦାନ ସଂକ୍ରାନ୍ତୀୟ କେନ୍ଦ୍ରୀୟ ଭିଜିଲାନ୍ସ କମିଶନଙ୍କ ନିୟମକୁ ଉଲ୍ଲଂଘନ କରି ବେଆଇନ ଭାବେ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ରୁପା ପଦକ କ୍ରୟ ପାଇଁ ଅନୁମୋଦନ କରିଥିଲେ। ଅଭିଯୋଗ ଥାଇ ତାଙ୍କ ନାମ ଶର୍ଟଲିଷ୍ଟରେ ରଖାଯାଇଥିବାରୁ ଅସନ୍ତୋଷ ବଢ଼ିଛି। ବାନାର୍ଜୀଙ୍କ କାର୍ଯ୍ୟକାଳ ମଧ୍ୟରେ ଆର୍ଥିକ ଅନିୟମିତତା ଏବଂ ସନ୍ଦେହଜନକ ଖର୍ଚ୍ଚର ଭିଜିଲାନ୍ସ ତଦନ୍ତରେ ତାଙ୍କ ସମେତ ଅନେକ ଆଇଏଫ୍‌ଆର୍‌ସି ଅଧିକାରୀ ଥିବାବେଳେ ସିବିଆଇ ମାମଲାରେ ଶେଲୀଙ୍କ ନାମ ନାହିଁ। ତେବେ ବାନାର୍ଜୀଙ୍କ କାର୍ଯ୍ୟକାଳ ମଧ୍ୟରେ ବେଆଇନ ଭାବେ ପଦକ କ୍ରୟରେ ସେ ଜଡ଼ିତ ଥିବାରୁ ସିଏମ୍‌ଡି ଦାୟିତ୍ୱ ପାଇଁ ତାଙ୍କ ଯୋଗ୍ୟତା ଉପରେ ପ୍ରଶ୍ନ ଉଠୁଛି। ପଦବୀରେ ପୂରା ସମୟ ରହିବା ଲାଗି ରେଳୱେର ଭିଜିଲାନ୍ସ ଡାଇରେକ୍ଟୋରେଟ ଶେଲୀଙ୍କୁ କ୍ଲିନ୍ ଚିଟ୍ ଦେବାକୁ ହେବ। ତେବେ ଏଭଳି ବିବାଦ ଆଇଆର୍‌ଏଫ୍‌ସିର ନେତୃତ୍ୱ ପାଇଁ ଚୟନ ପ୍ରକ୍ରିୟାକୁ କିଭଳି ପ୍ରଭାବିତ କରିବ ତାହା ଦେଖିବାକୁ ବାକି ରହିଛି।

### କଡ଼ା ପଦକ୍ଷେପ

କେନ୍ଦ୍ରୀୟ ଡେପୁଟେଶନ ଏବଂ ବୈଦେଶିକ କାର୍ଯ୍ୟରୁ ୮ ଜଣ ଆଇପିଏସ୍ ଅଧିକାରୀଙ୍କୁ ବରଖାସ୍ତ କରିବା ନିଷ୍ପତ୍ତି ନିଆଯାଇଛି। ସିଭିଲ୍ ସର୍ଭିସେସ୍ ମଧ୍ୟରେ ଶୃଙ୍ଖଳା ଏବଂ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଦୃଢ଼ ସଙ୍କେତ ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏହା ଏକ ପ୍ରୟାସ। ଅଧିକାରୀମାନଙ୍କର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଏବଂ ଦାୟିତ୍ୱ ପାଳନର ଗୁରୁତ୍ୱକୁ ଏହା ମଧ୍ୟ ସୂଚିତ କରେ। ଏହି ଆଇପିଏସ୍ ଅଧିକାରୀମାନେ ସେମାନଙ୍କର ଶେଷ ଦାୟିତ୍ୱରେ ଯୋଗଦେବାରେ ବିଫଳ ହୋଇଥିଲେ। ସେମାନଙ୍କ ମଧ୍ୟରେ ଅଛନ୍ତି ମୋଡାକ ରାଜେଶ ଦୀନେଶରାଓ, ଡ.ମୀନାକ୍ଷୀ କାତ୍ୟାୟାନ ଓ ଏଲ୍.ଭି.ଆଣ୍ଟୋନି ଦେବକୁମାର (ୟୁପି କ୍ୟାଡରରୁ), ରାଗସୁଧା ଆର୍, ଅତୁଲ ବିକାଶ କୁଲକର୍ଣ୍ଣି ଓ ଗୋରଖ ସୁରେଶ ଭାମେର (ମହାରାଷ୍ଟ୍ର କ୍ୟାଡରରୁ), ରାଜେଶ ଡଗଲ ଓ ରାଜେନ୍ଦ୍ର କୁମାର ମୀନା(ହରିୟାଣା କ୍ୟାଡରରୁ)। ଭବିଷ୍ୟତରେ ଅଧିକାରୀମାନେ ସେମାନଙ୍କ ପାଇଁ ନିର୍ଦ୍ଧାରିତ ଦାୟିତ୍ୱକୁ କିଭଳି ଏଡ଼ାଇ ନ ଯିବେ ସେଥିପାଇଁ ବରଖାସ୍ତ ପ୍ରକ୍ରିୟା ଏକ ପ୍ରତିଷେଧକ ବ୍ୟବସ୍ଥା ଭାବେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି । ସୂତ୍ରରୁ ଜଣାପଡ଼ିଛି, ବରଖାସ୍ତ ହୋଇଥିବା ଅଧିକାରୀମାନେ କ୍ୟାରିୟର ବିପର୍ଯ୍ୟୟର ସମ୍ମୁଖୀନ ହୋଇପାରନ୍ତି, ଯାହା ସେମାନଙ୍କର ବୃତ୍ତିଗତ ଉନ୍ନତି ତଥା ବିଭିନ୍ନ ଅଭିଜ୍ଞତା ପାଇଁ ସୁଯୋଗକୁ ପ୍ରଭାବିତ କରିପାରେ । ଆଶା କରାଯାଏ, ଏହି ପଦକ୍ଷେପ ସମସ୍ତ ବାବୁଙ୍କୁ ସଙ୍କେତ ଦିଏ ଯେ ନିଯୁକ୍ତିକୁ ପାଳନ ନ କରିବା ପରିଣାମ ଗୁରୁତର ହୋଇପାରେ।

Email: dilipcherian@gmail.com

# ଦରମାଠାରୁ ପେନ୍‌ସନ ବେଶି



ସହଦେବ ସାହୁ

ଲୋକପ୍ରତିନିଧିତ୍ୱ ଏକ ଚାକିରି, କାମ ନ କରିବା ଦିନର ବି ଦରମା ଏବଂ ଦରମାଠାରୁ ପେନ୍‌ସନ୍ ବେଶି – ଏ ତିନୋଟି ଅସଙ୍ଗତିକୁ ଆଇନସଙ୍ଗତ କରିନେଇଛନ୍ତି ଆମ ଦେଶର ଲୋକପ୍ରତିନିଧିମାନେ, ଯେଉଁମାନେ ଆମ ଭିତରେ ନୈତିକତା ଓ ଶୃଙ୍ଖଳା ଆଣିବା ପାଇଁ ଏବଂ ସମୁଦାୟ ସମାଜରେ ମାନବିକ ବିକାଶ ଆଣିବା ଲାଗି ଆଇନ ପ୍ରଣୟନ କରିବା କଥା ଓ ଶାସନର ନୀତି ନିର୍ଦ୍ଧାରଣ କରିବା କଥା। ପଞ୍ଜାବର ଆପ୍ ସରକାର ଏବର ଏମ୍‌ଏଲ୍‌ଏମାନଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ବନ୍ଦ କରିଥିବାର ଖବର ପ୍ରକାଶ ପାଇଛି। ଯଦି ତାହା ସତ୍ୟ ତେବେ ଏହା ଗଣତନ୍ତ୍ରରେ ଗୋଟିଏ ଅସଙ୍ଗତିକୁ ଦୂର କରିବାର ଉଦାହରଣ ଯୋଗାଇବ। ସେବା ମନୋଭାବର ସୁସ୍ଥ ପରମ୍ପରା ସ୍ୱାଧୀନତା ପ୍ରାପ୍ତିପରର ପ୍ରଥମ ନିର୍ବାଚନରେ ଥିଲା, ଜନପ୍ରତିନିଧିମାନେ ଯାବତୀୟ ଖର୍ଚ୍ଚ ନେଉଥିଲେ, ନିର୍ବାଚନରେ ବିଜୟୀ ହେଲେ ଗୋଟିଏ ଚାକିରି ମିଳିଗଲା ବୋଲି ଭାବୁ ନ ଥିଲେ; ଦେଶସେବା ପାଇଁ ନିଜକୁ ଉତ୍ସର୍ଗ କରିବାର ଏକ ସୁଯୋଗ ବୋଲି ଭାବୁଥିଲେ। ସମ୍ବିଧାନରେ 'ରାଜନୈତିକ ଦଳ'ର ଉଲ୍ଲେଖ ନ ଥିଲା। ଅବଶ୍ୟ ସେମାନେ ନିଜର କର୍ତ୍ତବ୍ୟ ତୁଲାଇବାରେ ଯାହା ଖର୍ଚ୍ଚ କରୁଥିଲେ ତାହା ବିଧାନସଭା ଓ ସଂସଦ ଯୋଗାଉଥିଲା। ପରେ ପରେ ଲୋକ ପ୍ରତିନିଧିମାନେ ନିଜକୁ ସରକାର ଚଳାଇବା ଲୋକ ନ ଭାବି ସରକାରୀ କର୍ମଚାରୀ (ପବ୍ଲିକ୍ ସର୍ଭାଣ୍ଟ) କରିନେଲେ। ୧୯୮୫ରୁ ୨୦୦୩ ଭିତରେ ଦଳବଦଳନିରୋଧ ଆଇନ ଆଣି, ପରେ ତାକୁ ସାମ୍ବିଧାନିକ ରୂପ ଦେଇ ଲୋକପ୍ରତିନିଧିଙ୍କୁ ଦଳପ୍ରତିନିଧି କରିଦେଲେ। ଏମ୍‌ଏଲ୍‌ଏ ବା ଏମ୍‌ପି ହେବା ପରେ ବି ଦଳର କର୍ମୀ ବୋଲି ଧରାଗଲେ, ଦଳପତି ଚାହିଁଲେ ବାଚସ୍ପତିଙ୍କ ଜରିଆରେ ଏମ୍‌ଏଲ୍‌ଏ ବା ଏମ୍‌ପି ପଦ ପାଇଁ ଅଯୋଗ୍ୟ ଘୋଷିତ ହୋଇପାରିବେ, ଲୋକଙ୍କ ଭୋଟରେ ବିଜୟୀ ହୋଇଆସିଥିଲେ ବି ବିଧାୟକ ବା ସାଂସଦ ପଦ ହରାଇବେ। 'ଗଣ' ବଦଳରେ 'ଦଳ' ତନ୍ତ୍ର ଆରମ୍ଭ ହୋଇଗଲା ୨୧ଶ ଶତାବ୍ଦୀରୁ!

ବିଧାୟକ ଓ ସାଂସଦମାନେ ଯେତେ ପ୍ରକାରର ସୁବିଧା ଓ ଉପଭୋଗ (ପ୍ରିଭିଲେଜ୍) ପାଇବାର ଆଇନ କରିନେଇଛନ୍ତି ଲୋକେ ଊଣାଅଧିକେ ଜାଣନ୍ତି। କାମ ନ କରି ବି ସେମାନେ ଦରମା ନେବେ, ୩୬୫ ଦିନରୁ ୧୦୦ ଦିନରୁ କମ୍ କାମ କରି ସେମାନେ ବର୍ଷ ଯାକର ଦରମା ଓ ଯାବତୀୟ ଉପଭୋଗ ପାଇବେ, ଉପସ୍ଥାନ ଖାତାରେ ଦସ୍ତଖତ କରିଦେଲେ ସେ ଦିନର ଭତ୍ତା ଓ ଯାତାୟାତ ଖର୍ଚ୍ଚ ପାଇବେ, ଝଗଡ଼ାଝାଣ୍ଟି କରି ସଭାଗୃହ ଅଚଳ ବା ବନ୍ଦ କରିଦେଲେ ବି। ଉଦ୍ଦେଶ୍ୟ ଦେଶସେବା ବୋଲି ପ୍ରଚାର କରୁଥିଲେ ହେଁ ସେମାନେ ବିନା ଟିକସର ଦରମା ସାଙ୍ଗକୁ ବିନା ଟିକସର ଲୋଭନୀୟ ପେନ୍‌ସନ୍ ପାଇବା ନିୟମ କରିନେଲେ। ନିଜ ହାତରେ ଆଇନ କରିବାର କ୍ଷମତା ଅଛି ନା! ସରକାରୀ ବା ବେସରକାରୀ ହେଉ, କର୍ମଚାରୀଟିଏ ଅନ୍ତତଃ ୧୦ ବର୍ଷ ଚାକିରି ନ କଲେ ପେନ୍‌ସନ୍ ପାଇବ ନାହିଁ, କିନ୍ତୁ ବିଧାନସଭା ବା ସଂସଦ



ଦିନଟିଏ କାମ କରି ଭାଙ୍ଗିଗଲେ ବି ପ୍ରତିନିଧିମାନେ ପେନ୍‌ସନ୍ ପାଇବେ ବୋଲି ୧୯୭୬ ସେପ୍ଟେମ୍ବରରୁ ଆଇନ କରିଛନ୍ତି ସେମାନେ। (କାରଣ ଏଥିରେ ଖୁସି ହୋଇ ସାଂସଦମାନେ ଏମର୍ଜେନ୍ସିକୁ ସମର୍ଥନ କରିବେ ବୋଲି ଇନ୍ଦିରା ଗାନ୍ଧୀଙ୍କ ଇଚ୍ଛା ହୋଇଥିବ!) ଦିନେ ଏମ୍‌ଏଲ୍‌ଏ ହୋଇଥିଲେ ବି ମାସିକ ପେନ୍‌ସନ୍ ୨୫୦୦୦ ଟଙ୍କା ମିଳିବାର ଆଇନ ୨୦୦୯ରୁ ଚାଲିଛି। ୨୦୧୮ରେ ମୋଦି ସରକାର ଆଇନ କଲେ ଯେ ଯେଉଁ ବ୍ୟକ୍ତି ଥରେ ୫ ବର୍ଷ ସାଂସଦ ହୋଇସାରିଥିବେ, ଆଉ ଥରେ ସାଂସଦ ହେଲେ ପ୍ରତି ଅଧିକ ବର୍ଷ ପାଇଁ ମାସିକ ୨୦୦୦ ଟଙ୍କା ହାରରେ ଅତିରିକ୍ତ ପେନ୍‌ସନ ପାଇବେ ଏବଂ ଏହି ମୂଳ ପେନ୍‌ସନ ଓ ଅତିରିକ୍ତ ପେନ୍‌ସନ ପରିମାଣ ପ୍ରତି ୫ବର୍ଷରେ ମୁଦ୍ରାସ୍ଫୀତି ବୃଦ୍ଧି ହାର ସହିତ ତାଳ ରଖି ବଢ଼ିବ।

୨୦୨୧ରେ ଏକ ଆରଟିଆଇ ଦରଖାସ୍ତର ଉତ୍ତରରେ ହରିୟାଣା ସରକାର କହିଛନ୍ତି– ୨୦୬୨ ଜଣ ଏମ୍‌ଏଲ୍‌ଏଙ୍କ ପେନ୍‌ସନ ବାବଦରେ ରାଜ୍ୟ ସରକାର ବର୍ଷକୁ ୨୨କୋଟି ୯୩ ଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତି। ଅଫିସରଟିଏ ବ୍ୟଭିଚାରରେ ଦଣ୍ଡିତ ହେଲେ ବିଚାରପତି ପେନ୍‌ସନ୍ ବାତିଲ କରିବା ରାୟ ଦେଇପାରନ୍ତି ବା ପେନ୍‌ସନ୍‌ର କିଛି ଅଂଶ ଦଣ୍ଡ ରୂପେ କାଟିଦେବା ରାୟ ଦିଅନ୍ତି। କିନ୍ତୁ ଏମ୍‌ଏଲ୍‌ଏ ଦଣ୍ଡିତ ହୋଇଥିଲେ ବି ପେନ୍‌ସନ୍ କମେ ନାହିଁ: ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ, ନ୍ୟାଶନାଲ ଲୋକଦଳ ସଭାପତି, ଓ ପି ଚୌଥାଲା ମାସକୁ ୨,୨୨,୫୨୫ ଟଙ୍କା ପେନ୍‌ସନ୍ ପାଉଥିଲେ, ସେ ୨୦୦୦ ମସିହାରେ ୩୨୦୬ ଟ୍ରେନ୍‌ଡ ବେସିକ୍ ଟିଚର୍ ନିଯୁକ୍ତି କେଲେଙ୍କାରିରେ ଦଣ୍ଡିତ ହୋଇ ବହୁଦିନ ଜେଲରେ ଥିଲେ ବି ତାଙ୍କର ପେନ୍‌ସନ୍ ଉପରେ ଆଞ୍ଚ ଆସିଲା ନାହିଁ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ ନାମକ ପ୍ରକାଣ୍ଡ ଷ୍ଟିଲ କାରଖାନାର ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲ ଭୂତପୂର୍ବ ଏମ୍‌ଏଲ୍‌ଏ ହିସାବରେ ମାସକୁ ୯୦,୫୬୩ ଟଙ୍କା ପାଉଛନ୍ତି ବୋଲି ହରିୟାଣା ସରକାର ଜଣାଇଥିଲେ। ଆଶ୍ଚର୍ଯ୍ୟର କଥା, ଦରମାଠାରୁ ବହୁଗୁଣ ଅଧିକ ପେନସନ ପାଉଥିଲେ ହରିୟାଣା କଂଗ୍ରେସ ଏମ୍‌ଏଲ୍‌ଏ କ୍ୟାପ୍‌ଟେନ ଅଜୟ ଯାଦବ ମାସକୁ ୨,୩୮,୦୫୦ ଟଙ୍କା। ସମ୍ପଦ ସିଂ ପାଉଥିଲେ ୨,୧୪,୭୬୩ ଟଙ୍କା ଓ ବଲବୀର ପାଲ ସାହା ୨,୦୭,୦୦୦ ଟଙ୍କା। ଚୌଥାଲାଙ୍କ ପୁଅ ଅଜୟ ଚୌଥାଲା (ଜୁନିୟର ବେସିକ୍ ଟ୍ରେନ୍‌ଡ ଟିଚର ନିଯୁକ୍ତି କେଲେଙ୍କାରିରେ ଦଣ୍ଡିତ) ପାଉଛନ୍ତି ମାସକୁ ୫୧,୭୫୦ ଟଙ୍କା । ମୃତ ଏମ୍‌ଏଲ୍‌ଏଙ୍କ ବିଧବାମାନେ ବର୍ଷକୁ ୩୧୫ଲକ୍ଷ ଟଙ୍କା ପେନ୍‌ସନ ପାଉଛନ୍ତି: ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ଭଜନଲାଲଙ୍କ ସ୍ତ୍ରୀ ଜସ୍‌ମା ଦେବୀ ପାରିବାରିକ ପେନ୍‌ସନ ମାସକୁ ୯୯,୬୧୯ ଟଙ୍କା ସହିତ ନିଜେ ଭୂତପୂର୍ବ ଏମ୍‌ଏଲ୍‌ଏ ହିସାବରେ ଆଉ ଗୋଟିଏ ପେନ୍‌ସନ ୫୧,୭୫୦ ଟଙ୍କା ପାଉଛନ୍ତି ବୋଲି ଆର୍‌ଟିଆଇ ଉତ୍ତରରେ ଆସିଛି। କେତେକ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ୨୦୦୬ରୁ ପେନ୍‌ସନ ଉଠାଇବା ଆଇନ ଆମର ସାଂସଦମାନେ କରିଛନ୍ତି, କିନ୍ତୁ ସେମାନେ ନିଜେ ଅଧିକରୁ ଅଧିକ ପେନ୍‌ସନ ପାଇବାର ଆଇନ କରିନେଇଛନ୍ତି। ଏହାକୁ ଦେଖି ଦେଶକୁ ଖାଦ୍ୟ ଯୋଗାଉଥିବା କୃଷକମାନେ ଦାବି କଲେଣି ସେମାନଙ୍କୁ ପାୱାର ଓ ପ୍ରେଷ୍ଟିଜ୍ ସହିତ ପେନ୍‌ସନ୍ ମିଳୁ।

କେବେ ଭାବିଛନ୍ତି କି ଆମ ଗଣତନ୍ତ୍ରରେ କି କି ପ୍ରକାରର ବିକାଶ ଆଣିଛନ୍ତି ଆମ ରାଜନୈତିକ ଦଳମାନେ! ଯାହାର ସମ୍ମତି ନେଇ ପ୍ରତିନିଧି ହୋଇ ତୁମେ ସଭାକୁ ଆସିବ ତା' ଆବଶ୍ୟକତା ପୂରଣ କରିବା ଲାଗି ପରସେଣ୍ଟେଜ୍ ମାଗିବ? ଏମିତି କାମକୁ ଦଳ ଉତ୍ସାହିତ କରୁଛି। କୌଣସି ରାଜନୈତିକ ଦଳ ଭାବୁନାହିଁ ଜନସେବା କରିବା ଆଳରେ ପକେଟ ସେବା କରିବା ଏକ ବିଡମ୍ବନା ବୋଲି। ଘର, ବିଜୁଳି, ପାଣି, ଫୋନ୍ ଆଦି ମାଗଣା। ନିର୍ବାଚନମଣ୍ଡଳୀ ସମ୍ଭାଳିବା ନାଁରେ ନିଜ ଘର ବା ସମ୍ପର୍କୀୟର ଘର ପାଇଁ ଭଡ଼ା ନେବା, ନିଜ କୁଟୁମ୍ବ ଓ ସମ୍ପର୍କୀୟଙ୍କୁ ଚାକିରି ଦେଇ ସେ ବାବଦ ଦରମାତକ, ଅନ୍ତତଃ ଦରମାର ସିଂହଭାଗ ନିଜ ପକେଟରେ ଭର୍ତ୍ତି କରିବା କେତେକ ପ୍ରତିନିଧିଙ୍କ କାମ ହୋଇଯାଇଛି। ଦେଶର ଯେ କୌଣସି ସ୍ଥାନକୁ ସାଙ୍ଗରେ ଜଣେ ନେବାକୁ ଯେଉଁ ବ୍ୟବସ୍ଥା କରିନେଇଛନ୍ତି ତାହା ଯୋଗୁ ରେଳ ଓ ବିମାନ ଟିକେଟ ପାଇଁ ବିକଳରେ ଥିବା ଲୋକଙ୍କୁ ଟିକେଟ ଯୋଗାଇ ଉପୁରି ମାରିହେଉଛି। ସ୍କୁଲ କଲେଜ ଆଡମିଶନ କୋଟା, ହସ୍ପିଟାଲ ବେଡ୍ କୋଟା ଭଳି ବହୁବିଧ କୋଟା ଉପୁରି ଆଦାୟର ଉତ୍ସ ହୋଇଗଲାଣି। ସାଧାରଣ ନାଗରିକଟିଏ ଯାହାକୁ ବେଆଇନ ବା ଅସଙ୍ଗତି କହେ ତାକୁ ସଙ୍ଗତ ଅର୍ଥାତ୍ ଆଇନଗତ କରିନେବାର କ୍ଷମତା ସମ୍ବିଧାନ ଦେଇଛି ଆମର (ଏବେ ଦଳର) ବିଧାୟକ ଓ ସାଂସଦମାନଙ୍କୁ। କାମ ନ କରି ଦରମା ନେବା, କାମ ନ କରି କାମ କରୁଥିବାର ଅଭିନୟ କଲେ ସାଧାରଣ ନାଗରିକଟିଏ ଦଣ୍ଡନୀୟ ଅପରାଧରେ ପଡ଼େ, କିନ୍ତୁ ବିଧାୟକ ବା ସାଂସଦ ପାଇଁ ସାତଖୁଣ ମାଫ୍।

-sahadevas@yahoo.com

# ଧ୍ୱନି ପ୍ରଦୂଷଣ ପ୍ରଭାବ



ଉପେନ୍ଦ୍ର ବିଶ୍ୱାଳ

ଭସାଣି ଶୋଭାଯାତ୍ରା ହେଉ କି ବିବାହ ଅବା ନେତାଙ୍କ ବିଜୟ ଶୋଭାଯାତ୍ରା, ଡିଜେ ଯନ୍ତ୍ରର କର୍କଶ ଶବ୍ଦ ମଣିଷକୁ କଲବଲ କରିପକାଏ। ଗତ ଗଣେଶ ଓ ବିଶ୍ୱକର୍ମାଙ୍କ ପୂଜା ପରେ ପରେ ମୃଣ୍ମୟ ମୂର୍ତ୍ତି ଭସାଣି ବେଳେ ଡିଜେ ଯନ୍ତ୍ରର ବିକଟାଳ ଧ୍ୱନିରେ ଅତିଷ୍ଠ ହୋଇ ବାଲେଶ୍ୱର ଜିଲାର ଜଣେ ପୋଲିସ ଅଧିକାରୀ ତ ଦୁଇ କାନରେ ହାତ ଦେଇ ଶୋଭାଯାତ୍ରାକୁ ପଛକରି ଦୂରରେ ଛିଡ଼ା ହୋଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା ଗଣମାଧ୍ୟମରେ। ଯଦି ଜଣେ ସୁସ୍ଥ ମଣିଷ ପକ୍ଷରେ ଏହା ଏମିତି ଅସହ୍ୟ ମନେହୁଏ, ତେବେ ରାସ୍ତାପାର୍ଶ୍ୱସ୍ଥ ଡାକ୍ତରଖାନା ରୋଗୀଙ୍କ ଅବସ୍ଥା, ରାସ୍ତାପାର୍ଶ୍ୱ ଘରେ ରହୁଥିବା ହୃଦ୍‌ରୋଗୀ, ଗର୍ଭବତୀମାନଙ୍କ ଅବସ୍ଥା କ'ଣ ହେଉଥିବ, ତାହା ସହଜେ ଅନୁମେୟ।

ବର୍ଷଟିଏ ପାଇଁ ହେଲେ ବି ମାଆଙ୍କ ମେଲାଣି ଅବା ଆମ ଆରାଧ୍ୟଙ୍କ ବିଦାୟ ଜନିତ ବିଷାଦ ବେଳାରେ ଡିଜେ ବଜାଇ ଆନନ୍ଦ ବିଭୋର ହୋଇ ଏମିତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା କ'ଣ ପ୍ରଶଂସନୀୟ? ଶୁଭ କାର୍ଯ୍ୟରେ ବାହାରିଲା ବେଳେ ସଭିଙ୍କ ଆଶୀର୍ବାଦ ଆପଣାଇବା ହେଉଛି ଭବ୍ୟ ଭାବନାର ପରିଚୟ। ମାତ୍ର ବିବାହର ଶୁଭ ଶୋଭାଯାତ୍ରାରେ ଡିଜେ ଯନ୍ତ୍ର ଜନିତ ଯନ୍ତ୍ରଣା ଦ୍ୱାରା ଅନ୍ୟର ଦୁଃଖର କାରଣ ସାଜିବା, ସେମାନଙ୍କ ବିରକ୍ତିଭାବ ଓ ଗାଳିକୁ ଆମନ୍ତ୍ରଣ କରିବା ବିଚାରବନ୍ତ ମଣିଷମାନଙ୍କ ପକ୍ଷେ ଶୋଭନୀୟ ନୁହେଁ। ଲୋକଙ୍କ ଏତାଦୃଶ ବିରକ୍ତିଭାବର ପ୍ରଭାବ ବର–କନ୍ୟାଙ୍କ ଉପରେ କ'ଣ ପଡୁ ନ ଥିବ? ବରକନ୍ୟାଙ୍କ ଦୀର୍ଘ ସୁଖଦ ଦାମ୍ପତ୍ୟ ଜୀବନ କାମନା କରି ଆମ୍ଭେ ପରା ବିବାହ ଉତ୍ସବ ଆୟୋଜନ କରିଥାଉ ସଭିଙ୍କ ଆଶୀର୍ବାଦ ପ୍ରାପ୍ତ ହେବାକୁ! ଯେଉଁଥିରେ ବନ୍ଧୁ, ପରିଜନ, ଜ୍ଞାତି, କୁଟୁମ୍ବ ଆଦି ଯୋଗଦେଇ ବରକନ୍ୟାଙ୍କୁ ଆଶୀର୍ବାଦ କରିଥାନ୍ତି। ଯଦି ଏହାର ଓଲଟା ପ୍ରତିଫଳନ ହୁଏ ଅର୍ଥାତ ବିରକ୍ତିକର ଡିଜେ ଶୋଭାଯାତ୍ରା ଯୋଗୁ ବରକନ୍ୟାଙ୍କ ଉପରେ ଆଶୀର୍ବାଦ ପରିବର୍ତ୍ତେ ଗାଳି ପଡେ, ତେବେ ଆମ୍ଭର ଏ ବ୍ୟବସ୍ଥାର ମୂଲ୍ୟ ରହିଲା କେଉଁଠି? ଗାଳି, ଅଭିଶାପ ବା ଅପମାନସୂଚକ ଶବ୍ଦର ଯେ ପ୍ରଭାବ ରହିଛି, ଏ କଥା ଆଜିର ବିଜ୍ଞାନ ସ୍ୱୀକାର କରିଛି। ନେଦରଲାଣ୍ଡର ଏକ ବିଶ୍ୱବିଦ୍ୟାଳୟରେ ଏହା ଉପରେ ଗବେଷଣା କରିବାରୁ ଜଣାପଡ଼ିଲା ଯେ, କୌଣସି ବ୍ୟକ୍ତି ପ୍ରତି ଆଶୀର୍ବାଦ/ମଧୁର ଶବ୍ଦ ଅପେକ୍ଷା ଖରାପ/କଟୁ ଶବ୍ଦ କ୍ଷିପ୍ର ଗତିରେ ଯାଇ ସେହି ବ୍ୟକ୍ତିର ମସ୍ତକରେ ନକାରାତ୍ମକ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ପରିଣତିରେ ଉକ୍ତ ବ୍ୟକ୍ତି ଦେହରେ ଏକପ୍ରକାର କ୍ଷତିକାରକ ହରମୋନ କ୍ଷରଣର ମାତ୍ରା ବୃଦ୍ଧି ପାଇଥାଏ।

ଆମେମାନେ ପ୍ରକୃତିଛଡ଼ା ହୋଇ ପ୍ରଦୂଷଣପ୍ରେମୀ ହୋଇଗଲୁଣି। ରାବଣପୋଡ଼ିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ବାଣଫୁଟାଇ ଶବ୍ଦ ଓ ବାୟୁ ପ୍ରଦୂଷଣ କରି ପାଳନ କରୁ ବିଜୟର ପର୍ବ ଦଶହରା। ସେମିତି ଆଲୋକ ବା ଆନନ୍ଦର ପର୍ବ ଦୀପାବଳିରେ କୋଟି କୋଟି ଟଙ୍କାର ବାଣ ଫୁଟାଇ ବିଷାକ୍ତ ଧୂଆଁରେ ପରିବେଶକୁ ଆଚ୍ଛାଦିତ କରେଇବାରେ



ଆମ୍ଭର ଅପାର ଆନନ୍ଦ। ପୂଜାମଣ୍ଡପରେ ଜୋରରେ ମ୍ୟୁଜିକବକ୍ସ ବଜେଇ ଲୋକଙ୍କୁ ଅତିଷ୍ଠ କରିବା ଓ ବିରକ୍ତିଭାବ ସୃଷ୍ଟିକରି ଆଧ୍ୟାତ୍ମିକତାର ଡିଣ୍ଡିମ ପିଟିବା ଏକପ୍ରକାର ପ୍ରହସନ ନୁହେଁ କି?

ରୋଷଣୀ ବା ବାଣ ଫୁଟିବା ଯୋଗୁ ପ୍ରାୟ ୯୦ ଡେସିବ୍ଲର ଧ୍ୱନି ସୃଷ୍ଟି ହୁଏ। ଏପରିକି ବଡ଼ ବଡ଼ ବାଣ ୧୨୦ ଡେସିବ୍ଲରୁ ବି ଅଧିକ ଧ୍ୱନି ସୃଷ୍ଟି କରେ। ଏଇଠୁ ଆମେ ଅନୁମାନ କରିପାରିବା ଡିଜେ ଦ୍ୱାରା ସୃଷ୍ଟ ଉଚ୍ଚ ଧ୍ୱନି (୧୦୦ ଡେସିବ୍ଲରୁ ଅଧିକ) କେତେ କ୍ଷତିକାରକ। ଆମ ପାଇଁ ଦିନବେଳେ ସର୍ବାଧିକ ୫୫ ଡେସିବ୍ଲ ଓ ରାତ୍ରିବେଳେ ୪୫ ଡେସିବ୍ଲ ମାତ୍ରାର ଧ୍ୱନି ସହନୀୟ ଓ ଗ୍ରହଣୀୟ, ଯାହାକି କ୍ଷତିକାରକ ନୁହେଁ। ମାତ୍ର ଅତି ଉଚ୍ଚମାତ୍ରାର ଧ୍ୱନି ଅନେକ କ୍ଷତିର କାରଣ ସାଜେ। ଉଚ୍ଚମାତ୍ରାର ଧ୍ୱନି ଦ୍ୱାରା ସ୍ମରଣଶକ୍ତି ହ୍ରାସ, ଉଚ୍ଚ ରକ୍ତଚାପ, ମୁଣ୍ଡବିନ୍ଧା, ହୃଦ୍‌ରୋଗ ଆଦି ସୃଷ୍ଟି ସହିତ ମାନସିକ ବିକାରଗ୍ରସ୍ତର କାରଣ ସାଜିଥାଏ। ବିଶେଷକରି ଗର୍ଭବତୀ, ହୃଦ୍‌ରୋଗୀ ଓ ମାନସିକ ରୋଗୀମାନେ ଏଥିରେ ଅଧିକ ଶିକାର ହୁଅନ୍ତି। ଗର୍ଭରେ ଥିବା ଶିଶୁ ଉପରେ ଏହାର ପ୍ରଭାବ ରହିଛି। ଉଚ୍ଚମାତ୍ରାର ଧ୍ୱନି ଗର୍ଭରେ ଥିବା ଶିଶୁର ହୃଦ୍‌ସ୍ପନ୍ଦନ ବଢ଼େଇବା ସହିତ ରକ୍ତ ସଞ୍ଚାଳନରେ ବ୍ୟାଘାତ ପହଞ୍ଚେଇଥାଏ। ବେଳେ ବେଳେ ଅତି ଉଚ୍ଚମାତ୍ରାର ଧ୍ୱନି ପ୍ରଭାବରେ ଶିଶୁଟି ମୂକବଧିର ହୋଇ ଜନ୍ମ ନେବାର ସମ୍ଭାବନା ଥାଏ। ଏପରିସ୍ଥଳେ ଚିକିତ୍ସାଳୟ ସଂଲଗ୍ନ ରାସ୍ତାରେ କାନଫଟା ଶବ୍ଦ ସହିତ ଭସାଣି ଓ ବିବାହ ଶୋଭାଯାତ୍ରାରେ ଯିବା କେତେଦୂର ଯୁକ୍ତିଯୁକ୍ତ ତାହା ହିଁ ବିଚାର୍ଯ୍ୟ। ପୁନଶ୍ଚ ଚିକିତ୍ସାଳୟ, କାର୍ଯ୍ୟାଳୟ, କୋର୍ଟ କଚେରି, ବିଦ୍ୟାଳୟ ଆଦି ଅଞ୍ଚଳ ତ ଆଇନତଃ 'ନିଃଶବ୍ଦ ଅଞ୍ଚଳ' ଭାବେ ଘୋଷିତ, ଯାହାର ୧୦୦ ମିଟର ଦୂରତା ମଧ୍ୟରେ କୌଣସି ପ୍ରକାର ଶୋଭାଯାତ୍ରା, ଡାକବାଜି ଯନ୍ତ୍ରର ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ।

ନାନାଦି କୁପ୍ରଭାବକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ମଧ୍ୟ ଏତାଦୃଶ ଶବ୍ଦ ପ୍ରଦୂଷଣ ଉପରେ ଲଗାମ ଲଗେଇଛନ୍ତି ଏବଂ ଶବ୍ଦ ପ୍ରଦୂଷଣ ଆଇନକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ମଧ୍ୟ ୨୦୦୦ ମସିହାରେ ଶବ୍ଦ ପ୍ରଦୂଷଣ (ନିୟନ୍ତ୍ରଣ ଓ କାର୍ଯ୍ୟକାରିତା) ବିଧେୟକ ପ୍ରଣୟନ କରିଛି। ଏହି ନିୟମକୁ କାର୍ଯ୍ୟକାରୀ କରି ଧ୍ୱନି ପ୍ରଦୂଷଣ ଉପରେ ଅଙ୍କୁଶ ଲଗେଇବାକୁ ସ୍ଥାନୀୟ ପ୍ରଶାସନକୁ କ୍ଷମତା ଅର୍ପଣ କରାଯାଇଛି। ସବୁଠାରୁ ବଡ଼କଥା ହେଉଛି ଏହି ପ୍ରକାର ବର୍ବରତାଠାରୁ ରକ୍ଷାପାଇବା ପାଇଁ ପ୍ରଶାସନର ନିଘା ଓ ନିଷ୍ଠା ସହିତ ଜନସାଧାରଣଙ୍କ ସତର୍କପଣିଆ ନିହାତି ଜରୁରୀ। ଅତଏବ ଆସନ୍ତୁ ନିଜ ବିବେକକୁ ଟିକେ ଜାଗ୍ରତ କରିବା, ଡିଜେ ଯନ୍ତ୍ରଠାରୁ ଦୂରେଇ ରହିବା ଏବଂ ସମସ୍ତ ପ୍ରକାର ବର୍ବରତାକୁ ବିରୋଧ କରିବା। ଉଚ୍ଚମାତ୍ରାର ଧ୍ୱନିକୁ 'ନା' କରି ଉଚ୍ଚମାନର ଚିନ୍ତା ଓ ଚେତନାକୁ ଆପଣେଇବା। କାରଣ ଆମେ ପଶୁ ନୁହଁ ମଣିଷ, ଯିଏ କି ସଦା ଊର୍ଦ୍ଧ୍ୱମୁଖୀ, ଅର୍ଥାତ ଯାହାର ମୁଣ୍ଡ (ଚିନ୍ତା, ଚେତନାର ଯନ୍ତ୍ରବାକ୍ସ) ସଦା ଊର୍ଦ୍ଧ୍ୱମୁଖୀ।

**ଗୋଡିଶୁଳ, ସଜନାଗଡ଼, ବାଲେଶ୍ୱର**
**ମୋ: ୯୪୩୭୪୩୬୦୭୩**

## ଏଇ ଭାରତରେ

ଗୋଆରେ ପ୍ଲାଷ୍ଟିକ ପ୍ରଦୂଷଣ ସେଠାକାର ପରିବେଶକୁ ବିଷାକ୍ତ କରିପକାଉଛି। ଏଥିରୁ ଗୋଆକୁ ମୁକ୍ତ କରିବା ଲାଗି ସଞ୍ଜୀବ ଖଣ୍ଡେଲୱାଲ ଆରମ୍ଭ କରିଛନ୍ତି ଏକ ଅଭିଯାନ, ଯାହାର ନାମ ହେଉଛି 'ମାକା ନାକା ପ୍ଲାଷ୍ଟିକ'। ଏହି ୱାନ୍ ମ୍ୟାନ୍ ମିଶନରେ ସେ ପ୍ଲାଷ୍ଟିକ ପ୍ରଦୂଷଣ ଦୂର କରିବା ଲାଗି କନାବ୍ୟାଗ୍ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ଯେ ପ୍ରତିଦିନ ଗୋଆରେ ୬୦,୦୦୦ରୁ ଅଧିକ ପ୍ଲାଷ୍ଟିକ କ୍ୟାରିବ୍ୟାଗ୍ ବ୍ୟବହାର ହେଉଛି। ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର ଦୂର କରିବା ଲାଗି ସଞ୍ଜୀବ ଅକ୍ଟୋବର ୨୦୨୧ରେ ମାକା ନାକା ଅଭିଯାନ ଆରମ୍ଭ କରିଥିଲେ। ଏହି ଅଭିଯାନ ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ସେନ୍‌ସିବଲ୍ ଆର୍ଥ 'ସଂସ୍ଥା ମାଧ୍ୟମରେ ଚାଲୁଛି। ସେ ବ୍ୟକ୍ତି କିମ୍ବା ବିଭିନ୍ନ ସଂସ୍ଥାରୁ ଅଦରକାରୀ କିମ୍ବା ବ୍ୟବହୃତ କନା ସଂଗ୍ରହ କରି ସେଥିରେ ବ୍ୟାଗ ତିଆରି କରି ତାହାକୁ ଲୋକମାନଙ୍କୁ ମାଗଣାରେ ଦେଉଛନ୍ତି। ମାର୍କେଟକୁ ଆସୁଥିବା ଲୋକମାନଙ୍କୁ ସେ ୬,୦୦୦ କନାବ୍ୟାଗ୍ ବାଣ୍ଟି ସାରିଲେଣି। ଏବେ ସୁଦ୍ଧା ୧ ଲକ୍ଷ ବ୍ୟାଗ୍ ତିଆରି କରାଯାଇଛି ଓ ତାହାକୁ ବଣ୍ଟାଯିବା ଦ୍ୱାରା ୨ ମିଲିୟନ ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାରକୁ ରୋକାଯାଇପାରିବ ବୋଲି କହିଛନ୍ତି ସଞ୍ଜୀବ।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ଅକ୍ଟୋବର ୧୯୯୮**

- ବିହାର ସରକାର ପ୍ରଥମ କିସ୍ତିରେ ବକେୟା ବିଦ୍ୟୁତ୍ ବିଲ୍ ବାବଦରେ ୫୦ କୋଟି ଟଙ୍କା ନ୍ୟାସନାଲ ଥର୍ମାଲ ପାୱାର କର୍ପୋରେସନ (ଏନ୍‌ଟିପିସି)କୁ ପୈଠ କରିଛନ୍ତି।
- ଆଫଗାନ ତାଲିବାନ ଗେରିଲାଙ୍କଠାରୁ କେନ୍ଦ୍ର ଏସୀୟ ସାଧାରଣତନ୍ତ୍ରଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ରୁଷ ଏବଂ ଉଜବେକିସ୍ତାନ ମଧ୍ୟରେ ଏକ ଆଠବର୍ଷିଆ ଚୁକ୍ତି ସ୍ୱାକ୍ଷରିତ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 3 | | | 8 | 4 | | |
| 9 | | | | | 6 | 8 | | |
| | | | 9 | 5 | | | | |
| | 9 | | 2 | | 3 | 6 | | |
| | 3 | 6 | | | | | | |
| | 8 | | | | 1 | 2 | | 5 |
| | | | | | 4 | 1 | | |
| 4 | | | | 1 | | | | |
| | | | | 8 | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 2 | 3 | 7 | 9 | 6 | 8 | 5 |
| 7 | 9 | 6 | 5 | 1 | 8 | 2 | 3 | 4 |
| 3 | 8 | 5 | 4 | 6 | 2 | 7 | 1 | 9 |
| 2 | 3 | 4 | 6 | 9 | 1 | 5 | 7 | 8 |
| 9 | 6 | 8 | 7 | 5 | 3 | 4 | 2 | 1 |
| 5 | 7 | 1 | 8 | 2 | 4 | 9 | 6 | 3 |
| 8 | 2 | 7 | 1 | 4 | 5 | 3 | 9 | 6 |
| 1 | 5 | 9 | 2 | 3 | 6 | 8 | 4 | 7 |
| 6 | 4 | 3 | 9 | 8 | 7 | 1 | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦେବଦେବୀଙ୍କ ନାମ ଠିକ୍ ଲେଖ

ମହାଶୟ,

ଅନେକ ସମୟରେ ଲୋକେ ବିଭିନ୍ନ ଦେବଦେବୀଙ୍କ ନାମ ଠିକ୍ ଭାବରେ ଲେଖୁ ନ ଥିବା ଦେଖାଯାଉଛି। ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ। କେତେକ ଦେବଦେବୀଙ୍କ ଠିକ୍ ନାମର ଏକ ତାଲିକା ଏଠାରେ ଦିଆଗଲା। ଅନ୍ତର୍ଯାମୀ, କାଳିକା, କୃତ୍ତିବାସ, ଗଣେଶ, ଗିରୀଶ, ଗୌରୀ ଶଙ୍କର, ଗୋଲକ ବିହାରୀ, ଜନାର୍ଦ୍ଦନ, ତାରିଣୀ, ଦିଗମ୍ବର, ଦୁର୍ଗା, ଦାଶରଥି, ଦେବଦେବୀ, ଚତୁର୍ଭୁଜ, ଚଣ୍ଡିକା, ଚନ୍ଦ୍ରଚୂଡ, ନୀଳାଦ୍ରି ବିହାରୀ, ପୀତାମ୍ବର, ବୀଣାପାଣି, ବିରୂପାକ୍ଷ, ବିଶ୍ୱମ୍ଭର, ବାଲୁକେଶ୍ୱର, ଭଗବାନ୍, ଭଟ୍ଟାରିକା, ଯମେଶ୍ୱର, ଭୁବନେଶ୍ୱରୀ, ମଧୁସୂଦନ, ଶଙ୍କର୍ଷଣ, ଶଶିଭୂଷଣ, ଶମ୍ଭୁନାଥ ଓ ହୃଷୀକେଶ ଇତ୍ୟାଦି। ଅନେକ ଲେଖିଥିବା ଭୁଲ୍ ନାମଗୁଡ଼ିକ ହେଉଛି, ଅନ୍ତର୍ଯ୍ୟାମୀ, ଗୋଲୋକ ବିହାରୀ, ଦିଗାମ୍ବର, ଦେବାଦେବୀ, ନିଳାଦ୍ରୀ ବିହାରୀ, ଭଗବାନ, ଯମେଶ୍ୱର, ହୃଷିକେଶ, ତାରୀଣି ଓ ବାଲୁଙ୍କେଶ୍ୱର ଇତ୍ୟାଦି।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

''ବେଦନାର ଅଶ୍ରୁକଣା
ଝରେ ଯେବେ ନୟନର କୋଣୁ
''ହୃଦୟ ଶୀତଳ କରି
ଧରା ଧୂଳି ଝାଡି ଦେଇ ମନୁ।
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଜ୍ୟରେ ଦୈନିକ କୋଟିଏରୁ ଊର୍ଦ୍ଧ୍ୱ ଅଣ୍ଡା ଉତ୍ପାଦନ ହେଉଛି: ମନ୍ତ୍ରୀ

ଭୁବନେଶ୍ୱର,୧୩।୧୦
(ସୁନିତ୍ ମିଶ୍ର)

ଅଣ୍ଡା ଚାହିଦା ବଢୁଥିବା ବେଳେ ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧିର ଯଥେଷ୍ଟ ସୁଯୋଗ ରହିଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗୀଙ୍କ ଜରିଆରେ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଅଣ୍ଡାଦିଆ କୁକୁଡ଼ା ପାଳନ କୃଷକଙ୍କ ଆୟ ବୃଦ୍ଧିରେ ସହାୟକ ହେଉଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ କୁକୁଡ଼ା ଫାର୍ମ ପ୍ରତିଷ୍ଠା କରିବା ଲାଗି ରାଜ୍ୟର ଉଦ୍ୟୋଗୀମାନଙ୍କୁ କୋଟିଏ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି। ରାଜ୍ୟରେ ଦୈନିକ ୧ କୋଟିରୁ ଊର୍ଦ୍ଧ୍ୱ ଅଣ୍ଡା ଉତ୍ପାଦନ ହେଉଛି। ଏହି ଧାରା ବଜାୟ ରଖି ଓଡ଼ିଶାକୁ ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହ ଏକ ବଳକା ରାଜ୍ୟରେ ପରିଣତ କରିବା ପାଇଁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଲୋକସେବା ଭବନର କନ୍‌ଭେନ୍‌ସନ ସେଣ୍ଟରଠାରେ ଶୁକ୍ରବାର ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଅଣ୍ଡାରେ ବିଭିନ୍ନ ପ୍ରକାର ଖାଦ୍ୟସାର ଯଥା –ଲିଉଟିନ୍, ଜାନଥିନ୍, କୋଲିନ୍, ଓମେଗା–୩ ଫ୍ୟାଟି ଏସିଡ୍, ଭିଟାମିନ୍ ଡି, ଆମିନୋ ଏସିଡ୍, ସ୍ନେହସାର ଭିଟାମିନ୍ ବି–୧୨ ଓ ଫୋଲିକ୍ ଏସିଡ୍ ଥିବାରୁ ଏହା ଏକ ସମ୍ପୂର୍ଣ୍ଣ ଖାଦ୍ୟ ଭାବେ ବିବେଚିତ ହୋଇଥାଏ ବୋଲି ସେ କହିଛନ୍ତି। ସମାରୋହରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଅଣ୍ଡାର ଖାଦ୍ୟଗୁଣ ଓ ଏହାର ଉପକାରିତା ବିଷୟରେ ଲୋକଙ୍କୁ ସଚେତନ କରାଇଛନ୍ତି।

# ୧ଲକ୍ଷ ୩୫ ହଜାରରେ ବିକ୍ରିହେଲା ସାମୁଦ୍ରିକ କଉ



ଧରାଯାଇଥିବା ସାମୁଦ୍ରିକ କଉ ମାଛ।

ଭୋଗରାଇ,୧୩।୧୦
(ପ୍ରଦୀପ ଦାସ)

୧୧ଦିନ ବ୍ୟବଧାନ ପରେ ପୁଣି ଏକ ବିଶାଳକାୟ ସାମୁଦ୍ରିକ କଉ ମାଛ ଗଭୀର ସମୁଦ୍ରରୁ ଧରାଯାଇଛି। ବାଲେଶ୍ୱର ଜିଲା ବଳରାମଗଡ଼ି ମତ୍ସ୍ୟ ଅବତରଣ କେନ୍ଦ୍ରର ଟ୍ରଲର ମାଲିକ ସାବାଦ ଅଲ୍ଲୀଖାଁଙ୍କ ଟ୍ରଲରରେ ମତ୍ସଜୀବୀମାନେ ଏହି ବିରଳ ପ୍ରଜାତିର ମାଛକୁ ଧରି ଦୀଘା ମୁହାଣ ମାଛ ମାର୍କେଟକୁ ଶୁକ୍ରବାର ବିକ୍ରି କରିବାକୁ ଆଣିଥିଲେ। ଏହି ମାଛର ଓଜନ ୨କୁଇଣ୍ଟାଲ ହୋଇଥିବାବେଳେ ବାଂଲାଦେଶର ଡଲଫିନ କମ୍ପାନୀ ୧ଲକ୍ଷ ୩୫ହଜାର ଟଙ୍କାରେ ଏହି ମାଛକୁ କିଣି ନେଇଛି। ବିଦେଶରେ ଏହାର ଦାମ୍ ଅଧିକ। ମାଛ ଶରୀର ବ୍ଲାଡାରରୁ ଔଷଧ ଓ ମଣିଷ ଅପରେଶନ ବେଳେ ଏକ ମୂଲ୍ୟବାନ ସୂତା ବ୍ୟବହାର ହୁଏ ବୋଲି କୁହାଯାଉଛି। ଚଳିତ ଋତୁରେ ୪ଟି ଏହି ପ୍ରଜାତିର ସାମୁଦ୍ରିକ କଉ ବଙ୍ଗୋପସାଗରରେ ଧରାଯାଇ ଦୀଘା ମାଛ ମାର୍କେଟରେ ନିଲାମ କରାଯାଇଥିଲା। ସବୁଠୁ ବଡ଼ ୨ କୁଇଣ୍ଟାଲ ମାଛ ଶୁକ୍ରବାର ନିଲାମ କରାଯାଇଥିବା ଦୀଘା ଫିଶରମ୍ୟାନ ଆଣ୍ଡ ଫିଶର ଅର୍ଗାନାଇଜେଶନ ପକ୍ଷରୁ ସୂଚନା ଦିଆଯାଇଛି।

# ନକଲି ପୋଲିସକୁ ଧରିଲା ଅସଲି

ରାଉରକେଲା,୧୩।୧୦
(ସଙ୍ଗୀତା ଜେନା)

ଲୋକଙ୍କୁ ହୋମଗାର୍ଡ ଚାକିରି କରାଇଦେବା ଆଳରେ ଜଣେ ଯୁବକ ନକଲି ପୋଲିସ ସାଜି ପ୍ରାୟ ୩ ଲକ୍ଷ ଟଙ୍କା ଠକି ନେଇଥିବା ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ କରି ପୋଲିସ ଉକ୍ତ ନକଲି ପୋଲିସକୁ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅଜୟ ଜୟପୁରିଆ(୩୫)। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୦୮/୨୩) ରୁଜୁ କରିଛି। ସୂଚନା ଅନୁସାରେ, ଅଜୟ ସୁନ୍ଦରଗଡ଼ କୁତ୍ରା ଗୋଲେଇପଡ଼ାରେ ରୁହନ୍ତି। ସେ ଏଭଳି ହୋମ୍‌ଗାର୍ଡ ଚାକିରି କରାଇ ଦେବାକୁ କହି ଯୁବତୀ ଯୁବକଙ୍କଠାରୁ ମୋଟାଅଙ୍କର ଟଙ୍କା ଆଦାୟ କରୁଥିଲେ। ତେବେ ଚାକିରି ନ ହେବାରୁ ଟଙ୍କା ଦେଇଥିବା ଯୁବତୀ ଯୁବକ ଏ ନେଇ ରଘୁନାଥପାଲି ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରୁଥିଲା। ଶୁକ୍ରବାର ଅଜୟ ନିଜ ଶ୍ୱଶୁର ଘର ଜଲଦାକୁ ଆସିଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ଘରୁ ପୋଲିସ ପୋଷାକ, ଟୋପି, ପରିଚୟ ପତ୍ର ଆଦି ଜବତ କରାଯାଇଛି।

# ତାଳସାରୀ ବେଳାଭୂମିରୁ ଧରାଗଲା ୧୩ ଫୁଟର କୁମ୍ଭୀର



ଉଦ୍ଧାର ହୋଇଥିବା କୁମ୍ଭୀର।

ଭୋଗରାଇ,୧୩।୧୦
(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିରୁ ୧୩ ଫୁଟ ଲମ୍ବର ଏକ କୁମ୍ଭୀରକୁ ଉଦୟପୁର ବନ ବିଭାଗ ଶୁକ୍ରବାର ସକାଳେ କାବୁ କରିଛି। କୁମ୍ଭୀର ଅସୁସ୍ଥ ହୋଇଥିବାରୁ ଗାଡ଼ି ଯୋଗେ ବାଲେଶ୍ୱର ପ୍ରାଣୀଧନ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଯିବା ପରେ ଭୁବନେଶ୍ୱର ନନ୍ଦନକାନନକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଉକ୍ତ ବିଶାଳକାୟ କୁମ୍ଭୀର ବାଲିଚଢ଼ରେ ନିଜ ଶରୀରକୁ ଢାଙ୍କିଦେଇ ମୁହଁ ଖୋଲା ରଖିଥିଲା। ମତ୍ସ୍ୟଜୀବୀମାନେ ସେହି ଚଢରେ ବିଶ୍ରାମ ନେବାକୁ ଯାଇ ଏକ କାଠ ଗଣ୍ଡି ପଡ଼ିଥିବା ଭାବି ସେଥିରେ ବସିବାକୁ ଯାଉଥିଲେ। ହଠାତ୍ କୁମ୍ଭୀରକୁ ଦେଖି ପ୍ରାଣ ଭୟରେ ପଳାଇଯାଇ ବନବିଭାଗକୁ ଖବର ଦେଇଥିଲେ। ବନପାଳ ପରମାନନ୍ଦଙ୍କ ନେତୃତ୍ୱରେ ବନରକ୍ଷୀ ସଞ୍ଜୟ କୁମାର ମହାନ୍ତିଙ୍କ ସମେତ ୧୦ଜଣ ବନ କର୍ମଚାରୀ ସେଠାକୁ ଯାଇ କୁମ୍ଭୀରକୁ କୌଶଳକ୍ରମେ ଜାଲ ଘେରି କାବୁ କରିବା ସହିତ ମୋଟା ରଶିରେ ମୁହଁ ଓ ଶରୀରକୁ ବାନ୍ଧି ଭୁଟୁଭୁଟି ଯୋଗେ ବିଚିତ୍ରପୁର ଇକୋ ଟୁରିଜିମ୍‌କୁ ଆଣିଥିଲେ। ଏହି ବେଳାଭୂମିରୁ ପ୍ରଥମ ଥର ପାଇଁ ବିଶାଳକାୟ କୁମ୍ଭୀର ଧରାଯାଇଥିବାରୁ ପର୍ଯ୍ୟଟକ ଓ ମତ୍ସ୍ୟଜୀବୀଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି।


## ODISHA SCHOOL EDUCATION PROGRAMME AUTHORITY
"SHIKSHA SOUDHA", UNIT-V, BHUBANESWAR-751001
Website-osepa.odisha.gov.in, E mail-opepaedu@yahoo.co.in

No. 12030/Ped/2023 Dated. 12/10/2023
M (SURAVI)-638

**NOTICE INVITING TENDER (NIT)**

**No.n-199:**Sealed Tenders are invited from eligible outdoor food supplier/catering service provider for supply of food to the participants of State Level Children's Festival "SURAVI-2023" scheduled to be held from 14th-16th November-2023 at Govt. Boys High School, Unit-09, Bhubaneswar as detailed below.

| Name of the Assignment | Bid Security (EMD) (refundable without interest) (in Rs.) | Last Date of receipt of Tender | Date & Time of opening of Tender |
|---|---|---|---|
| 1 | 2 | 3 | 4 |
| Selection of outdoor food supplier/catering service provider for supply of food to the participants of State Level Children's festival "SURAVI-2023" | 1,00,000/- | During office hour upto 02.11.2023 of all working days. | 11 AM of 03.11.2023 |

The detailed BID document is available in the website of OSEPA **osepa.odisha.gov.in.** Interested and eligible agency/firm may download BID DOCUMENT from website **osepa.odisha.gov.in** and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Authority (OSEPA) reserves the right to accept / reject any / all BIDs / cancel the entire selection process at any stage without assigning any reason thereof.

Sd./- STATE PROJECT DIRECTOR
OIPR-27068/11/0028/2324

## OFFICE OF THE DIVISIONAL FOREST OFFICER, KALAHANDI SOUTH DIVISION
At/Po-Parmanandapur, Bhawanipatna, Ward No.4, Rly.Station Road, Dist-Kalahandi,Odisha,Pin Code-766002
Phone & Tele Fax No.-06670-295360 (O), Email ID:dfo.kalahandisouth@odisha.gov.in
Letter No.5775, Dt.10.10.2023

**CORRIGENDUM**

Bid Identification No. BC-DFOKLDS-01/2023-24, dt.07.10.2023

**No.MM-213:**In view of typographical error occurred in the Bid Identification No.BC-DFOKLDS-01/2023-24, dt.07.10.2023 of Divisional Forest Officer, Kalahandi South Division, the following changes have been made in column No.5.
**LIST OF WORKS FOR BIDDING:-**

| Sl. No. | Name of Work | Approximate Value of Work (Excluding GST) (Rs. in Lakhs) | Bid Security in Thousands | Cost of Tender Document in online | Class of Contractors | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Consrtruction of Forest Guard with compund wall, PH & EI quarter at Dudkathenga Beat of Behera in Dharmagarh Range under CAMPA APO 2023-24 Plinth area- 500 Sq.ft, Office area-126 Sq.ft. **Total Area-626 Sq.ft** | Rs.1395629/- | Bid Security Declaration as per Works Deptt. OM No. 4710, Dt.12.04.2022 | Rs.6000/- | C & D | 04 (Four) Calendar Months |
| 2 | Construction of Forest Guard quarter with compound wall, PH & EI at Kutru Beat of Ampani Barrack in Dharmagarh Range under CAMPA APO 2023-24 Plinth area- 500 Sq.ft, Office area-126 Sq.ft. **Total Area-626 Sq.ft** | Rs.1398745/- | | Rs.6000/- | C & D | 04 (Four) Calendar Months |

All other terms & conditions as mentioned in the tender notice No.BC-DFOKLDS-01/2023-24, dt.07.10.2023 will remain unchanged.
OIPR-08122/11/0005/2324 Sd./- Divisional Forest Officer, Kalahandi South Division

## STATE SELECTION BOARD
DEPARTMENT OF HIGHER EDUCATION
GOVT. OF ODISHA, BHUBANESWAR-09
No.1179/SSB Date:10.10.2023

**CORRIGENDUM TO ADVERTISEMENT FOR RECRUITMENT OF LECTURERS**

**No.N-88:**In partial modification of Sl.No.3 of the table under para 2(c) of Advertisement No.02/2023, dated 11.09.2023 for recruitment of Lecturers for Non-Government Aided Colleges, PwD candidates under LV Sub-Category (under Category-I:VI) are allowed to apply for the post of Lecturer in Mathematics only. All other conditions in Advertisement No. 02/2023 remain unchanged.
OIPR-11015/11/0012/2324 Sd./- Secretary

See Career Appointment on every Wednesday & Saturday

## ଜିଲ୍ଲା ପରିଷଦ, ସୁନ୍ଦରଗଡ଼
## ZILLA PARISHAD, SUNDARGARH, ORMAS, SUNDARGARH
Panchayati Raj & DW Deptt. Govt. of Odisha
Sundargarh-770001, Email:dsmssundergarh@gmail.com,Tele/Fax No.06622/275372

**TENDER CALL NOTICE No.418/ZP (ORMAS) dt.06.10.2023**

**No.CAD-2442:**ORMAS, Sundargarh invites sealed Tender from Interested experience firm/Agencies / Firm having successful track record on Tentage & Allied Works for Organisation of the National Level Exhibition at Exhibition Gound, Bhanja Bhawan,, Unit-5, Rourkela. The details is available on notice board of Zilla Parishad, Sundargarh are Official website www.ormas.org/www.sundergarh.nic.in.
Last date of Submission : 18.10.2023 (12.00 Noon)
Opening of the Tender : 18.10.2023 at 4.00 P.M., Zilla Parishad Office, Sundargarh
Sd./-Chief Development Officer-Cum-Executive Officer, Zilla Parishad, Sundargarh
OIPR-19260/11/0003/2324

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.shb.org

ପତ୍ର ସଂଖ୍ୟା: ୨୭୮ **ବିଜ୍ଞାପନ** ତା:୦୯।୧୦।୨୦୨୩

No. CAD-2429: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ୰ଜି. ଧର୍ମାରାଓ ପିତା– ଜି. ରାମାୟା ଓରଫ୍ ଜି. ରାମାରାଓ ସା./ପୋ.: ଜୟନ୍ତୀପୁର, ଥାନା: ଯାଉଡ଼ା, ତାଲୁକା, ଚିକିଟି ଜିଲ୍ଲା: ଗଞ୍ଜାମ | ଏଲ୍‌ଆଇଜି –୨/୨୬ (LIG-2/26) ନନ୍ଦିଘୋଷ ଏନ୍‌କ୍ଲେଭ ରଣସିଂହପୁର ହାଉସିଂ ପ୍ରକଳ୍ପ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୧. ଜି. ଭାରତୀ (ସ୍ତ୍ରୀ) ୨. ଶ୍ରେୟାଡ଼ି ରାଓ (ଅ.ବି. କନ୍ୟା) ୩. ବେଦ ପ୍ରକାଶ ଡି.ରାଓ (ପୁତ୍ର) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0398/2324

## OFFICE OF THE COLLECTOR & DISTRICT MAGISTRATE: KENDRAPARA (SOCIAL WELFARE SECTION)
No. 2104/SW dtd. 10.10.2023

**TENDER CALL NOTICE**

**No.g-98:**Sealed tenders are invited in prescribed form from intending registered Transporting Contractors / Agents / Firms for undertaking transportation of rice and wheat under SNP for the year 2023-24 in Kendrapara District.
The tender paper along with details of terms and conditions of tender can be obtained on payment of Rs. 10,000/- (Ten thousand) only by cash / Bank Draft in favour of the District Social Welfare Officer, Kendrapara from the office of the District Social Welfare Officer, Kendrapara from 11.00 AM to 3.00 PM on any working days from 10.10.2023 to 19.10.2023. The tender will be opened on 19.10.2023 at 4.00 P.M.
For details about the Tender Call Notice, please visit Kendrapara District Website i.e. http:// www.kendrapara.nlc.in
OIPR-24032/11/0002/2324 Sd./-COLLECTOR, KENDRAPARA

## MILK UNION SAMBALPUR
**VEHICLE REQUIRED ON HIRE**

**No.CAD-2423:**1. Max Pick up (2.5 Ton capacity) or similar type of vehicle required on Hire for Sulia-Padampur Milk Route running covering 132 K.M. both Morning & Evening Shift.
2. Max Pick up (2.5 Ton Capacity) or similar type of vehicle required on Hire for Dangbahal-Padampur Milk Route running covering 93 K.M. only Morning Shift.
3. TATA ACE or similar type of vehicle required on Hire for Antarda- Binka Milk Route running covering 120 K.M. both Morning & Evening Shift.
Interested Parties may purchase and submit Tenders by 20.10.2023. Tender Paper Cost-Rs.200/-+GST EMD-Rs.2.000/-
OIPR-39045/11/0003/2324

## OFFICE OF THE SUPERINTENDING ENGINEER ELECTRICAL CIRCLE (R&B)
NIRMAN SOUDHA, BHUBANESWAR
E-mail:seec.bbsr2010@gmail.com
**Bid Identification No.S.E.E.C. (R&B) 16/2023-24**
No.2008/Date:09.10.2023

**No.B-1069:**The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in https://tendersorissa.gov.in. The details of bid documents will be available in the above website from dt.13.10.2023 at 05.00 P.M. to dt.20.10.2023 upto 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.25.10.2023 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-Procurement portal www.tendersorissa.gov.in.
Addendum/Corrigendum, if required, will be available only in the website.
Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0023/2324

## The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2436 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.4826/RE/OSIC Dt.11.10.2023
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 2 nos. of works i.e. "Supply and installation of solar mini high mast light projects under MPLADs 2022-23 in Jajpur District" & "Supply and installation of solar mini high mast light projects under MPLADs 2023-24 in Jajpur District". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.
Sd/-
GENERAL MANAGER(O)
OIPR-14073/11/0060/2324

## OFFICE OF THE MUNICIPAL COUNCIL, SUNDARGARH
Tender Call Notice No. 8943 Dt.: 11.10.2023
COMPETITIVE BIDDING THROUGH e-Procurement
No. C-1622 **NOTICE INVITING TENDER**
Bid Reference No. SNGM-13/2023-24 / Dt.11.10.2023

1. Total No. of Works for which tenders Invited: 05 Nos.
2. Place of Execution: Different locations of Sundargarh Municipality
3. Estimated Cost of individual works excluding GST: Rs.5,00,110.00/- to Rs.16,69,755.00/-
4. Eligible Class of Contractors: Registered Contractors of Class - 'D' to Class - 'C' as indicated against each work mentioned in the tender call notice.
5. Intending biddes have to participate through "Online" bidding only. The website for online bidding is **https://www.tendersodisha.gov.in**.
6. The bid documents will be available in the above website from 11.00 A.M. of Dt.13.10.2023 to 5.00 P.M. of Dt.25.10.2023 for online bidding.
7. Bids received will be opened on e-Procurement System at 11.00 A.M. onwards on Dt.26.10.2023.
8. The bidder must possess valid and compatible : Digital Signature Certificate (DSC).
9. The DTCN for bid shall be available in the e-procurement portal **https://www.tendersodisha.gov.in** for online bidding.

Sd./- Executive Officer
Sundargarh Municipality
OIPR-13130/11/0019/2324

## GOVERNMENT OF ODISHA
FOREST, ENVIRONMENT & CLIMATE CHANGE DEPARTMENT
OFFICE OF THE DIVISIONAL FOREST OFFICER
BALLIGUDA FOREST DIVISION, BALIGUDA, KANDHAMAL- 762103
Tel:-06846-243249,Fax:06846-243066, e-mail:dfo_balliguda@yahoo.co.in
Bid Identification No.DFO.BLG 01/2023-24, dated 11.10.2023
Letter No.5778/ 1F, Dt.11.10.2023
No.MM-218: **NOTICE INVITING TENDER**

| Sl. No. | Name of the Work | Building works as per DTCN available in the website www.tendersodisha.gov.in. |
|---|---|---|
| 1 | Estimated Cost | Rs.10,11,849/- lakhs |
| 2 | No. of Works | One Forest Guard Quarter At Anagul under Balliguda Forest Range of Balliguda Forest Division |
| 3 | Period & time of completion | 03 (Three) Calendar Months |
| 4 | Date & Time of availability of the bid document in the portal | 20.10.2023 to 03.11.2023 (upto 4.00 PM) for Online Bidding |
| 5 | Last date/time for receipt of bids in the portal | Upto 5.00 P.M. of 03.11.2023 |
| 6 | Date & Time of bid opening | 11.30 hours on dated 04.11.2023 |
| 7 | Name & Address of the Officer Inviting Bid | Divisional Forest Officer, Balliguda Forest Division, Balliguda, Dist- Kandhamal, Pin- 762103 |

Others can be seen from Detailed Notice Inviting Tenders, available in website www.tendersodisha.gov.in. Corrigendum if any, shall only be published in the above website.
Sd./- Divisional Forest Officer,
Balliguda Forest Division
OIPR-08047/11/0001/2324

## BHUBANESWAR MUNICIPAL CORPORATION
e-Mail: ce@bmc.gov.in
**e-Procurement Notice**
No. 48552 Dt.11.10.2023
**BID Identification No. 17 Dt.10.10.2023**

No. C-1620: On behalf of the Commissioner, Bhubaneswar Municipal Corporation, City Engineer, BMC invites Percentage Rate Bids for the work mentioned below through e-Procurement in conformity with the terms and conditions of the Detailed Tender Call Notice (DTCN) in Two Bid System from intending bidders fulfilling the eligibility criteria mentioned in the DTCN. Each bid should be submitted online through the website **www.tendersodisha.gov.in** by eligible bidders.

1. No. of Works : 48 (Forty Eight) Nos.
2. Estimated Cost : Rs.208.85 Lakhs to 398.77 Lakhs
3. Class of Contractor : "B" & "A" Class
4. Period of Completion : 03 (Three) Calendar Months
5. Date and Time of availability of Bid document in the portal : From 11.00 A.M. of 16.10.2023 to 05.00 P.M. of 03.11.2023
6. Last date/time of submission of bids in the portal : 05.00 P.M. of 03.11.2023
7. Date of opening of Technical Bid from portal : 11.30 A.M. of 04.11.2023
8. Date of Opening of Financial Bid : Will be communicated later

Further details can be seen from the e-Procurement portal **https://www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.
Sd./- City Engineer
Bhubaneswar Municipal Corporation
OIPR-13002/11/0185/2324

## GOVERNMENT OF ODISHA
DEPARTMENT OF WATER RESOURCES
INVITATION FOR BIDS (IFB)
OFFICE OF THE EXECUTIVE ENGINEER,
BOUDH IRRIGATION DIVISION, BOUDH, Pin-762014
e-mail id: eebidboudh@gmail.com
"e"-Procurement Notice No.08/2023-24
Bid Identification No.EE BOD-08/23-24
No.3240/ Dated 11.10.2023

**No.A-664:**The Executive Engineer, Boudh Irrigation Division, Boudh, on behalf of Governor of Odisha invites online percentage rate tenders in Double Cover System to be received in online mode only for the works as detailed below. Bid documents consisting of work, estimated cost, cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the Work | Road |
| 2 | No. of Works | 1 No. |
| 3 | Class of Contractor | "B" Class (Odisha PWD or relevant class of other licensing Authority) |
| 4 | Bid Identification No. | EEBOD-08/2023-24 |
| 5 | Estimated Cost | Rs.84.11 lakh |
| 6 | Period of Completion | 6 (Six) Calendar Months |
| 7 | Date & time of availability of bid documents in the portal | From 18.10.2023 (10.00 AM) to 1.11.2023 (05.00 P.M.) |
| 8 | Last date/time for receipt of bids through online | 1.11.2023 upto 05.00 P.M. |
| 9 | Date of Opening of Bid through online | 2.11.2023 (11.00 AM onwards in the Office of the undersigned) |
| 10 | Name of the Officer Inviting Bid | Executive Engineer, Boudh Irrigation Division, Boudh (Dist-Boudh) |

Further details can be seen from the e-Procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.
Sd./- Executive Engineer,
Boudh Irrigation Division,Boudh
OIPR-32111/11/0004/2324

## ODISHA PUBLIC SERVICE COMMISSION
19, Dr. P.K. Parija Road, Cuttack-1

**NOTICE**

No.8064/P.S.C., Dt.12.10.2023

**No.D-144:**In continuation to this Office Notice No. 7779/PSC, Dt.10.10.2023, it is for information of all concerned that, the Name and Address of One Examination Centre i.e. "Kendriya Vidyalaya No.01, Sambalpur, Near Industrial Estate, Po- **Barpali,** Sambalpur-**786006"** in Sambalpur Zone as displayed in the Admission Certificate of the candidates appearing at the aforesaid Examination Centre shall be **read as** "Kendriya Vidyalaya No.1, Sambalpur, Near Industrial Estate, **Baraipalli,** Sambalpur, Pin- **768006**".

Sd./- Secretary
OIPR-12002/11/0105/2324

## GOVERNMENT OF ODISHA
OFFICE OF THE PANCHAYAT SAMITI, KAKATPUR, PURI
Email: ori-kakatpur@nic.in
NATIONAL COMPETITIVE BIDDING THROUGH e-PROCUREMENT
Bid Identification No.:- 01/2023-24/KAKATPUR BLOCK

**No.i-433:**The OFFICE OF THE PANCHAYAT SAMITI, KAKATPUR, Puri, Odisha on behalf of Governor of Odisha invites Percentage Rate Bids through e-Procurement in Single Bid System from eligible Class of Contractors for execution of Civil Works as per NIT and DTCN on Percentage Rate Bids. Bid documents consisting Name of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of Terms and Conditions of contract and other necessary documents can be seen in e-Procurement portal https://tendersodisha.gov.in. The bid should be submitted online only in the website www.tendersodisha.gov.in by eligible class of contractors.

| | | |
|---|---|---|
| 1 | Name of the Works | Construction of Tourist Center at Deuli Matha under KAKATPUR Block |
| 2 | No. of Works | 01 (One) No. |
| 3 | Estimated Cost (In Rs.) | 22,50,727/- |
| 4 | Period of Completion | 06 (Six) Calendar Months |
| 5 | Date and Time of availability of Bid Documents in the Portal:- | From Dt.14.10.2023 at 03.00 PM to Dt.29.10.2023 upto 5.00 PM |
| 6 | Last Date/Time of receipt of Bids in the Portal | Dt.29.10.2023 upto 5.00 P.M. |
| 7 | Date of Opening of Bids | Dt.30.10.2023, 11.00 AM onwards |
| 8 | Name and Address of the OIT: | Office of the Panchayat Samiti, KAKATPUR, Puri, Odisha |

Sd./- BLOCK DEVELOPMENT OFFICER
KAKATPUR, PURI
OIPR-19392/11/0001/2324

Your classified advertisement published in Dharitri will be listed free in Dharitri online edition : www.dharitri.com

# ଯେଉଁ ଲେଖାରେ ଅନ୍ଧାର ପ୍ରଭାମୟ, ତା'ରି ଲେଖକ ଜନ୍ ଫୋସେ



ଜନ୍ ଫୋସେଙ୍କ ଜନ୍ମ ୧୯୫୯ରେ ପଶ୍ଚିମ ନରୱେର ଏକ ଛୋଟ ଗାଁ ଷ୍ଟ୍ରାଣ୍ଡେବାର୍ମରେ। ସେଇଠି ବିତେ ତାଙ୍କ ଶୈଶବ। ଉପନ୍ୟାସ, ଗଳ୍ପ, ନାଟକ, କବିତା, ପ୍ରବନ୍ଧ, ଶିଶୁ ସାହିତ୍ୟ ଓ ଅନୁବାଦ-ସାହିତ୍ୟର ନାନା ବିଧାରେ ୪୦ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ତାଙ୍କର ନିରବଚ୍ଛିନ୍ନ ଗତାଗତ। ତାଙ୍କ ରଚିତ ସାହିତ୍ୟ ୫୦ରୁ ଉର୍ଦ୍ଧ୍ୱ ଭାଷାକୁ ଅନୂଦିତ ଏବଂ ତାଙ୍କ ନାଟକ ବିଶ୍ୱର ବହୁ ମଞ୍ଚରେ ସହସ୍ରାଧିକ ବାର ମଞ୍ଚସ୍ଥ। ତାଙ୍କର ଉଲ୍ଲେଖନୀୟ ପୁସ୍ତକଗୁଡ଼ିକ ମଧ୍ୟରୁ କେତୋଟି ହେଲା- 'A New Name: Septology', 'Scenes from a Childhood', 'Morning and Evening', 'Melancholy', 'Alis at the Fire', 'Rambuku', 'Freedom', 'Over there', 'These Eyes', 'Girl in yellow Rain Coat', 'Someone is going to come home', 'The Guitar Man', 'Mother and Child', 'Slip my Baby Sleep', 'After Noon', 'Beautiful' ଓ 'I am the wind'. ସାହିତ୍ୟର ସଂରଚନା, ଭାଷା ଓ ଭାବକୁ ନେଇ ସେ ଏକାଧିକ ନବୋନ୍ମେଷୀ ପ୍ରବନ୍ଧ ଲେଖିଛନ୍ତି ଓ ସେସବୁ ଗ୍ରନ୍ଥାୟିତ ହୋଇଛି। ଏଥିରୁ ଦୁଇଟି ହେଲା- 'When an Angel goes through the stage and other Essays' ଏବଂ 'Gnostic Essays'. କେତେବେଳେ ଅଷ୍ଟ୍ରିୟା ତ କେତେବେଳେ ନରୱେରେ ବିତେ ଫୋସେଙ୍କ ସମୟ। ତେବେ ଓସ୍‌ଲୋର ଗ୍ରଟନ୍‌ରେ ସେ ସାମ୍ମାନିକ ଆବାସିକ। ୨୦୨୩ ପାଇଁ ଫୋସେଙ୍କୁ ମିଳିଛି ସାହିତ୍ୟରେ ନୋବେଲ। ତାଙ୍କ ସାହିତ୍ୟ-ସୃଷ୍ଟିକୁ ନେଇ ଏ ଆଲେଖ୍ୟ 'ସାହିତ୍ୟାୟନ'ର ପାଠିକାପାଠକଙ୍କ ପାଇଁ...

**ଜନ୍ ଫୋସେ** ନରୱେର ସର୍ବମାନ୍ୟ ନାଟ୍ୟକାର ଓ ଲେଖକ। ତାଙ୍କର ସବୁଠୁଁ ଦୀର୍ଘ ଗଦ୍ୟ ରଚନା ହେଉଛି 'Septology', ଯାହାର ସାତୋଟି ଭାଗ ତିନିଖଣ୍ଡରେ ପ୍ରକାଶିତ। ତାଙ୍କର ଗଦ୍ୟକୁ କୁହାଯାଏ 'ଧିମା ଗଦ୍ୟ' (slow prose)। ଏହା ବିଶ୍ୱର ୨୦ଟିରୁ ଅଧିକ ଭାଷାରେ ଅନୂଦିତ ଓ ଆଦୃତ। ଜୀବନର ନାନା ଦିଗ ତାଙ୍କ ସାହିତ୍ୟର ପ୍ରସଙ୍ଗ; ହେଉ ସେ କଳା, ପ୍ରକୃତି, ପ୍ରେମ, ସମୟ ବା ବନ୍ଧୁତା ଓ ମଦ୍ୟପାନ। ସବୁଥିରେ କିନ୍ତୁ ସମକାଳୀନତାକୁ ଛୁଇଁ ଛୁଇଁ ବହିଯାଉଥାଏ ଅନନ୍ତ ସମୟ। ଚଳିତ ବର୍ଷ ପ୍ରକାଶ ପାଇଛି ତାଙ୍କର ଉପନ୍ୟାସ 'Kvitleik' (A shinning)। ଜୀବନ ଓ ମୃତ୍ୟୁ ଏହି ଉପନ୍ୟାସର ପ୍ରସଙ୍ଗ। ଫୋସେଙ୍କ ସାହିତ୍ୟିକ ଜୀବନର ସାରସ୍ୱତ ମାଇଲଖୁଣ୍ଟ ଭାବେ ପରିଗଣିତ ଅନ୍ୟ ଉପନ୍ୟାସଟି ହେଉଛି- 'Raudt (Red) Svart' (Black)। ୨୦୨୨ରେ 'ଦ ନ୍ୟୁୟର୍କର'କୁ ଏକ ସାକ୍ଷାତ୍‌କାର ଦେଇ ଫୋସେ କହନ୍ତି: ''ମୋତେ ଲାଗେ ଯେ, ମୁଁ ଯାହା ଲେଖୁଛି, ତାହା ଆଗରୁ ଲେଖା ସରିଛି; ସେସବୁ ଏଇଠି କେଉଁଠି ମୋ' ଆଖପାଖରେ ଅଛି। ଗାଏବ ହୋଇଯିବା ଆଗରୁ ମୁଁ ଲେଖିଦିଏ। 'ବ୍ୟକ୍ତିଗତ'କୁ 'ସାର୍ବଭୌମିକ' ସହ ଯୋଡ଼ିବା ତୃଣମୂଳ ସ୍ତରରେ ବଞ୍ଚୁଥିବା ମଣିଷଙ୍କ ସହ ଏକାତ୍ମ ହେବା ତାଙ୍କୁ ଆଜି ନୋବେଲ ବିଜେତା ସ୍ତରରେ ଉପନୀତ କରାଇଛି। ଯେଉଁମାନଙ୍କର ନିଜକଥା କହିବାର ସ୍ୱ' ନାହିଁ, ସେହିମାନଙ୍କର ସ୍ୱର ଜନ୍ ଫୋସେ। ନୋବେଲ ପ୍ରଶସ୍ତିପତ୍ରରେ ତାଙ୍କ ନାଟକକୁ 'ଅଭିନବ' ଓ ଗଦ୍ୟ 'ଅଣଗତାନୁଗତିକ' କୁହାଯାଇଛି। ନୋବେଲ ସମିତି କହିଛନ୍ତି- ''ପୃଥିବୀରେ ସବୁଠୁଁ ଅଧିକ ନାଟ୍ୟ ପ୍ରଦର୍ଶନ କରିଥିବା ଲେଖକଙ୍କ ମଧ୍ୟରୁ ଫୋସେ ଅନ୍ୟତମ। ନିଜର ନିଆରା ଗଦ୍ୟ ପାଇଁ ସେ ବିଶେଷ ଭାବେ ପରିଚିତ।'' ପୁରସ୍କାରକୁ ସ୍ୱୀକାର କରି ଫୋସେ କହିଛନ୍ତି- ''ଏଥିରେ ମୁଁ ଯେତିକି ଅଭିଭୂତ, ସେତିକି ଭୟଭୀତ। ମୁଁ ଏ ପୁରସ୍କାରକୁ ଆଉ କିଛି ନୁହେଁ, 'ସାହିତ୍ୟକୁ ପୁରସ୍କାର' ଭାବେ ବିବେଚନା କରେ।'' ଫୋସେଙ୍କୁ ଯେତେବେଳେ ମାତ୍ର ସାତବର୍ଷ ବୟସ, ସେ ଏକ ପ୍ରାଣଘାତୀ ଦୁର୍ଘଟଣାର ଶିକାର ହୋଇଥିଲେ, ଯାହା ତାଙ୍କ ଜୀବନର ମାର୍ଗକୁ ସାରସ୍ୱତ ଦିଶାରେ ଅଗ୍ରସର କରାଇଥିଲା। ୨୦୧୨ରେ ସେ କ୍ୟାଥଲିକ୍ ଧର୍ମ ଗ୍ରହଣ କରିଥିଲେ। ଏହା ବି ତାଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିଥିଲା। ୧୯୮୩ରେ ତାଙ୍କ ସାହିତ୍ୟ ଜୀବନର ଅୟମାରମ୍ଭ ହୋଇଥିଲା ତାଙ୍କ ରଚିତ ଉପନ୍ୟାସ 'ରେଡ୍ ବ୍ଲାକ୍'ରୁ। ଏହାର ପରବର୍ତ୍ତୀ ଉପନ୍ୟାସଟି ଥିଲା 'ମେଲାନ୍‌କୋଲି' (ଉଦାସୀ), ଯାହାର ପ୍ରକାଶକାଳ ୧୯୯୫। 'ଉଦାସୀ'ର ଦୁଇଟି ଭାଗ। ଦ୍ୱିତୀୟ ଭାଗଟି ପ୍ରକାଶ ପାଇଥିଲା ୧୯୯୬ରେ। କୁହାଯାଇଛି, ଏହାର ଆଧାର ଜୀବନ ଓ ମୃତ୍ୟୁ। ତାଙ୍କର ପ୍ରଭାବଶାଳୀ ନାଟକଗୁଡ଼ିକ ମଧ୍ୟରେ ' ସମ୍ ୱାନ୍ ଇଜ୍ ଗୋଇଙ୍ଗ୍ ଟୁ କମ୍' ଓ 'ଦ ନେମ୍' ଅତି ପ୍ରଖ୍ୟାତ। ଫୋସେଙ୍କ ଆଧୁନିକତାବାଦୀ ଚିନ୍ତା ଓ ବ୍ୟତିକ୍ରମୀ ଗଦ୍ୟଶୈଳୀକୁ ଲକ୍ଷ୍ୟ କରି କେହି କେହି ତାଙ୍କୁ ହେନ୍‌ରିକ୍ ଇବ୍‌ସନ୍‌ଙ୍କ ସହ ତୁଳନା କରିଥା'ନ୍ତି, ଯାହା ଅସତ୍ୟ ନୁହେଁ। ଫୋସେଙ୍କ ଲେଖାରେ ଥାଏ ଏକ ଧାରଣା (idea)। ଗଦା ଗଦା ଉସୁକାଣିରେ ଭରା ନୁହେଁ ଏସବୁ। ସମସାମୟିକତାର ସ୍ୱର ଥାଏ ଚାପା ଚାପା କିମ୍ବା ଅଣଦେଖା। ସମୟ ସମୟରେ ଯଦିଓ ତାଙ୍କ ଲେଖାରେ ଥାଏ ମୃତ୍ୟୁ ଭାବନା ଓ ସ୍ଥିତିବାଦୀ




ଦେଶେଦେଶେ

ବିତଳସ୍ପର୍ଶ, ତେବେ ଏହା କଦାପି ଭ୍ରାନ୍ତି ସଞ୍ଚାରକ ନୁହେଁ, ଦ୍ୱେଷାପୂର୍ଣ୍ଣ ନୁହେଁ; ଆଶା ଓ ଆସ୍ଥାରେ ଭରପୂର। ତାଙ୍କ ଲେଖାର ସବୁଠୁଁ ବଡ଼ ବୈଶିଷ୍ଟ୍ୟ ହେଲା, ଏଥିରେ ନିହିତ ଥାଏ ଏକ ମାନବୀୟ ଉଦ୍ଦାମତା, ଏକ ମାନବୀୟ ଭାବନା; ଯାହା ପାଠକର ଅନ୍ତରକୁ ଆପ୍ଲୁତ କରିଦିଏ- ସେଇ ଭାବନାର ମଞ୍ଜି ପ୍ରୋତ୍‌ଥିତ ହୋଇ ରହିଥାଏ ଫୋସେଙ୍କ ପ୍ରାୟ ଲେଖାରେ। ପଢ଼ିଦେଲା ମାତ୍ରେ ସେ ଲେଖା ଅନୁରଣିତ ହୋଇଚାଲେ ପାଠକର ଅନ୍ତର୍ଲୋକରେ।

ଫୋସେ କହନ୍ତି- 'ସାହିତ୍ୟ ବୈଶିଷ୍ଟ୍ୟପୂର୍ଣ୍ଣ ହୋଇଉଠେ ସେତିକିବେଳେ, ଯେତେବେଳେ ଏକ ମାନବୀୟ ଉଦ୍ଦୀପନା ଲେଖାଟି ଭିତରେ ସଂଚିତ ହୋଇଥାଏ।'' ବିଜ୍ଞାପନର ଭାଷା, ସ୍କୁଲ ବହିର ଭାଷା, ଖବରକାଗଜ ଓ ଗଣମାଧ୍ୟମର ଭାଷା ସବୁ ସ୍ଥିତିରେ ଖାପିଥାଏ। ଏପରି ଖାପିଯିବା ଭଳି ସାମାଜିକ-ପରିସରର ଭାଷାରେ ଲେଖାଯାଉଥିବା ବହିରେ ସମସମୟର ଚମକ ଥାଏ ଏବଂ ସମୟ ସାମାନ୍ୟ ଆଗକୁ ଗଲେ ଏସବୁ ଗତାୟୁ ସମାଜର ଫିକା-ଛବି ମାତ୍ର ହୋଇ ରହେ। ଉଦାହରଣ ସ୍ୱରୂପ, ୧୯୬୦ ଦଶକରେ ଲେଖାଯାଇଥିବା ବହି, ଯେଉଁ ସମୟର ଲେଖା, କେବଳ ସେହି ସମୟର କଥା କହେ; ଯେମିତି ଏକ ଫଟୋ ଯେଉଁ ସମୟର ସେହି ସମୟର ଛାଞ୍ଚକୁ ପ୍ରତିଫଳିତ କରେ। ଏହି କାରଣରୁ ତିଷ୍ଠି ରହିବା ଯେଉଁ ସାହିତ୍ୟର ଲକ୍ଷ୍ୟ ସେ ସାହିତ୍ୟ ତାତ୍କାଳିକତାର ଠାଣି ଭିତରେ ଅଟକି ରହେ ନାହିଁ, ଏକ ସାମାଜିକ ସ୍ଥିତିରେ ସବୁଠି ଖାପିଯାଉଥିବା ଭାଷାବଳୟରେ ବନ୍ଦୀ ହୁଏ ନାହିଁ। ବନ୍ଧନକୁ ସ୍ୱୀକାର କରୁଥିବା ଭାଷା ସାହିତ୍ୟର ଭାଷା ନୁହେଁ, ବନ୍ଧନକୁ ଅମାନ୍ୟ କରୁଥିବା ଭାଷା ସାହିତ୍ୟର ଭାଷା। ଲିଓ ଟଲ୍‌ଷ୍ଟୟଙ୍କ 'ଯୁଦ୍ଧ ଓ ଶାନ୍ତି'ରେ ଯେତେବେଳେ ନାୟକ ପ୍ରିନ୍ସ ଆନ୍ଦ୍ରେଇ ସଙ୍ଗୀତର ଏକ ଝଲକ ମାତ୍ର ଶୁଣି ଲୁହ ଗଡ଼ାଉଛି ଓ ବୁଝିବାକୁ ଚେଷ୍ଟା କରୁଛି ଲୁହର କାରଣ, ସେତେବେଳେ ସେ ଦେଖୁଛି ଏକ ଭୟାନକ ବିରୋଧାଭାସ, ଯାହା ନିଜ ଭିତରର ଅସୀମ ଆନନ୍ତ୍ୟ ଓ ବାହାର ଭୌତିକତାର ବାଧା ମଝିରେ ଲଟକିଛି। ଜନ୍ ଫୋସେଙ୍କର ସମସ୍ତ ଲେଖା ପଛରେ ଏହି ବିରୋଧାଭାସ ହିଁ ହୋଇଥାଏ ପ୍ରେରଣା।

**ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ**
ମୋ: ୯୮୫୩୨୮୭୭୫୫

## ପୁସ୍ତକ ପରିଚୟ

### ଶ୍ରୀକ୍ଷେତ୍ରର ମଠ ଇତିହାସ




**ଲେଖକ:** ଡ. ଭାସ୍କର ମିଶ୍ର
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୬୦୦/-

ଶ୍ରୀକ୍ଷେତ୍ରରେ ଅଷ୍ଟମ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ମଧ୍ୟରେ ଗଢ଼ିଉଠିଥିବା ବିଭିନ୍ନ ଧର୍ମ ସମ୍ପ୍ରଦାୟ ଦ୍ୱାରା ପ୍ରତିଷ୍ଠିତ ମଠଗୁଡ଼ିକର ଇତିହାସ ସଂଗ୍ରହ ଓ ତା'ର ବ୍ୟାଖ୍ୟାନ ପ୍ରସ୍ତୁତି ଏକ କଷ୍ଟସାଧ୍ୟ କାର୍ଯ୍ୟ ହୋଇଥିଲେ ବି ଡକ୍ଟର ଭାସ୍କର ମିଶ୍ର ନିଜର ବ୍ୟକ୍ତିଗତ ଚେଷ୍ଟା ଓ ଅଧ୍ୟବସାୟରେ ସାଢ଼େ ଛ'ଶହ ପୃଷ୍ଠା ସମ୍ବଳିତ 'ଶ୍ରୀକ୍ଷେତ୍ରର ମଠ ଇତିହାସ' ପ୍ରଣୟନ କରିଛନ୍ତି। ଗ୍ରନ୍ଥରେ ମୋଟ ୫ଟି ପରିଚ୍ଛେଦ ରହିଛି। ପ୍ରଥମ ପରିଚ୍ଛେଦରେ ଶ୍ରୀକ୍ଷେତ୍ରରେ ମଠାନୁଷ୍ଠାନର ଉତ୍ପତ୍ତି ଓ କ୍ରମ ବିକାଶ, ମଠାଧୀଶ ପରମ୍ପରା; ଦ୍ୱିତୀୟ ପରିଚ୍ଛେଦରେ ଶ୍ରୀଗୋବର୍ଦ୍ଧନ ମଠରୁ ଦିଲ୍ଲୀ ବାଳକ ରାମଦାସ ମଠଯାଏଁ ବିବରଣୀ, ତୃତୀୟ ପରିଚ୍ଛେଦରେ ଶ୍ରୀମନ୍ଦିର ଦୈନନ୍ଦିନ ନୀତିରେ ମଠ ସମୂହର ଭୂମିକା, ରଥଯାତ୍ରାରେ ମଠମାନଙ୍କ ଭୂମିକା; ଚତୁର୍ଥ ପରିଚ୍ଛେଦରେ ସନକ ସମ୍ପ୍ରଦାୟ ପରମ୍ପରା, ପଞ୍ଚମ ପରିଚ୍ଛେଦରେ ବିଭିନ୍ନ ସୂତ୍ରରୁ ପ୍ରାପ୍ତ ଶ୍ରୀକ୍ଷେତ୍ରର ମଠ ଓ ସେମାନଙ୍କର ଭୂମିକା ଆଦି ତନ୍ନ ତନ୍ନ କରି ବର୍ଣ୍ଣନା କରାଯାଇଛି। ଗ୍ରନ୍ଥର ଅଭିମତରେ ଏହି ଗ୍ରନ୍ଥ ପ୍ରକାଶ ଦ୍ୱାରା ଉତ୍କଳର ଏକ ଅନାଲୋଚିତ ଅଧ୍ୟାୟ ଇତିହାସରେ ସ୍ଥାନପାଇଛି ବୋଲି କୁହାଯାଇଛି। ଏହି ଗ୍ରନ୍ଥରେ ହୁଏତ ଶ୍ରୀକ୍ଷେତ୍ରରେ ସଂସ୍ଥାପିତ ସବୁ ମଠର ସୂଚନା ନ ଥାଇପାରେ, କିନ୍ତୁ ପରବର୍ତ୍ତୀ ଗବେଷଣା ପାଇଁ ଯେ ଏହା ଏକ ସ୍ଥାୟୀ ଆଧାର, ଏଥିରେ ସନ୍ଦେହ ନାହିଁ। ଯେଉଁମାନେ ଆଧ୍ୟାତ୍ମିକ-ପର୍ଯ୍ୟଟନରେ ଆଗ୍ରହୀ, ତାଙ୍କ ପାଇଁ ଏହା ଏକ ନିର୍ଭରଯୋଗ୍ୟ ଗାଇଡ୍ ବୁକ୍।

### ଟ୍ରାଇବ୍‌ସ ଇନ୍ ଟ୍ରାନ୍‌ଜିଶନ୍




**ଲେଖକ:** ଡ. ବିମ୍ବାଧର ବେହେରା
**ପ୍ରକାଶକ:** କାବ୍ୟଲୋକ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୦୦/-

ଶହେରୁ ଅଧିକ ପୃଷ୍ଠାର ଏହି ବହିଟି ସଂକଟାପନ୍ନ ଆଦିବାସୀ ସମ୍ପ୍ରଦାୟ, ସେମାନଙ୍କର ଲୁପ୍ତପ୍ରାୟ ଭାଷା ଓ ସଂସ୍କୃତି ବିଷୟକ ଏକ ତଥ୍ୟସମୃଦ୍ଧ ଗ୍ରନ୍ଥ। ମୋଟ ତେରଟି ପରିଚ୍ଛେଦରେ ବିଭକ୍ତ ଏହି ପୁସ୍ତକଟି ଇଂଲିଶ୍ ଭାଷାରେ ରଚିତ ହୋଇଥିବାରୁ ଏହା ଆବିଶ୍ୱ ଆଦିବାସୀ ସଂସ୍କୃତି ପ୍ରତି ଆଗ୍ରହୀ ପାଠିକାପାଠକଙ୍କୁ ଓ ଗବେଷିକା ଗବେଷକମାନଙ୍କୁ ଉଦ୍‌ବୁଦ୍ଧ କରିପାରିବ। ଏଥିରେ ବର୍ଣ୍ଣିତ ବା ଆଲୋଚିତ ପ୍ରସଙ୍ଗ ମଧ୍ୟରେ ଉତ୍ତର ଓଡ଼ିଶାର ଆଦିବାସୀ-ତନ୍ତ୍ର ପରମ୍ପରା, ଭୂୟାଁ ଆଦିବାସୀ ପରମ୍ପରାରେ ନୃତ୍ୟର ଗୁରୁତ୍ୱ, ଜୁଆଙ୍ଗ ସମାଜ-ସାଂସ୍କୃତିକ ଜୀବନରେ ଉନ୍ନୟନମୂଳକ କାର୍ଯ୍ୟର ପ୍ରଭାବ, ଶ୍ରୀଜଗନ୍ନାଥ ସଂସ୍କୃତିରେ ରହସ୍ୟବାଦର ଭୂମିକା, ଆଦିବାସୀ କୃଷି ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଆଦିବାସୀଙ୍କ ସମାଜ-ସାଂସ୍କୃତିକ ଜୀବନରେ ବ୍ୟାଙ୍କ୍-ଅର୍ଥନୀତିର ପ୍ରଭାବ, ଜନସଂଖ୍ୟା ବୃଦ୍ଧି: ସମସ୍ୟା ନୁହେଁ ଶକ୍ତି, ବୈତରଣୀ ନୀଳ-ଉପତ୍ୟକାର ତାତ୍ପର୍ଯ୍ୟ, କେନ୍ଦୁଝରର ଆଦିବାସୀ ପର୍ବ-ପର୍ବାଣି, କୃଷି ଓ ଜଙ୍ଗଲକୈନ୍ଦ୍ରିକ ଉତ୍ତର ଓଡ଼ିଶାର ଲୋକସାହିତ୍ୟ, ଆଦିବାସୀ ସଂସ୍କୃତିର ସୁରକ୍ଷା, ଆଦିବାସୀ ଓ ପରିବେଶ ଅଧ୍ୟୟନ ଆଦି ପ୍ରମୁଖତା ବହନ କରିଛି। ଗ୍ରନ୍ଥସ୍ଥ ଆଲୋଚନାଗୁଡ଼ିକ ଲେଖକଙ୍କ ଅଧ୍ୟୟନ ଓ ଅନୁଭୂତିପୁଷ୍ଟ ହୋଇଥିବାରୁ ଓଡ଼ିଶାର ଆଦିବାସୀ ବିଶେଷକରି କେନ୍ଦୁଝର ଓ ମୟୂରଭଞ୍ଜର ଆଦିବାସୀ ଜନଜୀବନ, ଭାଷା ଓ ସଂସ୍କୃତିର ଆକଳନ ପାଠିକାପାଠକ ଓ ଗବେଷିକା-ଗବେଷକଙ୍କ ପାଇଁ ମାର୍ଗଦର୍ଶୀ ସାବ୍ୟସ୍ତ ହେବ ବୋଲି ଆଶା।

## କାଳକାଳକୁ



''ଭଲ ଲେଖା ମୋତେ ଉଦ୍ଦୀପିତ କରେ ଓ ଜୀବନ ବଞ୍ଚିବାରେ ସାର୍ଥକତା ଆଣିଦିଏ।''
– ହାରୋଲ୍‌ଡ ପିଣ୍ଟର୍

**ହାରୋଲ୍‌ଡ ପିଣ୍ଟର୍‌ଙ୍କ** ଜନ୍ମ ୧୦ ଅକ୍ଟୋବର ୧୯୩୦ରେ ଓ ପରଲୋକ ୨୪ ଡିସେମ୍ବର ୨୦୦୮ରେ, ଲଣ୍ଡନରେ। ସେ ଏକାଧାରରେ ଥିଲେ ନାଟ୍ୟକାର, ନିର୍ଦ୍ଦେଶକ, ଚିତ୍ରନିର୍ମାତା ଓ ଅଭିନେତା। ରେଡିଓ, ମଞ୍ଚ, ଟେଲିଭିଜନ ଓ ଚଳଚ୍ଚିତ୍ରରେ ସମଭାବେ ସେ ବିଭିନ୍ନ ଭୂମିକାରେ ସକ୍ରିୟ ଥିଲେ। ଅତ୍ୟନ୍ତ ପ୍ରଭାବଶାଳୀ ଏହି ଆଧୁନିକ ବ୍ରିଟିଶ୍ ନାଟ୍ୟକାରଙ୍କର ବହୁ ପ୍ରଚାରିତ ନାଟକଗୁଡ଼ିକ ମଧ୍ୟରୁ କେତୋଟି ହେଉଛି 'ଦ ବାର୍ଥ ଡେ ପାର୍ଟି' (୧୯୫୭), 'ଦ ହୋମ୍ କମିଙ୍ଗ୍' (୧୯୬୪) ଓ 'ବିଟ୍ରେୟାଲ୍' (୧୯୭୮)। ପଚାଶ ବର୍ଷର ଦୀର୍ଘ ଲେଖକ ଜୀବନ ବିତାଇଥିବା ଏହି ଲେଖକ କହନ୍ତି: ''ମଣିଷ ଜୀବନରେ ମାତ୍ର ଦୁଇଟି ମହାର୍ଘ ଦିନ ଆସେ- ଗୋଟିଏ ତା' ଜନ୍ମଦିନ, ଆଉ ଗୋଟିଏ ଯେଉଁଦିନ ସେ ଆବିଷ୍କାର କରେ କାହିଁକି ତା'ର ଜନ୍ମ।'' ବିଶ୍ୱ ନାଟକକୁ ନିଜର ମହନୀୟ ଅବଦାନ ପାଇଁ ୨୦୦୫ରେ ତାଙ୍କୁ ମିଳେ ସାହିତ୍ୟରେ ନୋବେଲ ପୁରସ୍କାର।

## କବିତା

### ଦେବୀ

**ସନ୍ନ୍ୟାସୀ ନାୟକ**

ଦେବୀ!
ତୁମ ଆବାହନରେ
ଗଜୁରି ଉଠେ
ସଫେଦ ସକାଳ...
ନ୍ୟାୟ ପାଇଁ
ଯନ୍ତ୍ରଣାକ୍ତ ପ୍ରାଣର ବିକଳ...
ସମ୍ଭାବୀ ସମାଧାନର ଗୁଣ ଫଳ...
ମାତୃଶକ୍ତିର ଆବାହନରେ
ପୃଥିବୀରେ ପୂରିଯାଏ ଫୁଲଫଳ...
କାଶତଣ୍ଡୀ ଧାଡ଼ି ଧାଡ଼ି ନାଚଇ ତାଳରେ
ଶରତ ଆକାଶ ଦେଉଥାଏ ତାଳ...

ଯନ୍ତ୍ରଣାକ୍ତ ପତିତା ମାଟିରୁ
ଜନ୍ମନିଏ ମହାବଳ...
ପାପ ନାଶିବାକୁ ଖଣ୍ଡା ଖର୍ପର କରାଳ
ଯୋଗଜନ୍ମା ଅଯୋନି ସମ୍ଭୂତା
ଯା ଦେବୀ ସର୍ବଭୂତେଷୁ ମହାକାଳ...
ଦୁର୍ଜୟ ବାଜାର ତାଣ୍ଡବେ
ଉଗ୍ର ରୂପେ ଥରହର ଧରା
କାକୁସ୍ଥ ପାପୀର ବିକଳ...
ନାଶହୁଏ ପାପ
ଉଶ୍ୱାସର ଭାଗଫଳ...
ଭୋଗିବାକୁ ମଣିଷ
ଚାହିଁଥାଏ ଚିରକାଳ...

ଦେବୀ!
ତୁମ ବିସର୍ଜନରେ
ମଉଳିଯାଏ କାଶତଣ୍ଡୀ...
ଅଚାନକ ବାତ୍ୟାରେ
ପୃଥିବୀକୁ ମାଡ଼ିଆସେ ଦୁର୍ଗତି...
ତୁମ ଦୟାର ଦାୟାଦ
ଦାନବର ପ୍ରତିମୂର୍ତ୍ତି...
ତୁମ ବିସର୍ଜନ ଭସାଣିରେ
ତୁମ ଆଗେ ଉଗ୍ର ମୂର୍ତ୍ତି...
ବାଟଘାଟ ସବୁ ବନ୍ଦ
ଶୁଭୁଥାଏ ମହିଷାସୁର ରଡ଼ି...

ଦେବୀ!
ତୁମ ବିସର୍ଜନ ପରେ
ଆରମ୍ଭ ମହିଷାସୁର ପଟୁଆର...
ପୋଲିସ କର୍ଡନରେ
ବାଣ ରୋଶଣିରେ
ମାତାଲ ସମସ୍ତେ
କିଏ ନୁହେଁ କାହାର...

ଦେବୀ!
ତୁମେ ଆବିର୍ଭୂତା ହେଲେ ପଛେ ହୁଅ
ବିସର୍ଜିତ କେବେ ବି ନହୁଅ...
ସଂସାରରୁ ପାପଭାରା କମାଇବାକୁ
ତୁମ ଆଗମନ ବେଳେ
ତୁମ ବିସର୍ଜନରେ ପାପଭାର ବଢ଼ାଇ ନଦିଅ

ଦେବୀ!
ତୁମ ବିସର୍ଜନରେ ପାପଭାର ବଢ଼ାଇ ନଦିଅ।

ମୋ: ୯୪୩୭୩୫୨୫୬୦

### ଧଉଳିଗିରି

**ହରିଶ୍ଚନ୍ଦ୍ର ବେହେରା**

ଦେଖିବ ଗୋଟେ ଇତିହାସ ପୋଥି
ଥୁଆ ହୋଇଛି ପଥର ଠଣାରେ ସେଇଠି
ଚାହିଁବ ତ ଧୀରେ ଖୋଲିବ ତା' ପୃଷ୍ଠା
କେମିତି ବୋହିପଡ଼ିବ ରକ୍ତ ଜୀର୍ଣ୍ଣ ପତ୍ର ଦେହରୁ

ପାଖରେ ବହୁଛି ଦୟା
ତାକୁ ଆଉ ଯାଚିବନି
ସଧବାର ସିନ୍ଦୂର

ତା' ଆଖିରୁ ସରିଯାଇଛି ଲୁହ
ଆଉ ତାକୁ କନ୍ଦେଇବନି

ପାଖରେ କାନଡେରିବ
ଶୁଣିପାରିବ ତରବାରିର ଝଣତ୍କାର
ଅଶ୍ୱଙ୍କର ହ୍ରେଷା
ଗଜାରୋହୀଙ୍କ ଆସ୍ଫାଳନ
ବେସାହାରା ବିଧବା ଓ ଶିଶୁଙ୍କ କାନ୍ଦଣା

ଏ ମାଟି ଶିଖେଇଥିଲା କରୁଣା
ଜୀବେ ଦୟା
ଜୀବନ ବିନିମୟରେ ମା'କୁ ବଞ୍ଚେଇବାର ବୀରପଣ

କେମିତି ତରଳିଗଲା ଗୋଟେ ପଥର ଛାତି
ଚଣ୍ଡାଳର ହାତରୁ ଖସିପଡ଼ିଲା

ରକ୍ତରଞ୍ଜିତ ତରବାରି
ରେ ରେ କା'ର ହୁଙ୍କାର ତୂର୍ଯ୍ୟନାଦ
ମୁଣ୍ଡରୁ ଦୃପ୍ତ ଶିରସ୍ତ୍ରାଣ
ବିସ୍ତାରବାଦର ସ୍ପର୍ଦ୍ଧା

ସେଇଠି ଚିହ୍ନିପାରିବ କେଉଁଟା କଳିଙ୍ଗ
କେଉଁଟା କଙ୍ଗୋଦ କୋଶଳ କି ଉତ୍କଳ
ପଚାର ତାକୁ କହିଦେବ
କିଏ ଛିଣ୍ଡେଇଦେଲା ଗଙ୍ଗାଠୁ ଗୋଦାବରୀର
ଦର୍ପିତ ମାନଚିତ୍ର
ଗୋଟେ ଶୌର୍ଯ୍ୟଶାଳୀ ଜାତିର

ଏବେ ବି କୁଆଁରୀ ଗୁମ୍ଫାରେ ଜଳେ ନୀଳ ଦୀପ
ସେଇ ସ୍ତିମିତ ଆଲୁଅରେ ଦିଶିଯାଏ ମୁହଁଟିଏ
ସୁନ୍ଦରୀ କାରୁବାକୀର

ମହାକାଳକୁ ସାମ୍ନା କରି ଠିଆହେଇଛି
ଗୋଟେ ରକ୍ତରଞ୍ଜିତ ଇତିହାସ
ଯାହାକୁ ଧୀରେ ଧୀରେ ଘୋଡ଼େଇ ଦେଉଛି
ଅନାବନା ଜଙ୍ଗଲ

ଆମ ପିଲାଏ ଚିହ୍ନିବେ
ହଁ ହଁ ଏ ଗୋଟିଏ ପର୍ଯ୍ୟଟନସ୍ଥଳୀ
ପଢ଼ା ଇତିହାସ ବହିରେ ଅଛି
ଭୂଗୋଳ ମାନଚିତ୍ରରେ ଅଛି
ନାଁ ତା'ର ଧଉଳି।

ମୋ: ୯୪୩୭୮୧୩୭୦୮

## ପରୀକ୍ଷାର୍ଥୀ

ଲଘୁଗଳ୍ପ

**ଦୀପକ କୁମାର ମହାନ୍ତି**

ଅଫିସ୍ ଯିବା ବାଟରେ ଏକ ସ୍କୁଲ ଫାଟକ ସାମ୍ନାରେ ଲୋକମାନଙ୍କ ଭିଡ଼କୁ ଦେଖି ସୁଧାବାବୁ ଅଟକିଗଲେ। ପଚାରିଲେ, ଏଠି ଏତେ ଭିଡ଼ ?

ଜଣେ ଭଦ୍ରଲୋକ ଭିଡ଼ ଭିତରୁ ବାହାରି ଆସି ଉତ୍ତର ଦେଲା, ସାର୍! ସ୍କୁଲରେ ମାଟ୍ରିକ୍ ପରୀକ୍ଷା ଚାଲିଛି।

ହଉ, ଠିକ୍ ଅଛି କହି ଗାଡ଼ି ଷ୍ଟାର୍ଟ କରି ଅଫିସ୍‌ମୁହାଁ ହେଲେ ସୁଧାବାବୁ।

ଅଫିସ୍‌ରେ ପହଞ୍ଚି ଦେଖିଲେ, ବଡ଼ବାବୁଙ୍କ ୫ଟା ମିସ୍ କଲ୍।

ଉତ୍କଣ୍ଠାର ସହ ଫୋନ୍‌ଟିକାଢ଼ି ସୁଧାବାବୁ ରିଂ କଲେ। କ'ଣ ହେଲା ବଡ଼ବାବୁ?

ସେପଟୁ ଉତ୍ତର ଆସିଲା- ସୁଧାବାବୁ! ଗତକାଲି ଯେଉଁ ଚିଠିଗୁଡ଼ିକ ପାଇଥିଲେ, ତାକୁ ଶୀଘ୍ର ଫାଇଲରେ ପୁଟ୍‌ଅପ୍ କରିଥିବେ, ଜରୁରୀ ଅଛି। କାଲି ଅଫିସ ଗଲେ ମୁଁ ସେଗୁଡ଼ିକୁ ଦେଖିବି। ଆଜି ଛୁଟିରେ ଅଛି। ପୁଅର ମାଟ୍ରିକ୍ ପରୀକ୍ଷା।

ଯଦି ଏତେ ଜରୁରୀ, ତା'ହେଲେ ଛୁଟିରେ ରହୁଥିଲେ କାହିଁକି? ପୁଅର ପରୀକ୍ଷା ଅଥଚ ବାପା ଛୁଟି ନେଇ ରହିବା କ'ଣ ଦରକାର! ଆଜିକାଲି ଇଏ ଗୋଟେ ଫେଶନ ହେଇଗଲାଣି। ପିଲାମାନେ ପାଠପଢ଼ା ପାଇଁ ଯେତେ ବ୍ୟସ୍ତ ନୁହନ୍ତି, ମା' ବାପାମାନେ ତା'ଠୁଁ ଅଧିକ। ହଠାତ୍ ପିଅନ ଡାକରେ ପ୍ରକୃତିସ୍ଥ ହୋଇ ଏକ ଜରୁରୀ ଫାଇଲ୍ ଧରି ହାକିମଙ୍କ ପାଖକୁ ଗଲେ।

ପରୀକ୍ଷା ସରିଲା। ତା' ପରଦିନ ବଡ଼ବାବୁ ଅଫିସରେ ପହଞ୍ଚୁ ପହଞ୍ଚୁ ସୁଧାବାବୁ ପଚାରିଲେ- ପୁଅର ପରୀକ୍ଷା କେମିତି ହେଲା? ଗଣିତ ପ୍ରଶ୍ନ କେମିତି ପଡ଼ିଥିଲା?

ଟିକିଏ ଗମ୍ଭୀର ରହି ବଡ଼ବାବୁ ଉତ୍ତରଦେଲେ, ସବୁ ଠିକ୍‌ଠିକ୍ ଉତ୍ତର ଦେଇଛି ବୋଲି ତ କହୁଛି। ହେଲେ...

ହେଲେ ପୁଣି କ'ଣ? ସୁଧାବାବୁ ପଚାରିଲେ।

ପ୍ରଶ୍ନ ସହଜ ଥିଲା। କିନ୍ତୁ ପୁଅ ପାଖକୁ ଠିକ୍ ସମୟରେ କାଗଜଟି ପହଞ୍ଚି ପାରିଲା ନାହିଁ। ନ ହେଲେ ସେ ଗଣିତରେ ୧୦୦ରୁ ୧୦୦ ଠିକ୍ ଉତ୍ତର ଦେଇଥା'ନ୍ତା।

କାଗଜମାନେ ଆପଣ କପି କଥା କହୁଛନ୍ତି ତ! ଆପଣ ପୁଅକୁ ନୈତିକ ସମର୍ଥନ ଦେବାକୁ ଯାଇଥିଲେ ନା କପି ଦେବାକୁ? ସେ ଗଳାବାଟ ଧରିବାକୁ ଆପଣଙ୍କୁ କିଏ କହିଲା?

ଗଳାବାଟ! ଆଜିକାଲି ତ କୋର୍ଟ, କଚେରିଠାରୁ ଆରମ୍ଭ କରି ବ୍ଲକ, ତହସିଲ, ଥାନା ଓ ଡାକ୍ତରଖାନା ସବୁଠି ଲୋକମାନେ ଯେଉଁ ପରୀକ୍ଷାର ସମ୍ମୁଖୀନ ହେଉଛନ୍ତି ତାହା ନ କହିଲେ ଭଲ। ଗଳାବାଟ ନ ଧରିଲେ ଠିକଣା ଜାଗାକୁ ଯାଇପାରୁ ନାହାନ୍ତି। ସବୁ ଜାଗାରେ ଗଳାବାଟ ଦେଇ ଯାଉଥିବା ଲୋକଟି ସଫଳ ହେଉଛି। ଅକ୍ଳେଶରେ କାମ ହାସଲ କରୁଛି। ତା'ଛଡ଼ା, ସ୍କୁଲରେ କ'ଣ ପାଠପଢ଼ା ହେଉଛି? ଶିକ୍ଷକମାନେ ତ ମାସ ମାସ ଧରି ବିକ୍ଷୋଭ, ଧାରଣା, ହରତାଳ ଏବଂ ରାଜନୀତିରେ ମାତିଲେ। ସ୍କୁଲରେ କୋର୍ସ ସରିଲା ନାହିଁ। ପିଲାମାନଙ୍କ ପାଠପଢ଼ା ବି ଅଧା ରହିଲା। ଫଳରେ ସେମାନଙ୍କ ଡାଉଟ୍ କ୍ଲିୟର ହେଲା ନାହିଁ। ପରୀକ୍ଷାରେ ପାସ୍ କରିବେ କେମିତି?



ସୁଧାବାବୁ କିଛି କହିବାକୁ ଆଗଭର ହେଉଥିବା ବେଳେ ବଡ଼ବାବୁ ନିଜ ଟେବୁଲ ଉପରେ ଫାଇଲ୍‌ଗୁଡ଼ିକ ଥୁଆ ହୋଇଥିବାର ଦେଖି ପଚାରିଲେ- ଏତେଗୁଡ଼ାଏ ଫାଇଲ? ଏ ସବୁ କାହାର? ଫାଇଲ୍‌ଗୁଡ଼ିକ ଫେରିଲା, ନା ହାକିମଙ୍କ ନିକଟକୁ ଯିବ?

ବଡ଼ବାବୁ! ସେ ଫାଇଲ୍‌ଗୁଡ଼ିକ ହାକିମଙ୍କ ପାଖକୁ ଯିବ। ସେଥିରେ ମୋର ଗୋଟିଏ ଜରୁରୀ ଫାଇଲ୍ ଅଛି। ସେଇଟା ଆଗ ଦେଖି ହାକିମଙ୍କ ନିକଟକୁ ପଠାଇଦିଅନ୍ତୁ। ଆସନ୍ତାକାଲି ସଚିବଙ୍କ ରିଭ୍ୟୁ ମିଟିଂ ଅଛି। ତା'ଛଡ଼ା କାର୍ଯ୍ୟବ୍ୟସ୍ତତା ଭିତରେ ମୁଁ ଆପଣଙ୍କୁ ଗୋଟେ କଥା କହିବାକୁ ଭୁଲିଯାଇଛି। ଗତକାଲି ଜଣେ ଭଦ୍ରଲୋକ ଆସିଥିଲେ। ସେ ଆପଣଙ୍କୁ ଖୋଜୁଥିଲେ, ଗୋଟିଏ ଫାଇଲ୍‌ର ଷ୍ଟାଟସ୍ ଜାଣିବା ପାଇଁ। ବହୁତ ସମୟ ଅପେକ୍ଷା କଲେ। ସେ ଦେଇଥିବା ଲଫାପାଟି ଆପଣଙ୍କ ଟେବୁଲ ଡ୍ରୟାରରେ ରଖିଦେଇଛି। ତାଙ୍କ ଫାଇଲ୍‌ଟି ଟିକେ ଦେଖିବେ।

ବସିଥିବା ଟେବୁଲ ଡ୍ରୟାରଟିକୁ ଟାଣି ଆଣି ବଡ଼ବାବୁ ହସି ହସି କହି ଉଠିଲେ- ଠିକ୍ ଅଛି, ମୁଁ ଦେଖୁଛି।

ମୋ: ୯୪୩୮୩୨୯୦୫୯

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଶ୍ରେୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସରେ ଯୋଗଦେଲେ ଅନ୍ୟ ଦଳର କର୍ମୀ

**ଗୋପାଳପୁର,୧୩।୧୦ (ନବୀନ ରାଜ ଆଚାରୀ)**

ଗୋପାଳପୁର ନିର୍ବାଚନ ମଣ୍ଡଳୀ ଶାସନପଦର ପଞ୍ଚାୟତ କଲ୍ୟାଣୀ ମଣ୍ଡପଠାରେ ଶୁକ୍ରବାର କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଡ. ଶମ୍ଭୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଗ୍ରାମ ପରିକ୍ରମା କରି 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ କରାଯିବା ସହ ପଦଯାତ୍ରାରେ ବାହାରି ଘରକୁ ଘର ଯାଇ ଲୋକଙ୍କୁ ବୁଝାଇଥିଲେ। ପରେ ମିଶ୍ରଣ ପର୍ବରେ କଂଗ୍ରେସ ଦଳର ସଂଗଠନକୁ ଆହୁରି ସୁଦୃଢ଼ କରିବ ବୋଲି ପାଣିଗ୍ରାହୀ କହିଛନ୍ତି। ବିଜେଡ଼ି, ଭାଜପା ଦଳ କର୍ମୀମାନେ ଦଳ ଛାଡି କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ଗୋପାଳପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ହାତ ମୁଠାକୁ ଟାଣ କରିବା ପାଇଁ ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ବିଜେଡ଼ିର ଶାସନପଦର ସେବା ସମବାୟ ସମିତର ସଭାପତି ବିନୋଦ ଚନ୍ଦ୍ର ପାଢ଼ୀ, ବୃନ୍ଦାବନ ନାୟକ, ତପନ ମଲଣା, ପ୍ରଭାତ ପାଢ଼ୀ, ପୂର୍ବତନ ସରପଞ୍ଚ ଲୋକନାଥ ବେହେରା, ଅରୁଣ କୁମାର ନାୟକ, ରବୀନ୍ଦ୍ର ନାୟକ, ଗାଣ୍ଟୁ ନାୟକ, ଗଣେଶ ନାୟକ, ୱାର୍ଡ଼ ସଭ୍ୟ କାଲୁ ନାୟକ କଂଗ୍ରେସ ଦଳରେ ସାମିଲ ହୋଇଥିଲେ।


କଂଗ୍ରେସର ମିଶ୍ରଣ ପର୍ବରେ ସାମିଲ ହୋଇଥିବା କର୍ମୀ।



ଏଏପି ନେତା ସଞ୍ଜୟ ସିଂଙ୍କ ଗିରଫକୁ ବିରୋଧ କରି ଦଳୀୟ କର୍ମୀମାନେ ନୂଆଦିଲ୍ଲୀଠାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଓପିସିସି ଅନୁସୂଚିତ ଜାତି ବିଭାଗ**

# ସାମାଜିକ ଗଣମାଧ୍ୟମ ରାଜ୍ୟ କମିଟି

**ଭୁବନେଶ୍ୱର, ୧୩।୧୦(ସୁନିତ୍ ମିଶ୍ର)**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ରାଜେଶ ଲିଲୋଠିଆଙ୍କ ଅନୁମୋଦନକ୍ରମେ ଶୁକ୍ରବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ଅନୁସୂଚିତ ଜାତି ବିଭାଗର ସୋସିଆଲ୍ ମିଡିଆର ରାଜ୍ୟ କମିଟି ଗଠନ କରାଯାଇଛି। ଏହି କମିଟିରେ ଆବାହକ ଭାବେ ମଲିକ ଏନାମେଲ୍, ଝରିଆ ନାଏକ ରହିଥିବା ବେଳେ ରମାକାନ୍ତ ନାଏକ, ବୀରେନ ପଶାୟତ, ଗଣେଶ ସାହୁ, ମଲିକ୍ ଇମ୍ତିଆଜ୍, ନାସିମ୍ ଅମହଦ୍ ଖାନ୍, ଏଜାଜ୍ ମଲିକ୍, ଏସ୍.କେ. ଅତିଉର୍ ରେହମାନ୍, ମନୋରଞ୍ଜନ ସିଂହ, ଚନ୍ଦ୍ରଶେଖର ତାଣ୍ଡି, ସମ୍ପଦ ପୋଢ଼, ଡାକେଶ୍ୱର ଲେହେଜାଲ୍, ଉମାକାନ୍ତ ମାଝି, ବିନୋଦ ନାଏକ ସଂଯୋଜକ ଭାବେ ରହିଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ଭାବେ ବିଜୟ କୁମାର ମଲିକ, ଡକ୍ଟର ବିଭାର, ଏହେସାନ୍ ଅଲି, ଏସ୍.କେ. ସଦାମ୍, ସବ୍‌ନମ୍ ବେଗମ୍, ଅବଦୁଲ୍ ମସିମ୍ ଖାନ୍, ଏସ୍.କେ. ସିଦ୍ଦିକି, ଲମ୍ବୋଦର ମାଝି, ପତିତପାବନ ପ୍ରଧାନ,ପ୍ରଦୀପ ସିଂ୍ଘା, ସଚ୍ଚିଦାନନ୍ଦ ସାହୁ, ରାଜକିଶୋର ବେଦୀ, ଅନ୍ତର୍ଯାମୀ ମାଝି, ନୁରେନ୍ ତନ୍ତି, ଅନିଲ୍ ମହାନ୍ତ ରହିଛନ୍ତି। ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା ଅଭିନନ୍ଦନ ଜଣାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# କଂଗ୍ରେସକୁ ଫେରିବେ ପଞ୍ଜାବର ପୂର୍ବତନ ମନ୍ତ୍ରୀ

**ଚଣ୍ଡିଗଡ଼,୧୩।୧୦**

ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବରୁ ପଞ୍ଜାବରେ ଭାରତୀୟ ଜନତା ପାର୍ଟି(ଭାଜପା)କୁ ଏକ ଝଟ୍‌କା ଲାଗିଛି। ପୂର୍ବତନ ମନ୍ତ୍ରୀ ରାଜ କୁମାର ଭେର୍କା ପୁଣି ପୁରୁଣା ଦଳକୁ ଫେରିବା ନେଇ ଶୁକ୍ରବାର ଘୋଷଣା କରିଛନ୍ତି। ୨୦୨୨ବିଧାନସଭା ନିର୍ବାଚନରେ ପରାଜୟର ସମ୍ମୁଖୀନ ହେବା ପରେ ଭେର୍କା ହାତ ଛାଡି ପଦ୍ମ ଧରିଥିଲେ। ସେ କହିଛନ୍ତି, ଅନେକ ଦିନ ଚିନ୍ତା କରିବା ପରେ ଭାଜପା ଛାଡୁଛି। କଂଗ୍ରେସ ଦଳରେ ଯୋଗଦେବାକୁ ଯୋଜନା କରୁଛି। ଆଉ ଏଥିନେଇ ଦିଲ୍ଲୀ ଯାଉଛି। ଭେର୍କାଙ୍କ କଂଗ୍ରେସରେ ଯୋଗଦାନ ସମ୍ପର୍କରେ ପଞ୍ଜାବ ଭାଜପା ମୁଖପାତ୍ର ଅନିଲ ସରିନ କହିଛନ୍ତି ଏହା ଦୁର୍ଭାଗ୍ୟଜନକ। ଯେତେବେଳେ ସେ ଭାଜପାରେ ଯୋଗ ଦେଇଥିଲେ ସେତେବେଳେ ତାଙ୍କୁ ସମ୍ମାନ ଦିଆଯାଇଥିଲା।


ରାଜ କୁମାର ଭେର୍କା

# ଭାଜପାର ଗଣ ଆନ୍ଦୋଳନ


ହଳଦୀପଦା ପଞ୍ଚାୟତ ଅଫିସ ସମ୍ମୁଖରେ ଭାଜପାର ଗଣ ଆନ୍ଦୋଳନ।

**ରୂପସା,୧୩।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ପଞ୍ଚାୟତ ଅଫିସ ସମ୍ମୁଖରେ ଶୁକ୍ରବାର ସଦର ଭାଜପା ପକ୍ଷରୁ ଗଣଆନ୍ଦୋଳନ କରାଯାଇଛି। ରାଜ୍ୟସରକାରଙ୍କ ଦୁର୍ନୀତି ଏବଂ ଭ୍ରଷ୍ଟାଚାର ବିରୁଦ୍ଧରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ଆସି ପଞ୍ଚାୟତ ଅଫିସ ସମ୍ମୁଖରେ ପହଞ୍ଚିଥିଲେ।

ଆୟୋଜିତ ପ୍ରତିବାଦ ସଭାରେ ମାନସ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଗତ ୨୩ ବର୍ଷ ଧରି ଓଡ଼ିଶାରେ ଦୁର୍ନୀତି, ଭ୍ରଷ୍ଟାଚାର, ଅସାମ୍ବିଧାନିକ ସରକାର ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ବିକାଶ ପାଇଁ ଗତ ୯ ବର୍ଷରେ ପର୍ଯ୍ୟାପ୍ତ ପରିମାଣରେ ଆର୍ଥିକ ଅନୁଦାନ ସମେତ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ବହୁ ଜନ କଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରୀ କରିଛନ୍ତି। ମାତ୍ର ଓଡ଼ିଶା ସରକାର ବିକାଶରେ ବାଧକ ସାଜିଥିବାରୁ ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟାଚାରୀ ବିଜେଡି ସରକାରଙ୍କୁ ଜନତା ଆଗାମୀ ଦିନରେ ଉଚିତ୍ ଜବାବ ଦେବେ ବୋଲି କହିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ବରିଷ୍ଠ ନେତା ଗୌରାଙ୍ଗ ଦାସ, ରାଜେନ୍ଦ୍ର ଚାଟାର୍ଜୀ, ପଞ୍ଚାୟତ ସଭାପତି ବିଜୟ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ କାର୍ତ୍ତିକ ପ୍ରଧାନ ଓ ଅନ୍ତର୍ଯ୍ୟାମୀ ବେହେରା, ରେବତୀ ମୁଣ୍ଡା, ସ୍ମରଣିକା ଜେନା ପ୍ରମୁଖ ଉପସ୍ଥିତ ଥିଲେ।


**CLASSIFIED DISPLAY**

MORE SPACE * SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BIJAYA FINANCE**

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଇପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%

Mob:7656825212
7656825011


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ**


ସ୍ୱପ୍ରଭାତ ନଳିନୀ ମହାଖୁଡ଼ (ଝୁନୁ)

ସ୍ୱାମୀ: ଭଗବାନ ମହାଖୁଡ଼
ମ୍ୟୁନିସିପାଲିଟି ରୋଡ୍, ଢେଙ୍କାନାଳ
ଆବିର୍ଭାବ: ୦୮।୧୦।୧୯୫୫
ତିରୋଧାନ: ୧୭।୦୯।୨୦୨୦
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୪୦୯୮

**2nd Death Anniversary**


LATE NABANITA DEY (MAMONI)
Kokila Home, Pokhariput
Bhubaneswar
Born: 20.11.1983 (Kartik Purnima)
Death: 06.10.2021 (Mahalaya Amavashya)
Days will pass and turn into years..... but we will always remember you with silent tears. Missing You !
In Grief
Satyajit Dey (Father)
Rita Dey (Mother)
and Rajiv Mitra (Husband)
ଧ-୭୫୧୫୮

# ବିରୋଧୀମାନେ ବି ଯୋଜନାରୁ ସୁଫଳ ପାଉଛନ୍ତି: ବିଜେଡି

**ତିହିଡ଼ି, ୧୩।୧୦(ସଞ୍ଜିତ ବଳ)**

ରାଜ୍ୟ ସରକାର ଲୋକଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ତେବେ ଏହି ଯୋଜନାକୁ ବିରୋଧ କରୁଥିବା ବିରୋଧୀମାନେ ବି ସେଥିରୁ ଉପକୃତ ହେଉଛନ୍ତି ବୋଲି ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ୯ ପଞ୍ଚାୟତରେ ଶୁକ୍ରବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅବସରରେ ଅନୁଷ୍ଠିତ ସଭାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ କହିଛନ୍ତି। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ସାଧାରଣ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବାକୁ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ଉପସଭାପତି ସୁରେନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସୁମତୀ ସେଠୀ, ବ୍ଲକ ସଭାପତି ରଘୁନାଥ ପଣ୍ଡା, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରବୀର ନାୟକ, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ଲକ୍ଷ୍ମୀପ୍ରିୟା ସାମଲ, ତାପସ ବେହେରା, ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ, ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ଶିକ୍ଷାବିତ୍ ସୁରେନ୍ଦ୍ର ନାୟକ, ବରିଷ୍ଠ ନେତା କମଳାକାନ୍ତ ସ୍ୱାଇଁ, ଶରତ ଦାସ, ଯୁବନେତା ଶୁଭେନ୍ଦୁ ମଲ୍ଲିକ, ଅଭୟ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ, ବୈକୁଣ୍ଠନାଥ ପାଣି, କମଳାକାନ୍ତ ଲେଙ୍କା, ଛନ୍ଦାଚରଣ ନାୟକ, ବିପିନ ବେହେରା, ଲଳିତ ମୋହନ ନାୟକ, ଉମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମିତିସଭ୍ୟା ତିଳୋତ୍ତମା ବେହେରା ଧନ୍ୟବାଦ ଦେଇଥିଲେ।


**MARUTI GROUP OF INSTITUTION**
BARGARH, ODISHA
MARUTI PHARMACY COLLEGE
COURSES : D. PHARMA (2 Yrs.)
: B. PHARMA (4 Yrs.)
MARUTI INSTITUTE OF PARAMEDICAL & ALLIED SCIENCE
COURSES : DIPLOMA IN MEDICAL LABORATORY TECHNICIAN (DMLT) - 2 Yrs.
Consultancy required contact:
7605930501, 9438066954
Eligibility for Admission for all +2 Science Pass


# ବିଜେଡିର ପଦଯାତ୍ରା

**ଯାଜପୁର ଟାଉନ,୧୩।୧୦ (ପ୍ରଯୋକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ବ୍ଲକ୍ ଅଧୀନ ୩୨ ନମ୍ବର ଜୋନରେ ଶୁକ୍ରବାର ବିଜେଡିର ଏକ ଜନସମ୍ପର୍କ ପଦଯାତ୍ରା ବରିଷ୍ଠ ନେତା ତଥା ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଜୋନ ବିଚିତ୍ରପୁର ପଞ୍ଚାୟତ କାର୍ଯ୍ୟାଳୟର ମଙ୍ଗଳାମନ୍ଦିରଠାରୁ ଶତାଧିକ କର୍ମୀ ପଦଯାତ୍ରାରେ ବାହାରି ଯାଜପୁର ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ବାର୍ତ୍ତା ଜନତାଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ପଦଯାତ୍ରା କରାଯାଇଥିଲା।

ଏଥିରେ ୩୨ ନମ୍ବର ଜୋନରେ ଥିବା ୬ ପଞ୍ଚାୟତ ଯଥା ; ବିଚିତ୍ରପୁର, ଖଇରାବାଦ, ଜାଫରପୁର, ମାର୍କଣ୍ଡପୁର, ବାସୁଦେବପୁର, ଯାହାନପୁର ଆଦି ଅଞ୍ଚଳର ବରିଷ୍ଠ ନେତା, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, ସମିତିସଭ୍ୟା ଇନ୍ଦୁଲତା ସାହୁ, ପର୍ଯ୍ୟବେକ୍ଷକ ଦିଲୀପ କୁମାର ଜେନା, ଜିଲା ବିଜେଡି ଉପସଭାପତି ପ୍ରକାଶ କୁମାର ତ୍ରିପାଠୀ, ଯାଜପୁର ବ୍ଲକ୍ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡା, ବ୍ଲକ୍ ସଭାପତି ପରେଶ କୁମାର ବିଶ୍ୱାଳ, ଗଣେଶ ଚନ୍ଦ୍ର ମହାକୁଡ, ଅନିଲ କୁମାର ସାହାଣୀ, ତୁଷାରକାନ୍ତି ପରିଡ଼ା, ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ସାମଲ, ସଞ୍ଜୀବ କୁମାର ସାହୁ, ମହେଶ୍ୱର ସାହୁ, ସୁଧାକର ନାୟକ, ବିଜୟ କୁମାର ପଣ୍ଡା, ବସନ୍ତ କୁମାର ସ୍ୱାଇଁ, ସୁଧାଂଶୁ କୁମାର ଆଚାର୍ଯ୍ୟ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସରପଞ୍ଚ କାହ୍ନୁଚରଣ ତରାଇ, ଦେବଦତ୍ତ ଦାସ, ବିଜେଡି ମହିଳା ଜିଲା ଉପସଭାପତି ସସ୍ମିତା ସାହୁ ଓ ଜାଫରପୁର ସରପଞ୍ଚ ସାଗରିକା ପାତ୍ରଙ୍କ ସମେତ ଦଳର କର୍ମୀ, ବରିଷ୍ଠ ନେତୃବୃନ୍ଦ, ବିଜୁ ଯୁବ, ଛାତ୍ର, ମହିଳା ଏବଂ ଜନପ୍ରତିନିଧି ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ବିନୋଦ କୋରାପୁଟ ଜିଲା କଂଗ୍ରେସ କମିଟି ମୁଖ୍ୟ ମୁଖପାତ୍ର

**ଭୁବନେଶ୍ୱର, ୧୩।୧୦(ସୁନିତ୍ ମିଶ୍ର):** କୋରାପୁଟ ଜିଲା କଂଗ୍ରେସ କମିଟିର ଗଣମାଧ୍ୟମ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ପକ୍ଷରୁ ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି। ଓପିସିସି ସଭାପତି ଶରତ ପଟ୍ଟନାୟକ ଶୁକ୍ରବାର ରୂପକ ତୁରୁକଙ୍କ ସ୍ଥାନରେ ବିନୋଦ ମହାପାତ୍ରଙ୍କୁ କୋରାପୁଟ ଜିଲା କଂଗ୍ରେସ କମିଟିର ମୁଖ୍ୟ ମୁଖପାତ୍ର ଭାବରେ ନିଯୁକ୍ତି ଦେଇଛନ୍ତି।


# Classified Everyday
0674-2580101, 2549949


AUTOMOBILE

**SALE**

TATA HYVA (Model-3118) 2018, 5 Nos., TATA HYVA (Model-2518) 2016, 4 Nos. - 9348369473, 7504690838. D-75235


REAL ESTATE

**SALE**

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

**4 Bedroom new Construction individual duplex house sale at Gita Engineering College, NH-5 Goharia Chhak, Bhubaneswar, cost@85lac (land area-1560sqft, built up-2426sqft). Mob-9938867397.** D-1555

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ଏବଂ ଗଙ୍ଗପଡା ପାଖରେ ସ୍ଥିତିବାନ୍ possession plot କିଣି ଘର କରନ୍ତୁ। Contact: 9777067303. D-1513

**ଘରବାରି ବାସୋପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। 9439924161.** D-75236

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

Duplex sale at Bhubaneswar @ 57 lakhs only. Contact: 9777433701. D-75232

**ପୁରୀ ଶ୍ରୀମନ୍ଦିର ପାଖରେ Furnished One Bedroom new flat with Kitchen & Bathroom ମାତ୍ର 25 ଲକ୍ଷ (Negotiable). Only genuine buyer contact: 9438220432/ 8144658008.** D-1557

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



CONSTRUCTION

**Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring-SNV Construction- 9439295469.** D-75226



Newly open health benefits Spa special offer @ 999. Contact: 7749034655. D- 75157

Spa Kerala body Massage only best Therapist @699/- Bhubaneswar. 9337672475. D-1535

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75051

**Full body massage by expert therapist positively health benefits. 9938843929.** D-75159

Newly open spa positively Health benefits with expert therapist. 9040286886. D-75152

**Relax, Refresh your body, Mind at Saikrupa Spa with best therapies. 8984068077.** D-1502



**Padhy pest Controllers Bumper Offer for anti-termite treatment with 5years warranty @ 3.50per sqft. from 16.10.23 to 21.10.23. Contact: 9515883819.** D-75154

**LOST**

Mouza- Puba Sasan, Plot No.-104/2129, vide deed No.- 1069 dated 21.05.1999 missing place- on dated 01.10.2023 near Uttara Chowk. Contact No.- 8093176616. D-1560

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit sworn before the Executive Magistrate, BBSR, dated 12.10.2023, I, Sasmita Rani Samal, W/o- Pramoda Kumar Swain declare that I have changed my surname from Sasmita Rani Swain to Sasmita Rani Samal. Henceforth I shall be known as Sasmita Rani Samal for all purposes. D-1554

ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଟାଙ୍ଗୀଙ୍କ ପାଖରେ ଶପଥ କରୁଅଛିକି ମୁଁ ଝୁନା ଜେନା, ପି: ଧୃର୍ବ ଜେନା, ଗ୍ରା- ଓସ୍ତପଡ଼ା, ପୋ- କମାଗୁରୁ, ଜି: ନୟାଗଡ଼, ମୋର ପୂର୍ବନାମ ଓ ଠିକଣାକୁ ବଦଳାଇ ଡଲୀ ବିଶ୍ୱାଳ, ସ୍ୱା: ଦିନେଶ ବିଶ୍ୱାଳ, ଗ୍ରା: ତେଲେଙ୍ଗାପଡ଼ା, ପୋ: ଗଡ଼ଖାରଦ, ଜି: ପୁରୀ କରୁଅଛି ଏହା ପ୍ରତ୍ୟେକ ସରକାରୀ ଓ ବେସରକାରୀ ସମସ୍ତ କାର୍ଯ୍ୟରେ ଆସିବ। ଧ- ୧୫୬୧

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



# ଅହମଦାବାଦରେ ଫେଭରିଟ୍ ଟିମ୍ ଇଣ୍ଡିଆ

ଅହମଦାବାଦ,୧୩।୧୦(ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ବହୁ ପ୍ରତୀକ୍ଷିତ ଭାରତ-ପାକିସ୍ତାନ ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଆତଙ୍କବାଦ, ରାଜନୀତି ଓ ସୀମା ବିବାଦକୁ ନେଇ ଦ୍ୱିପାକ୍ଷିକ କ୍ରିକେଟ ହେଉ ନ ଥିବା ବେଳେ ଆଇସିସି ଟୁର୍ନାମେଣ୍ଟକୁ ଫ୍ୟାନ୍‌ମାନେ ଚାତକ ଭଳି ଅନାଇ ରହିଥାନ୍ତି। ଏଭଳି ପରିସ୍ଥିତିରେ ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ ସବୁଠୁ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍ ଆୟୋଜନ କରିବା ପାଇଁ ପ୍ରସ୍ତୁତ। ରେକର୍ଡକୁ ଦେଖିଲେ ଅହମଦାବାଦରେ ଟିମ୍ ଇଣ୍ଡିଆ ହିଁ ଫେଭରିଟ୍ ରହିବ। ତେବେ ମ୍ୟାଚ୍ ଦିନର ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ। କାଗଜ କଲମରେ ଭାରତ ଅଧିକ ଶକ୍ତିଶାଳୀ ଏଥିରେ କୌଣସି ଦ୍ୱିମତ ନାହିଁ। ଭାରତୀୟ ବ୍ୟାଟିଂ ଲାଇନ୍ ଅପ୍ ବର୍ତ୍ତମାନ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଆକ୍ରମଣ। ତେବେ ପାକିସ୍ତାନର ଦ୍ରୁତ ବୋଲିଂ ମଧ୍ୟ ସମାନ ଢଙ୍ଗରେ ଶକ୍ତିଶାଳୀ। ଭାରତୀୟ ଟପ୍‌ଅର୍ଡର ଓ ଶାହିନ୍ ଶାହ ଆଫ୍ରିଦିଙ୍କ ଓପନିଂ ସ୍ପେଲ୍ ଉପରେ ସଭିଙ୍କ ନଜର ରହିବ। ଦିନିକିଆ ବିଶ୍ୱକପ୍‌ରେ ଉଭୟ ଦଳ ଅଦ୍ୟାବଧି ୭ ଥର ସାମ୍ନାସାମ୍ନି ହୋଇଥିବା ବେଳେ ପ୍ରତ୍ୟେକ ଥର ବାଜିମାରି ନେଇଛି ଭାରତ। ଶନିବାର ଏହି ଅଗ୍ରଣୀକୁ ୮-୦କୁ ବୃଦ୍ଧି କରିବାକୁ ଚାହିଁବ ଭାରତୀୟ ଦଳ।

ଜାଭେଦ୍ ମିଆଁଦାଦ-ଚେତନ ଶର୍ମା, ସଲିମ୍ ମଲିକ-ମନିନ୍ଦର ସିଂ, ଅଜୟ ଜାଡେଜା-ୱାକାର ୟୁନିସ, ସଚିନ ତେନ୍ଦୁଲକର-ଶୋଏବ ଅଖତର, ବିରାଟ କୋହଲି-ୱାହାବ ରିଆଜ୍‌ଙ୍କ ଠାରୁ ମୁକାବିଲା ଆସି ବିରାଟ କୋହଲି-ଶାହିନ୍ ଆଫ୍ରିଦିଙ୍କ ପର୍ଯ୍ୟନ୍ତ ପହଞ୍ଚିଛି। ତଥାପି ବି ବିଶ୍ୱର କ୍ରିକେଟ ଫ୍ୟାନ୍‌ଙ୍କ ନିକଟରେ ଭାରତ-ପାକିସ୍ତାନ ଲଢେଇ ସର୍ବଦା ସ୍ୱତନ୍ତ୍ର।

ପାକିସ୍ତାନ ବୋଲର ଶାହିନ୍ ଶାହ ଆଫ୍ରିଦି ନିଜର ଓପନିଂ ସ୍ପେଲ୍‌ରେ ଅତ୍ୟନ୍ତ ଭୟଙ୍କର ବୋଲର। ଲାଇନ୍, ଲେନ୍ଥ ଓ ରିଦିମ ପ୍ରାପ୍ତ ନ କରିଲେ ଶାହିନ୍‌ଙ୍କୁ ଅଟକାଇବା ଅସମ୍ଭବ। ତେବେ ୧ ଲକ୍ଷ ୩୨ ହଜାର ଭାରତୀୟ ସମର୍ଥକଙ୍କ ସମ୍ମୁଖରେ ରୋହିତ ଶର୍ମା ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରି ଶାହିନ୍‌ଙ୍କ ଲାଇନ ବିଗାଡିବାକୁ ପ୍ରୟାସ କରିବେ। ଅନ୍ୟତମ ଓପନର ଶୁବମାନ ଗିଲ୍ ଡେଙ୍ଗୁରୁ ସୁସ୍ଥ ହୋଇଥିଲେ ମଧ୍ୟ ଏଯାଏ ସମ୍ପୂର୍ଣ୍ଣ ଫିଟ୍ ହୋଇନାହାନ୍ତି। ଗିଲ୍ ଫିଟ୍ ନ ହେଲେ ଇଶାନ କିଶନଙ୍କୁ ଲଗାତର ତୃତୀୟ ମ୍ୟାଚ୍‌ରେ ବ୍ୟାଟିଂ ଓପନ କରିବାକୁ ସୁଯୋଗ ମିଳିବ। ପାୱାର ପ୍ଲେରେ ଶାହିନ୍‌ଙ୍କ ରିଦିମ୍ ଖରାପ ହେଲେ ଭାରତର ମ୍ୟାଚ୍ ଜିତିବାର ସମ୍ଭାବନା ବୃଦ୍ଧି ପାଇବ। ଏହା ସହିତ ଓପନିଂରେ ଭଲ ପାର୍ଟନରଶିପ୍ ହେବା ଦ୍ୱାରା ବିରାଟ କୋହଲି, ଶ୍ରେୟସ ଆୟାର ଓ ଲୋକେଶ ରାହୁଲଙ୍କ ପାଇଁ ଏକ ଭଲ ପ୍ଲାଟ୍‌ଫର୍ମ ମଧ୍ୟ ମିଳିବ। ଭାରତୀୟ ସ୍ପିନ୍ ଆକ୍ରମଣ ବେଶ୍ ଶକ୍ତିଶାଳୀ ରହିଥିବା ବେଳେ ପାକିସ୍ତାନ ସ୍ପିନରମାନେ ଫର୍ମରେ ନାହାନ୍ତି। ପାକିସ୍ତାନ ଉପଅଧିନାୟକ ଶଦାବ ଖାନ୍ ଆଦୌ ଫର୍ମରେ ନ ଥିବା ବେଳେ ଏହା ଭାରତୀୟ ବ୍ୟାଟରଙ୍କୁ ଆତ୍ମବିଶ୍ୱାସ ପ୍ରଦାନ କରିବ। ଶଦାବ ଦୁଇଟି ମ୍ୟାଚ୍‌ରେ ୧୬ ଓଭରରେ ୧୦୦ ରନ୍ ବ୍ୟୟ କରିସାରିଛନ୍ତି। ସେହିପରି ହସନ ଅଲୀଙ୍କ ବଲ୍‌ରେ ପେସ୍ ନ ଥିବାରୁ ତାଙ୍କୁ ଭାରତୀୟ ବ୍ୟାଟରମାନେ ସହଜରେ ଟାର୍ଗେଟ କରିବାକୁ ପ୍ରୟାସ କରିବେ।

ବାବର ବନାମ କୁଲ୍‌ଦୀପ: ଭାରତୀୟ ଚାଇନାମ୍ୟାନ୍ ସ୍ପିନର କୁଲ୍‌ଦୀପ ଯାଦବ ଚମତ୍କାର ଫର୍ମରେ ରହିଛନ୍ତି। ତେଣୁ କୁଲ୍‌ଦୀପ ଓ ପାକିସ୍ତାନ ଅଧିନାୟକ ବାବର ଆଜମ୍‌ଙ୍କ ମଧ୍ୟରେ କଡା ଟକ୍କର ଦେଖିବା ନେଇ ଆଶା କରାଯାଉଛି। ୨୦୧୯ ବିଶ୍ୱକପ୍‌ରେ ମଧ୍ୟ କୁଲ୍‌ଦୀପଙ୍କ ବଲରେ ଆଉଟ ହୋଇଥିଲେ ବାବର ଆଜମ୍। ପାକିସ୍ତାନ ଦଳରେ ମହମ୍ମଦ ରିଜ୍‌ୱାନ, ଶୌଦ ଶକିଲ୍ ଓ ଅବଦୁଲ୍ଲା ଶଫିକ୍‌ଙ୍କ ପରି ପ୍ରତିଭାବାନ ଖେଳାଳି ରହିଥିଲେ ମଧ୍ୟ ବାବରଙ୍କ ଉପରେ ସଭିଙ୍କ ନଜର ରହିବ। ତେବେ କୁଲ୍‌ଦୀପଙ୍କ ପୂର୍ବରୁ ପାକିସ୍ତାନ ବ୍ୟାଟରଙ୍କୁ ପ୍ରଥମେ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସିରାଜଙ୍କ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିବ। ଶ୍ରୀଲଙ୍କା ବିପକ୍ଷରେ ପାକିସ୍ତାନ ଆକ୍ରମଣାତ୍ମକ ଖେଳିଥିବା ବେଳେ ଭାରତ ବିପକ୍ଷରେ ଏହା ବେଶ୍ କଷ୍ଟସାଧ୍ୟ ରହିବ। ଅହମଦାବାଦର ପିଚ୍ ବ୍ୟାଟିଂ ସହାୟକ ରହିଥିବା ବେଳେ ଭାରତ ୮ ନମ୍ବରରେ ରବିଚନ୍ଦ୍ରନ ଅଶ୍ୱିନ ଓ ଶାର୍ଦ୍ଦୂଳ ଠାକୁରଙ୍କ ମଧ୍ୟରୁ କାହାକୁ ଖେଳାଇବ ତାକୁ ନେଇ କୌଣସି ସ୍ପଷ୍ଟଚିତ୍ର ମିଳିନାହିଁ।

ଦିନିକିଆ ବିଶ୍ୱକପ୍‌ରେ ଭାରତକୁ ପାକିସ୍ତାନ କଦାପି ହରାଇ ନ ଥିବା ବେଳେ ଦଳ ନିକଟରେ ଏହା ଏକ ସୁଯୋଗ ରହିବ। ଅନ୍ୟପକ୍ଷରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପାଇଁ ଏହା ସମ୍ଭବତଃ ଶେଷ ବିଶ୍ୱକପ୍ ହୋଇଥିବା ବେଳେ ଉଭୟ ଖେଳାଳି ପାକିସ୍ତାନକୁ ଆଉଥରେ ପରାଜିତ କରିବାକୁ ଚାହିଁବେ।

### ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଭାରତ ବନାମ ପାକିସ୍ତାନ**

ସ୍ଥାନ: ଅହମଦାବାଦ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ





ପିଚ୍ ନିରୀକ୍ଷଣ କରୁଛନ୍ତି କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା। ଅଭ୍ୟାସ ସମୟରେ ଏକ ହାଲୁକା ମୁହୂର୍ତ୍ତରେ ଶୁବମନ ଗିଲ୍ ଓ ଇଶାନ କିଶନ।

## ଭାରତ-ପାକିସ୍ତାନ ଲଢେଇ

# କିଏ ଜିତିବ କହିବା କଷ୍ଟକର

ରିଚାର୍ଡ ହାଡ୍‌ଲୀ

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଶନିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଟୁର୍ନାମେଣ୍ଟରେ ପୂର୍ବରୁ ର୍‍ୟାଙ୍କିଂ ତାଲିକାରେ ଦୁଇ ଦଳ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଥିଲେ। ଅହମଦାବାଦରେ ଖେଳାଯିବାକୁ ଥିବା ଏହି ମ୍ୟାଚ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି। ଏଥର ଟୁର୍ନାମେଣ୍ଟରେ ଭାରତ ଭଲ ଖେଳୁଛି। ପୂର୍ବତନ ବିଜେତା ପାକିସ୍ତାନ ମଧ୍ୟ ଭଲ ସ୍ଥିତିରେ ରହିଛି। ଦୁଇଟିଯାକ ଦଳ ସେମାନଙ୍କ ପୂର୍ବ ଦୁଇ ମ୍ୟାଚରେ ସହଜ ବିଜୟ ହାସଲ କରିଛନ୍ତି।

ଭାରତ କହିବାକୁଗଲେ ପ୍ରତିଯୋଗିତାର ଏକ ଶକ୍ତିଶାଳୀ ଅଲରାଉଣ୍ଡ ଟିମ୍। ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ବର୍ତ୍ତମାନ ଫିଟ୍ ଅଛନ୍ତି। ଲକ୍ଷ୍ୟଭେଦୀ ଇନ୍‌ସୁଇଙ୍ଗ ଓ ଆଉଟ ସୁଇଙ୍ଗ ବୋଲିଂ କରିପାରନ୍ତି। ଟୁର୍ନାମେଣ୍ଟରେ ସେ ସବୁଠାରୁ ବିପଜ୍ଜନକ ପେସ୍ ବୋଲର। ତାଙ୍କ ଅସାଧାରଣ ଟେକ୍‌ନିକ୍ ବ୍ୟାଟ୍ସମ୍ୟାନମାନଙ୍କୁ ଚିନ୍ତାରେ ପକାଇଥାଏ। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ମାତ୍ର ୨ ରନ ସ୍କୋରରେ ୩ ଉଇକେଟ ହରାଇ ଭାରତ ଚାପରେ ରହିଥିଲା। ଏଭଳି ପରିସ୍ଥିତ ଥାଇ ମଧ ଦଳ ମ୍ୟାଚକୁ ସହଜେ ଜିତି ନେଇଥିଲା। ଆଫଗାନିସ୍ତାନ ବିପକ୍ଷରେ ରୋହିତ ଶର୍ମା ଆକର୍ଷଣୀୟ ୧୩୧ ରନ ସଂଗ୍ରହ କରିଛନ୍ତି। କେ.ଏଲ୍. ରାହୁଲ ଦୁଇଟି ଅର୍ଦ୍ଧଶତକ ହାସଲ କରି ତାଙ୍କ ଫର୍ମର ପରିଚୟ ଦେଇଛନ୍ତି। ଭାରତ ଉଭୟ ବ୍ୟାଟିଂ ଓ ବୋଲିଂରେ ଭଲ ଜଣାପଡୁଛି। ଦଳର ସ୍ପିନରମାନେ ମଧ୍ୟ ସେମାନଙ୍କ ଦାୟିତ୍ୱ ସୁଚାରୁ ରୂପେ ତୁଲାଉଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ଏକ ସନ୍ତୁଳିତ ଦଳ ବୋଲି ଜଣାପଡୁଛି। ଏହାର ପେସ୍ ଆଟାକ୍ ବେଶ୍ ଶକ୍ତିଶାଳୀ। ମହମ୍ମଦ ରିଜ୍‌ୱାନ ଏବେ ଫର୍ମରେ ଅଛନ୍ତି। ତେଣୁ କେଉଁ ଦଳ ଜିତିବ ତାହା ପୂର୍ବାନୁମାନ କରିବା କଠିନ ବ୍ୟାପାର। ଏହି ଦୁଇ ଦଳ ପରସ୍ପର ପ୍ରତି ଭାରି ପଡ଼ିବେ। ସେମାନେ ଆଉ ୨ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିବେ। ସମ୍ଭବତଃ ଭାରତ ଫେଭରାଇଟ୍ ରହିବ। କାରଣ ଭାରତ ପୂର୍ବରୁ ୫୦ ଓଭର ବିଶ୍ୱକପ୍ ମୁକାବିଲାରେ କେବେ ପାକିସ୍ତାନଠାରୁ ହାରିନାହିଁ। ପ୍ରତିଯୋଗିତାର ବର୍ତ୍ତମାନ ସ୍ଥିତିରେ ପ୍ରତିଟି ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ଦଳଗୁଡ଼ିକ ପରୀକ୍ଷାନିରୀକ୍ଷା ନ ଚଳାଇ ସେମାନଙ୍କ ଶ୍ରେଷ୍ଠ ଏକାଦଶକୁ ନେଇ ପଡ଼ିଆକୁ ଓହ୍ଲାଇବେ। ବୃହତ୍ ବ୍ୟବଧାନରେ ବିଜୟ ସହ ନେଟ୍ ରନରେଟ୍‌ରେ ଉନ୍ନତି ଆଣିବାରେ ଚେଷ୍ଟା କରିବେ। ଅଣଭାରତ ଗେମ୍‌ଗୁଡ଼ିକରେ ଦର୍ଶକ ଉପସ୍ଥାନ କମ୍ ରହିବା ଆଶ୍ଚର୍ଯ୍ୟଜନକ ଏବଂ ଦୁଃଖର ବିଷୟ। ତେବେ ପ୍ରତିଯୋଗିତା ଆଗକୁ ବଢ଼ିବା ସହ ଦର୍ଶକଙ୍କ ଆଗମନ ବୃଦ୍ଧି ପାଇବ ବୋଲି ଆଶା।

(ଟିଭାକ୍ ସ୍ପୋର୍ଟ୍ସ)

# ଭାରତ ବୋଲିଂ ବନାମ ପାକିସ୍ତାନ ବ୍ୟାଟିଂ

ଗୌତମ ଗମ୍ଭୀର

ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହେବା ସ୍ୱାଭାବିକ। ଚଳିତ ବିଶ୍ୱକପ୍‌ରେ ଅହମଦାବାଦରେ ଦୁଇ ଦଳ ମୁହାଁମୁହିଁ ହେବେ। ଏହାକୁ କେହି ମିସ୍ କରିବାକୁ ଚାହିଁବେ ନାହିଁ। ଏହି ମ୍ୟାଚ ଯେଉଁ ଦଳ ଜିତିବ ନଭେମ୍ବର ୧୯ ଫାଇନାଲକୁ ଆଉ ଏକ ପାଦ ଅଗ୍ରସର ହେବ। ଭୌଗୋଳିକ ଅବସ୍ଥିତି ଓ ରାଜନୈତିକ ଦୃଷ୍ଟିକୋଣରୁ ଭାରତ-ପାକିସ୍ତାନ ମ୍ୟାଚ ସବୁବେଳେ ହାଇ-ପ୍ରୋଫାଇଲ ରହିଆସିଛି। ଖେଳାଳିଙ୍କ କ୍ରୀଡ଼ା ନୈପୁଣ୍ୟ ଅପେକ୍ଷା ଦୁଇ ଦେଶର ଇତିହାସ ପ୍ରତିଯୋଗିତା ପାଇଁ ଏକ ମଜଭୁତ ପୃଷ୍ଠଭୂମି ସୃଷ୍ଟି କରିଥାଏ। ମୁଁ କିନ୍ତୁ ଏସବୁ ପସନ୍ଦ କରେ ନାହିଁ। ଏହା ଏକ ଯୁଦ୍ଧ ନୁହେଁ। ଯଦି ଭାରତ ହାରିଯାଏ ତେବେ କାହାରି ମୃତ୍ୟୁ ଘଟେ ନାହିଁ। ଦୁଇ ଦଳ ମଧ୍ୟରେ ଯଦି ତୁଳନା କରାଯାଏ ତେବେ ଭାରତ ଏହି ମ୍ୟାଚ ଜିତିବା କଥା। ଯଦି ଅବା ହାରିଯାଏ ତେବେ କିଛି ଅସିଦ୍ଧ ହୋଇଯିବ ନାହିଁ। ପାକିସ୍ତାନ କ୍ଷେତ୍ରରେ ମଧ୍ୟ ସେୟା। ୨୦୦୫-୦୬ର ଜଣେ ପାକିସ୍ତାନ ଖେଳାଳି ଥରେ ମୋତେ କହିଥିଲେ, ସେ ଜଣେ ଝିଅ ସହ ଡେଟିଂରେ ଥିଲେ। କିନ୍ତୁ ଝିଅର ପରିବାର ଦୁହିଁଙ୍କ ସମ୍ପର୍କକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଭାରତ ବିପକ୍ଷ ଏକ ସିରିଜରେ ଭଲ ପ୍ରଦର୍ଶନ କରିବାରୁ ସେମାନେ ମତ ପରିବର୍ତ୍ତନ କରିଥିଲେ। ଫଳତଃ ସେ ତାଙ୍କ ପ୍ରେମିକାଙ୍କୁ ବିବାହ କରିପାରିଥିଲେ। ପାକିସ୍ତାନ ଏପରି ଏକ ଦଳ ଏହାକୁ ନେଇ ପୂର୍ବାନୁମାନ କରିହେବ ନାହିଁ। ଏହାର ରଣନୀତି ଅଣପାରମ୍ପରିକ। ସେଥିପାଇଁ ସେମାନଙ୍କ ମ୍ୟାଚରେ ରୋମାଞ୍ଚ ଆଶା କରାଯାଇଥାଏ। ଭାରତ ତୁଳନାତ୍ମକ ଭାବେ ବ୍ୟବସ୍ଥିତଭିତ୍ତିକ ଦଳ। ଏହି ଦଳରେ ଶୁବମନ ଗିଲ୍, ଇଶାନ କିଶନ, କୁଲ୍‌ଦୀପ ଯାଦବଙ୍କ ଭଳି ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ପାକିସ୍ତାନ ତୁଳନାରେ ଆମ ଦଳ ଅଧିକ ସନ୍ତୁଳିତ। ସେମାନଙ୍କ ସ୍ପିନ୍ ବିଭାଗ କିନ୍ତୁ ଶକ୍ତିଶାଳୀ ମନେହୁଏ। ପାକିସ୍ତାନରେ ଏକଦା ଅବଦୁଲ କାଦିର ଓ ସାକ୍‌ଲେନ ମୁସ୍ତାକଙ୍କ ଭଳି ପ୍ରତିଭାସମ୍ପନ୍ନ ସ୍ପିନର ଥିଲେ। ସେଭଳି ଖେଳାଳି ଆଉ ଦେଖିବାକୁ ମିଳୁନାହାନ୍ତି। ସମ୍ଭବତଃ ସ୍ପିନ ଶିକ୍ଷାର ଅଭାବ ରହିଛି। ସଦାବ ଖାନ୍, ମହମ୍ମଦ ନୱାଜ ଓ ଇଫ୍‌ତିକର ଅହମଦଙ୍କୁ ନେଇ ସ୍ପିନ୍ ବିଭାଗ ଭାରତ ଭଳି ଦଳକୁ ଆଉଟ କରିଦେବ ଏକଥା ମନେକରିବା ବୋକାମି ହେବ। ସେ ତୁଳନାରେ ଆମର ଅଶ୍ୱିନ, ଜାଡେଜା ଓ କୁଲଦୀପ ଜଣେ ଜଣେ ମ୍ୟାଚ ବିଜୟୀ ଖେଳାଳି। ଏପରିକି ଭାରତର ପେସ ବାହିନୀରେ କେତେଜଣ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ପାକିସ୍ତାନ କେବଳ ଶାହିନ ଶାହା ଆଫ୍ରିଦିଙ୍କ ପ୍ରଦର୍ଶନ ଉପରେ ନିର୍ଭରଶୀଳ। ପରିଶେଷରେ ଅହମଦାବାଦରେ ୧,୩୦,୦୦୦ ଦର୍ଶକଙ୍କ ଉପସ୍ଥିତିରେ ଭାରତୀୟ ବୋଲିଂ ଏବଂ ପାକିସ୍ତାନର ବ୍ୟାଟରମାନେ କିପରି ଦୃଢ଼ମାନସିକାତର ସହ ତାହାର ମୁକାବିଲା କରୁଛନ୍ତି, ତାହା ଲକ୍ଷ୍ୟ କରିବାର କଥା।

(ଗେମ୍‌ପ୍ଲାନ୍/ଦୀନେଶ ଚୋପ୍ରା ମିଡିଆ)




# ନ୍ୟୁଜିଲାଣ୍ଡର ହ୍ୟାଟ୍ରିକ୍ ବିଜୟ

ଚେନ୍ନାଇ, ୧୩।୧୦ (ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପରେ ହ୍ୟାଟ୍ରିକ୍ ବିଜୟ ହାସଲ କରିଛି ନ୍ୟୁଜିଲାଣ୍ଡ। ଚମତ୍କାର ଫର୍ମରେ ରହିଥିବା ନ୍ୟୁଜିଲାଣ୍ଡ ତୃତୀୟ ମ୍ୟାଚ୍ ଖେଳିଥିବା ବେଳେ ସବୁଥିରେ ବିଜୟ ହାସଲ କରି ପଏଣ୍ଟ ଟେବଲର ଶୀର୍ଷ ସ୍ଥାନରେ ପହଞ୍ଚିଛି। ପ୍ରତ୍ୟାବର୍ତ୍ତନରେ କେନ୍ ୱିଲିୟମସନ୍ ଚମତ୍କାର ୭୮ ରନ୍ କରିଥିବା ବେଳେ ଡାରିଲ ମିଚେଲଙ୍କ ୮୯* ରନ୍ ବଳରେ ନ୍ୟୁଜିଲାଣ୍ଡ ୮ ଉଇକେଟରେ ମ୍ୟାଚ୍‌କୁ ଜିତି ନେଇଥିଲା। ପ୍ରଥମେ ବ୍ୟାଟିଂ କର ବାଂଲାଦେଶ ୫୦ ଓଭରରେ ୯ ଉଇକେଟ ହରାଇ ୨୪୫ ରନ୍ ସ୍କୋର କରିଥିଲା। ଜବାବରେ ୪୨.୫ ଓଭରରେ ୨ ଉଇକେଟ ହରାଇ ନ୍ୟୁଜିଲାଣ୍ଡ ୨୪୮ ରନ୍ କରିଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା ବାଂଲାଦେଶ। ଦଳର ଟପ୍ ଅର୍ଡର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଦଳ ୫୬ ରନ୍‌ରେ ୪ ଉଇକେଟ ହରାଇଥିଲା। ଲିଟନ ଦାସ(୦), ତାଞ୍ଜିଦ୍ ହସନ(୧୬), ମେହିଦୀ ହସନ ମିରାଜ(୩୦) ଓ ନଜମୋଲ ହୋସେନ୍ ଶନ୍ତୋ(୭) ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ସାକିବ ଅଲ ହସନ୪୦ ଓ ମୁସଫିକୁର ରହିମ ୬୬ ରନ୍ କରି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଉଭୟ ୫ମ ଉଇକେଟରେ ୯୬ ରନ୍ ଯୋଡିଥିଲେ।ଶେଷ ଆଡକୁ ମହମ୍ମଦୁଲ୍ଲା ଅପରାଜିତ ୪୧ ରନ୍ କରିବାରୁ ବାଂଲାଦେଶ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଲୋକି ଫର୍ଗୁସନ୍ ୩ ଉଇକେଟ ନେଇଥିଲେ। ପ୍ରତ୍ୟାବର୍ତ୍ତନ କରିଥିବା କେନ୍ ୱିଲିୟମସନ୍ ଚମତ୍କାର ପ୍ରଦର୍ଶନ ସହିତ ୭୮ ରନ୍ କରିଥିଲେ। ପ୍ରଥମ ଦୁଇ ମ୍ୟାଚ୍‌ର ସଫଳ ଖେଳାଳି ରାଚିନ୍ ରବୀନ୍ଦ୍ର ଓପନ କରିଥିବା ବେଳେ ମାତ୍ର ୯ ରନ୍ କରି ଆଉଟ ହୋଇଥିଲେ। ତେବେ ଡେଭନ୍ କନ୍‌ୱେ (୪୫) ଓ ୱିଲିୟମସନ୍ ଦ୍ୱିତୀୟ ଉଇକେଟରେ ୮୦ ରନ୍ ଯୋଡିଥିଲେ। ଏସିଏଲ୍ ଇଞ୍ଜୁରୀ ପରେ ଫେରିଥିବା ୱିଲିୟମସନ୍ ଦୃଢ ଭାବରେ ବାଂଲାଦେଶୀ ସ୍ପିନରଙ୍କ ମୁକାବିଲା କରିଥିଲେ। ଏହି ଇନିଂସରେ ୧୦୭ ବଲ୍ ଖେଳି ସେ ୮ ଚୌକା ଓ ୧ ଛକା ମାରିଥିଲେ। ଏକ ଥ୍ରୋ ତାଙ୍କ ଆଙ୍ଗୁଠିରେ ବାଜିବା ପରେ ସେ ରିଟାୟର୍ଡ ହର୍ଟ ହୋଇଥିଲେ। ଡାରିଲ୍ ମିଚେଲ୍ ଆକ୍ରମଣାତ୍ମକ ବ୍ୟାଟିଂ କରି ୬୭ ବଲ ଖେଳି ୬ ଚୌକା ଓ ୪ ଛକା ମାରି ୮୯ ରନ୍ କରି ଦଳକୁ ଫିନିଶ ଲାଇନ ପାର କରାଇଥିଲେ। ବାଂଲାଦେଶ ପକ୍ଷରୁ ମୁସ୍ତାଫିଜୁର ରେହମାନ ଓ ଶାକିବ ଅଲ ହସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ କେନ୍ ୱିଲିୟମ୍‌ସନ୍।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୫୦ ଓଭରରେ ୨୪୫/୯( ମୁଶଫିକୁର ରହିମ୍-୬୬, ମହମ୍ମଦୁଲ୍ଲା-୪୧*, ସାକିବ ଅଲ ହସନ-୪୦, ଲୋକି ଫର୍ଗୁସନ୍-୩/୪୯, ଟ୍ରେଣ୍ଟ ବୋଲ୍ଟ-୨/୪୫, ମ୍ୟାଟ ହେନରୀ-୨/୫୮)। ନ୍ୟୁଜିଲାଣ୍ଡ ୪୨.୫ ଓଭରରେ ୨୪୮/୨(ଡାରିଲ୍ ମିଚେଲ୍-୮୯*, କେନ୍ ୱିଲିୟମସନ୍-୭୮ (ରିଟାୟର୍ଡ), ଡେଭନ୍ କନ୍‌ୱେ-୪୫, ମୁସ୍ତାଫିଜୁର ରେହମାନ-୧/୩୬, ସାକିବ୍ ଅଲ ହସନ-୧/୫୪)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୬ | +୧.୬୦୪ |
| ଦକ୍ଷିଣ ଆଫ୍ରିକା | ୨ | ୨ | ୦ | ୪ | +୨.୩୬୦ |
| ଭାରତ | ୨ | ୨ | ୦ | ୪ | +୧.୫୦୦ |
| ପାକିସ୍ତାନ | ୨ | ୨ | ୦ | ୪ | +୦.୯୨୭ |
| ଇଂଲଣ୍ଡ | ୨ | ୧ | ୧ | ୨ | +୦.୫୫୩ |
| ବାଂଲାଦେଶ | ୩ | ୧ | ୨ | ୨ | -୦.୬୯୯ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | -୧.୧୬୧ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | -୧.୮୦୦ |
| ଅଷ୍ଟ୍ରେଲିଆ | ୨ | ୦ | ୨ | ୦ | -୧.୮୪୬ |
| ଆଫଗାନିସ୍ତାନ | ୨ | ୦ | ୨ | ୦ | -୧.୯୦୭ |




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଡବଲ୍ସରେ ଆହାନ ରନର ଅପ୍



ଭୁବନେଶ୍ୱର,୧୩।୧୦

(ସରୋଜ ଜେନା)

## ଏସିଆନ୍ ର୍ୟାଙ୍କିଙ୍ଗ୍ ଟେନିସ୍

ଯୁବ ଓଡ଼ିଆ ଟେନିସ୍ ତାରକା ଆହାନ ମିଶ୍ର ନିଜ ସଫଳତାରେ ଆଉ ଏକ ଫର୍ଦ୍ଦ ଯୋଡିଛନ୍ତି। ବାଂଲାଦେଶର ଢାକାରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଏସିଆନ୍ ର୍ୟାଙ୍କିଙ୍ଗ ଟେନିସ୍ ଟୁର୍ନାମେଣ୍ଟର ଡବଲ୍‌ସ ଇଭେଣ୍ଟରେ ସେ ରନର୍ ଅପ୍ ରହିଛନ୍ତି। ବାଂଲାଦେଶର ଜୱାଦ ମହମ୍ମଦ ଭୂୟାଁଙ୍କୁ ସାଥୀ କରି ଖେଳୁଥିବା ଆହାନ ଫାଇନାଲ ମ୍ୟାଚ୍‌ରେ ହାରି ଯାଇଥିଲେ। ବାଂଲାଦେଶଶ ଏମ୍‌ଡି ତନଭୀର ମୁନ୍ତସର ଓ ଏମ୍‌ଡି ରାଜୀବଙ୍କ ଯୋଡି ନିକଟରୁ ୫-୭, ୬-୪ ଓ ୧୪-୧୬ରେ ପରାଜିତ ହୋଇଥିଲେ। ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଏହି ମ୍ୟାଚ୍‌ଟି ଚାଲିଥିଲା। ପୂର୍ବରୁ ବାଳକ ସିଙ୍ଗଲ୍ସ ଇଭେଣ୍ଟରେ ଆହାନ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଥିଲେ। ବର୍ତ୍ତମାନ ସେ ର୍ୟାଙ୍କିଙ୍ଗ ତାଲିକାର ୫୩୦ ତମ ସ୍ଥାନରେ ରହିଥିବା ବେଳେ ଆଗାମୀ ଦିନରେ ଟପ୍ ୨୫୦ ମଧ୍ୟରେ ସାମିଲ ହେବା ତାଙ୍କର ଲକ୍ଷ୍ୟ ବୋଲି କୋଚ୍ ସନ୍ତୋଷ ମଲିକ କହିଛନ୍ତି। ଏହା ସହ ଆହାନ ନିଶ୍ଚିତ ଭାବରେ ଏସିଆର ଟପ୍ ୫୦ରେ ସାମିଲ ହେବା ନେଇ ସେ ଦୃଢୋକ୍ତି କରିଛନ୍ତି।

# କୁସ୍ତି ମହାସଂଘ ଯାଚିକାରେ ସୁପ୍ରିମକୋର୍ଟଙ୍କ ନୋଟିସ

ନୂଆଦିଲ୍ଲୀ,୧୩।୧୦(ପି.ଟି.)

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ପକ୍ଷରୁ ଚ୍ୟାଲେଞ୍ଜ କରାଯାଇ ସର୍ବୋଚ୍ଚ କୋର୍ଟରେ ଆଗତ ଯାଚିକା ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ଶୁଣାଣି କରି ମାମଲାରେ ଜଡିତ ସମସ୍ତ ପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଡବ୍ଲ୍ୟୁଏଫ୍‌ଆଇର ପରିଚାଳନା ଭାର ଓ ନିର୍ବାଚନ ଦାୟିତ୍ୱ ଆଡ୍‌ହକ୍ ପ୍ୟାନେଲ ହାତକୁ ଯାଇଥିଲା। ନିର୍ବାଚନକୁ ବିରୋଧ କରି ହରିୟାଣା କୁସ୍ତି ସଂଘ ଆବେଦନ କରିଥିବା ବେଳେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ରହିତାଦେଶ ଜାରି କରିଥିଲେ। ନିର୍ବାଚନ ସମ୍ଭବ ନ ହେବାରୁ ଡବ୍ଲ୍ୟୁଏଫ୍‌ଆଇକୁ ବାସନ୍ଦ ହେବାକୁ ପଡିଥିଲା। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଡବ୍ଲ୍ୟୁଏଫ୍‌ଆଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ଜଷ୍ଟିସ୍ ଅଭୟ ଏସ୍ ଓକା ଓ ପଙ୍କଜ ମିଠାଲଙ୍କ ଖଣ୍ଡପୀଠ ନୋଟିସ୍ ଜାରି କରିଛନ୍ତି।

# ଆଲଷ୍ଟର କୁକ୍‌ଙ୍କ ଅବସର

ଲଣ୍ଡନ, ୧୩।୧୦ (ପି.ଟି.)

ଇଂଲଣ୍ଡର ପୂର୍ବତନ ଅଧିନାୟକ ତଥା ଓପନର ବ୍ୟାଟର ଆଲଷ୍ଟର କୁକ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୨୦୧୮ରୁ ଟେଷ୍ଟ କ୍ରିକେଟରୁ ଅବସର ଗ୍ରହଣ କରିଥିଲେ ମଧ୍ୟ କାଉଣ୍ଟି କ୍ରିକେଟ ଖେଳିବା ଜାରି ରଖିଥିଲେ। ତେବେ ଦୀର୍ଘ ୫ ବର୍ଷ ଧରି ଏସେକ୍ସ ପକ୍ଷରୁ କାଉଣ୍ଟି ଖେଳିବା ପରେ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ କ୍ୟାରିୟରରେ କୁକ୍ ୧୬୧ ଟେଷ୍ଟ ଖେଳିଥିବା ବେଳେ ଏଥି ମଧ୍ୟରୁ ୫୯ ଟେଷ୍ଟରେ ଅଧିନାୟକତ୍ୱ କରିଛନ୍ତି। ୩୩ ଶତକ ଓ ୫୭ ଅର୍ଦ୍ଧଶତକ ସହିତ ସେ ୧୨,୪୭୨ ରନ୍ ସ୍କୋର କରିଛନ୍ତି। ଇଂଲଣ୍ଡ ଖେଳାଳିଙ୍କ ମଧ୍ୟରେ କୁକ୍ ସର୍ବାଧିକ ଶତକ ହାସଲ କରିଛନ୍ତି। ୯୨ ଦିନିକିଆରେ ସେ ୫ ଶତକ ଓ ୧୯ ଅର୍ଦ୍ଧଶତକ ସହିତ ସେ ୩୨୦୪ ରନ୍ ସ୍କୋର କରିଛନ୍ତି।








To know more scan here

Price Starts @ ₹1 20 420#

Low Down Payment @ ₹12 555#

Low ROI @ 5.55%#

Savings Up to ₹12 000#

Cashback of ₹7 500#

www.tvsmotor.com/tvs-apache | For further details please give a missed call to **18003157227.** *Amongst air/oil cooled vehicles. #T&C apply.

TVS CREDIT, L&T Financial Services, HDFC BANK We understand your world, IDFC FIRST Bank ALWAYS YOU FIRST, ICICI Bank Credit & Debit Cards

**FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.com. Authorised Main Dealers: SAMBALPUR:** KISHORE TVS, 9778371171, **BOLANGIR:** RAJALAXMI TVS, 8260437538, **BARGARH:** SHUBHAMM TVS, 8860625628, **ROURKELA:** UNIQUE TVS, 8114372182, 8114372181, GURU GOBIND TVS, 9776280601, 9437203299, **JHARSUGUDA:** GUNNU TVS, 8586977624, **SONEPUR:** MINERVA TVS, 6370700730, 6370700732, **BHAWANIPATNA:** RAAJ RAJESWARI TVS, 7682809880; **JUNAGARH:** MAA BANJARI TVS, 9437939586, 7978323005. **Authorised Dealers:** Brajrajnagar: 9937077883, Deogarh: 9437392892, Modipara: 9337016000, Bamra: 9668005302, Kuchinda: 9777189689 Kantapali: 9437096134, Dhama: 7735079641, Rairakhol: 9937503010, Patnagarh: 9938621078, Raj Khariar: 9439144433. Kantabanji: 8596980487, Gaisilat: 7683848645, Saintala: 9861471371, Bangamunda: 9937526500, Tusura: 9437890955 Udanbandh: 9437626855, Lathor: 7008086417, Titlagarh: 9776516666, Belpara: 7008771977, Belpahar: 8249880971. Bandhbahal: 9439810542, Nuapara: 9938098888, Baragarh: 9938739550, Attabira: 9583558398, Paikamal: 9938119999. Bheden: 7008822177, Godbagha: 9438043220, Diptipur: 9937119913, Padampur: 8018570957, Jagadalpur: 7974013864, Dungripally: 9937926986, Kantamal: 7008225996, Birmaharajpur: 8018860710, Narla: 9437707650, Kesinga: 9437625573 Charbahal: 9178236679, M. Rampur: 9078855864, Sinapali: 9937906526, Laikera: 9938465363, Bagdehi: 9438736989, Rajgangpur: 9437172724, Kutra: 6370578102, Bonai: 9124187787.

McCann/Blr/Tvs/077/10/23



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



**ସତ୍ୟଜିତ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପାଇବେ ମାଇକେଲ**

ଗୋଆରେ ହେବାକୁ ଥିବା ଆଇଏଫଏଫଆଇରେ ଲୋକପ୍ରିୟ ହଲିଉଡ୍ ଅଭିନେତା ମାଇକେଲ ଡଗଲାସଙ୍କୁ ସତ୍ୟଜିତ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯିବ।

୦୨

୦୮

**କ୍ରିକେଟରୁ ଅବସର ନେଲେ କୁକ୍**

ଇଂଲଣ୍ଡର ପୂର୍ବତନ ଅଧିନାୟକ ଆଲଷ୍ଟର କୁକ୍ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି।



# ୪୨% ଚର୍ମରୋଗୀ ନିଦ୍ରାହୀନତାର ଶିକାର

**ନୂଆଦିଲ୍ଲୀ,୧୩।୧୦**



ଚର୍ମ ରୋଗ ଥିବା ୪୨ ପ୍ରତିଶତ ରୋଗୀ ନିଦ୍ରାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଚର୍ମ ରୋଗର ପ୍ରଭାବ ଆକଳନ କରିବା ଲାଗି ୧୦ ଦେଶର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଉପରେ କରାଯାଇଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି। ଜର୍ମାନୀର ବର୍ଲିନରେ ଆୟୋଜିତ ୟୁରୋପିଆନ୍ ଏକାଡେମୀ ଅଫ୍ ଡର୍ମାଟୋଲୋଜି ଆଣ୍ଡ ଭେନେରୋଲୋଜି (ଇଏଡିଭି) କଂଗ୍ରେସ, ୨୦୨୩ରେ ଉକ୍ତ ଅଧ୍ୟୟନକୁ ଉପସ୍ଥାପନ କରାଯାଇଛି। ନିଦ୍ରାହୀନତା ରୋଗୀର ଜୀବନ ଧାରଣ ମାନରେ ଗୁରୁତର ପ୍ରଭାବ ପକାଇଥାଏ ବୋଲି ଉକ୍ତ ସର୍ଭେରୁ ଜଣାପଡ଼ିଛି। ଅଧ୍ୟୟନ ଅନୁଯାୟୀ ଚର୍ମ ରୋଗ ଥିବା ୪୯ ପ୍ରତିଶତ ରୋଗୀଙ୍କ କାର୍ଯ୍ୟ ଦକ୍ଷତା ହ୍ରାସ ପାଇଥାଏ। ସର୍ଭେରେ ଅଂଶଗ୍ରହଣ କରିଥିବା ୧୯ ପ୍ରତିଶତ ରୋଗୀଙ୍କର ଚର୍ମରୋଗ ନ ଥିଲା। ଚର୍ମରୋଗ ଥିବା ରୋଗୀଙ୍କ ନିଦ୍ରା ପ୍ରଭାବିତ ହେବାର ମୁଖ୍ୟ ଲକ୍ଷଣ ହେଲା କୁଣ୍ଡେଇ ହେବା (ଯାହା ୬୦ ପ୍ରତିଶତ କ୍ଷେତ୍ରରେ ଦେଖାଦେଇଥାଏ) ଏବଂ ପୋଡ଼ାଜଳା ବା ଛୁଞ୍ଚ ଫୋଡିବା ଭଳି ଲାଗିବା (୧୭ ପ୍ରତିଶତଙ୍କ କ୍ଷେତ୍ରରେ ଦେଖାଦେଇଥାଏ)। ଏହା ବ୍ୟତୀତ ରୋଗୀ ନିଦରୁ ଉଠିବା ପରେ ବାରମ୍ବାର ଥକାପଣ ଅନୁଭବ କରିଥାନ୍ତି। ଚର୍ମରୋଗୀଙ୍କ କ୍ଷେତ୍ରରେ ଏହା ୮୧ ପ୍ରତିଶତ ହୋଇଥିବାବେଳେ ଅଣଚର୍ମରୋଗୀଙ୍କ କ୍ଷେତ୍ରରେ ୬୪ ପ୍ରତିଶତ ହୋଇଥାଏ। ସେହିପରି ଆଖିରେ କୁଞ୍ଚିହେବା ଭଳି ଲାଗିବା ଯଥାକ୍ରମେ ୫୮ ଏବଂ ୪୨ ପ୍ରତିଶତଙ୍କ କ୍ଷେତ୍ରରେ ଦେଖାଯାଉଥିବାବେଳେ ବାରମ୍ବାର ହାଇମାରିବା ଯଥାକ୍ରମେ ୭୨ ଏବଂ ୫୮ ପ୍ରତିଶତ ଦେଖାଦେଇଥାଏ।

ଚର୍ମ ରୋଗ ଥିବା ରୋଗୀମାନଙ୍କ ଶାରୀରିକ କ୍ରିୟା ଉପରେ ନିଦ୍ରାହୀନତା କିପରି ପ୍ରଭାବ ପକାଇଥାଏ, ଉକ୍ତ ଅଧ୍ୟୟନରୁ ତାହା ପ୍ରଥମ ଥର ଜଣାପଡ଼ିଛି। ରୋଗ ତୁରନ୍ତ ଚିହ୍ନଟ କରି ନିଦ୍ରା ସମସ୍ୟାର ପ୍ରଭାବୀ ପରିଚାଳନା ଜରୁରୀ ବୋଲି ପ୍ୟାରିସ୍‌ର ଇଏମ୍ଏମ୍ଏ କ୍ଲିନିକ୍ ମୁଖ୍ୟ ଡ. ଚାର୍ଲସ ତାଇଏବ୍ କହିଛନ୍ତି।

# ନଭେମ୍ବର ୨୭ରୁ କଟକ ବାଲିଯାତ୍ରା

**କଟକ,୧୩।୧୦ (କାର୍ତ୍ତିକ ସାହୁ)**

## ବାଲିଯାତ୍ରା ପ୍ରଥମ ପ୍ରସ୍ତୁତି ବୈଠକ

- ଅନ୍‌ଲାଇନ୍‌ରେ ଅଧ୍ୟକ୍ଷତା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ
- ବାଲିଯାତ୍ରାକୁ ପର୍ଯ୍ୟଟନ ପଞ୍ଜିକାରେ ସ୍ଥାନିତ କରିଯାଉ

ଚଳିତବର୍ଷ ଐତିହାସିକ କଟକ ବାଲିଯାତ୍ରା ନଭେମ୍ବର ୨୭ରୁ ଡିସେମ୍ବର ୪ ତାରିଖ ଯାଏ ଅନୁଷ୍ଠିତ ହେବ। ବାଲିଯାତ୍ରାକୁ ଅଧିକ ଚିତ୍ତାକର୍ଷକ, ସୁରକ୍ଷିତ ଓ ଜନାଦୃତ କରିବା ସହ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଗୁରୁତ୍ୱାରୋପ କରିଛନ୍ତି। ଚଳିତବର୍ଷ ବାଲିଯାତ୍ରା ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ଆଭାସୀ ମାଧ୍ୟମରେ ଅଧ୍ୟକ୍ଷତା କରି ବାଲିଯାତ୍ରା ସହ ଜଡିତ ବିଭିନ୍ନ ବିଭାଗ ଓ ବିଭାଗୀୟ କାର୍ଯ୍ୟାଳୟ ରାଜ୍ୟ ସରକାରଙ୍କ ସାଧାରଣ ଆର୍ଥିକ ନିୟମାବଳୀ ଅନୁପାଳନ କରିବା ସହ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ଏଥିରେ କଟକ ମହାନଗର ନିଗମ ☞ପୃଷ୍ଠା-୭

# ସଂସ୍କୃତି, ଆଧୁନିକତାରେ ସମୃଦ୍ଧ ହେବ ଗାଁ: ମୁଖ୍ୟମନ୍ତ୍ରୀ

## ପୁରୀ, ନୟାଗଡ଼ ଜିଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଶୁଭାରମ୍ଭ






**ଭୁବନେଶ୍ୱର,୧୩।୧୦(ଅନିଳ ଦାସ)**

- ପୁରୀ ସକାଶେ ୧୩୪ କୋଟିର ୪୧୩୦ ପ୍ରକଳ୍ପ
- ନୟାଗଡ଼ ପାଇଁ ୯୭ କୋଟିର ୨୯୨୪ ପ୍ରକଳ୍ପ

ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ନୂଆ ସଶକ୍ତ ଓଡ଼ିଶା ଗଠନ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ଫୋକସ୍ ହେବ ପ୍ରତି ପଞ୍ଚାୟତ, ପ୍ରତି ଗାଁ। ଭୁବନେଶ୍ୱରରୁ ଆଭାସି ଯୋଗେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ପୁରୀ ଓ ନୟାଗଡ଼ ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ପ୍ରତି ପଞ୍ଚାୟତ ପାଇବେ ୫୦ ଲକ୍ଷ ଟଙ୍କା। ଏଥିପାଇଁ ପୁରୀ ଜିଲାର ୬ଟି ନିର୍ବାଚନମଣ୍ଡଳୀକୁ ୧୩୪ କୋଟି ଟଙ୍କା ମିଳିଛି। ଏଥିରେ ୪୧୩୦ଟି ପ୍ରକଳ୍ପ ହେବ। ସେହିପରି ନୟାଗଡ଼ ଜିଲାର ୪ଟି ନିର୍ବାଚନମଣ୍ଡଳୀ ପାଇଁ ୯୭ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ୨୯୨୪ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେବ। ଏହି ସମନ୍ୱୟରେ ଗାଁ ଗାଁରେ ଆସିବ ସମୃଦ୍ଧି। ଏହା ହେଉଛି ଏକବିଂଶ ☞ପୃଷ୍ଠା-୭




# ଖୋଲାବଜାରରେ ଗହମ ବିକୁଛି ଏଫ୍‌ସିଆଇ

■ବଢ଼ିପାରେ ଅଟା ଦର
■ମୂଲ୍ୟ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସତର୍କ

ନୂଆଦିଲ୍ଲୀ,୧୩।୧୦ (ଅଭୟ ଦାଶ)



ବିଗତ କିଛି ମାସ ହେଲା ଖୋଲା ବଜାରରେ ଗହମ ଅଭାବ ଦେଖାଦେଇଛି। ଫଳରେ ଗହମ ଜାତୀୟ ଖାଦ୍ୟ ପଦାର୍ଥ ସାଙ୍ଗକୁ ଅଟାର ମୂଲ୍ୟ ବୃଦ୍ଧି ହୋଇପାରେ ବୋଲି ବଜାର ବିଶେଷଜ୍ଞମାନେ ସରକାରଙ୍କୁ ଆଗୁଆ ସୂଚନା ପ୍ରଦାନ ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ମହଲରେ ନିବେଦନ କରାଯାଇଛି। ଫଳରେ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ପକ୍ଷରୁ ଖୋଲାବଜାରରେ ଗହମ ବିକ୍ରି ଆରମ୍ଭ ହୋଇଯାଇଛି। ଏପରିକି ୨୦୨୩ ଅଗଷ୍ଟରୁ ଏଫ୍‌ସିଆଇ କ୍ରମାଗତ ଭାବେ ଖୋଲା ବଜାରରେ ଗହମ ବିକ୍ରି କରୁଛି। ସେହିଭଳି ଦେଶରେ ଖାଦ୍ୟ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ନିମନ୍ତେ କେନ୍ଦ୍ର ସରକାର ଉଦ୍ୟମ ଜାରି ରଖିଛନ୍ତି। ବଜାର ଦର ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶେଷକରି ଆଗକୁ ପାର୍ବଣ ଥିବାରୁ ଦେଶରେ ମୁଦ୍ରାସ୍ଫୀତି ମଧ୍ୟ ବଢ଼ିପାରେ ବୋଲି ଆକଳନ କରାଯାଉଛି। ମୁଦ୍ରାସ୍ଫୀତି ବୃଦ୍ଧିକୁ ନଜରରେ ରଖି କେନ୍ଦ୍ର ସରକାର ନୂଆ ଗାଇଡ୍‌ଲାଇନ ସହ ସତର୍କ ରହିବାକୁ ଉଭୟ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏ ସମ୍ପର୍କରେ ଖାଦ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ କହିଛନ୍ତି, ଏଫ୍‌ସିଆଇ ଇ-ନିଲାମ ଜରିଆରେ ଗହମ ବିକ୍ରି କରୁଥିବାବେଳେ ୨୦୨୩ ସେପ୍ଟେମ୍ବର ଶେଷ ସୁଦ୍ଧା ଏଫ୍‌ସିଆଇ ଷ୍ଟକ୍‌ରୁ ୨.୩୭ ନିୟୁତ ଟନ୍ ଗହମ ବିକ୍ରି କରିଛନ୍ତି। ବିଶେଷକରି ପାର୍ବଣ ପୂର୍ବରୁ ବଜାରରେ ଅଟା ଦର ନିୟନ୍ତ୍ରଣ ନିମନ୍ତେ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଏପରିକି ପ୍ରଥମରୁ ଦର ନିୟନ୍ତ୍ରଣ କରି ଦିଆଗଲେ ଆଗାମୀ ଦିନରେ ଗହମ ଓ ଅଟାର ମୂଲ୍ୟ ବୃଦ୍ଧି ଦେଖିବାକୁ ମିଳିବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ,୨୦୨୩ ଅଗଷ୍ଟରେ ଗହମର ଖୁଚୁରା ମୁଦ୍ରାସ୍ଫୀତି ହାର ୯.୩ ରୁ ହ୍ରାସ ହୋଇ ୭.୯୩% ହୋଇଛି। ସୂଚନା ମୁତାବକ ଖାଦ୍ୟ ସମଗ୍ରୀ ମୂଲ୍ୟ ହ୍ରାସ ଯୋଗୁ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ଗତ ୩ ମାସର ସର୍ବନିମ୍ନସ୍ତର ୫.୨%କୁ ହ୍ରାସ ହୋଇଛି।

## ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର, ୧୩।୧୦

ଗତ କିଛିଦିନ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୪ (୧୮୩.୬୪) ପଏଣ୍ଟ ଖସି ୬୫,୨୮୩ (୬୫,୨୮୨.୭୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୬୪ (୬୩.୭୦) ପଏଣ୍ଟ ହ୍ରାସ ଘଟି ୧୯,୭୫୧(୧୯,୭୫୧.୦୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକରେ ମଧ୍ୟ ପରିବର୍ତ୍ତନ ଘଟିଛି।

## ରାଧିକା ଟିମାଙ୍କୁ ବିଗ୍ ଇମ୍ପାକ୍ଟ ଆୱାର୍ଡ



ଭୁବନେଶ୍ୱର, ୧୩।୧୦

ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସାମାଜିକ ସଂସ୍ଥା ଆଇକେଜେ କେୟାର ଫାଉଣ୍ଡେଶନର ଅଧ୍ୟକ୍ଷା (ଚେୟାରପର୍ସନ) ରାଧିକା ଟିମାଙ୍କୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ପୁରସ୍କାର (ଆୱାର୍ଡ) ପ୍ରଦାନ କରାଯାଇଛି। ବିଶେଷକରି ସାମଜସେବା ଓ ସାମାଜିକ କାର୍ଯ୍ୟର ଉଲ୍ଲେଖନୀୟ ଅବଦାନ ପାଇଁ ଟିମାଙ୍କୁ ବିଗ୍ ଏଫ୍‌ଏମ୍ ପକ୍ଷରୁ ବିଗ୍ ଇମ୍ପାକ୍ଟ ଆୱାର୍ଡ ଦିଆଯାଇଛି। ଉଲ୍ଲେଖଯୋଗ୍ୟ,ବିଗ୍ ଏଫ୍‌ଏମ୍ ପକ୍ଷରୁ ଚଣ୍ଡିଗଡର ଏକ ତାରକା ହୋଟେଲରେ ବିଗ୍ ଇମ୍ପାକ୍ଟ ଆୱାର୍ଡ -୨୦୨୩ର ଆୟୋଜନ କରାଯାଇଥିଲା। ଉକ୍ତ ପୁରସ୍କାର ବିତରଣ ଉତ୍ସବରେ ହରିୟାଣାର ମନ୍ତ୍ରୀ ଚନ୍ଦ୍ର ରଞ୍ଜିତ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟିମାଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଆଇକେଜେ କେୟାର ଫାଉଣ୍ଡେଶନ ଦୀର୍ଘ ବର୍ଷ ହେବ ସାରା ଦେଶରେ କାର୍ଯ୍ୟ କରୁଥିବାବେଳେ ପରିବେଶ ସୁରକ୍ଷା ଓ ନାରୀ ସଶକ୍ତୀକରଣ ଏବଂ ମହିଳା ଦକ୍ଷତା ବିକାଶ ଉପରେ ଟିମାଙ୍କ ଟିମ୍ ସଫଳତାପୂର୍ବକ କାର୍ଯ୍ୟ କରୁଛନ୍ତି। ସେହିଭଳି ଏହି ସମ୍ମାନ ପୂର୍ବରୁ ରାଧିକାଙ୍କୁ ଅନେକ ପୁରସ୍କାର ଓ ସମ୍ମାନ ସମେତ ବିଭିନ୍ନ ଅନୁଷ୍ଠାନର ବରିଷ୍ଠ ପଦାଧିକାରୀ ସହ ବ୍ରାଣ୍ଡ ଆମ୍ବାସାଡାର ଭାବେ ଟିମା ବେଶ୍ ପରିଚିତ ।

## ୱେଷ୍ଟର୍ନ ଡିଜିଟାଲର ନୂତନ ଉତ୍ପାଦ

ଭୁବନେଶ୍ୱର, ୧୩।୧୦




ୱେଷ୍ଟର୍ନ ଡିଜିଟାଲର ନୂତନ ଉତ୍ପାଦ '୨୨ ଟିବି'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ସ୍ମାର୍ଟ ଭିଡିଓ ସିସିଟିଭି ମାଧ୍ୟମରେ ଦକ୍ଷ ଟ୍ରାଫିକ ପରିଚାଳନା ପାଇଁ କେନ୍ଦ୍ରୀୟ ସଂରକ୍ଷଣ ଲାଗି ଏଚ୍‌ଡିଡି ପରି ଷ୍ଟୋରେଜ ସମାଧାନକୁ ପ୍ରାଥମିକତା ଦେବା ଆବଶ୍ୟକ ରହିଥିବାବେଳେ ୱେଷ୍ଟର୍ନ ଡିଜିଟାଲ ପର୍ପଲ ଟିମ୍ ପ୍ରୋ ଦ୍ୱାରା ବିକଶିତ ୩.୫ ସର୍ଭଲାଇନ୍ସସ ଏଚ୍‌ଡିଡି (ହାର୍ଡ ଡିକ୍ସ ଡ୍ରାଇଭ)ଗୁଡ଼ିକ ଏକ ଦୃଢ ସମାଧାନ ପ୍ରଦାନ କରିଥାଏ। ଉକ୍ତ ମଡେଲର ସିସିଟିଭିଗୁଡ଼ିକ ୨୪/୭ ମଲ୍‌ଟି ଷ୍ଟ୍ରିମ୍, ମଲ୍‌ଟି କ୍ୟାମେରା ବ୍ୟବହାର ଚାହିଦା ପୂରଣ କରିବା ଲାଗି ଡିଜାଇନ କରାଯାଇଛି। ଏହା ଦ୍ୱାରା ଜଟିଳ ଫୁଟେଜକୁ ଶୀଘ୍ର ପ୍ରବେଶ କରିବାକୁ ସକ୍ଷମ କରାଇଥାଏ। ଅପରପକ୍ଷରେ ୨୦୨୮ ସୁଦ୍ଧା ୨୦.୦୯% ସିଏଜିଆର ଲକ୍ଷ୍ୟ ସହିତ ଭାରତୀୟ ସିସିଟିଭି ବଜାର ବୃଦ୍ଧି କରୁଥିବାବେଳେ ମୋରଡୋର ଇଣ୍ଟେଲିଜେନ୍ସ ରିପୋର୍ଟ ଅନୁଯାୟୀ ସରକାର ସ୍ମାର୍ଟ ସିଟି ଓ ଦକ୍ଷ ଶାସନ ଉପରେ ଗୁରୁତ୍ୱ ଦେଉଛନ୍ତି। ତଥାପି ଉପରୋକ୍ତ ସିଷ୍ଟମରେ କାର୍ଯ୍ୟଦକ୍ଷତା ନିଶ୍ଚିତ କରିବା ଠିକ୍ ସଂରକ୍ଷଣ ସମାଧାନ ଉପରେ ନିର୍ଭର କରିଥାଏ।

## ଏଚ୍‌ଏମ୍‌ଏସ୍‌ଆଇର ନୂତନ ଏଡିସନ ଉନ୍ମୋଚିତ

ଭୁବନେଶ୍ୱର, ୧୩।୧୦



ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ନୂତନ ଏଡିସନ ନିକଟରେ ଉନ୍ମୋଚିତ ହୋଇଯାଇଛି। ବିଶେଷ କରି ହୋଣ୍ଡା ହାଇନେସ୍ ସିବି୩୫୦ ଏବଂ ସିବି୩୫୦ଆର୍‌ଏସ୍‌ର ନୂତନ ଏଡିସନ୍‌କୁ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ଉଭୟ ବାଇକ୍‌କୁ ଯଥାକ୍ରମେ ଲିଗାସି ଏଡିସନ୍ ଓ ନିଉ ହ୍ୟୁ ଏଡିସନ୍‌ରେ ଉପଲବ୍ଧ କରାଉଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁତ୍ସୁମୁ ଓଟାନି କହିଛନ୍ତି, ଉତ୍ସବ ଋତୁ ପୂର୍ବରୁ ନୂଆ ହାଇନେସ୍ ସିବି୩୫୦ ଲିଗାସି ଏଡିସନ୍ ଓ ସିବି୩୫୦ଆର୍‌ଏସ୍ ନୂଆ ହ୍ୟୁ ଏଡିସନ୍‌କୁ ଭାରତ ବଜାରରେ ପ୍ରବେଶ (ଉନ୍ମୋଚନ) କରାଇ ଆମେ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ (ସେଲ୍‌ସ ଆଣ୍ଡ୍ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ଉତ୍ସବର ବାସ୍ତବ ଭାବକୁ ଉପସ୍ଥାପନ କରି ହାଇନେସ୍ ସିବି୩୫୦ ଲିଗାସି ଏଡିସନ୍ ଓ ସିବି ୩୫୦ ଆର୍‌ଏସ୍ ନ୍ୟୁ ହ୍ୟୁ ଏଡିସନ୍‌ର ଶୁଭାରମ୍ଭ କରି ଆମେ ବହୁତ ଖୁସି ଅଛୁ। ଏହି ସ୍ୱତନ୍ତ୍ର ହାଇନେସ୍ ସିବି ୩୫୦ ଓ ସିବି ୩୫୦ ଆର୍‌ଏସ୍‌ର ବୁକିଂ ସାରା ଭାରତରେ ଥିବା ବିଗ୍‌ୱିଙ୍ଗ୍ ଡିଲରଶିପ୍‌ରେ ଆରମ୍ଭ ହୋଇଛି ଏବଂ ଡେଲିଭରି ଖୁବ୍‌ଶୀଘ୍ର ଆରମ୍ଭ ହେବ। ବିଶେଷ କରି ଉଭୟ ମୋଟରସାଇକେଲରେ ଉନ୍ନତ ଡିଜିଟାଲ୍ ଆନାଲଗ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର୍, ଆସିଷ୍ଟ ସ୍ଲିପର କ୍ଲଚ୍ ଓ ହୋଣ୍ଡା ସିଲେକ୍ଟେବଲ୍ ଟର୍କ କଣ୍ଟ୍ରୋଲ୍ ଆଦି ରହିଛି। ଉଭୟ ଗାଡ଼ିରେ ୩୪୮.୩୬ ସିସି ଏୟାର କୁଲ୍‌ଡ, ୪-ଷ୍ଟ୍ରୋକ୍, ସିଙ୍ଗିଲ୍ ସିଲିଣ୍ଡର ବିଏସ୍-୬ ଓବିଡି୨ ନିୟମ ପାଳନ କରୁଥିବା ଇଞ୍ଜିନ୍ ରହିଛି।

## ଜଗଦୀଶ ନାଲ୍‌କୋର ନୂତନ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୩।୧୦


ଜଗଦୀଶ ଅରୋରା

ନାଲ୍‌କୋର ନୂତନ ନିର୍ଦ୍ଦେଶକ (ପ୍ରୋଜେକ୍ଟ ଆଣ୍ଡ ଟେକ୍ନିକାଲ) ଭାବେ ଜଗଦୀଶ ଅରୋରା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଆରୋରା ସେଲ୍ ଅନ୍ତର୍ଗତ ସେଣ୍ଟର ଫର୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଆସୁଥିଲେ। ଉଲ୍ଲେଖଯୋଗ୍ୟ, ଜଗଦୀଶ ଏନ୍‌ଆଇଟି, ୱାରାଙ୍ଗଲରୁ ମେକାନିକାଲ ଇଞ୍ଜିନିୟରିଂରେ ପିଜିଡିଏମ୍ ଡିଗ୍ରୀ ହାସଲ କରିବା ପରେ ଅରୋରା ସେଲ୍‌ରେ ମ୍ୟାନେଜମେଣ୍ଟ ଟ୍ରେନିଂ (ଟେକ୍‌ନିକାଲ) ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ବିଶେଷକରି ମେଟାଲ ମାଇନିଂ ଇଣ୍ଡଷ୍ଟ୍ରିର ବିଭିନ୍ନ ଦିଗ ଉପରେ କାର୍ଯ୍ୟ କରିବାର ବିଶେଷ ଅଭିଜ୍ଞତା ଓ ଦକ୍ଷତା ଅରୋରାଙ୍କ ନିକଟରେ ରହିଛି। ଏପରିକି ସେଲ୍‌ରେ ୩ ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରିବା ସହ ଅରୋରା ବିଭିନ୍ନ ପଦପଦବୀରେ ରହି ଚ୍ୟାଲେଞ୍ଜିଂ କାର୍ଯ୍ୟଗୁଡ଼ିକୁ ସଫଳତାର ସହ ନିର୍ବାହ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନାଲ୍‌କୋର ଅଧ୍ୟକ୍ଷ ଶ୍ରୀଧର ପାତ୍ର ଜଗଦୀଶଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଯୋଗଦାନ ଦ୍ୱାରା ନାଲ୍‌କୋ ବୋର୍ଡ ଅଧିକ ମଜଭୁତ ହେବ ବୋଲି ଆଶା ପ୍ରକଟ କରିଛନ୍ତି।

ଫୁର୍‌ସତ୍

# ଗୁଣବତ୍ତା ଦ୍ୱାରା ଆର୍ଥିକ ବିକାଶ



ଅର୍ଥନୀତିର ବିକାଶରେ ଗୁଣବତ୍ତାଯୁକ୍ତ ମାନକ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଘରୋଇ ଉତ୍ପାଦର ଚାହିଦା ଅନ୍ତର୍ଜାତୀୟସ୍ତରରେ ବୃଦ୍ଧି ପାଇପାରିଥାଏ। ଦେଶଦେଶ ମଧ୍ୟରେ ବାଣିଜ୍ୟ ସମୟରେ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ପନିପରିବା ସହିତ ଅନ୍ୟ ସମସ୍ତ ଉତ୍ପାଦ କ୍ଷେତ୍ରରେ ଗୁଣବତ୍ତା ଯାଞ୍ଚ ଭୂମିକା ଅପରିହାର୍ଯ୍ୟ ହୋଇପଡ଼ିଥାଏ। ସେହିପରି ସାଧାରଣ ଉପଭୋକ୍ତାଙ୍କ କ୍ଷେତ୍ରରେ ପ୍ରତିଟି ସାମଗ୍ରୀ କିଣିବା ସମୟରେ ଏହାର ଗୁଣବତ୍ତା ସମ୍ପର୍କିତ ତଥ୍ୟ ଭଲଭାବେ ଜାଣିନେବାର ଆବଶ୍ୟକତା ମଧ୍ୟ ରହିଛି।

ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଅକ୍ଟୋବର ୧୪ରେ ବିଶ୍ୱ ମାନକ ଦିବସ ପାଳନ କରାଯାଇଥାଏ। ଦିବସର ଉଦ୍ଦେଶ୍ୟ ହେଉଛି ନିୟାମକ, ଶିଳ୍ପ ଏବଂ ଗ୍ରାହକଙ୍କ ମଧ୍ୟରେ ବିଶ୍ୱ ଅର୍ଥନୀତି ସମ୍ପର୍କରେ ମାନକକରଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା। ଆମେରିକୀୟ ସୋସାଇଟି ଅଫ ମେକାନିକାଲ ଇଞ୍ଜିନିୟର୍ସ (ଏଏସଏମଇ), ଅନ୍ତର୍ଜାତୀୟ ନୈତିକ ମାନକ ଆକାଉଣ୍ଟାଣ୍ଟ୍ସ ବୋର୍ଡ (ଆଇଇଏସ୍‌ବିଏ) ଅନ୍ତର୍ଜାତୀୟ ମାନକକରଣ ସଂଗଠନ (ଆଇଏସଓ) ପରି ମାନକ ବିକାଶ ସଂଗଠନ ମଧ୍ୟରେ ସ୍ୱେଚ୍ଛାକୃତ ମାନକ ବିକାଶ କରୁଥିବା ବିଶେଷଜ୍ଞଙ୍କ ଉଦ୍ୟମକୁ ଏହି ଦିନ ସମ୍ମାନିତ କରାଯାଇଥାଏ।

### ବିଶ୍ୱ ମାନକ ଦିବସ

ଅକ୍ଟୋବର ୧୪ରେ ୨୫ଟି ଦେଶର ପ୍ରତିନିଧିମାନେ ପ୍ରଥମେ ଲଣ୍ଡନରେ ଏକତ୍ରିତ ହୋଇଥିଲେ ଏବଂ ମାନକକରଣକୁ ସୁଗମ କରିବା ଉପରେ ଏକ ଅନ୍ତର୍ଜାତୀୟ ସଂଗଠନ ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାର ଗୋଟିଏ ବର୍ଷ ପରେ ଅନ୍ତର୍ଜାତୀୟ ମାନକକରଣ ସଂଗଠନ (ଆଇଏସଓ) ଗଠନ କରାଯାଇଥିଲା। ମାତ୍ର ୧୯୭୦ରେ ପ୍ରଥମ ବିଶ୍ୱ ମାନକ ଦିବସ ପାଳନ କରାଯାଇ ଥିଲା।

## ସଲମାନ୍ ହେବେ ପାରାମିଲିଟାରି ଅଫିସର

ମୁମ୍ବାଇ



ବଲିଉଡର ସୁପରହିରୋ ସଲମାନ୍ ଖାନ୍ ଅନେକ ବ୍ଲକବଷ୍ଟର ହିଟ୍ ମୁଭି ପ୍ରଶଂସକଙ୍କୁ ଭେଟି ଦେଇଛନ୍ତି। ଏବେ ସେ ସମ୍ପୂର୍ଣ୍ଣ ନୂଆ ଅବତାରରେ ନଜର ଆସିବାକୁ ଯାଉଛନ୍ତି। ସଲମାନ୍ ଏକ ଫିଲ୍ମ ପାଇଁ ପ୍ରସ୍ତୁତ ହେଉଛନ୍ତି। ଯେଉଁଥିରେ ସେ ଜଣେ ପାରାମିଲିଟାରି ଅଫିସର ଭୂମିକାରେ ନଜର ଆସିବେ। ଫିଲ୍ମ ପାଇଁ ସଲମାନ୍ ଜିମ୍‌ରେ କଠିନ ପ୍ରଶିକ୍ଷଣ ନେଉଛନ୍ତି ଏବଂ ତାଙ୍କ ଡାଏଟକୁ ନେଇ ଖୁବ୍ ସଚେତନ ହୋଇଯାଇଛନ୍ତି। ଏହି ଭୂମିକା ପାଇଁ ତାଙ୍କ ଶରୀର ବେଷ୍ଟ ଶେପ୍‌କୁ ଆଣିବାକୁ ଲାଗି ପଡିଛନ୍ତି। ଏହି ଫିଲ୍ମଟି ମାଳଦ୍ୱୀପରେ ୧୯୮୮ରେ ହୋଇଥିବା ମିଶନ ଉପରେ ଆଧାରିତ। ସଲମାନ୍‌ଙ୍କ ସହ ସାମନ୍ଥା ରୁଥ ପ୍ରଭୁ ନଜର ଆସିବେ। ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ଶେରଶାହାର ନିର୍ଦ୍ଦେଶକ ବିଷ୍ଣୁ ବର୍ଦ୍ଧନ।

## ଗୋଲ୍ଡେନ୍‌ମ୍ୟାନ୍: ପିନ୍ଧନ୍ତି ୫ କେଜି ସୁନା

ପାଟନା



ସୁନା ଅଳଙ୍କାର କାହାର ବା ପସନ୍ଦ ନୁହେଁ। ନିବେଶ କରିବା କିମ୍ବା ଅଳଙ୍କାର କିଣିବାକୁ ଲୋକେ ପ୍ରତିଦିନ ସୁନା ମୂଲ୍ୟ ଯାଞ୍ଚ କରନ୍ତି। ମୂଲ୍ୟ ଟିକେ ଖସିଲେ ଲୋକେ ସୁନା କିଣିବାକୁ ଆଗେଇଆସନ୍ତି। ସୁନାକୁ ଅନେକେ ବହୁତ ଭଲ ପାଆନ୍ତି। ପାଟନାରେ ଏପରି ଜଣେ ବ୍ୟକ୍ତି ଅଛନ୍ତି, ୫.୨ କିଲୋଗ୍ରାମ ସୁନା ପିନ୍ଧି ବୁଲନ୍ତି। ପଗଡ଼ି ହେଉ କି ଚଷମା, ଫୋନ କିମ୍ବା ଜୋତା ସବୁକିଛି ସୁନା। ଏହି କାରଣରୁ ସେ ଗୋଲଡେନ୍ ମ୍ୟାନ ଭାବରେ ଜଣାଶୁଣା। ସେ ଯେଉଁଆଡେ ଯାଆନ୍ତି, ଲୋକମାନେ ସେଲ୍ଫି ନେବାକୁ ଆଦୌ ଭୁଲନ୍ତି ନାହିଁ।

ଗୋଲ୍ଡେନ୍‌ମ୍ୟାନ ପ୍ରେମ ସିଂଙ୍କ ଘର ଭୋଜପୁର ଜିଲାରେ। ୬ ବର୍ଷ ବୟସରୁ ସେ ସୁନା ପିନ୍ଧିବା ଆରମ୍ଭ କରିଥିଲେ। ପ୍ରେମ ସିଂ ୧.୫ କୋଟିରୁ ଅଧିକ ମୂଲ୍ୟର ସୁନା ପିନ୍ଧି ତାଙ୍କ କାର୍‌ରୁ ଓହ୍ଲାନ୍ତି, ଲୋକମାନେ ସେଲ୍ଫି ନେବା ପାଇଁ ପ୍ରତିଯୋଗିତା କରନ୍ତି। ବୃତ୍ତି ଅନୁଯାୟୀ ପ୍ରେମ ଜଣେ କଣ୍ଟ୍ରାକ୍ଟର ତଥା ଜଣେ ଜମିଦାର। ସେ କୁହନ୍ତି, ପ୍ରଥମେ ୫୦ ଗ୍ରାମରୁ ସୁନା ପିନ୍ଧିବା ଆରମ୍ଭ କରିଥିଲେ, କିନ୍ତୁ ଯେପରି ଏକ ପୋଖରୀ ବିନ୍ଦୁ ବିନ୍ଦୁ ପାଣିରେ ଭରିଯାଏ, ସେମିତି ମୋ ଦେହରେ ଥିବା ସୁନା ଧୀରେ ଧୀରେ ବଢ଼ିବାକୁ ଲାଗିଲା ଏବଂ ଆଜି ଏହା ୫ କିଲୋଗ୍ରାମ ୨୦୦ ଗ୍ରାମରେ ପହଞ୍ଚିଛି। ପ୍ରେମ ଦାବି କରନ୍ତି ଯେ, ସେ ହେଉଛନ୍ତି ବିହାରର ପ୍ରଥମ ସୁନା ମଣିଷ ଏବଂ ଦେଶର ଦ୍ୱିତୀୟ ସୁନା ମଣିଷ। ଯେଉଁମାନେ ପ୍ରଥମ ସ୍ଥାନରେ ଅଛନ୍ତି ସେମାନେ ପ୍ରାୟ ୭ରୁ ୮ କିଲୋଗ୍ରାମ ସୁନା ପିନ୍ଧନ୍ତି। ପ୍ରେମଙ୍କର ଲକ୍ଷ୍ୟ ହେଉଛି ଦିନେ ନା ଦିନେ ସେ ପ୍ରଥମ ସ୍ଥାନକୁ ଯିବେ। ସେ କହିଛନ୍ତି, ଏଥିପାଇଁ ସେ ରୋଜଗାରର ଅଧିକାଂଶ ଅଂଶ ସୁନାରେ ଖର୍ଚ୍ଚ କରନ୍ତି ଏବଂ ୮ କିଲୋଗ୍ରାମ ସୁନା ଅତିକ୍ରମ କରିବାକୁ ଚେଷ୍ଟା କରୁଛନ୍ତି। ଯାହା ଦ୍ୱାରା ତାଙ୍କୁ ଦେଶର ଗୋଲଡେନ ମ୍ୟାନ କୁହାଯାଇପାରିବ। ସେ ଆହୁରି ମଧ୍ୟ କହିଛନ୍ତି, ଏହି ସମସ୍ତ ସୁନା ସଚ୍ଚୋଟ ଭାବରେ ଅର୍ଜନ କରାଯାଇଛି। ସବୁର ହିସାବ ଆକାଉଣ୍ଟ ବହିରେ ଅଛି। ତେଣୁ ଆୟକର କିମ୍ବା କୌଣସି ଏଜେନ୍ସିର ଭୟ ନାହିଁ। ବର୍ତ୍ତମାନ ଏତେ ସୁନା ଥିବାରୁ ସୁରକ୍ଷା ଦୃଷ୍ଟିରୁ ୪ ଜଣଙ୍କୁ ବଡିଗାର୍ଡ ଭାବରେ ନିଯୁକ୍ତି ଦେଇଛନ୍ତି। ପ୍ରେମ ସିଂ ଯେଉଁଆଡ଼େ ଗଲେ ସେମାନେ ତାଙ୍କ ସହ ଯାଇଥାନ୍ତି।

## ହଲିଉଡ୍ ଅଭିନେତାଙ୍କୁ 'ସତ୍ୟଜିତ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ'


ମାଇକେଲ ଡଗଲାସ

ନୂଆଦିଲ୍ଲୀ

ଗୋଆରେ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫଏଫଆଇ)ରେ ଲୋକପ୍ରିୟ ହଲିଉଡ୍ ଅଭିନେତା ମାଇକେଲ ଡଗଲାସଙ୍କୁ ସତ୍ୟଜିତ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯିବ। ଏନେଇ ସୋସିଆଲ ମିଡିଆ ଏକ୍ସରେ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର।

କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି, ନଭେମ୍ବର ୨୦ରୁ ୨୮ମଧ୍ୟରେ ଗୋଆରେ ଆୟୋଜିତ ହେବାକୁ ଥିବା ୫୪ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଅଭିନେତା ମାଇକେଲ ଡଗଲାସଙ୍କୁ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମରେ ତାଙ୍କ ସ୍ତ୍ରୀ କ୍ୟାଥରିନ ଜେଟା ଜୋନ୍ସ ଏବଂ ପୁଅ ଡିଲାନ ଡଗଲାସ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମାଇକେଲ ଡଗଲାସଙ୍କ ଭାରତ ପ୍ରତି ଥିବା ସୌହାର୍ଦ୍ଦପୂର୍ଣ୍ଣ ଏବଂ ପ୍ରେମ ଭାବ ରହିଛି। ଭାରତ ଏହାର ସମୃଦ୍ଧ ସିନେମା ସଂସ୍କୃତି ଏବଂ ଅନନ୍ୟ ପରମ୍ପରା ପ୍ରଦର୍ଶନ କରିବାକୁ ଆଗ୍ରହୀ ଅଟେ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କ ଉଲ୍ଲେଖନୀୟ କ୍ୟାରିୟରରେ ୭୯ ବର୍ଷୀୟ ମାଇକେଲ ଡଗଲାସ୍ ଦୁଇଟି ଏକାଡେମୀ ପୁରସ୍କାର, ପାଞ୍ଚଟି ଗୋଲ୍ଡେନ ଗ୍ଲୋବ ପୁରସ୍କାର ଏବଂ ଏମି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଫିଲ୍ମ ୱାଲ ଷ୍ଟ୍ରିଟ (୧୯୮୭), ଫଲିଙ୍ଗ ଡାଉନ(୧୯୯୩), ଦି' ଆମେରିକା ପ୍ରେସିଡେଣ୍ଟ (୧୯୯୫), ଟ୍ରାଫିକ (୨୦୦୦) ଇତ୍ୟାଦି ଫିଲ୍ମରେ ଅଭିନୟ କରି ଅବିସ୍ମରଣୀୟ ଚିହ୍ନ ଛାଡିଛନ୍ତି।

## ସଂକ୍ଷେପରେ

### ପାଟଣାଗଡ଼ରେ ସେକ୍ସ ରାକେଟ ଠାବ, ୨ଗିରଫ

**ପାଟଣାଗଡ଼,୧୨।୧୦( ପ୍ରହ୍ଲାଦ ପାଢ଼ି)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅନ୍ତର୍ଗତ କାଦୋପଡାରେ ଏକ ଭଡାଘରୁ ସେକ୍ସ ର୍‍ୟାକେଟ ଠାବ କରାଯାଇଛି। ଦୀର୍ଘଦିନ ଧରି ସେଠାରେ ଦେହ ବ୍ୟବସାୟ ଚାଲିଥିବା ଅଭିଯୋଗ ପରେ ଗୁରୁବାର ରାତିରେ ସେଠାରେ ପୋଲିସ ଚଢାଉ କରିଥିଲା। ସେଠାରୁ ଜଣେ ବଙ୍ଗୀୟ ଯୁବତୀଙ୍କ ସହ ଦୁଇ ଜଣ ଗ୍ରାହକଙ୍କୁ ପୋଲିସ ଧରିଥିଲା। ଶୁକ୍ରବାର ଡାକ୍ତରୀମାଇନା ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଯୁବତୀଙ୍କୁ ବଲାଙ୍ଗୀର ସୁଧାର ଗୃହକୁ ପଠାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ପଦ ପୋଢ(୩୬) ଓ ପଞ୍ଚା ମେହେର(୨୮)। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ତଦନ୍ତ ପରିସରକୁ ଯିଏ ଆସବ ତାଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ଜ୍ୟୋତିଜ୍ଞ ଭୁକ୍ତାପ୍ରକାଶ କହିଛନ୍ତି। ପାଟଣାଗଡ଼ ବ୍ଲକର ଜଣେ କର୍ମଚାରୀ ଉକ୍ତ ଘରକୁ ଭଡ଼ା ନେଇଥିବା ଜଣାପଡିଛି।

### ୩ଶ୍ରମିକ ଉଦ୍ଧାର, ମଧ୍ୟସ୍ଥ ଗିରଫ

**ଖପ୍ରାଖୋଲ,୧୩।୧୦(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଏବେ ଦାଦନ ଶ୍ରମିକମାନେ ଦେଶାନ୍ତର ଯିବାକୁ ସଜ ହେଉଥିବା ବେଳେ ମଧ୍ୟସ୍ଥି ସକ୍ରିୟ ହୋଇ ଉଠିଛନ୍ତି। ଜିଲାପାଳ ଓ ଏସ୍‌ପି ଲାଠୋର ଠାରୁ ଦେଶାନ୍ତର ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଗାଁ ଗାଁ ବୁଲୁଛି ସଚେତନତା ରଥ। ହେଲେ ଅନ୍ୟ ପଟେ ମଧ୍ୟସ୍ଥିମାନେ ଶ୍ରମିକ ଚାଲାଣ ପାଇଁ ଖୋଜୁଛନ୍ତି ନୂଆ ଉପାୟ। ଖପ୍ରାଖୋଲ ପୋଲିସ ଏକ ଯାତ୍ରୀବାହୀ ବସ୍ ଉପରେ ଚଢାଉ କରି ୩ଜଣ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ମଧ୍ୟସ୍ଥିଙ୍କୁ ଗିରଫ କରିଛି। ଗିରଫ ମଧ୍ୟସ୍ଥି ବାଞ୍ଜିପାଲି ଗାଁ ର ବାସୁଦେବ ନାଗ (୪୫)। ଉଦ୍ଧାର ଶ୍ରମିକମାନେ ମଧ୍ୟ ବାଞ୍ଜିପାଲି ଗାଁର। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୧୮୯/୨୩)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

### ହାତୀ ଆକ୍ରମଣରେ ଗୁରୁତର ଥିବା ମହିଳା ମୃତ

**ଲେଫ୍ରିପଡା,୧୩।୧୦(ଦେଶରଞ୍ଜନ ପଟେଲ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ରେଞ୍ଜ ଅନ୍ତର୍ଗତ ଗୁଣ୍ଡିଆଡ଼ିହି ସେକ୍ସନରେ ଗୁରୁବାର ଭୋର ସମୟରେ ହାତୀ ଆକ୍ରମଣରେ ଗୁରୁତର ଥିବା ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ସେହି ଗୁଣ୍ଡିଆଡ଼ିହି ଗ୍ରାମର ପଦ୍ମିନୀ ବୈଗା (୪୫)। ମୃତ ମହିଳା ସକାଳୁ ପାଣି ଆଣିବା ପାଇଁ ଯାଇଥିବା ସମୟରେ ଦନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ସେଠାରେ ହାତୀଟି ଆକ୍ରମଣ କରିଥିଲା। ଖବରପାଇ ବନବିଭାଗ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇ ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସୁନ୍ଦରଗଡ଼ ସରକାରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ସୁନ୍ଦରଗଡ଼ରୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ହାତୀଟି ନିକଟସ୍ଥ ଜଙ୍ଗଲରେ ରହିଛି। ବନବିଭାଗ ପକ୍ଷରୁ ଘଉଡ଼ାଇବା କାର୍ଯ୍ୟକ୍ରମ ଜାରି ରଖିଥିବାବେଳେ ଛତିଶଗଡ ପଟୁ ଆଉ ଦୁଇଟି ହାତୀ ଆସିଥିବା ଜଣାପଡିଛି। ସ୍ଥାନୀୟ ଲେଫ୍ରିପଡା ବନବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରି ହାତୀର ଗତିବିଧି ଉପରେ ନଜର ରଖାଯାଇଛି।

### ଅଜଣା ଯୁବକଙ୍କ ମୃତଦେହ ଜବତ

**ରାଉରକେଲା,୧୩।୧୦(ଦିନେଶ ମିଶ୍ର)**

ପ୍ଲାଣ୍ଟସାଇଟ ପୋଲିସ ରାଉରକେଲା ରେଳ ଷ୍ଟେଶନ ପରିସରରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି। ମୃତକଙ୍କ ବୟସ ପ୍ରାୟ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ରିପୋର୍ଟ ଲେଖାଯିବା (ରାତି ୭ଟା) ପର୍ଯ୍ୟନ୍ତ ମୃତ ଯୁବକଙ୍କ ପରିଚୟ ମିଳିନାହିଁ। ସୂଚନା ଅନୁସାରେ, ରାଉରକେଲା ରେଳ ଷ୍ଟେଶନ ଅଟୋ ଷ୍ଟାଣ୍ଡ ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପ୍ଲାଣ୍ଟସାଇଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଆର୍‌ଜିଏଚ ମର୍ଗ ହାଉସ୍‌ରେ ରଖିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୩୬।୨୩) ରୁଜୁ କରି ତଦନ୍ତ କରୁଛି। ମୃତ୍ୟୁର କାରଣ ଜଣାପଡିନାହିଁ।

# ସୂତାକଳ ପୁନରୁଦ୍ଧାର ଯୋଜନା ନାହିଁ

## ଭିତ୍ତିଭୂମି ଥାଇ ବି ସୂତା ପାଇଁ ଦକ୍ଷିଣ ଭାରତକୁ ଭରସା

**ସୋନପୁର,୧୩।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ବୟନ ଶିଳ୍ପ ପାଇଁ ସୁବର୍ଣ୍ଣପୁର ଜିଲାର ରହିଛି ଦେଶ ବିଦେଶରେ ଖୁବ୍ ପ୍ରସିଦ୍ଧି। ଜିଲାର ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ପାଟ ଶାଢୀ ଓ କଟନ ଶାଢୀର ଆଦୃତି କାହିଁରେ କେତେ। ଜିଲାର ବୀରମହାରାଜପୁର, ଉଲୁଣ୍ଡା ଓ ତରଭା ବ୍ଲକରେ ଉନ୍ନତ ମାନର କପା ଉତ୍ପାଦନ ହେଉଛି। ତେବେ ଜିଲାର ବୁଣାକାରଙ୍କୁ ସୂତା ପାଇଁ ଦକ୍ଷିଣ ଭାରତ ଉପରେ ନିର୍ଭର କରିବାକୁ ପଡୁଛି। ତାମିଲନାଡୁ ଓ କର୍ନାଟକ ଭଳି ରାଜ୍ୟରୁ ସୂତା କିଣିବାକୁ ପଡୁଥିବାରୁ ଏସବୁ ପାଇଁ ଅଧିକ ଦର ଦେବାକୁ ପଡୁଛି। ତାହାବି ସ୍ଥିର ନୁହେଁ। ବିଭିନ୍ନ ସମୟରେ ନିମ୍ନମାନର ସୂତା ମିଳୁଛି। ଓଡ଼ିଶାର ସୂତାକଳ କାର୍ଯ୍ୟକ୍ଷମ ଥିଲେ ଉଚ୍ଚମାନର ସୂତା କମ ଦରରେ ମିଳନ୍ତା। ରାଜ୍ୟରେ ସୂତାର ବଡ ବଜାର ମଧ୍ୟ ରହିଛି। ଏଠାରେ ଉନ୍ନତ ମାନର କପା ଅଛି, ତାମିଲନାଡୁ ସୂତାକଳ ଶ୍ରମିକଙ୍କ ମଧ୍ୟରୁ ଅଧିକାଂଶ ଓଡ଼ିଆ ମଧ୍ୟ ଅଛନ୍ତି। ମାତ୍ର ରାଜ୍ୟ ସରକାର ସୂତାକଳର ପୁନରୁଦ୍ଧାର ପାଇଁ କୌଣସି ଯୋଜନା କରୁନାହାନ୍ତି। ସୋନପୁରୀ ବସ୍ତ୍ରର ପ୍ରଚାର ପ୍ରସାର ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ଆରମ୍ଭ ହୋଇଥିଲା ଉଦ୍ୟମ। ୧୯୪୫ପୂର୍ବରୁ ମହାରାଜା ସୁଧାଂଶୁ ଶେଖର ସିଂହଦେଓଙ୍କ ଉଦ୍ୟମରେ ସୋନପୁର ସହରରେ ପ୍ରତିଷ୍ଠା



ସୋନପୁର ସୂତାକଳ।

ହୋଇଥିଲା ସୋନପୁର ବୟନ କଳ। ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ ଭାରତ ସ୍ୱାଧୀନ ପରେ ମଧ୍ୟ ଉଦ୍ୟମ ହୋଇଥିଲା। ଜିଲାରେ ପ୍ରତିଷ୍ଠା ହୋଇଥିଲା ଏକମାତ୍ର ଶିଳ୍ପ କାରଖାନା ସୋନପୁର ସୂତାକଳ। ତେବେ ସମୟ ଚକ୍ରରେ ଏହି ସୂତାକଳର ଭାଗ୍ୟ ଏବେ ସୂତାଖିଅରେ ଝୁଲୁଛି। ୧୫୦୦ରୁ ଉର୍ଦ୍ଧ୍ୱ ପରିବାରକୁ ଦାନା ଯୋଗାଉ ଥିବା ସୂତାକଳ ଇତିହାସର ମୂକସାକ୍ଷୀ ପାଲଟିବାକୁ ଯାଉଛି। କେବଳ ହାତଗଣତି କେତେଜଣ କର୍ମଚାରୀଙ୍କୁ ନେଇ ଧର୍ମକୁ ଆଖିଠାର ଭଳି ଏହି କାରଖାନା ଚାଲିଛି। କାମ କରିବା ପାଇଁ ଉନ୍ନତ ଧରଣର ଯନ୍ତ୍ରପାତି ନାହିଁ।

୧୯୮୨ରେ ସୂତାକଳ ନିର୍ମାଣ କାମ ଆରମ୍ଭ ହୋଇ ୨ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା। ୧୯୮୪ରେ ସୋନପୁର ସୂତାକଳରୁ ସୂତା ଉତ୍ପାଦନ ଆରମ୍ଭ ହୋଇଥିଲା। ୧୫୦୦ରୁ ଉର୍ଦ୍ଧ ଶ୍ରମିକ ନିଯୁକ୍ତ ହୋଇ ତିନୋଟି ସିଫ୍ଟରେ କାମ କରୁଥିଲେ। କାରଖାନାର ଅଧିକାରୀମାନେ ସକାଳ ୮ଟାରୁ ୫ଟା ପର୍ଯ୍ୟନ୍ତ କାମ କରୁଥିଲେ। ଦୈନିକ ୬ ହଜାର କିଲୋ ସୂତା ଉତ୍ପାଦନ ହେଉଥିଲା ଏହି ସୂତାକଳରୁ। ୧୭ବର୍ଷ ପର୍ଯ୍ୟନ୍ତ ସବୁ ଠିକଠାକ୍ ଚାଲିଲା। ତେବେ ପରିଚାଳନା ଗତ ତ୍ରୁଟି ଓ ସୂତାକଳ ପ୍ରତି ସରକାରଙ୍କ ଉଦାସୀନତା ଯୋଗୁ ମିଲ୍‌ରେ ବହୁ କ୍ଷତି ହେଲା। ୨୦୦୧ ମସିହାରେ ସୁବର୍ଣ୍ଣପୁର ଜିଲାର ଏକମାତ୍ର କାରଖାନା ସୋନପୁର ସୂତାକଳ ବନ୍ଦ ହୋଇଗଲା। ଦୀର୍ଘ ୫ ବର୍ଷ ଏହି କାରଖାନା ବନ୍ଦ ହୋଇ ଫାଟକରେ ତାଲା ଝୁଲିଲା। ଶେଷରେ ୨୦୦୬ ସେପ୍ଟେମ୍ବର ୮ତାରିଖରେ ଫିରୋଜା ବିନୟ ପ୍ରାଇଭେଟ୍ ଲିମିଟେଡ କମ୍ପାନୀକୁ ରାଜ୍ୟ ସରକାର ସୋନପୁର ସୂତାକଳକୁ ବିକ୍ରି କରିଦେଲେ। ତେବେ ସୂତାକଳକୁ ପୁନଃ କାର୍ଯ୍ୟକ୍ଷମ କରିବାର ପ୍ରକୃତ ଉଦ୍ଦେଶ୍ୟ ଏହି କମ୍ପାନୀର ନ ଥିଲା। ତେଣୁ ଅଳ୍ପ କିଛି ପୁରାତନ ଶ୍ରମିକଙ୍କୁ ନେଇ ଏହି ସୂତାକଳ ନାମକୁ ମାତ୍ର କାର୍ଯ୍ୟକ୍ଷମ ଅଛି। ସୂତାକଳ ପୂର୍ଣ୍ଣ କାର୍ଯ୍ୟକ୍ଷମ ନ ହେବା ଯୋଗୁଁ ଜିଲାର ଅର୍ଥନୈତିକ ବିକାଶ ବାଧାପ୍ରାପ୍ତ ହୋଇଛି। ଜିଲାର କପାଚାଷୀ ସେମାନଙ୍କ ଉତ୍ପାଦିତ କପାକୁ ମହାରାଷ୍ଟ୍ରର କପା ମିଲକୁ ବିକ୍ରି କରୁଛନ୍ତି। ରାଜ୍ୟ ସରକାର ଓଡିଶା ପୋଷାକ ଓ ବୈଷୟିକ ବୟନ ଶିଳ୍ପ ନୀତି ୨୦୨୨ ପ୍ରଣୟନ କରିଛନ୍ତି। ଏଥିରେ ପୁଞ୍ଜିନିବେଶ, କର୍ମଚାରୀ ଭିତ୍ତିକ ରିହାତି, ମାର୍କେଟିଂ ସହାୟତା କ୍ଷେତ୍ରରେ ପ୍ରୋତ୍ସାହନ ଦିଆଯାଉଛି। ତେବେ ସୋନପୁର ସୂତାକଳ ପୁନରୁଦ୍ଧାର ନେଇ ସରକାରଙ୍କ କୌଣସି ଯୋଜନା ନାହିଁ। ଏହା ଜିଲାବାସୀଙ୍କୁ ନିରୁତ୍ସାହିତ କରିଛି।

## ମୁଖ୍ୟମନ୍ତ୍ରୀଙ୍କୁ ପଠାଗଲା ୫୫୫ ପୋଷ୍ଟକାର୍ଡ





ଧାରଣାସ୍ଥଳରେ ଛାତ୍ରୀଛାତ୍ରମାନେ ଚିଠି ଲେଖୁଛନ୍ତି।

### ଦେଓ ନଦୀ ବ୍ରିଜ୍ ଅସମ୍ପୂର୍ଣ୍ଣ ମାମଲା

**ରାଉରକେଲା,୧୩।୧୦(ସଙ୍ଗୀତା ଜେନା)**

ରାଉରକେଲା ନିକଟ ଦେଓ ନଦୀ ଉପରେ ଏକ ୬ ସ୍ତମ୍ଭ ବିଶିଷ୍ଟ ପୋଲ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ଏହାକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ଦାବିରେ ସମାଜସେବୀ ମୁକ୍ତିକାନ୍ତ ବିଶ୍ୱାଳଙ୍କ ସମେତ ସ୍ଥାନୀୟ ଲୋକେ ଗାନ୍ଧୀ ଜୟନ୍ତୀଠାରୁ ଧାରଣା ପ୍ରଦର୍ଶନ କରିଆସୁଛନ୍ତି। ଉକ୍ତ ସେତୁ ପୂର୍ଣ୍ଣାଙ୍ଗ ପାଇଁ ଶୁକ୍ରବାର ସ୍ଥାନୀୟ ଲୋକ, ଚାଷୀ ଓ ଛାତ୍ରୀଛାତ୍ରମାନେ ୫୫୫ଟି ପୋଷ୍ଟକାର୍ଡ ଚିଠି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇଛନ୍ତି। ଛାତ୍ରୀଛାତ୍ର ୩୦ ଫୁଟ୍ ଶିଡ଼ି ଚଢ଼ି ବିପଦସଙ୍କୁଳ ଅବସ୍ଥାରେ ଶିକ୍ଷାନୁଷ୍ଠାନ ଯିବାକୁ ବାଧ୍ୟ ହେଉଛନ୍ତି। ଶ୍ରମିକ ଓ ଚାଷୀମାନେ ଜୀବନକୁ ପାଣି ଛଡ଼ାଇ ଦୈନନ୍ଦିନ ଯାଆସ କରୁଥବବା ସେମାନେ ଉଲ୍ଲେଖ କରିଛନ୍ତି। ଏଡି ଧାରଣା ଶୁକ୍ରବାର ୧୨ ଦିନରେ ପହଞ୍ଚିଥିବା ବେଳେ ବିଜୁ ସେତୁ ଯୋଜନାର ଉପଦେଷ୍ଟା ରତିକାନ୍ତ ପରିଚ୍ଛା ଧାରଣାସ୍ଥଳରେ ପହଞ୍ଚି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଯଥାଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗୋପାଳ ଜେନା, ସୁରେଶ କୁମ୍ଭାର, ଚକ୍ରାନ୍ତ ଜେନା, ସୁକୁମାର କର, ପବନ ଖାଲସା, କାର୍ତ୍ତି ନାୟକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ସମ୍ବଲପୁରୀ ଫିଲ୍ମ

**ବରପାଲି,୧୩।୧୦(ଚିତ୍ତରଞ୍ଜନ ସାହୁ)**

ସିଲଭର ସିଟି ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ୧୫ଟି ବିଦେଶୀ ସିନେମା ସହ ଭାରତର ବିଭିନ୍ନ ଭାଷାର ୨୨ଟି ସିନେମା ପ୍ରଦର୍ଶନ ପାଇଁ ମନୋନୀତ ହୋଇଛି। ଏଥିରେ ସମ୍ବଲପୁରୀ ସିନେମା ମାଏଝି ବୁଧିଆ ସ୍ଥାନିତ ହୋଇଛି। ଏହାର ରଚନା ନିର୍ଦ୍ଦେଶନା ତଥା ମୁଖ୍ୟ ଭୂମିକାରେ ବରଗଡ ଜିଲା ବରପାଲିର ସରୋଜ କୁମାର ମେହେର ରହିଛନ୍ତି। ସହଯୋଗୀ କଳାକାର ଅବନୀ, ବଜରଙ୍ଗ, ନମିତା ଥିବା ବେଳେ ପ୍ରଯୋଜକ ଅଛନ୍ତି କିଶୋର କୁଣ୍ଡା। ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ସମ୍ବଲପୁରୀ ସିନେମା ସ୍ଥାନିତ ହୋଇ ଥିବାରୁ ଅଞ୍ଚଳରେ ବେଶ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ନିର୍ଦ୍ଦେଶକ ସରୋଜ ମେହେରଙ୍କୁ ବରପାଲିର ବହୁ ବିଶିଷ୍ଟ ବ୍ୟକ୍ତି ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ ନିର୍ଦ୍ଦେଶକ, ପ୍ରଯୋଜକଙ୍କ ସହ ଅଭିନେତା ସବୁ ବରପାଲି ସହରର।

## ସର୍ବଭାରତୀୟସ୍ତରରେ ଖଡ଼ିଆଳ ଶିଳ୍ପ ଅନୁଷ୍ଠାନ ଛାତ୍ରୀ ପ୍ରଥମ

**ନୂଆପଡ଼ା/ଖଡ଼ିଆଳ,୧୩।୧୦ (ମକାରୁ ବେମାଲ/ସୁଜିତ୍ କୁମାର ପ୍ରଧାନ)**

ଚଳିତ ୨୦୨୩ ବର୍ଷରେ ନୂଆପଡ଼ା ଜିଲା ଖଡ଼ିଆଳ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରୀ ଡଲି ରାଉତ ସର୍ବଭାରତୀୟସ୍ତରରେ ମେକାନିକ ମୋଟର ଭେଇକିଲ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଦିଲ୍ଲୀଠାରେ କେନ୍ଦ୍ର ମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଶୁକ୍ରବାର ଦିଲ୍ଲୀର ପ୍ରଜ୍ଞାନ ଭବନଠାରେ କୌଶଳ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଥିଲା। ସେଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦକ୍ଷତା ବିକାଶ



ମନ୍ତ୍ରୀ ସମ୍ମାନିତ କରୁଛନ୍ତି।

ଏବଂ ଉଦ୍ୟୋଗ ମନ୍ତ୍ରୀ ରାଜୀବ ଶେଖର ଡଲି ରାଉତଙ୍କୁ ସମ୍ମାନିତ କରିଥିଲେ। କୁମାରୀ ଡଲି ରାଉତ ବାପା ପୀତବାସ ରାଉତ କଣ୍ଟାବାଞ୍ଜି ବ୍ଲକ ସର୍ଗୁଲ ଗ୍ରାମର ବାସିନ୍ଦା ଅଟେ। ତାଙ୍କ ବାପା ଜଣେ ଦିନ ମଜୁରିଆ ଭାବେ ରାୟପୁରରେ କାମ କରନ୍ତି। ଘରେ ୪ ଝିଅଙ୍କୁ ପାଠ ପଢାଇବା ଅସମର୍ଥ ଥିଲେ। ପରିବାରର ଆର୍ଥିକ ସ୍ଥିତି ଖରାପ ଯୋଗୁ ଡଲି ତାଙ୍କ ଖଡିଆଳସ୍ଥିତ ମାମୁ ଘରେ ରହି ପାଠ ପଢୁଥିଲେ। ରାଜ୍ୟ ସରକାର ସୁଦକ୍ଷା ଯୋଜନା ମାଧ୍ୟମରେ ୨ ବର୍ଷ ବିନା ଦେୟରେ ପାଠପଢି ସଫଳତା ହାସଲ କରିଛନ୍ତି। ଡଲି ମେକାନିକ ମୋଟର ଭାଇକିଲ ଭଳି ପୁରୁଷ ଭିତିକ ବିଭାଗରେ ୯୭.୬୭ % ମାର୍କ ରଖି ସର୍ବ ଭାରତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ଅନ୍ୟ ଛାତ୍ରୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ତାଙ୍କ ସଫଳତାର ଶ୍ରେୟ ସେ ତାଙ୍କ ମାତାପିତା, ଅଧ୍ୟକ୍ଷ, ପ୍ରଶିକ୍ଷକଙ୍କୁ ଦେଇଛନ୍ତି।

## କଳାହାଣ୍ଡିର ୬ ପ୍ରତିଯୋଗୀଙ୍କ କଲିକତା ଗସ୍ତ

### ସିବିଏସ୍‌ଇ ଜୋନାଲସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା



**ଲାଞ୍ଜିଗଡ଼,୧୩।୧୦(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୬ଜଣ ତୀରନ୍ଦାଜ ପ୍ରତିଯୋଗୀଙ୍କ ସିବିଏସଇ ଜୋନାଲସ୍ତରୀୟ ତିରନ୍ଦାଜ ପ୍ରତିଯୋଗିତା ପାଇଁ କଲିକତା ଗସ୍ତ କରିଛନ୍ତି। ପଶ୍ଚିମବଙ୍ଗ ରାଜ୍ୟର କଲିକତା ଅନ୍ତର୍ଗତ ନଦିଆ ଜିଲା ଖରଦାପଡାସ୍ଥିତ ଚାର୍ଟେର୍ଜି ନୋବେଲେ ସ୍କୁଲରେ ଅକ୍ଟୋବର ୧୫ରୁ ୧୬ ତାରିଖ ପର୍ଯ୍ୟନ୍ତ ସିବିଏସଇ ଜୋନସ୍ତରୀୟ ତିରନ୍ଧାଜ ପ୍ରତିଯୋଗୀତା ଆୟୋଜିତ ହେବ। ଏଥିରେ ଭାଗ ନେବା ପାଇଁ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୬ଜଣ ପ୍ରତିଯୋଗୀ କଲିକତା ଗସ୍ତ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୭ ବର୍ଷରୁ କମ ବାଳକ ବିଭାଗରେ ହିତେଶ କୁମାର ମହାଖୁଡ, କ୍ଷୀରୋଦ କୁମାର ଏବଂ ବାଳିକା ବିଭାଗରେ ସଙ୍ଗୀତା ମାଝି ଓ ପିଭି ଶ୍ରୀ ପୂଜିତା ରହିଛନ୍ତି। ସେହିପରି ଅଣ୍ଡର ୧୪ ବର୍ଷରୁ କମ ବାଳକ ବିଭାଗରେ ଓମକାର ମାଝି ରହିଥିବା ବେଳେ ବାଳିକା ନିଭାଗରେ କଳ୍ପିତା ପ୍ରଧାନ ରହିଛନ୍ତି। ଖେଳାଳିମାନେ କୋଚ୍ ସୀମାଞ୍ଚଳ କାତ୍ରାକା ଓ ଶିକ୍ଷକ ପଲାସ ଚାର୍ଟେର୍ଜୀଙ୍କ ନେତୃତ୍ୱରେ କଲିକତା ଗସ୍ତ କରିଛନ୍ତି।

## ଆସିଷ୍ଟାଣ୍ଟ କଲେକ୍ଟର ମୃତ୍ୟୁ ମାମଲା | ପଦାକୁ ଆସୁଛି ନୂଆ ତଥ୍ୟ

**ରାଉରକେଲା,୧୩।୧୦(ସଙ୍ଗୀତା ଜେନା)**

ରାଉରକେଲା ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ପଦାକୁ ଆସିବାରେ ଲାଗିଛି। ଏହି ଘଟଣାରେ ପୋଲିସ ତଦନ୍ତ କରୁଛି। ମିଞ୍ଜ ମୃତ୍ୟୁ ପୂର୍ବରୁ ଯେଉଁ ହୋଟେଲରେ ରହୁଥିଲେ ସେଠାରେ ପୋଲିସ ଯାଞ୍ଚ କରିଥିଲା। ତେବେ ମିଞ୍ଜଙ୍କ ମୋବାଇଲରୁ ମିଳିଥିବା ଆଉ କିଛି ତଥ୍ୟକୁ ଆଧାର କରି ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଶୁକ୍ରବାର ସନ୍ଧ୍ୟାରେ ରାଉରକେଲା ମେନ୍ ରୋଡ୍‌ରେ ଥିବା କିଛି ହୋଟେଲକୁ ଯାଇ ପଚରାଉଚୁରା କରିଥିବା ଜଣାପଡିଛି। ମିଞ୍ଜଙ୍କ ମୋବାଇଲ ଫୋନରେ ସେପ୍ଟେମ୍ବର ୧୬ ତାରିଖରେ ସେ ଏକ ହୋଟେଲ ବୁକିଂ କରିଥିବା ସୂଚନା ମିଳିଥିଲା। ଏ ନେଇ ଉକ୍ତ ସ୍ଥାନର କିଛି ହୋଟେଲରେ ଯାଞ୍ଚ କରାଯାଇଛି।

## ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର





ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଡାକ୍ତର ଓ ଅନ୍ୟମାନେ।

**ସୁନ୍ଦରଗଡ଼,୧୩।୧୦ (ଜୟନାରାୟଣ ମେଣ୍ଡୁଲି)**

ଏନ୍‌ଟିପିସି ଦର୍ଲିପାଲି ନିରାମୟା ହସପିଟାଲ ପକ୍ଷରୁ ଶୁଭ୍ରଜ୍ୟୋତି ଟାଉନଶିପରେ କାର୍ଯ୍ୟରତ ସମସ୍ତ ସଫେଇ କର୍ମଚାରୀଙ୍କ ପାଇଁ ଶୁକ୍ରବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ଉଚ୍ଚ ରକ୍ତଚାପ, ମଧୁମେହ, ହେମଗ୍ଲୋବିନ, ଚକ୍ଷୁ ପରୀକ୍ଷା, ଇସିଜି ଆଦି ପରୀକ୍ଷା କରାଯାଇ ଡାକ୍ତରମାନଙ୍କ ଦ୍ୱାରା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଔଷଧ ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା। ହସପିଟାଲର ସିଏମଓ ଡାକ୍ତର ଅପରାଜିତା ମିଶ୍ର ଏହି ଅବସରରେ କହିଥିଲେ ଯେ,ଏନ୍‌ଟିପିସି ଦର୍ଲିପାଲି ସବୁବେଳେ ନିଜର କର୍ମଚାରୀ ଓ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଆସୁଛି। ସମୁଦାୟ ବିକାଶରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇ ଆସୁଛି। ଏନଟିପିସି ଦର୍ଲିପାଲି ପକ୍ଷରୁ ସ୍ୱଚ୍ଛତା ପକ୍ଷ-୨୦୨୩ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



# ଅନୁଦାନ ଥାଇ କାମ ନ ହେବା ଦୁର୍ଭାଗ୍ୟଜନକ

## ବଲାଙ୍ଗୀର ଜିଲା ଯୋଜନା କମିଟି ବୈଠକ

ବଲାଙ୍ଗୀର,୧୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଯୋଜନା କମିଟି ବୈଠକ ସ୍ଥାନୀୟ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ କମିଟି ଅଧ୍ୟକ୍ଷ ତଥା ପାଟଣାଗଡ ବିଧାୟକ ସରୋଜ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ଲୋକ ସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂଙ୍କ ସହ କମିଟି ସଦସ୍ୟ ଓ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଜିଲାର ଦାଦନ ଶ୍ରମିକ ସମସ୍ୟା, କୃଷି, ଗ୍ରାମ୍ୟ ଉନ୍ନୟନ, ଶିଳ୍ପ ପ୍ରତିଷ୍ଠା, ସ୍ୱତନ୍ତ୍ର ଯୋଜନା, ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ଜିଲାରେ ୨୦୨୨–୨୩ ବର୍ଷ ପାଇଁ ବିଭିନ୍ନ କ୍ଷେତ୍ର ନିମନ୍ତେ ପ୍ରସ୍ତାବିତ ବାର୍ଷିକ ଯୋଜନା ବୈଠକରେ ଅନୁମୋଦନ କରାଯାଇଥିଲା। ୨୦୨୨–୨୩ ବର୍ଷରେ ବିଭ୍ରୁ କେବିକେ ଯୋଜନା ଜିଲା ସେକ୍ଟର କାର୍ଯ୍ୟ ଖସଡା ସମ୍ପର୍କରେ



ଜିଲା ଯୋଜନା କମିଟି ବୈଠକରେ ମଞ୍ଚାସୀନ ଜନପ୍ରତିନିଧି, ଅଧିକାରୀ ଓ ସଦସ୍ୟ।

ବୈଠକରେ ସବିଶେଷ ଆଲୋଚନା ହୋଇ ଅନୁମୋଦନ କରାଯାଇଥିଲା।

ବୈଠକରେ ଉପସ୍ଥିତ ଜନପ୍ରତିନିଧିମାନେ ଜିଲାର ବିକାଶ ତ୍ୱରାନ୍ୱିତ କରିବା ଉପରେ ଜୋର ଦେଇଥିଲେ। ବିଭିନ୍ନ ବ୍ଲକ୍‌ରେ ଯୋଜନା ଅନୁମୋଦନକୁ ଏକ ବର୍ଷରୁ ଉର୍ଦ୍ଧ୍ୱ ହେଲା ପଡିରହିଥିଲେ ମଧ୍ୟ କାର୍ଯ୍ୟାରମ୍ଭ ନ ହେବା ନେଇ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବିଧାୟକ ମିଶ୍ର କହିଥିଲେ ଯେ, ଜିଲାର ବିକାଶ ପାଇଁ ଏହି କମିଟି ବୈଠକରେ ଯାହା କିଛି ନିଷ୍ପତ୍ତି ହୋଇଛି ସେସବୁର କୌଣସି ସୁଫଳ ବାହାରୁ ନାହିଁ, ତାହା ଆଲୋଚନା ଓ କାଗଜପତ୍ରରେ ସିମିତ ରହିଯାଉଛି। ତେଣୁ ଏହି ବୈଠକ ଜିଲାର ବିକାଶରେ ସହାୟକ ହେବା ପରିବର୍ତ୍ତେ ଜିଲାବାସୀଙ୍କୁ ଓଲଟା ଫଳ ଦେଉଛି ବୋଲି କହିଥିଲେ। ଗତ ଫେବୃୟାରୀ ମାସରେ ହୋଇଥିବା ବୈଠକ ନିଷ୍ପତ୍ତି ଅନୁଯାୟୀ କୌଣସି ଗୋଟିଏ ବି ପ୍ରସ୍ତାବ କାହିଁକି କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି ପ୍ରଶ୍ନ କରିଥିଲେ । ଜିଲାକୁ ଅନେକ ଅନୁଦାନ ଆସି ପଡି ରହିଥିଲେ ମଧ୍ୟ ତାହା ଖର୍ଚ୍ଚ ନହୋଇ ପଡି ରହିଥିବା ଦର୍ଶାଇଥିଲେ। ସୋନଗଡ ଅଙ୍ଗ ନଦୀରେ ବ୍ୟାରେଜ, ଭୀମପାହାଡ ପର୍ଯ୍ୟଟନସ୍ଥଳୀର ଆହୁରି ବିକାଶ ସାଙ୍ଗକୁ ରାଣୀପୁର ଝରିଆଲ, ଚାନ୍ଦଲି ପାହାଡ, କୁମୁଡା ପାହାଡ ବିକାଶ ପାଇଁ ପ୍ରସ୍ତାବ ଦେଇଥିଲେ । ଜିଲାରେ ଟେକ୍ସଟାଇଲ ମିଲ ପ୍ରତିଷ୍ଠା, ବିଜୟାନନ୍ଦ ଚିନିକଳ ଚାଲୁ କରିବାକୁ ଉଦ୍ଧାର ପାଇଁ ପ୍ରସ୍ତାବ ଦେଇଥିଲେ। ଖେଳ ଭିତ୍ତିଭୂମି ବିକାଶ ସାଙ୍ଗକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ ବଲାଙ୍ଗୀରରେ ପ୍ରତିଷ୍ଠା, ବଲାଙ୍ଗୀରରେ ଏକ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା, ଭୀମ ଭୋଇ ମେଡିକାଲ କଲେଜରେ ହୃଦରୋଗ ତଥା କାର୍ଡିଓଲୋଜ ଓ ନେପ୍ରୋଲୋଜି ବିଭାଗ ଖୋଲିବା, ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା, କଣ୍ଟାବାଞ୍ଜିରେ ୱାଗନ ମରାମତି କାରଖାନା ପ୍ରତିଷ୍ଠା, ମହାରାଣୀ ସାଗର, ମହାରାଜା ସାଗର ଓ ଲକ୍ଷ୍ମୀଯୋର ପ୍ରକଳ୍ପ କାମ ଶୀଘ୍ର କରିବା ଉପରେ ଜୋର ଦେଇଥିଲେ। ଲକ୍ଷ୍ମୀଯୋର ନାଳାର ଉଭୟ ପାର୍ଶ୍ୱରେ ଥିବା ନିର୍ବିବାଦୀୟ ଜମିରେ ଜଳସେଚନ ବିଭାଗ ପକ୍ଷରୁ ଆସିଥିବା ଅନୁଦାନରେ ଶୀଘ୍ର ଉନ୍ନତିମୂଳକ କାମ ଆରମ୍ଭ କରାଯାଉ ବୋଲି କହିଥିଲେ ।

ଏମ୍‌ପି ସିଂଦେଓ ଗାଁରେ ପାନୀୟ ଜଳ ପ୍ରକଳ୍ପକୁ ନେଇ ହୋଇଥିବା ଦୁର୍ନୀତି ଉପରେ କଡା ମନ୍ତବ୍ୟ ଦେଇଥିଲେ। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଲୋକଙ୍କ ପାଇଁ ଅନୁଦାନ ଥାଇ କାମ ନ ହେବା ପରିତାପର ବିଷୟ ବୋଲି କହିଥିଲେ। କଣ୍ଟାବାଞ୍ଜି ବିଧାୟକ ସାଲୁଜା ପମ୍ପୁ ତାଲାବ ସହ ଜିଲାର ବିକାଶ ଏବଂ ଲୋଇସିଂହା ବିଧାୟକ ଡ ମହାଲିଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗର ଅପାରଗତା ବିଷୟରେ କହିଥିଲେ। ବୈଠକରେ ବିଶେଷକରି ଗ୍ରାମ୍ୟ ଉନ୍ନୟନ, ଜଳସେଚନ ବିଭାଗ ଉପରେ କଡା ସମାଲୋଚନା କରାଯାଇଥିଲା। ଜିଲା ପ୍ରଶାସନ ସବୁ ଦିଗରୁ ବିକାଶ ମୂଳକ କାର୍ଯ୍ୟକୁ ପ୍ରାଧାନ୍ୟ ଦିଅନ୍ତୁ ବୋଲି ଜନପ୍ରତିନିଧିମାନେ ଜୋର ଦେଇଥିଲେ। ସମସ୍ତଙ୍କ ସହଯୋଗରେ ଏବଂ ବିଭିନ୍ନ ବିଭାଗର ସମନ୍ୱୟରେ ଜିଲା ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି କମିଟି ଅଧ୍ୟକ୍ଷ ମେହେର ଗୁରୁତ୍ୱାରୋପ କରିଥିଲେ।

## ସଂକ୍ଷେପରେ

### ଡେଙ୍ଗୁ ଆକ୍ରାନ୍ତ ଯୁବ ଗବେଷକ ରଜତ ପଟେଲଙ୍କ ମୃତ୍ୟୁ

ବଲାଙ୍ଗୀର,୧୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)



ଡେଙ୍ଗୁ ଆକ୍ରାନ୍ତ ଯୁବ ଗବେଷକ ରଜନ କୁମାର ପଟେଲ (୩୦)ଙ୍କ ଶୁକ୍ରବାର ଅପରାହ୍ଣ ୪ଟାରେ ବରଗଡର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ବଲାଙ୍ଗୀରରେ ଗଭୀର ଶୋକ ପ୍ରକାଶ ପାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରାଣୀବିଜ୍ଞାନ ବିଭାଗରେ ସେ ପିଏଚ୍‌ଡି କରୁଥିଲେ। ବିଶେଷକରି ସେ ମାଛ ପ୍ରଜାତି ଉପରେ ତାଙ୍କର ଗବେଷଣା ଜାରି ରହିଥିଲା। ବଲାଙ୍ଗୀର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରଜାତିର ମାଛଙ୍କ ଉପରେ ସେ ଗବେଷଣା ଜାରି ରଖିଥିଲେ। ଗେପାଳପୁର ଠାରେ ତାଙ୍କୁ ଜ୍ୱର ହେବାରୁ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଗତ ୬ ତାରିଖ ଗୋପାଳପୁରଠାରେ ସେ ଡେଙ୍ଗୁ ଆକ୍ରନ୍ତ ବୋଲି ଚିହ୍ନଟ ହୋଇଥିଲେ। ସେଠାରେ ଚିକିତ୍ସିତ ହେବା ପରେ ଗତ ୧୦ ତାରିଖ ବଲାଙ୍ଗୀର ଘରକୁ ଆସିଥିଲେ। ଏଠାରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ସେ ଭର୍ତ୍ତି ହୋଇଥିଲେ। ତେବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଶୁକ୍ରବାର ତାଙ୍କୁ ବରଗଡର ଏକ ଘରୋଇ ହସ୍ପିଟାଲ ନିଆଯାଇଥିଲା। ତାଙ୍କ ପିତା ଆଧାପକ ଜିତେନ୍ଦ୍ର ପଟେଲ, ମାତା, କାକା ଡା ରୁଦ୍ରଦେବ ପଟେଲ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ବିଭୂତିପଡା ଶ୍ମଶାନରେ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି।

# ୧୮୪ଲିଟର ମଦ ଜବତ, ୫ଗିରଫ

ପାଟଣାଗଡ଼ ୧୩।୧୦(ପ୍ରହ୍ଲାଦ ପାଢ଼ୀ)

ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡ ଅଞ୍ଚଳରେ ଶୁକ୍ରବାର ପାଟଣାଗଡ଼, ଖପ୍ରାଖୋଲ ଓ ସମଲପୁର ଅବକାରୀ ବିଭାଗ ମିଳିତ ଭାବେ ଚଢାଉ କରି ୧୮୪ ଲିଟର ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଛି । ସମ୍ବଲପୁର ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଧନଞ୍ଜୟ ପାତ୍ରଙ୍କ ତତ୍ତ୍ୱାବଧାନରେ ପାଟଣାଗଡ଼ ଅବକାରୀ ଅଧିକାରୀ ସତ୍ୟ ବେହେରା, ଖପ୍ରାଖୋଲ ଅବକାରୀ ଅଧିକାରୀ ଅଲେଖ ପୁଟେଲଙ୍କ ନେତୃତ୍ୱରେ ଚଢାଉ କରିଥିଲେ। ଲୁହସିଂହା ଗାଁର ବୀର ଦଣ୍ଡସେନାଙ୍କ ଘରେ ଚଢ଼ାଉ କରି ୫୦ ଲିଟର ରନ୍ଧା ମଦ ସହ ଏକ ସ୍କୁଟି ଜବତ କରାଯାଇଥିଲା। ଗେର୍ଡା ଗାଁର ସନ୍ୟାସୀ ରଣାଙ୍କ ପାଖରୁ ୪୦ ଲିଟର, ରେଙ୍ଗାଲି ଗାଁର ଭଗବାନ ବିଭାରଙ୍କ ପାଖରୁ ୬୦ ଲିଟର, ଦୁନ୍ଦେଲ ଗାଁରୁ ୯ ଲିଟର, ଝୁରିପାଣି ଗାଁର ଗୁଣ ସାହୁଙ୍କ ପାଖରୁ ୨୫ ଲିଟର ରନ୍ଧା ମଦ ଜବତ ସହ ୧୮ ଶହ କେଜି ମହୁଲ ପୋଚ ନଷ୍ଟ କରିବା ସହ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରାଯଇଥିଲା। ଜବତ ରନ୍ଧାମଦର ଆନୁମାନିକ ମୂଲ୍ୟ ୧ ଲକ୍ଷ ୭୦ ହଜାର ଟଙ୍କା ହେବ ବୋଲି ଖପ୍ରାଖୋଲ ଅବକାରୀ ଅଧିକାରୀ ପୁଟେଲ ସୂଚନା ଦେଇଛନ୍ତି। ଜଣେ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ପିଆର୍ ବଣ୍ଡରେ ଛାଡି ଦିଆଯାଇଥବା ବେଳେ ଅନ୍ୟ ୪ ଜଣଙ୍କୁ କୋର୍ଟଚାଲଣା କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତ ପଠାଇ ଦିଆଯାଇଥିବା ପାଟଣାଗଡ଼ ଅବକାରୀ ଅଧିକାରୀ ବେହେରା ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ସଂସାଧନ କର୍ମୀଙ୍କ ପ୍ରଶିକ୍ଷଣ ଶିବିର

ଲୋଇସିଂହା,୧୩।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସଭାଗୃହରେ ବ୍ଲକ ପ୍ରଶାସନ ଓ ବ୍ଲକ କଳା, ସଂସ୍କୃତି ସଂଘ ଆନୁକୂଲ୍ୟରେ ସଂଶାଧନ କର୍ମୀଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବ୍ଲକ କଳା ଓ ସାଂସ୍କୃତିକ ସଂଘ ସଭାପତି ତଥା ଭାରପ୍ରାପ୍ତ ବିଡିଓ ବିଜୟ କୁମାର ହୋତା ଶିବିରକୁ ଉଦ୍‌ଘାଟନ କରିଥିଲେ। ମହତ ଉଦ୍ଦେଶ୍ୟ ନେଇ ସରକାର ଯୋଜନା କରିଛନ୍ତି। ହେଲେ ଏବେବି ଗ୍ରାମାଞ୍ଚଳ ଲୋକେ ଯୋଜନା ସମ୍ପର୍କରେ ଅବଗତ ନାହାନ୍ତି। ସହଜ ଓ ସରଳରେ ଗ୍ରାମାଞ୍ଚଳ ଲୋକଙ୍କୁ ଲୋକକାଳ ମାଧ୍ୟମରେ ସରକାରୀ ଯୋଜନା ଉପରେ ସଚେତନ କରିବାକୁ କଳାକାରଙ୍କୁ ଏହି ଅବସରରେ ପରାମର୍ଶ ଦେଇଥିଲେ ବିଡିଓ ହୋତା । ଶିବିରକୁ ସରୋଜ ମହାକୁର ସଂଯୋଜନା କରିଥିଲେ । ସଂଘ ସମ୍ପାଦିକା ତଥା ବ୍ଲକ ସାମଜିକ ସୁରକ୍ଷା ଅଧିକାରୀ ଆଶା ପଧାନ, ସିଡିପିଓ ଗାୟତ୍ରୀ ବାରିକ ସମ୍ମାନୀତ ଅତିଥି, କଳା ଓ ସଂସ୍କୃତି ସଂଘ ଜିଲା ଉପସଭାପତି ସୁଦାମ ବିଶି ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଲୋକକଳାର ବିକାଶ ଏବଂ ଏହାଦ୍ୱାରା କଳାକାରମାନେ ରୋଜଗାର ପାଇ ପାରିବେ ବୋଲି ଅତିଥିମାନେ କହିଥିଲେ। ଲୋକଙ୍କୁ ସଚେତନ କରିବାର ପ୍ରକୃଷ୍ଟ ମାଧ୍ୟମ ହେଉଛି ଲୋକକଳା ବୋଲି ଅନ୍ୟତମ ସମ୍ମାନୀତ ଅତିଥି ସିଡିପିଓ ବାରିକ କହିଥିଲେ।



ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି।

### ୨୦୨୧ମସିହା ଚିଠି କାର୍ଯ୍ୟକାରୀ ହେଉନି, କଳାକାରଙ୍କ କ୍ଷୋଭ

ସ୍ୱତନ୍ତ୍ର ଅତିଥି ଜିଲା ସମ୍ପାଦକ ବିଶି କହିଥିଲେ ଯେ, ପାରମ୍ପରିକ ନୃତ୍ୟଗୀତ ମାଧ୍ୟମରେ ରାଜ୍ୟ ସରକାରଙ୍କ ୮ ରୁ ୧୧ ଜନହିତକାରୀ ଯୋଜନା ସମ୍ପର୍କରେ ସଚେତନତା କରିବା ପାଇଁ କଳାକାରଙ୍କ ପ୍ରମୁଖ ଭୂମିକା ରହିଛି। ହେଲେ ବିଭିନ୍ନ ସମୟରେ ସେମାନଙ୍କ ପ୍ରତି ଅଣଦେଖା କରାଯାଉଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ୨୦୧୧ ମସିହାରୁ ବ୍ଲକ ଓ ଜିଲାସ୍ତରରେ କଳା ଓ ସାଂସ୍କୃତିକ ସଂଘ ଗଠିତ ହୋଇଛି। ଏହାକୁ ସୁଦୃଢ କରିବା ପାଇଁ ଏକ ସଂସ୍କୃତି ଭବନ ନିର୍ମାଣ ପାଇଁ ରାଜ୍ୟ ସରକାର ୨୦୨୧ ମସିହାରୁ ଗୋଟିଏ ଚିଠି କରିଛନ୍ତି। ହେଲେ ଜିଲାର କୌଣସି ବ୍ଲକରେ ଅଦ୍ୟାବଧି ସଂସ୍କୃତି ଭବନ ନିର୍ମାଣ କରାଯାଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ୨୦୨୧ ମସିହା ଚିଠିକୁ ବ୍ଲକ ଓ ଜିଲାସ୍ତରରେ କାର୍ଯ୍ୟକାରୀ କରିବାକୁ ବିଶି ଅନୁରୋଧ କରିଥିଲେ। କଳାକାର ଶଙ୍କର ବେହେରା ଓ ସରୋଜ ମହାକୁର ସଂଶାଧନ କର୍ମୀଙ୍କୁ ତାଲିମ ପ୍ରଦାନ କରୁଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଇସିଜି ମେଶିନ ଲୋକାର୍ପଣ

ଲୋଇସିଂହା,୧୩।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଇସିଜି ମେଶିନ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଇସିଜି ମେଶିନ ଲୋକାର୍ପଣ କରିଥିଲେ। ଏହାଦ୍ୱାରା ଜନସାଧାରଣ ଉପକୃତ ହୋଇ ହୋଇରିବେ ବୋଲି ସେ କହିଥିଲେ। ଚିକସା ଅଧିକାରୀ ବେଣୁଧର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ବିପିଏମ ସନ୍ତୋଷ ଦୋରା। ବିଡିଓ ଶଙ୍କର କେରକେଟା, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ପାଠୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପିଏଚ୍‌ଇଓ ଭାରତୀ ସାହୁ, ଆଶା, ଅଙ୍ଗନବାଡି କର୍ମୀ, ରୋଗୀ କଲ୍ୟାଣ ସମିତି ସଭ୍ୟ ଉତ୍ସବରେ ଯୋଗଦେଇଥିଲେ । କୋଭିଡ ସମୟରେ ବିଧାୟକ ଦ୍ୱାରା ପ୍ରଦତ୍ତ ପାଣ୍ଠି ଓ ରୋଗୀ କଲ୍ୟାଣ ସମିତି ପାଣ୍ଠିରୁ ଇସିଜି ମେଶିନ କିଣା ଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚିକିତ୍ସା ଅଧିକାରୀ ଡା ପଧାନ କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ମେଶିନ ଉପଲବ୍ଧ ପରେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ୧୫ ଉପସ୍ୱାସ୍ଥ୍ୟ କେନ୍ଦ୍ର ଓ ୪ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଜନସାଧାରଣ ଉପକୃତ ହୋଇ ପାରିବେ ବୋଲି ବିଧାୟକ ମହାଲିଙ୍ଗ କହିଥିଲେ। ମେଶିନର ଉପଯୁକ୍ତ ବ୍ୟବହାର ଓ ରକ୍ଷଣାବେକ୍ଷଣ ଦିଗରେ ଯତ୍ନବାନ ହେବାକୁ ଚିକିତ୍ସା ଅଧିକାରୀଙ୍କୁ ସେ ପରାମର୍ଶ ଦେଇଥିଲେ ।



ଇସିଜି ମେଶିନ ଲୋକାର୍ପଣ ଅବସରରେ ବିଧାୟକ ମୁକେଶ ମହାଲିଙ୍ଗ ।

# ଅନ୍ତର୍ଜାତୀୟ କ୍ଷୁଦ୍ରଶସ୍ୟ ବର୍ଷ ପାଳନ

### ସ୍ୱୟଂ ସହାୟକ ଦଳକୁ ବିଭିନ୍ନ ଉପକରଣ ବଣ୍ଟନ

ଖପ୍ରାଖୋଲ, ୧୩।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସଭାଗୃହରେ କୃଷି ବିଭାଗ, ମିଲେଟ ମିଶନ, ୱାଇସିଡିଏର ମିଳିତ ଉଦ୍ୟମରେ ଅନ୍ତର୍ଜାତୀୟ କ୍ଷୁଦ୍ରଶସ୍ୟ ବର୍ଷ ଶୁକ୍ରବାର ପାଳିତ ହୋଇଯାଇଛି। ବ୍ଲକ ସଂଯୋଜକ ଉମେଶ ଗୁପ୍ତା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ମୁଖ୍ୟବକ୍ତା ପାଟଣାଗଡ କୃଷି ଜିଲା ଅଧିକାରୀ ବାବୁଲି ଚରଣ ସେଠୀ, ସମ୍ମାନୀତ ଅତିଥି ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସରପଞ୍ଚ ବେଟିଖାଇ ସେଣ୍ଡ୍ରିଆ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ପ୍ରାଣୀଧନ ନିରୀକ୍ଷକ ସୁଦାମ ବାରିକ ଯୋଗଦେଇଥିଲେ। ଏହି ଅବସରରେରେ ୧୦ ଟି ମହିଳା ସୟଂ ସହାୟକ ଦଳକୁ ମଣ୍ଡିଆ ଗୁଣ୍ଡ କରା ଓ କୁଦ, ଗୁରୁଜୀ ଚାଉଳ ପ୍ରସ୍ତୁତି ମେଶିନ ବଣ୍ଟନ କରାଯାଇଥିଲା।

# ମହିଳାଙ୍କ ଧାରଣା ପରେ ବସିଲା ଟ୍ରାନ୍ସଫର୍ମର

ଲୋଇସିଂହା,୧୩।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ରେଳ ଫାଟକ ଅପରପାର୍ଶ୍ୱରେ ଥିବା ବସ୍ତି ଅଞ୍ଚଳର ଟ୍ରାନ୍ସଫର୍ମର ସପ୍ତାହକ ତଳେ ବଜ୍ରପାତରେ ଅଚଳ ହୋଇ ଯାଇଥିଲା। ହେଲେ ଲୋଇସିଂହା ବିଦ୍ୟୁତ୍ ବିଭାଗ ପକ୍ଷରୁ ନୂତନ ଟ୍ରାନ୍ସଫର୍ମର ବସାଇବାରେ ଦିନ ଗଡ଼ାଉଥିଲେ। ଏହାର ପ୍ରତିବାଦରେ ସମ୍ପୃକ୍ତ ଅଞ୍ଚଳର ମହିଳା ସେକ୍ସନ ଅଫିସ କାର୍ଯ୍ୟାଳୟକୁ ଯାଇ ଟ୍ରାନ୍ସଫର୍ମର ସଂଯୋଗ ଦାବିରେ ଧାରଣା ଦେଇଥିଲେ। ବିଭାଗୀୟ ଅଧିକାରୀ ବୁଝାଶୁଝା କରିଥିଲେ। ବିଦ୍ୟୁତ୍ ସଂଯୋଗ ନ ହେବା ପର୍ଯ୍ୟନ୍ତ ସେମାନଙ୍କ ଧାରଣା ଜାରି ରଖିବେ ବୋଲି ମହିଳାମାନେ କହିଥିଲେ। ଏହାପରେ ବିଭାଗ ପକ୍ଷରୁ ନୂତନ ଟ୍ରାନ୍ସଫର୍ମର ବସାଇବା ଦିଗରେ ପଦକ୍ଷେପ ନିଆଯାଇଥିଲା। ଅଚଳ ଟ୍ରାନ୍ସଫର୍ମର ହଟାଇ ୨୫କେଭି ନୂତନ ଟ୍ରାନ୍ସଫର୍ମର ସେଠାରେ ବସାଯାଇଛି। ସରବରାହ ଆସିଲା ପରେ ଶୁକ୍ରବାର ରାତି ୮.୪୫ରେ ମହିଳାମାନେ ଧାରଣାରୁ ଓହରିଥିବା ଜଣାପଡିଛି।

# ସର୍ବସାଧାରଣ ରାସ୍ତାରୁ ଜବରଦଖଲ ହଟାଅ

କଣ୍ଟାବାଞ୍ଜି, ୧୩।୧୦(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ବଡବାଙ୍କି ପଞ୍ଚାୟତ ମୁରିବାହାଲ ଗ୍ରାମର ସର୍ବ ସାଧାରଣ ରାସ୍ତାକୁ ଜଣେ ବ୍ୟକ୍ତି ଜବରଦଖଲ କରି ଘର ନିର୍ମାଣ କରୁଛନ୍ତି। ଜବରଦଖଲ ହଟାଇବାକୁ ଗ୍ରାମବାସୀ ଶୁକ୍ରବାର ତହସିଲ ଅଫିସ ଘେରାଉ କରିଥିଲେ। ରାସ୍ତା ଉପରେ ନିର୍ମାଣାଧୀନ ଘରକୁ ଉଚ୍ଛେଦ କରିବା ପାଇଁ ଗତ ସେପ୍ଟେମ୍ବର ୧୬ତାରିଖରେ କଣ୍ଟାବାଞ୍ଜି ତହସିଲଦାରଙ୍କୁ ଫେରାଦ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ତହସିଲଦାର ଘୁନେଶ ଆରଆଇଙ୍କୁ ଅନୁସନ୍ଧାନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଦେଇଥିଲେ। ଆରଆଇଙ୍କ ରିପୋର୍ଟ ମିଳିଲା ପରେ ମଧ୍ୟ ଜବର ଦଖଲ ହଟି ନ ଥିଲା। ତେଣୁ ଗ୍ରାମବାସୀ ଅକ୍ଟୋବର ୧୩ତାରିଖ ସୁଦ୍ଧା ଜବରଦଖଲ ହଟାଇବାକୁ ତହସିଲଦାରଙ୍କୁ ଜଣାଇ ଥିଲେ। ସମୟ ପୂରଣ ହୋଇଥିବାରୁ ଶୁକ୍ରବାର ମୁରିବାହାଲ ଗ୍ରାମର ବହୁ ଲୋକେ ଜବରଦଖଲ ଉଚ୍ଛେଦ ଦାବି କରି ଘେରାଉ କରିଥିଲେ। ତହସିଲଦାର ଅମୃତଲାଲ ବେହେରାଙ୍କୁ ପଚାରିବାରୁ ଆଇନ ମୁତାବକ ଅତିଶୀଘ୍ର ଜବର ଦଖଲ ଉଚ୍ଛେଦ କରାଯିବ ବୋଲି କହିଥିଲେ। ଏହା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରି ଥିଲେ । ଏହି ଆନ୍ଦୋଳନରେ ହରି ପୁଞ୍ଜି, ଗଣ୍ଡାରାମ ହଂସ, ଟୁଲୁ ହଂସ, ବିନାୟକ ହେର୍ଣ୍ଡା, ପୁରୁନ୍ଦର ହଂସ, ଲିଙ୍ଗରାଜ ଧରୁଆ, ଯଦୁମଣି ଭୋଇ ପ୍ରମୁଖ ସାମିଲ ଥିଲେ।




ତହସିଲଦାର ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ରାଜନୈତିକ କ୍ଷେତ୍ରରେ ବନ୍ଧୁ ପ୍ରତିଷ୍ଠା

## ଯାଦବ ମହାସଭା ନୂଆଁଖାଇ ଭେଟ୍‌ଘାଟ

### ■ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଯାଦବ ସମ୍ମାନ ପ୍ରଦାନ

ମୁରିବାହାଲ,୧୩।୧୦(ଶ୍ରୀବତ୍ସ ବେହେରା )

ବଲାଙ୍ଗୀର ଜିଲା ମୁରିବାହାଲ ଧନୁଯାତ୍ରା ପଡିଆରେ ଶୁକ୍ରବାର ବ୍ଲକସ୍ତରୀୟ ଯାଦବ ମହାସଭାର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ଯାଦବ ମହାସଭା ସଭାପତି ଗଙ୍ଗାଧର ହେର୍ଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭେଟ୍‌ଘାଟରେ ମୁଖ୍ୟ ଅତିଥିଭାବେ ଉତ୍କଳ ଯାଦବ ମହାସଭା ସାଧାରଣ ସମ୍ପାଦକ ପ୍ରଦୀପ ବେହେରା, ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯୁବପିଢ଼ି ସଂଗଠିତ ହୋଇ କାର୍ଯ୍ୟ କଲେ ଯେକୌଣସି କାର୍ଯ୍ୟ ସମ୍ଭବ ହୋଇ ପରିବ ବୋଲି ମୁଖ୍ୟ ଅତିଥି ବେହେରା ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉତ୍କଳ ଯାଦବ ମହାସଭା ପ୍ରକଳ୍ପ ବିଭାଗ ସଭାପତି ଲକ୍ଷ୍ମଣ ବାଗ, ଜିଲା ସଭାପତି ପରମାନନ୍ଦ ହାତୀ, ଟିଟିଲାଗଡ଼ ବ୍ଲକ ସଭାପତି ଘିନୁ ଆଡ଼ଜୁଆଡ଼, ଜିଲା ଯାଦବ ସମାଜ ସଂଯୋଜକ ମନୋଜ ହାତୀ, ମୁରିବାହାଲ ବ୍ଲକ ସଭାପତି ତୀର୍ଥ ହାତୀ, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ରାଧେଶ୍ୟାମ କେତକୀ, ତୁରେକେଲା ବ୍ଲକ ସଭାପତି ମକରନ୍ଦ ନିଆଲ, ବେଲପଡା ବ୍ଲକ ସଭାପତି ଗୋକୁଳ ଖର୍ସେଲ, ବଙ୍ଗୋମୁଣ୍ଡା ବ୍ଲକ ସାଧାରଣ ସମ୍ପାଦକ ମୁନିରାମ ନାଗ, ଘନଶ୍ୟାମ କରୁଆଁ, ଜୟଦେବ ଷାଣ୍ଢ, କୁନା ଭାଟି, ମୁରିବାହାଲ ବ୍ଲକ ଉପାଧ୍ୟକ୍ଷା ଯାଜ୍ଞସେନି ହାତୀ, ସଭାନେତ୍ରୀ ଦେବକୀ ହଂସ ଅତିଥିଭାବେ ଯୋଗଦେଇଥିଲେ। ଯାଦବ ସମାଜର ସାମଗ୍ରିକ ବିକାଶ ସର୍ବୋପରି ରାଜନୈତିକ କ୍ଷେତ୍ରରେ ଅଧିକାର ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରେମସିନ୍ଧୁ ହେର୍ଣ୍ଡା ତାଙ୍କ ବକ୍ତବ୍ୟରେ ସମ୍ମିଳିତ ଉଦ୍ୟମରେ ଯାଦବ ସମାଜର ବିକାଶ ହୋଇପାରିବ ବୋଲି କହିଥିଲେ। ଏହା ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଯାଦବ ସମାଜର ବ୍ୟକ୍ତି ବିଶେଷ ଗଣମାଧ୍ୟମ ପ୍ରତିନିଧି ହୁଲେଶ୍ୱର ହଂସ, ଦୀପକ ଯାଦବ, ମାଟ୍ରିକ ପରୀକ୍ଷାରେ ଜିଲା ଟପ୍ପର ଯଶବର୍ଦ୍ଧନ ମହାକୁର, ଅଧାପିକା କଳ୍ପନା ଷାଣ୍ଢ, ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରଜ୍ଞପ୍ରତୀକ ନିଆଲ, ସୀମା ସୁରକ୍ଷା ବାହିନୀର ବନମାଳୀ ହାତୀ, ଦନାର୍ଦ୍ଦନ ବଗର୍ତ୍ତି, ମାନଭଞ୍ଜନ ପୋଡ଼ଙ୍କୁ ଯାଦବ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ତେଜୁରାମ ବାଗ ସ୍ୱାଗତ ଭାଷଣ ଦେଇଥିବାବେଳେ ବ୍ଲକ ଯାଦବ ସମାଜ ସାଧାରଣ ସମ୍ପାଦକ ତରୁଣ ପୋଢ଼ ସଭା ସଂଯୋଜନା କରିଥିଲେ। ଜନାର୍ଦ୍ଦନ ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଫାଲଗୁନି ହାତୀ, ବଜରଙ୍ଗ ଷାଣ୍ଢ, ମନୁ ହଂସ, ସୁଧାଂଶୁ ପୋଡ଼, କରନ ଜାଲ, ସାମନ୍ତ ବାଗ, ଗିରିଧାରୀ ଛତ୍ରୀଆ,ଉଦିତ କଟା, ଅଜିତ ବାଗ, ପିଙ୍କୁ ହାତୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସଭା ପୂର୍ବରୁ ପଞ୍ଚାୟତ ସମିତି ହାଇସ୍କୁଲଠାରୁ ଏକ ବାଇକ ରାଲିରେ ଯାଦବମାନେ ସଭାସ୍ଥଳରେ ପହଞ୍ଚିଥିଲେ ।




ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଡେଙ୍ଗୁ ଆକ୍ରାନ୍ତ ଯୁବ ଗବେଷକ ରଜତ ପଟେଲଙ୍କ ମୃତ୍ୟୁ

ବଲାଙ୍ଗୀର,୧୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଡେଙ୍ଗୁ ଆକ୍ରାନ୍ତ ଯୁବ ଗବେଷକ ରଜନ କୁମାର ପଟେଲ (୩୦)ଙ୍କ ଶୁକ୍ରବାର ଅପରାହ୍ଣ ୪ଟାରେ ବରଗଡର ଏକ



ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ବଲାଙ୍ଗୀରରେ ଗଭୀର ଶୋକ ପ୍ରକାଶ ପାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରାଣୀବିଜ୍ଞାନ ବିଭାଗରେ ସେ ପିଏଚ୍‌ଡି କରୁଥିଲେ। ବିଶେଷକରି ସେ ମାଛ ପ୍ରଜାତି ଉପରେ ତାଙ୍କର ଗବେଷଣା ଜାରି ରହିଥିଲା। ବଲାଙ୍ଗୀର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରଜାତିର ମାଛଙ୍କ ଉପରେ ସେ ଗବେଷଣା ଜାରି ରଖିଥିଲେ। ଗୋପାଳପୁର ଠାରେ ତାଙ୍କୁ ଜ୍ୱର ହେବାରୁ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଗତ ୬ ତାରିଖ ଗୋପାଳପୁରଠାରେ ସେ ଡେଙ୍ଗୁ ଆକ୍ରନ୍ତ ବୋଲି ଚିହ୍ନଟ ହୋଇଥିଲେ। ସେଠାରେ ଚିକିତ୍ସିତ ହେବା ପରେ ଗତ ୧୦ ତାରିଖ ବଲାଙ୍ଗୀର ଘରକୁ ଆସିଥିଲେ। ଏଠାରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ସେ ଭର୍ତ୍ତି ହୋଇଥିଲେ। ତେବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଶୁକ୍ରବାର ତାଙ୍କୁ ବରଗଡର ଏକ ଘରୋଇ ହସ୍ପିଟାଲ ନିଆଯାଇଥିଲା। ତାଙ୍କ ପିତା ଆଧ୍ୟାପକ ଜିତେନ୍ଦ୍ର ପଟେଲ, ମାତା, କାକା ଡା ରୁଦ୍ରଦେବ ପଟେଲ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ବିଭୂତିପଡା ଶ୍ମଶାନରେ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି।

# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

## ଶିକ୍ଷକ ନିଯୁକ୍ତି ଦାବି

ବୌଦ୍ଧ/ତଲଗାଁ, ୧୩।୧୦(ଅଜିତ କୁମାର ବାରିକ /କୁନା ବେହେରା)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଫକିରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ଗ୍ରାମବାସୀ ବିଦ୍ୟାଳୟ ଗେଟରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଉକ୍ତ ବିଦ୍ୟାଳୟ ୧୯୫୭ ମସିହାରୁ ଚାଲିଆସୁଥିବା ବେଳେ ଏବେ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଚାଲିଥିବାବେଳେ ୧୦୬ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ମାତ୍ର ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ସମେତ ୩ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ୮ଟି ଶ୍ରେଣୀକୁ ମାତ୍ର ୪ ଜଣ ଶିକ୍ଷକ ଥିବାବେଳେ ଶିକ୍ଷାଦାନରେ ବହୁ ବ୍ୟାହତ ହେଉଛି। ଏନେଇ ପୂର୍ବରୁ ଗ୍ରାମବାସୀ ବାରମ୍ବାର ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଆସୁଥିବା ବେଳେ ଶିକ୍ଷା ବିଭାଗ ଆଦୌ ପଦକ୍ଷେପ ଗ୍ରହଣ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଶେଷର ବାଧ୍ୟହୋଇ ଗ୍ରାମବାସୀ ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ବିଦ୍ୟାଳୟ ଗେଟରେ ତାଲା ପକାଇ ବିକ୍ଷୋଭ କରିଥିଲେ। ଖବରପାଇ ଶିକ୍ଷାବିଭାଗ ପକ୍ଷରୁ ତୁରନ୍ତ ଜଣେ ଶିକ୍ଷକ ନିଯୁକ୍ତି ଦେବା ପରେ ଗ୍ରାମବାସୀ ତାଲା ଖୋଲିଥିଲେ। ଆଗକୁ ଆଉ ୩ ଶିକ୍ଷକ ନିଯୁକ୍ତି ଦିଆ ନ ଯାଏ ତେବେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ବିଦ୍ୟାଳୟ ଆଗରେ ତାଲା ପକାଇ ବିକ୍ଷୋଭ କରୁଛନ୍ତି ଗ୍ରାମବାସୀ।

# ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

ବଘିଆପଡା,୧୩।୧୦(ଶ୍ରୀକାନ୍ତ ସାହୁ)

## ପିଲାଙ୍କୁ ଖାଦ୍ୟ ଯୋଗାଣରେ ଅନିୟମିତତା ଅଭିଯୋଗ

ବୌଦ୍ଧ ବ୍ଲକ ଟିକରପଡା ପଞ୍ଚାୟତର ଫୁରୁଡା ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ ଖାଦ୍ୟ ଯୋଗାଣରେ ଅନିୟମିତତା ଅଭିଯୋଗ ନେଇ ଶୁକ୍ରବାର କେନ୍ଦ୍ରରେ ଗ୍ରାମବାସୀ ତାଲା ପକାଇଥିବା ଜଣାପଡିଛି। ସୂଚନା ମତେ, ଉକ୍ତ କେନ୍ଦ୍ରରେ ୩୭ ପିଲା ପାଠପଢୁଛନ୍ତି। କିନ୍ତୁ ସେମାନଙ୍କୁ ନିୟମ ଅନୁଯାଇ ଖାଦ୍ୟ ଦିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ସହ କେନ୍ଦ୍ରରେ ଖାଦ୍ୟ ନ ରଖି ଅଙ୍ଗନୱାଡି କର୍ମଚାରୀ ଜଣକ ନିଜ ଘରେ ରଖିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗ୍ରାମ ସଭାପତି ଚକ୍ରଧର ନାୟକ ଓ ସର୍ଦ୍ଦାର ଛତ୍ରିଆଙ୍କ ନେତୃତ୍ୱରେ ଗ୍ରାମବାସୀ କେନ୍ଦ୍ରରେ ତାଲା ପକାଇଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ। ବୌଦ୍ଧ ବ୍ଲକ ସିଡିପିଓ ମିନତୀ ଦେଓ ସରକାରୀ କାର୍ଯ୍ୟରେ ହରଭଙ୍ଗା ବ୍ଲକରେ ଥିବା ଯୋଗୁ ସୋମବାର ଉକ୍ତ କେନ୍ଦ୍ରକୁ ଯାଇ ତଦନ୍ତ କରି ପଦକ୍ଷେପ ନେବାକୁ କହିବା ପରେ ଲୋକମାନେ ତାଲା ଖୋଲିଥିଲେ।



ଫୁରୁଡା ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଧାରଣାରେ ଗ୍ରାମବାସୀ।

# ସୁବର୍ଣ୍ଣପୁରରେ ବିଶ୍ୱ ଅଣ୍ଡା ଦିବସ ପାଳିତ



ଜିଲାପାଳ ବିମଳେନ୍ଦୁ ରାୟ ଜଣେ କୃତି ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ସୋନପୁର,୧୩।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ବିଶ୍ୱ ଅଣ୍ଡା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ଏହି ଦିବସ ପାଳନ ଅବସରରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରତ୍ନାକର ରାଉତ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଅଣ୍ଡାରେ ଥିବା ବିଭିନ୍ନ ପୋଷକ ତତ୍ତ୍ୱ ଓ ମିଣିଷ ଶରୀର ପାଇଁ ଏହାର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ, ଜିଲା ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ମୁଖ୍ୟବକ୍ତାଭାବେ ମୟୂରଭଞ୍ଜର ପ୍ରାକ୍ତନ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ପ୍ରଧାନ ଯୋଗଦାନ କରି ସୁବର୍ଣ୍ଣପୁର ଜିଲା ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ସହ ବାହାର ଜିଲାକୁ ରପ୍ତାନି କରୁଥିବା କହିଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୋନପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦୁର୍ଗାପ୍ରସାଦ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ଚାଷୀ ବୃନ୍ଦ ଯୋଗଦେଇଥିଲେ। ଦିବସ ଅବସରରେ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସକାଳେ ପାଣିସିଆଲି ସ୍ଥିତ ଜିଲା ଭିନ୍ନକ୍ଷମ ବିଦ୍ୟାଳୟ ଓ ସୋନପୁର କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ଅଣ୍ଡା ବଣ୍ଟନ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଅଧିକାରୀ ଡାକ୍ତର ସୁନିଲ କୁମାର ମହାପାତ୍ର ସୋନପୁର କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ପ୍ରତି ବର୍ଷ ଭଳି ଅଣ୍ଡା ପ୍ରଦାନ କରିଥିଲେ।

# ମେହେରୁଣି ପୋଲ ନିକଟରେ ଡକାୟତି, ଟେର ପାଉନି ପୋଲିସ

ଘଣ୍ଟାପଡ଼ା, ୧୩।୧୦(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ମନମୁଣ୍ଡା-ଶଗଡା ରାସ୍ତାର ମେହେରୁଣି ପୋଲ ନିକଟରେ ଜଣେ ବାଇକ୍ ଆରୋହୀଙ୍କୁ ଦୁର୍ବୃତ୍ତମାନେ ଡକାୟତି କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ବିଳାସପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅଶିନିବିର ଗ୍ରାମର ରାଜୀବଲୋଚନ କର୍ମୀ ନିଜ ଭାଇ ଗୌରାଙ୍ଗଙ୍କ ସହ କୌଣସି କାମରେ ଯାଇ ବୁଧବାର ବିଳମ୍ବିତ ରାତିରେ ବାଇକ୍ ଯୋଗେ ନିଜ ଗ୍ରାମକୁ ଫେରୁଥିଲେ। ଗୁଡ଼ଭେଲିପଦର ମେହେରୁଣି ପୋଲ ନିକଟରେ କିଛି ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଉଭୟଙ୍କୁ ଅଟକାଇ ଥିଲେ। ଦୁର୍ବୃତ୍ତମାନେ ରାଜୀବଙ୍କ ନିକଟରୁ ୨ହଜାର ଟଙ୍କା ନେବା ସହ ମାରପିଟ କରିବାକୁ ଉଦ୍ୟମ କରିଥିଲେ। ଭୟରେ ଉଭୟ ବାଇକ ଛାଡ଼ି ଦୌଡ଼ି ବୁକୁରାମୁଣ୍ଡା ଗ୍ରାମ ପଟକୁ ପଳାଇବା ସହ ଦୁର୍ବୃତ୍ତମାନେ ବାଇକ ଧରି ପଳାଇଥିଲେ। ପରେ ରାଜୀବ ଫୋନ ଯୋଗେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଫେରାର ମାରିଥିଲେ। ସକାଳୁ ବାଇକ୍‌କୁ ପୋଲ ନିକଟରୁ ଉଦ୍ଧାର କରିଥିବାବେଳେ ରାଜୀବ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଥାଉ କି ଉକ୍ତ ମେହେରୁଣି ପୋଲ ନିକଟରେ ବାରମ୍ବାର ଘଟୁଥିବା ଡକାୟତି, ଲୁଟ, ରାହାଜାନୀ, ହତ୍ୟା ସହ ଅନେକ ଅପରାଧିକ କାର୍ଯ୍ୟକଳାପକୁ ନେଇ ଅଞ୍ଚଳବାସୀ ଅତିଷ୍ଠ ହୋଇ ପଡିଥିବାବେଳେ ପୋଲିସ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦୁର୍ବୃତ୍ତମାନେ ସ୍ଥାନୀୟ ଅଞ୍ଚଳର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଜୁଏଲର୍ସଙ୍କ ନିକଟରୁ ଝାମ୍ପିନେଲେ ଟଙ୍କା, ଅଳଙ୍କାର ବ୍ୟାଗ୍

ସୋନପୁର,୧୩।୧୦(ମୃତ୍ୟୁଞ୍ଜୟ ଶତପଥୀ)

## ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ତନାଘନା

ସୁବର୍ଣ୍ଣପୁର ସହର ବଡବଜାର ସ୍ଥିତ ସରାଫ୍ ଜୁଏଲର୍ସର ମାଲିକ ବିରଞ୍ଚି ନାରାୟଣ ସରାଫ୍‌ଙ୍କ ନିକଟରୁ ଟଙ୍କା ଓ ଅଳଙ୍କାର ବ୍ୟାଗ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ବିରଞ୍ଚି ନାରାୟଣ ଦୋକାନ ବନ୍ଦ କରି ଏକ ସ୍କୁଟିରେ ସହର ସ୍ଥିତ ଘୋଡାଘାଟପଡା (ମହାରଣାପଡା) ବାସଭବନକୁ ଯାଉଥିଲେ। ବ୍ୟାଗ୍‌କୁ ଦୁଇ ଗୋଡ ମଝିରେ ରଖିଥିଲେ। ତେବେ ତାଙ୍କୁ ପିଛା କରି ବାଇକ୍‌ରେ ଆସୁଥିବା ଜଣେ ଯୁବକ ଗୋଇଠା ମାରି ଟଙ୍କା ବ୍ୟାଗ୍ ଲୁଟି ନେବାରେ ସକ୍ଷମ ହୋଇଛନ୍ତି। ବ୍ୟାଗ୍‌ରେ ନଗଦ ୬୦ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସ୍ୱର୍ଣ୍ଣ ଓ ରୂପା ଅଳଙ୍କାର ଥିବା ଜୁଏଲାରୀ ମାଲିକ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ କରି ତଦନ୍ତ ଜାରି ରଖିଛି । ଅଭିଯୁକ୍ତ ଯୁବକ ଏକ ଟୋପି ପିନ୍ଧିଥିବା ଭିଡିଓରୁ ଜଣାପଡିଛି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି।

# ଅନ୍ତର୍ଜାତୀୟ କ୍ଷୁଦ୍ରଶସ୍ୟ ବର୍ଷ ପାଳନ

## ସ୍ୱୟଂ ସହାୟକ ଦଳକୁ ବିଭିନ୍ନ ଉପକରଣ ବଣ୍ଟନ

ଖପ୍ରାଖୋଲ, ୧୩।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସଭାଗୃହରେ କୃଷି ବିଭାଗ, ମିଲେଟ ମିଶନ, ୱାଇସିଡିଏର ମିଳିତ ଉଦ୍ୟମରେ ଅନ୍ତର୍ଜାତୀୟ କ୍ଷୁଦ୍ରଶସ୍ୟ ବର୍ଷ ଶୁକ୍ରବାର ପାଳିତ ହୋଇଯାଇଛି। ବ୍ଲକ ସଂଯୋଜକ ଉମେଶ ଗୁପ୍ତା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ମୁଖ୍ୟବକ୍ତା ପାଟଣାଗଡ କୃଷି ଜିଲା ଅଧିକାରୀ ବାବୁଲି ଚରଣ ସେଠୀ, ସମ୍ମାନୀତ ଅତିଥି ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସରପଞ୍ଚ ବେଟିଖାଇ ସେନ୍ଦ୍ରିଆ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ପ୍ରାଣୀଧନ ନିରୀକ୍ଷକ ସୁଦାମ ବାରିକ ଯୋଗଦେଇଥିଲେ। ଏହି ଅବସରରେରେ ୧୦ ଟି ମହିଳା ସୟଂ ସହାୟକ ଦଳକୁ ମଣ୍ଡିଆ ଗୁଣ୍ଡ କରା ଓ କୁଦ, ଗୁରୁଜୀ ଚାଉଳ ପ୍ରସ୍ତୁତି ମେଶିନ ବଣ୍ଟନ କରାଯାଇଥିଲା।

# ମହାନଦୀ ସୁରକ୍ଷା ଆଡିବନ୍ଧ ପାଇଁ ଭୂମି ପୂଜନ

ବିନିକା ୧୩ । ୧୦ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ମହାନଦୀ ବ୍ରିଜରୁ ଅରିଙ୍ଗା ଝରାପଡା ପର୍ଯ୍ୟନ୍ତ ୧୩ କୋଟି ୮୫ ଲକ୍ଷ ଟଙ୍କାରେ ନିର୍ମିତ ହେବାକୁ ଥିବା ମହାନଦୀ ସୁରକ୍ଷା ଆଡିବନ୍ଧ ପାଇଁ ଗୁରୁବାର ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଭୂମି ପୂଜନ କରିଛନ୍ତି। ସମ୍ମାନୀତ ଅତିଥି ଭାବେ ଜିଲାପାଳ ବିମେଳେନ୍ଦୁ ରାୟ, ତହସିଲଦାର ସୀତାରାମ ଭୁଏ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପଧାନ, ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ପାଢ଼ି, ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ବିଜେଡି ନଗର ସଭାପତି ସୋମନାଥ, ମିଶ୍ର, ଜିଲା ବିଜେଡି ସମ୍ପାଦକ ବିନୋଦ ବିହାରୀ ନାଏକ, ଚାଷୀନେତା ଭୀମସେନ ସାହୁ, ଉପାଧ୍ୟକ୍ଷା ତପସ୍ୱିନି ମେହେର, ଯୁବ ନେତା ସନ୍ତୋଷ ସାହୁ, ଦିନ ମେହେର, ଜିତୁ ମଲ୍ଲିକଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ ।



ବିଧାୟକ ପଦ୍ମନାଭ ବେହେରା ଭୂମି ପୂଜନ କରୁଛନ୍ତି।

# ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ




ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ନେତା ଓ କର୍ମୀ।

ତଲଗାଁ, ୧୨।୧୦(କୁନା ବେହେରା)

ବୌଦ୍ଧ ଜିଲା ଭାଜପା ପକ୍ଷରୁ ହରଭଙ୍ଗା ବ୍ଲକଠାରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ବ୍ଲକ ଅନ୍ତର୍ଗତ ସମସ୍ତ ଶକ୍ତି କେନ୍ଦ୍ର ଗ୍ରାମମାନଙ୍କରେ ହୋଇଥିବା କାର୍ଯ୍ୟକ୍ରମରେ ସଂଗୃହିତ ଅମୃତ ମାଟି କଳସଗୁଡିକ ଏକତ୍ର କରି ସଂଗ୍ରହ କରାଯାଇଥିଲା। ଏହାକୁ ଆଗାମୀ ଦିନରେ ଜିଲାସ୍ତରରୁ ଭୁବନେଶ୍ୱର ନିଆଯିବ। ସେଠାରୁ ଦିଲ୍ଲୀ ନେବାର କାର୍ଯ୍ୟକ୍ରମ ରହିଛି। ସଂଗୃହୀତ ମାଟି କଳସକୁ ଧରି ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି, ବରିଷ୍ଠ ନେତା ସୁଶାନ୍ତ ପ୍ରଧାନ, ଲୋକସଭା ସଂଯୋଜକ ରମେଶ ମହାନ୍ତି, ତାପସ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ଅକ୍ଷୟ ସାହୁ, ସୂର୍ଯ୍ୟନାରାୟଣ ମହାପାତ୍ର, ମାଗୁଣୀ ଗାଇଗୌରିଆ, ବିଶିକେଶନ ପ୍ରଧାନ, ପ୍ରଣବ ନାଏକ, ସ୍ୱରୂପା ପଟ୍ଟନାୟକ, ସଂଗ୍ରାମ ବେହେରା, କାଇଁଚ ପ୍ରଧାନ, ଶମ୍ଭୁ ପ୍ରଧାନ, ତପନ ଡାଙ୍ଗ, ବାବନ ବାରିକ, ବିନୋଦ ମହାକୁଡ, ରବିନାରାୟଣ ପ୍ରଧାନ, ରବି ଦେହୁରୀ, ବିଶ୍ୱମ୍ବର ମହାକୁଡଙ୍କ ସମତେ ବହୁ ଭାଜପା ନେତା ଓ କର୍ମୀ ସାମିଲ ଥିଲେ।

# ମହିଳାଙ୍କ ଧାରଣା ପରେ ବସିଲା ଟ୍ରାନ୍ସଫର୍ମର

ଲୋଇସିଂହା,୧୩।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ରେଳ ଫାଟକ ଅପରପାର୍ଶ୍ୱରେ ଥିବା ବସ୍ତି ଅଞ୍ଚଳର ଟ୍ରାନ୍ସଫର୍ମର ସପ୍ତାହକ ତଳେ ବଜ୍ରପାତରେ ଅଚଳ ହୋଇ ଯାଇଥିଲା। ହେଲେ ଲୋଇସିଂହା ବିଦ୍ୟୁତ୍ ବିଭାଗ ପକ୍ଷରୁ ନୂତନ ଟ୍ରାନ୍ସଫର୍ମର ବସାଇବାରେ ଦିନ ଗଡ଼ାଉଥିଲେ। ଏହାର ପ୍ରତିବାଦରେ ସମ୍ପୃକ୍ତ ଅଞ୍ଚଳର ମହିଳା ସେକ୍ସନ ଅଫିସ କାର୍ଯ୍ୟାଳୟକୁ ଯାଇ ଟ୍ରାନ୍ସଫର୍ମର ସଂଯୋଗ ଦାବିରେ ଧାରଣା ଦେଇଥିଲେ। ବିଭାଗୀୟ ଅଧିକାରୀ ବୁଝାଶୁଝା କରିଥିଲେ। ବିଦ୍ୟୁତ୍ ସଂଯୋଗ ନ ହେବା ପର୍ଯ୍ୟନ୍ତ ସେମାନଙ୍କ ଧାରଣା ଜାରି ରଖିବେ ବୋଲି ମହିଳାମାନେ କହିଥିଲେ। ଏହାପରେ ବିଭାଗ ପକ୍ଷରୁ ନୂତନ ଟ୍ରାନ୍ସଫର୍ମର ବସାଇବା ଦିଗରେ ପଦକ୍ଷେପ ନିଆଯାଇଥିଲା। ଅଚଳ ଟ୍ରାନ୍ସଫର୍ମର ହଟାଇ ୨୫କେଭି ନୂତନ ଟ୍ରାନ୍ସଫର୍ମର ସେଠାରେ ବସାଯାଇଛି। ସରବରାହ ଆସିଲା ପରେ ଶୁକ୍ରବାର ରାତି ୮.୪୫ରେ ମହିଳାମାନେ ଧାରଣାରୁ ଓହରିଥିବା ଜଣାପଡିଛି।

# ସର୍ବସାଧାରଣ ରାସ୍ତାରୁ ଜବରଦଖଲ ହଟାଅ

କଣ୍ଟାବାଞ୍ଜି, ୧୩।୧୦(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ବଡବାଙ୍କି ପଞ୍ଚାୟତ ମୁରିବାହାଲ ଗ୍ରାମର ସର୍ବ ସାଧାରଣ ରାସ୍ତାକୁ ଜଣେ ବ୍ୟକ୍ତି ଜବରଦଖଲ କରି ଘର ନିର୍ମାଣ କରୁଛନ୍ତି। ଜବରଦଖଲ ହଟାଇବାକୁ ଗ୍ରାମବାସୀ ଶୁକ୍ରବାର ତହସିଲ ଅଫିସ ଘେରାଉ କରିଥିଲେ। ରାସ୍ତା ଉପରେ ନିର୍ମାଣାଧୀନ ଘରକୁ ଉଚ୍ଛେଦ କରିବା ପାଇଁ ଗତ ସେପ୍ଟେମ୍ବର ୧୬ତାରିଖରେ କଣ୍ଟାବାଞ୍ଜି ତହସିଲଦାରଙ୍କୁ ଫେରାଦ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ତହସିଲଦାର ଘୁନେଶ ଆରଆଇଙ୍କୁ ଅନୁସନ୍ଧାନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଦେଇଥିଲେ। ଆରଆଇଙ୍କ ରିପୋର୍ଟ ମିଳିଲା ପରେ ମଧ୍ୟ ଜବର ଦଖଲ ହଟି ନ ଥିଲା। ତେଣୁ ଗ୍ରାମବାସୀ ଅକ୍ଟୋବର ୧୩ତାରିଖ ସୁଦ୍ଧା ଜବରଦଖଲ ହଟାଇବାକୁ ତହସିଲଦାରଙ୍କୁ ଜଣାଇ ଥିଲେ। ସମୟ ପୂରଣ ହୋଇଥିବାରୁ ଶୁକ୍ରବାର ମୁରିବାହାଲ ଗ୍ରାମର ବହୁ ଲୋକେ ଜବରଦଖଲ ଉଚ୍ଛେଦ ଦାବି କରି ଘେରାଉ କରିଥିଲେ। ତହସିଲଦାର ଅମୃତଲାଲ ବେହେରାଙ୍କୁ ପଚାରିବାରୁ ଆଇନ ମୁତାବକ ଅତିଶୀଘ୍ର ଜବର ଦଖଲ ଉଚ୍ଛେଦ କରାଯିବ ବୋଲି କହିଥିଲେ । ଏହା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରି ଥିଲେ । ଏହି ଆନ୍ଦୋଳନରେ ହରି ପୁଞ୍ଜି, ଗଣ୍ଡାରାମ ହଂସ, ଚୁଲୁ ହଂସ, ବିନାୟକ ହେର୍ଣ୍ଣା, ପୁରୁନ୍ଦର ହଂସ, ଲିଙ୍ଗରାଜ ଧରୁଆ, ଯଦୁମଣି ଭୋଇ ପ୍ରମୁଖ ସାମିଲ ଥିଲେ।

# ସେବା ସମବାୟ ସମିତି ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବୌଦ୍ଧ, ୧୩।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ସେବା ସମବାୟ ସମିତିରେ ବିଭିନ୍ନ ସମସ୍ୟା ଦେଖାଦେଇ ଥିବାବେଳେ ତାହାର ସମାଧାନ ଓ ଭିତ୍ତିଭୂମିର ବିକାଶ ପାଇଁ ଶୁକ୍ରବାର ବୌଦ୍ଧ ଜିଲା ସେବା ସମବାୟ ସମିତି ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ତିନି ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ବର୍ଷ ହେଲା ସରକାରଙ୍କ ଖରିଫ ଓ ରବି ଧାନ ସଂଗ୍ରହ କ୍ଷେତ୍ରରେ ଜିଲାର ସମସ୍ତ ସେବା ସମବାୟ ସମିତି ଅଂଶଗ୍ରହଣ କରୁଛନ୍ତି। ମାତ୍ର ଖାଉଟି ବିଭାଗ ବର୍ଷବର୍ଷ ଧରି ସମିତିମାନଙ୍କର ଧାର୍ଯ୍ୟ କମିଶନ ଅର୍ଥ ପ୍ରଦାନ କରିନାହିଁ। ଜିଲାର ପ୍ରାୟ ୯୦ ପ୍ରତିଶତ ସମିତି ଦୀର୍ଘ ୫୦ ବର୍ଷ ହେଲା ଦଖଲରେ ଥିଲେ ମଧ୍ୟ କାର୍ଯ୍ୟାଳୟ ଗୃହ, ଗୋଦାମ ଘର ଓ ଧାନମଣ୍ଡି ପାଇଁ ସମିତି ନାମରେ ଜମି ରେକର୍ଡ ହୋଇପାରୁନାହିଁ। ବିଗତ ବର୍ଷଗୁଡିକର ଧାନ କମିଶନ ଟଙ୍କା ସମବାୟ ବ୍ୟାଙ୍କରେ ଟଙ୍କା ରହିଛି। କିନ୍ତୁ ସେହି ଟଙ୍କାରେ ସମିତିର ଗୃହ ମରାମତି କିମ୍ବା ନିର୍ମାଣ ଓ ଅନ୍ୟ କାମ କରିବା ପାଇଁ ପ୍ରତିବନ୍ଧକ ରହିଛି। ଫଳରେ ଟଙ୍କା ଥାଇ ମଧ୍ୟ କିଛି ହୋଇପାରୁନାହିଁ ବୋଲି ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସେହିପରି କୌଣସି ଅନୁଦାନ ସମିତିମାନଙ୍କ ପାଇଁ ନଥିବା ହେତୁ ସମିତିର ଭିତିଭୂମି ଖରାପ ଅବସ୍ଥାରେ ରହିଥିବା ଅଭିଯୋଗ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସେବା ସମବାୟ ସମିତିର ଜିଲା ସଭାପତି ପୟୋଧର ମହାକୁଡ, ଉପସଭାପତି ଶମ୍ଭୁ ପ୍ରସାଦ ସାହୁ, ସମ୍ପାଦକ ସତ୍ୟଜିତ ପଣ୍ଡା, କୋଷାଧ୍ୟକ୍ଷ ସୁମନ୍ତ ମିଶ୍ର, ପ୍ରଭାସ କ୍ଷେତୀ, ସଞ୍ଜୟ ଦେହୁରୀ, ରାଜକିଶୋର ଦେହୁରୀ, ରୋହିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ସେବାସମବାୟ ସମିତି ସଂଘ ପକ୍ଷରୁ ଦାବିପତ୍ର ଦେବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଉପସ୍ଥିତ।

## ସଂକ୍ଷେପରେ

### ଖାଦାନ ଉପରୁ ପଥର ପଡ଼ି ଶ୍ରମିକ ମୃତ

**ବେଦବ୍ୟାସ,୧୩।୧୦(ଆଲୋକ ସ୍ୱାଇଁ):** ଶୁକ୍ରବାର ସକାଳେ ବଲଣ୍ଡା ଅଞ୍ଚଳରେ ସୁରଜ୍ ବାର୍ଲା (୧୯) ସାରଲା ମାଇନ୍ସରୁ ଫେରୁଥିବାବେଳେ ଏକ ବଡ ପଥର ଖଣ୍ଡ ତାଙ୍କ ଉପରେ ପଡ଼ି ଯାଇଥିଲା। ଏଥିରେ ସେ ଗୁରୁତର ହୋଇ ଯାଇଥିଲେ। ତାଙ୍କୁ ତୁରନ୍ତ ଆରଜିଏଚ୍‌ରେ ଭର୍ତ୍ତି କରାଯାଇ ଥିଲା। ସେଠାରେ ଡାକ୍ତର ମୃତ ଘୋଷିତ କରିଥିଲେ। ଏହାର ସୂଚନା ପାଇ ବଲଣ୍ଡା ଗ୍ରାମବାସୀ ଏକ ସଭା କରି କ୍ଷତିପୂରଣ ଦାବି ପାଇଁ ନିଷ୍ପତି ନେଇ ଥିଲେ। ଖାଦାନ ମାଲିକଙ୍କୁ ଡକା ଯାଇଥିଲା। ହେଲେ ସେ ନ ପହଞ୍ଚିବାରୁ ଗ୍ରାମବାସୀ ଶବ ନେଇ ନ ଥିଲେ। ଶବ ମର୍ଗ ହାଉସରେ ରଖାଯାଇଛି।

### ଚୁନିର ବାନ୍ଧି ମହିଳାଙ୍କ ଆତ୍ମହତ୍ୟା

**କୁଆଁରମୁଣ୍ଡା,୧୩।୧୦(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଡ଼ାଏରୀଫାର୍ମ ନିକଟରେ ଥିବା ନିଜର ଏକ ନୂଆ ଘରେ ସୁଲୋଚନା ମହାନ୍ତି (୫୮)ନାମ୍ନୀ ଜଣେ ମହିଳା ଘରର ସିଲିଂ ଫ୍ୟାନ ହୁକରେ ଚୁନୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସ୍ଥାନୀୟ ଲୋକେ ଗୁରୁବାର ପୂର୍ବାହ୍ନରେ ଖବର ଦେବାରୁ କୁଆଁରମୁଣ୍ଡା ଫାଣ୍ଡି ଏଏସଆଇ ଶ୍ରୀନିବାସ ଦାସ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିବା ସହ ନିକଟସ୍ଥ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ଆତ୍ମହତ୍ୟାର କାରଣ ପାରିବାରିକ ଚାପଗ୍ରସ୍ତ ବୋଲି ପୋଲିସ ସନ୍ଦେହ କରୁଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ରାସ୍ତା ମରାମତି କାମ ଆରମ୍ଭ କଲା ଆର୍‌ଏସ୍‌ପି

ବନ୍ଧମୁଣ୍ଡା,୧୩।୧୦ (ସୁବ୍ରତ ଦେ) -ରାଉରକେଲା ବିଶ୍ରା ଛକ ଠାରୁ ବନ୍ଧମୁଣ୍ଡାର ଆରଏସପି ଷ୍ଟକ୍ ୟାର୍ଡ ପର୍ଯ୍ୟନ୍ତ ଭଙ୍ଗା ରାସ୍ତାର ମରାମତି କାର୍ଯ୍ୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସଡକ ମରାମତି କାର୍ଯ୍ୟ ଆରମ୍ଭ ହେବା ଫଳରେ ବନ୍ଧମୁଣ୍ଡା, ବିଶ୍ରା ଏବଂ ଏହାର ଆଖପାଖ ଅଞ୍ଚଳର ଲୋକେ ଖୁସି ହୋଇଛନ୍ତି। ଏଥିସହ ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ ହେବା ପରେ ବରିଷ୍ଠ ଭାଜପା ନେତା ନିହାର ରାୟ କାର୍ଯ୍ୟସ୍ଥଳରେ ପହଞ୍ଚିବା ସହିତ ରାୟ ରାଉରକେଲା ଇସ୍ପାତ କାରଖାନା ପରିଚାଳନା ପ୍ରତି କୃତଜ୍ଞତା ଜଣାଇଥିଲେ। ଉଲ୍ଲେଖନୀୟ ଯେ ରାଉରକେଲା-ବନ୍ଧମୁଣ୍ଡା ମୁଖ୍ୟ ରାସ୍ତା ଦୀର୍ଘ ଦିନ ଧରି ଭଙ୍ଗା ଅବସ୍ଥାରେ ପଡ଼ି ରହିଥିଲା। ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ରାସ୍ତାର ଫାଟାପାଇପ, କୋଇଲାଗେଟ, ଉତ୍ତମବସ୍ତି, ତିଲକାନଗର, ବି-ସେକ୍ଟର ଏବଂ ସି-ସେକ୍ଟର ଇତ୍ୟାଦିର ଛକରେ ସାମାନ୍ୟ ବର୍ଷାରେ ମଧ ଜଳ ଜମା ହୋଇ ଯାଉଥିଲା। ଯାହା ଦ୍ୱାରା ଲୋକଙ୍କର ଗମନାଗମନ ସମ୍ପୂର୍ଣ୍ଣ ପ୍ରଭାବିତ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଭାଜପା ନେତା ନିହାର ରାୟଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଭେଟି ଏହି ରାସ୍ତାକୁ ଯଥାଶୀଘ୍ର ମରାମତି କରିବାକୁ ଦାବି କରିଥିଲେ। ଏହା ପରେ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

# ମିଲେଟ ମିଶନ ଦ୍ୱାରା ଫୁଡ୍ ଫେଷ୍ଟିଭାଲ

**ବଡ଼ଗାଁ, ୧୩।୧୦(ଅଶୋକ ଷଡ଼ଙ୍ଗୀ)**

ମାଣ୍ଡିଆରେ ଭରିରହିଥିବା ପୋଷାକତତ୍ତ୍ୱ ଶରୀର ପାଇଁ ହିତକାରୀ ହୋଇଥିବାରୁ ସରକାର୍ ଏହାର ଉପକାରିତାକୁ ନେଇ ଲୋକଙ୍କୁ ସଚେତନ କରାଉଛନ୍ତି। ୨୦୨୩ ମସିହାକୁ ଆନ୍ତର୍ଜାତିକ ମିଲେଟ ବର୍ଷ ଘୋଷଣା କରିବା ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ, ଆଲୋଚନାଚକ୍ର, ବକ୍ତୃତା ପ୍ରତିଯୋଗିତା, ବ୍ୟଞ୍ଜନ ଉତ୍ସବ ଆୟୋଜନ କରାଯାଉଛି। ଏହି କ୍ରମରେ ସୁନ୍ଦରଗଡ଼ ଜିଲା ବଡ଼ଗାଁ କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସାମାଜିକ ସେବା ସଦନ ଆନୁକୂଲ୍ୟରେ ଓଡ଼ିଶା ମିଲେଟ ମିଶନ ବଡ଼ଗାଁ ଦ୍ୱାରା କ୍ଷୁଦ୍ର ଶସ୍ୟ ବ୍ୟଞ୍ଜନ ଉତ୍ସବ ପାଳନ କରାଯାଇଥିଲା। ମାଣ୍ଡିଆରେ ତିଆରି ଲଡ୍ଡୁ, ମିକ୍ଚର, ବିସ୍କୁଟ, କେକ ଆଦି ଅନେକ ବ୍ୟଞ୍ଜନ ପ୍ରଦର୍ଶିତ ହୋଇଥିଲା। ବ୍ଲକ ପ୍ରୋଗ୍ରାମ ସଂଯୋଜକ ଜନ ତିର୍କୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ନାଏକ, ସିଡିପିଓ ସୁଜାତା ବେକ, ରୂନଗା ସରପଞ୍ଚ ଆସିସାନ କେରକେଟା, ସମବାୟ ସମିତିର ନିର୍ଦ୍ଦେଶକ ଭୋଳାନାଥ ପଟେଲ, ଶିକ୍ଷକ ଶ୍ରୀକାନ୍ତ ବିଶି, ସାମାଜିକ ସେବା ସଦନର



ବଡ଼ଗାଁ କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ କ୍ଷୁଦ୍ର ଶସ୍ୟ ବ୍ୟଞ୍ଜନ ଉତ୍ସବରେ ଅତିଥି।

ସହାୟକ ସଂଯୋଜକ ମନୀଷା କୁଜୁର, କୋଷାଧ୍ୟକ୍ଷ ମମତା ମିଞ୍ଜ, ଜନ ବିକାଶ କୃଷକ ସଙ୍ଗଠନର ସିଇଓ ପୁନମ ଜ୍ୟୋତି ଟପୋ, କୋଷାଧ୍ୟକ୍ଷ ଯେଶୁଦାସ ଟପନୋ ଅତିଥି ଭାବେ ଯୋଗଦେଇଥିଲେ। ସିଡିପିଓ ସୁଜାତା ବେକ କହିଥିଲେ, ମାଣ୍ଡିଆ ଚାଷ ଲାଭଜନକ ଓ ମାଣ୍ଡିଆରେ ପ୍ରଚୁର ପରିମାଣରେ କାଲସିୟମ, ଭିଟାମିନ ବି ଆଦି ଅନେକ ପୋଷକତତ୍ତ୍ୱ ରହିଛି। ପୂର୍ବେ ଏହାର ବ୍ୟବହାର ସେତେଟା ନ ଥିଲା। ମାଣ୍ଡିଆର ଉପକାରିତା ଜାଣିବା ପରେ ବର୍ତ୍ତମାନ ଏହାର ଚାହିଦା ବଢୁଛି। ପ୍ରତ୍ୟେକ ଦିନ ଖାଦ୍ୟରେ ମାଣ୍ଡିଆରୁ ପ୍ରସ୍ତୁତ ବ୍ୟଞ୍ଜନକୁ ସାମିଲ କରିବାକୁ ସେ ବୁଝାଇଥିଲେ। କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ନାଏକ ମାଣ୍ଡିଆ ଚାଷ ଓ ଏହାର ଉପକାରିତା ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, ବିଶ୍ୱରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପଡିଛି। ଏହାକୁ ଦୃଷ୍ଟିରେ ରଖି ଫସଲ ଉତ୍ପାଦନ କରିବାର ଆବଶ୍ୟକତା ଦେଖାଦେଇଛି। ମାଣ୍ଡିଆ ଗୁଳ୍ମ ଜାତୀୟ ଓ ସହନଶୀଳ ହୋଇଥିବାରୁ ମରୁଡିରେ ମଧ ମରି ନ ଥାଏ। ୨୦ପ୍ରକାର ଏମିନୋ ଏସିଡ ମଧ୍ୟରୁ ୧୦ପ୍ରକାର ଏମିନୋ ଏସିଡ ମାଣ୍ଡିଆରେ ଭରି ରହିଛି। ଏଥିସହିତ ଫାଇବର ମଧ ବହୁ ପରିମାଣ ଥିବାରୁ ସ୍ୱାସ୍ଥ୍ୟ ପାଇଁ

**ମାଣ୍ଡିଆରେ ତିଆରି ଲଡ୍ଡୁ, ମିକ୍ଚର, ବିସ୍କୁଟ, କେକ୍ ଆଦି ବ୍ୟଞ୍ଜନ ପ୍ରଦର୍ଶିତ**

ଅତ୍ୟନ୍ତ ଜରୁରୀ। ମାଣ୍ଡିଆରେ ବହୁ କମ ପରିମାଣର ସାର ଦିଆଯାଇଥାଏ। ରୋଗପୋକ ମାଣ୍ଡିଆ ଚାଷରେ ହୋଇ ନ ଥାଏ। ତେଣୁ ଏହି ଚାଷ ଲାଭଜନକ ଓ ଏହାର ବ୍ୟଞ୍ଜନ ସାସ୍ଥ୍ୟ ପାଇଁ ଅତ୍ୟନ୍ତ ହିତକାରୀ। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ କହିଥିଲେ ଯେଉଁ ଖାଦ୍ୟରେ ବହୁ ପରିମାଣର ପୋଷକତତ୍ତ୍ୱ ରହିଛି ତାକୁ ଖାଦ୍ୟରେ ସାମିଲ କରିବା ଉଚିତ। ବ୍ଲକର ୧୫ ପଞ୍ଚାୟତରୁ ୧୧ ପଞ୍ଚାୟତରେ ୮୬୦ ଚାଷୀ ୪୦୭ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିଥିବା ସୂଚନା ଦେଇ ମାଣ୍ଡିଆ ଚାଷ ଲାଭଜନକ ହୋଇଥିବାରୁ ସମସ୍ତ ଚାଷୀ ଏଥିପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସରବତୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ମାଣ୍ଡିଆ ଚାଷ ଓ ମାଣ୍ଡିଆ ଖାଦ୍ୟ ଉପରେ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ମାଣ୍ଡିଆରେ ପ୍ରସ୍ତୁତ କେକକୁ ବ୍ଲକ ଅଧ୍ୟକ୍ଷା କାଟିଥିଲେ। ଏହି ଉତ୍ସବରେ ମାଣ୍ଡିଆରେ ତିଆରି ଲଡ୍ଡୁ, ମିକ୍ଚର, ବିସ୍କୁଟ, କେକ ଆଦି ଅନେକ ବ୍ୟଞ୍ଜନ ପ୍ରଦର୍ଶିତ କରାଯାଇଥିଲା।

## ରୋଟାରି କ୍ଲବ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ସୁନ୍ଦରଗଡ଼,୧୩।୧୦(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଟାଉନ ରୋଟାରୀ କ୍ଲବ ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ ଭବନଠାରେ କ୍ଲବ ସଭାପତି ରୋଟାରିଆନ ବାଲଗୋପାଲ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ରୋଟାରିଆନ ପରିବାରବର୍ଗଙ୍କ ମଧ୍ୟରେ ପାରମ୍ପାରିକ ପିଠାପଣା ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କ ମଧ୍ୟରେ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ପରେ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଚିବ ବିଶ୍ୱରଞ୍ଜନ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ। ମୋନାଲିସା ବେହେରା ଓ ରୋଟାରିଆନ ସିମରନ ନାଏକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ ଓ ମାହେଶ୍ୱରୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ଆସିଷ୍ଟାଣ୍ଟ ଡାଇରେକ୍ଟର ଡ.ଜୟନ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସୁନ୍ଦରଗଡ଼ ଜିଲା ବିଜେଡିର ପଦଯାତ୍ରା

**ସୁନ୍ଦରଗଡ଼,୧୩।୧୦(ଜୟନାରାୟଣ ମେଣ୍ଡୁଲି)**

ସମଗ୍ର ରାଜ୍ୟରେ ଆଜି ଯେଉଁ ବିକାଶର ଧାରା ଜାରି ରହିଛି ଏବଂ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ସବୁ ଉନ୍ନତିମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ, ସେ ବିଷୟରେ ପ୍ରତ୍ୟେକ ରାଜ୍ୟବାସୀଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ବିଜୁ ଜନତା ଦଳ(ବିଜେଡି) ତରଫରୁ ପଦଯାତ୍ରାର ଆୟୋଜନ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ବ୍ୟାପି ହେଉଛି ଏହି ପଦଯାତ୍ରା। ଶୁକ୍ରବାର ସୁନ୍ଦରଗଡ଼ ସଦର ନିର୍ବାଚନମଣ୍ଡଳୀ ହେମଗିର ବ୍ଲକ ଅନ୍ତର୍ଗତ କଲାମେଘା ଆରଏଣ୍ଡଆର କଲୋନୀଠାରେ ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂହଙ୍କ ନେତୃତ୍ୱରେ ଏବଂ ବ୍ଲକ ବିଜେଡି ସଭାପତି ସୁକାନ୍ତ ପତିଙ୍କ ସଭାପତିତ୍ୱରେ ପଦଯାତ୍ରା ଏବଂ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ



ହେମଗିର ବ୍ଲକ କଲାମେଘାରେ ବିଜେଡି ପଦଯାତ୍ରାରେ ସାମିଲ ହୋଇଥିବା ନେତା, କର୍ମୀ।

**ଘରେ ଘରେ ପହଞ୍ଚିବ ବିକାଶର ବାର୍ତ୍ତା**

ବହୁ ସଂଖ୍ୟାରେ ଜନସାଧାରଣ ଏବଂ ବିଜୁ ଜନତା ଦଳର କର୍ମକର୍ତ୍ତା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ବିକାଶମୂଳକ କାର୍ଯ୍ୟର ବାର୍ତ୍ତା ଘରେ ଘରେ ପହଞ୍ଚାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତଳସରାର ପୂର୍ବତନ ବିଧାୟକ ପ୍ରଫୁଲ୍ଲ ମାଝି, ଜିଲା ପରିଷଦ ସଭ୍ୟା ମହିମା ସେଠ, ହେମଗିର ସମିତି ସଭ୍ୟ ମାନସୀ ଦର୍ଜି, କନିକା ସରପଞ୍ଚ ଶାନ୍ତ ଧୁଆଁ, ଜୁଲୁମବାହାଲ ସମିତି ସଭ୍ୟ ଉପେନ୍ଦ୍ର ଭୋଇ, ଡୁରୁବଗା ସମିତି ସଭ୍ୟ, କନକତୁରା ସରପଞ୍ଚ, ବରିଷ୍ଠ ନେତା ସୁନିଲ ପାଟଯୋଶୀ, ବ୍ଲକ ଯୁବ ସଭାପତି କଳାକାହ୍ନୁ ମେହେର, ପ୍ରକାଶ ବହିଦାର, ସୁନ୍ଦରଲାଲ ଓରାମ, ପ୍ରମୋଦ ପତି, ବିଜୁ ଛାତ୍ର ଜନତା ଦଳର ଜିଲା ଡିଜିଟାଲ ସମ୍ପାଦକ ଶୈଳେଶ କୁମାର ନାଏକ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

## ଦନ୍ତା ୩ ଘର ଭାଙ୍ଗିଲା, ଅଳ୍ପକେ ବର୍ତ୍ତିଲେ ପରିବାର

**ବଡ଼ଗାଁ, ୧୩।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସମେତ ସବଡେଗା ଓ କୁତ୍ରା ବ୍ଲକ ଅଞ୍ଚଳରେ ଏକ ଦନ୍ତା ହାତୀର ଉପଦ୍ରବ ଥମୁନାହିଁ। କିଛି ଦିନ ପୂର୍ବରୁ କୁତ୍ରା ବ୍ଲକ ଅଞ୍ଚଳରେ ଘର ଭାଙ୍ଗିଥିବା ଏହି ଦନ୍ତା ହାତୀ ବଡ଼ଗାଁ ବ୍ଲକ ଅନ୍ତର୍ଗତ ରୂନଗା ପଞ୍ଚାୟତ, ଲକ୍ରାଘରା ଗ୍ରାମର ଅଜିତ ବୁଡଙ୍କ ଘରକୁ ରାତି ସାଢ଼େ ଆଠଟାରେ ଭାଙ୍ଗି ଚାଉଳ ଖାଇଦେଇଥିଲା। ସେ ଭୟରେ ଦୌଡ଼ି ନିକଟରେ ଅଟକିଥିବା ବସରେ ଚଢି ଜୀବନ ରକ୍ଷା କରିଥିଲେ। ଗ୍ରାମବାସୀମାନେ ଘଉଡ଼ାଇବାରୁ ଦନ୍ତା ହାତୀ ରେଙ୍ଗାଲମାଲ, ବିଚନାପଡାରେ ପଶିଥିଲା। ରାତି ସାଢ଼େ ୧୨ଟାରେ ଭାରତ ଚନ୍ଦ୍ର ରାଉତଙ୍କ ଘରର ଖପର ଟାଣିବାରୁ ଭାରତ କବାଟ ଖୋଲି ବାହାରିବାବେଳେ ସମ୍ମୁଖରେ ହାତୀକୁ ଦେଖିଥିଲେ। ହାତୀ ଗର୍ଜନ କରିଥିଲେ ମଧ ଭାରତ ଦୌଡ଼ି ପଳାଇବାରେ ସକ୍ଷମ ହୋଇଥିଲେ। ଫଳରେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ହାତୀ ଘର ଭାଙ୍ଗିଥିବା ଜାଣି ସ୍ତ୍ରୀ ରେଣୁକା ଓ ପୁଅ ଆୟୁଷକୁ ନେଇ ପଡୋଶୀ ଉପେନ୍ଦ୍ର ରାଉତଙ୍କ ଘରକୁ ଚାଲିଯାଇଥିଲେ। ଭାରତଙ୍କ ଘର ଭାଙ୍ଗିଲା ପରେ ଯୁଗେଶ୍ୱର୍ ରାଉତଙ୍କ ଘର ଭାଙ୍ଗି ଦନ୍ତା ସେଠାରୁ ଚାଲିଯାଇଥିଲା।


ଦନ୍ତା ହାତୀ ଭାଙ୍ଗି ଦେଇଥିବା ଘର।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ସୁନ୍ଦରଗଡ଼,୧୩।୧୦(ଜୟନାରାୟଣ ମେଣ୍ଡୁଲି)**

ବିଜିଆର ଏବଂ ବେଦାନ୍ତ କମ୍ପାନୀ (ଜାମକାନୀ କୋଇଲା ଖଣି) ସହାୟତାରେ ଗିରସୀମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସୁନ୍ଦରଗଡ଼ ବିଧାୟିକା କୁସୁମ


'ସୁରଭି' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଟେଟେ, ହେମଗିର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗୋପାଳ ପ୍ରଧାନ, ବେଦାନ୍ତ ସିଓଓ ବିବେକ ଉପ୍ପାନଚାଭର, ବେଦାନ୍ତ ପିଆରଓ ପ୍ରଣୟ ଶତପଥୀ, ସିଓଓ ବିଜିଆର ବାଲକୋଟୀ ରେଡ୍ଡୀ, ପ୍ରୋଜେକ୍ଟ ହେଡ ଏମ.ଏନ. ବର୍ମା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଗିରସୀମା ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ସୁରକ୍ଷା ବାହିନୀ-ମାଓବାଦୀ ଗୁଳି ବିନିମୟ

**ବନ୍ଧମୁଣ୍ଡା,୧୩।୧୦ (ସୁବ୍ରତ ଦେ)**

ଶୁକ୍ରବାର ସକାଳେ ସୁନ୍ଦରଗଡ଼ ଜିଲା ସୀମାବର୍ତ୍ତୀ ଝାଡ଼ଖଣ୍ଡ ରାଜ୍ୟର ଗୋଇଲକେରାସ୍ଥିତ ସରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହେଇଛି। ଏହି ଗୁଳି ବିନିମୟରେ ଉଭୟ ପକ୍ଷରୁ ଆହତ ହେବାର ଖବର ମିଳିନାହିଁ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**କୁତ୍ରା, ୧୩।୧୦(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବିଭିନ୍ନ କ୍ଲଷ୍ଟରେ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋମାରଡ଼ିହିସ୍ଥିତ ମିଶନ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଜାମୁଣ୍ଡା, ସିଆଲଜୋର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରକ୍ଷିତ ବେହେରା, ତୁନମୁରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ସା, ବିଭିନ୍ନ କ୍ଲଷ୍ଟର ସିଆରସିସି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସିଆରସିସି ମିଲୁ ବରୁଆ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହା ସହିତ ଆମ୍ବଗୋଭା ଓ କୁଲେନ ବାହାଲ ବିଦ୍ୟାଳୟରେ ମଧ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।


ଶିଶୁ ମହୋତ୍ସବ ସୁରଭି ଓ ମିଲେଟ ମିଶନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ସିଆଇଏସ୍‌ସିଇ ଜାତୀୟ ବାଳିକା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ସୁନ୍ଦରଗଡ଼,୧୩।୧୦(ଜୟନାରାୟଣ ମେଣ୍ଡୁଲି)**

କାଉନସିଲ ଅଫ୍ ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକ୍ସାମିନେସନ (ସିଆଇଏସ୍‌ସିଇ) ଦ୍ୱାରା ଆୟୋଜିତ ୧୯ବର୍ଷରୁ କମ ଜାତୀୟ ବାଳିକା ଫୁଟବଲ ପ୍ରତିଯୋଗିତା ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦର ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ସିଆଇଏସ୍‌ସିଇ ଓ ଓଡ଼ିଶା ରିଜନର ମିଳିତ ସହଯୋଗରେ ସୁନ୍ଦରଗଡ଼ର ସେଣ୍ଟ ଟେରେସା ଇଂଲିଶ ବିଦ୍ୟାଳୟ ଏହି ପ୍ରତିଯୋଗିତାକୁ ଆୟୋଜନ କରୁଛି। ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ୭ଟି ରିଜନ ଓ ୟୁନାଇଟେଡ଼ ଆରବ ଏମିରେଟ୍ସର ଏକ ଦଳ ସର୍ବମୋଟ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ସେମାନେ ହେଲେ ଆନ୍ଧ୍ରପ୍ରଦେଶତେଲେଙ୍ଗାନା, ନର୍ଥ ଇଣ୍ଡିଆ, ନର୍ଥ ୱେଷ୍ଟ, ମହାରାଷ୍ଟ୍ର, ପଶ୍ଚିମବଙ୍ଗନର୍ଥ ଇଷ୍ଟ, ଉତ୍ତରପ୍ରଦେଶଉତ୍ତରାଖଣ୍ଡ, ତାମିଲନାଡୁ ଓ ୟୁନାଇଟେଡ ଆରବ ଏମିରେଟ୍ସ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ


ସିଆଇଏସ୍‌ସିଇ ଦ୍ୱାରା ଆୟୋଜିତ ୧୯ବର୍ଷରୁ କମ ଜାତୀୟ ବାଳିକା ଫୁଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ମୁହୂର୍ତ୍ତ।

ନିର୍ଦ୍ଦେଶକ ମନୋଜ ମହାଜନ, ସମ୍ମାନିତ ଅତିଥି ଭାବରେ ଜିଲା କ୍ରୀଡା ସଂଘର ସମ୍ପାଦକ ପ୍ରଭାତ କୁମାର ଭୋଳ ଓ ପର୍ଯ୍ୟବେକ୍ଷକ ଡକ୍ଟର ଜେମ୍ସ ଉପସ୍ଥିତ ଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲୀପ କୁଜୁର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆଇସିଏସ୍‌ସି ସ୍କୁଲ ଓଡ଼ିଶା ରିଜନର ସମ୍ପାଦକ ତଥା ପ୍ରିନ୍ସିପାଲ କୋର୍ଡିନେଟର ଗେମ୍ସ ଏଣ୍ଡ ସ୍ପୋର୍ଟ୍ସ ଏବଂ ଅର୍ଗାନାଇଜିଙ୍ଗ ସମ୍ପାଦକ ସିଷ୍ଟର ପି.ସେଲଭି ଧନ୍ୟବାଦ ଦେଇଥିଲେ। ପ୍ରଥମ ମ୍ୟାଚରେ ୟୁଏଇ ଦଳ ତାମିଲନାଡୁ ଦଳକୁ ୮-୦ ଗୋଲରେ ପରାସ୍ତ କରିଥିଲେ। ନର୍ଥ ଇଣ୍ଡିଆ ଦଳ ନର୍ଥ ୱେଷ୍ଟ ଦଳକୁ ୨-୦ ଗୋଲରେ, ମହାରାଷ୍ଟ୍ର ଦଳ ଆନ୍ଧ୍ରପ୍ରଦେଶତେଲେଙ୍ଗାନା ଦଳକୁ ୬-୦ ଗୋଲରେ, ଉତ୍ତରପ୍ରଦେଶଉତ୍ତରାଖଣ୍ଡ ଦଳ ପଶ୍ଚିମବଙ୍ଗନର୍ଥଇଷ୍ଟ ଦଳକୁ ୩-୦ ଗୋଲରେ, ନର୍ଥ ୱେଷ୍ଟ ଦଳ ତାମିଲନାଡୁ ଦଳକୁ ୬-୦ ଗୋଲରେ, ୟୁଏଇ ଦଳ ନର୍ଥ ଇଣ୍ଡିଆକୁ ୩-୨ ଗୋଲରେ ପଶ୍ଚିମବଙ୍ଗନର୍ଥଇଷ୍ଟ ଦଳ ଆନ୍ଧ୍ରପ୍ରଦେଶତେଲେଙ୍ଗାନା ଦଳକୁ ୨-୦ ଗୋଲ ରେ ପରାସ୍ତ କରିଥିବାବେଳେ ଶେଷ ମ୍ୟାଚରେ ମହାରାଷ୍ଟ୍ର ଦଳ ଉତ୍ତରପ୍ରଦେଶ ଉତ୍ତରାଖଣ୍ଡ ଦଳକୁ ୯-୦ ଗୋଲରେ ପରାସ୍ତ କରିଛି। ଶନିବାର ୪ଟି ଲିଗ ମ୍ୟାଚ ଓ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ଅନିଲ ଦାସ, ସଞ୍ଜୟ କୁମାର ପାଢୀ, ହମିଦ କୁମାର ମହାପାତ୍ର, ଦେବାଶିଷ ସାହୁ, ସୌମ୍ୟରଞ୍ଜନ ନାୟକ, ଦିପକ ସାହୁ, ଅରିନ୍ଦମ ମହାପାତ୍ର, ଆନନ୍ଦ କୁଜୁର ପରିଚାଳନା କରିଥିଲେ। ମ୍ୟାଚ କମିଶନର ଭାବରେ ନିତ୍ୟକୁମାର ବଳ, ଅଫିସିଆଲ ଭାବରେ ପ୍ରଶାନ୍ତ ପାଲ, ସନ୍ୟାସି ମୁଣ୍ଡା, ହେମନ୍ତ ଦାସ, ଅଶୋକ ପାଣ୍ଡବ, ଲକ୍ଷ୍ମଣ ସେଠ, ନିତ୍ୟାନନ୍ଦ ମେହେର ଓ ସୁଶାନ୍ତ କିଷାନ ଖେଳ ପରିଚାଳନା କରିଥିଲେ। ଚୟନକର୍ତ୍ତା ଭାବରେ ଚିତ୍ତରଞ୍ଜନ ନାୟକ ଓ କାର୍ତ୍ତିକ ରକ୍ସା ଦାୟିତ୍ୱ ତୁଲାଇଥିଲେ। ଝାରସୁଗୁଡା,ସୁନ୍ଦରଗଡ଼ର ସମସ୍ତ ଆଇସିଏସସି ବିଦ୍ୟାଳୟର ଅଧ୍ୟକ୍ଷା ଅଧ୍ୟକ୍ଷ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୪ ଅକ୍ଟୋବର ୨୦୨୩



## ସଂକ୍ଷେପରେ

### ଠିକାଦାର ସଂଘର ଦାବି ପୂରଣ କଲେ ସରକାର

ଦେବଗଡ,୧୩।୧୦(ଶଶାଙ୍କ ଶେଖର ଝାଙ୍କର) ଦେବଗଡ ପୂର୍ତ୍ତବିଭାଗ (ରାସ୍ତା ଓ ସୌଧ)ର ଅଧୀକ୍ଷଣ ଯନ୍ତ୍ରୀ ପଦବୀ ସରକାର ପୂରଣ କରିଛନ୍ତି। ଏହି ପଦବୀ ପାଇଁ ସରକାର ବାଲେଶ୍ୱର ପୂର୍ତ୍ତ ବିଭାଗ (ରାସ୍ତା ଓ ସୌଧ)ର ଅଧୀକ୍ଷଣ ଯନ୍ତ୍ରୀ ଇଂ. ରାମଚନ୍ଦ୍ର ସେଠୀଙ୍କୁ ବଦଳି କରିଥିବା ଜଣାପଡିଛି। ଫଳରେ ଏ ନେଇ ଜିଲାର ଠିକାଦାର ମହଲରେ ଖୁସିର ଲହରି ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଦୀର୍ଘମାସ ହେଲା ଏହି ପଦବୀ ଖାଲି ପଡିଥିବାରୁ ବିଭାଗ ଅଧୀନରେ ଚାଲିଥିବା ନିର୍ମାଣ କାର୍ଯ୍ୟର ଅଗ୍ରଗତି ସାଙ୍ଗକୁ ବିଲ ପ୍ରଦାନ କ୍ଷେତ୍ରରେ ସମସ୍ୟା ଦେଖାଦେଇଥିଲା। ଏହି ପଦବୀ ପୂରଣ ପାଇଁ ଠିକାଦାର ସଂଘ ସଭାପତି ସୁଜିତ କୁମାର ପ୍ରଧାନ ଓ ସାଧାରଣ ସମ୍ପାଦକ ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟ ହରିହର ପାଣି, ଅଜୟ କୁମାର ପ୍ରଧାନ, କିଶୋର ଦାସ, ନନ୍ଦ କିଶୋର ମହାପାତ୍ର, ଯୁବ ଠିକାଦାର ନିହାର ପଟେଲ, ତପନ କୁମାର ସାହୁ ପ୍ରମୁଖ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏକ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଲିଖିତ ଚେତାବନୀ ଦେଇଥିଲେ।

### ଯୁବ ରେଡ୍‌କ୍ରସ୍ ଶାଖା ଉଦ୍‌ଘାଟିତ

ବେହେରା,୧୩।୧୦(ଭୂପେଶ ତିୱାରୀ): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ବେହେରାସ୍ଥିତ ଭାରତୀୟ ବିଦ୍ୟା ଶ୍ରୀନିକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ରେଡକ୍ରସ ୟୁନିଟ ଉଦଘାଟିତ ହୋଇଯାଇଛି। କଲେଜ ପରିଚାଳନା ନିର୍ଦ୍ଦେଶକ କିଶୋର ଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଲଖୀରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ କୋକସରା ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଯୁବ ରେଡକ୍ରସ ପରାମର୍ଶଦାତା ସୁବ୍ରତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ଯୁବ ରେଡକ୍ରସ ସଂଯୋଜକ ଶାନ୍ତନୁ କୁମାର ପରିଡା, କରଚଲା ଉଚ୍ଚ ମାଧମିକ ବିଦ୍ୟାଳୟ ଯୁବ ରେଡକ୍ରସ ପରାମର୍ଶଦାତା କ୍ୟାପଟେନ ଭବାନୀଶଙ୍କର ପଣ୍ଡା, ଧର୍ମଗଡ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ ପରାମର୍ଶଦାତା ସଞ୍ଜୀବ କୁମାର ମୁଣ୍ଡ, ବେହେରା ଲଖୀରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ ପରାମର୍ଶଦାତା ମୋହନ ଚରଣ ବିଶି ପ୍ରମୁଖ ଯୋଗଦେଇଥିଲେ। ମାନବିକତା ହିଁ ଶ୍ରେଷ୍ଠ ଧର୍ମ ବୋଲି ମତ ପ୍ରକାଶ କରିବା ସହ ରେଡକ୍ରସର ଇତିହାସ, ବିକାଶ, ଚିହ୍ନ, ମୌଳିକ ନୀତି, ପ୍ରାଥମିକ ଚିକିତ୍ସା, ରକ୍ତଦାନର ମହତ୍ତ୍ୱ ବିଷୟରେ କହିଥିଲେ। କାର୍ଯ୍ୟକ୍ରମ କଲେଜ ଅଧକ୍ଷ ସୁରେନ୍ଦ୍ର ନାଏକ ପରିଚାଳନା କରିଥିବା ବେଳେ ଅଧାପିକା ତନୁଜା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଯୁବରେଡକ୍ରସ ସ୍ୱେଚ୍ଛାସେବୀ ସଂଗୀତା କଟା, ନବୀନା ମେହେର, ନୀଲାକ୍ଷୀ ଟାକରୀ, କପିଳେଶ ଗଇନ୍ତା, ଜସ୍ମିତା ମାଝି, ନମିତା ଗୋପାଳ, ବିଭୂସୀତା ହଂସ, ଭାରତୀ ସୁନାନୀ, ପାୟଲ ସୁନାନୀ, ଚନ୍ଦ୍ରମା ଓ ଚନ୍ଦ୍ରପ୍ରଭା ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଅଧାପକ ମଣ୍ଟୁ ରଣା, ସରିତା ଭରତିଆ, ବସନ୍ତ ରଣା, ରଣଜିତ ଅରେବେଡିଆ, ପରମେଶ୍ୱର ଗୋପାଳ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

## ଷ୍ଟାର୍ଟଅପ ଯାତ୍ରାରେ ଭାଗନେଲେ ୧୬୧ ଛାତ୍ରୀଛାତ୍ର

ଦେବଗଡ଼, ୧୩।୧୦(ଶଶାଙ୍କ ଶେଖର ଝାଙ୍କର)

ଷ୍ଟାର୍ଟଅପ ଯାତ୍ରା ଶୁକ୍ରବାର ଦେବଗଡ଼ ଜିଲାର ସରକାରୀ ଆଇଟିଆଇ ବାରକୋଟ, ପଞ୍ଚାୟତ ଡିଗ୍ରୀ କଲେଜ କଲ୍ଲା ଓ ଦେବଗଡ଼ ଆଇଟିସି କଲେଜ ପରିଦର୍ଶନ କରିଛି। ଏହିସବୁ ଅନୁଷ୍ଠାନରୁ ୨୬ ନୂଆ ଆଇଡିଆ ସଂଗ୍ରହ କରାଯାଇଥିବାବେଳେ ମୋଟ ୧୬୧ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଷ୍ଟାର୍ଟଅପ ଯାତ୍ରା ଓ ଷ୍ଟାର୍ଟଅପ ଏକ୍ସପ୍ରେସ ୨୦୨୩ର ଲକ୍ଷ୍ୟ ହେଉଛି ତୃଣମୂଳ ସ୍ତରରେ ନବସୃଜନକାରୀଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଉଦ୍ୟମିତାର ଭାବ ଜାଗ୍ରତ କରିବା। ଚଳିତବର୍ଷ ଏହି ଯାତ୍ରା ୨୦୦ରୁ ଅଧିକ କଲେଜ ଓ ୬୦ରୁ ଅଧିକ ବିଦ୍ୟାଳୟ ପରିଦର୍ଶନ କରି ଏହି ପ୍ରୟାସକୁ ଆଗକୁ ବଢ଼ାଇବାକୁ ଲକ୍ଷ୍ୟ ରଖିଛି।

## ଦେଶୀ ମଦ, ମହୁଲ ପୋଚ ଜବତ: ୨ ଗିରଫ

ଦେବଗଡ଼,୧୩।୧୦(ଶଶାଙ୍କ ଶେଖର ଝାଙ୍କର)


ଜବତ ଦେଶୀମଦ ଓ ଗିରଫ ଅଭିଯୁକ୍ତ।

ଦେବଗଡ଼ ଅବକାରୀ ବିଭାଗ ପକ୍ଷରୁ ଦେବଗଡ଼ ଥାନା ବାଲିପୋଷି ଓ ବ୍ରାହ୍ମଣୀମାଳ ଗ୍ରାମରେ ଚଢାଉ କରାଯାଇ ୨୬ ଲିଟର ଦେଶୀ ରନ୍ଧାମଦ ଓ ୮୦ କିଲୋ ମହୁଲ ପୋଚ ଜବତ କରାଯାଇଛି। ଏଥିସହ ୨ଟି ପୃଥକ ମାମଲା ରୁଜୁ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଛି। ବିଭାଗୀୟ ସୂଚନା ଅନୁଯାୟୀ ବିଶେଷ ସୂତ୍ରରୁ ସୂଚନା ପାଇ ସମ୍ପୃକ୍ତ ଅଞ୍ଚଳରେ ଚଢାଉ ପାଇଁ ଜିଲା ଅବକାରୀ ଅଧୀକ୍ଷକ ବାସନ୍ତୀପ୍ରଭା ନାୟକ ନିର୍ଦ୍ଦେଶ ଦେଇଥିଲେ। ଅବକାରୀ ଇନ୍‌ସପେକ୍ଟର ମଧୁସୂଦନ ସାହୁ ଓ ଏଏସ୍‌ଆଇ ରାଜକିଶୋର ସାହୁ ଚଢାଉ କରି ୬ଲିଟର ଦେଶୀ ରନ୍ଧାମଦ ଓ ମଦ ରାନ୍ଧିବା ପାଇଁ ପ୍ରସ୍ତୁତ ମହୁଲ ପୋଚ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ବ୍ରାହ୍ମଣୀମାଳ ଗ୍ରାମର ବିପିନ ବିହାରୀ ସାଇ(୩୭)ଙ୍କୁ ଗିରଫ କରିଥିଲେ। ସେହିପରି ବାଲିପୋଷି ଗ୍ରାମରେ ଚଢାଉ କରାଯାଇ ବାସନ୍ତୀ ସିଂହଙ୍କ ଘରୁ ୨୦ଲିଟର ଦେଶୀ ରନ୍ଧାମଦ ଜବତକରି ତାଙ୍କୁ ଗିରଫ କରିଥିଲେ। ଜବତ ମହୁଲ ପୋଚ ନଷ୍ଟ କରାଯିବା ସହ ଗିରଫ ବିପିନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଛାତ ଭୁଶୁଡ଼ି ଦାଦନ ଶ୍ରମିକଙ୍କ ମୃତ୍ୟୁ

ଭବାନୀପାଟଣା,୧୩।୧୦(ଉତ୍ତମ କୁମାର ଦାଶ)

**କଳାହାଣ୍ଡିରେ ସରୁନାହିଁ ଦାଦନ ଯନ୍ତ୍ରଣା**

- ଗୋଆକୁ କାମ କରିବାକୁ ଯାଇଥିଲେ
- ମୃତଦେହ ଆଣିବା ପାଇଁ ପରିବାର ଲୋକଙ୍କ ନିବେଦନ


ଶ୍ରମିକ ବିଭୁତି ଲେଞ୍ଜିଆଙ୍କ ଫାଇଲ ଫଟୋ।

କଳାହାଣ୍ଡିରେ ସରୁନାହିଁ ଦାଦନ ଯନ୍ତ୍ରଣା। ଶୁଖୁନାହିଁ ମୃତ ଦାଦନ ପରିବାର ଲୋକଙ୍କ ଆଖିର ଲୁହ। କେତେବେଳେ ଦାଦନ ଖଟିବାକୁ ଯାଇ ନିର୍ଯାତିତ ହୋଇ ଗୋଡହାତ କାଟି ହୋଇ ଗାଁକୁ ଫେରୁଛିତ ପୁଣି କେତେବେଳେ କେଉଁଠି ନିଖୋଜ ହେଉଛନ୍ତି। ପରିବାର ଲୋକ ବର୍ଷ ବର୍ଷ ଧରି ତାଙ୍କ ଫେରିବା ପଥକୁ ଚାହିଁ ରହିଛନ୍ତି। ଆଉ କିଛି ଶ୍ରମିକ କାମ କରୁଥିବା ସ୍ଥାନରେ ମୃତ୍ୟୁର ଶିକାର ହେଉଛନ୍ତି। କାହାର ଭାଗ୍ୟରେ ଗାଁ ମାଟି ଜୁଟୁଛି ତ ପୁଣି କାହା ଭାଗ୍ୟରେ ଗାଁ ମାଟି ମିଳୁ ନାହିଁ। ଏପରିସ୍ଥଳେ ପୁଣି ଜଣେ ଶ୍ରମିକ ଗୋଆକୁ ଦାଦନ ଖଟିବାକୁ ଯାଇ ଛାତ ଭୁଶୁଡି ପଡିବାରୁ ଛାତ ତଳେ ଚାପି ହେଇ ମୃତ୍ୟୁ ବରଣ କରିଛି। ମୃତଦେହ ଫେରାଇ ଆଣିବା ପାଇଁ ପରିବାର ଲୋକ କୁଟ୍ରୁ ପୋଲିସ ଫାଣ୍ଡି ଅଧିକାରୀ ଓ କଳମପୁର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହେବା ଭଳି ଖବର ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁସାରେ ଦୁଲକିବନ୍ଧ (ଚଞ୍ଚରାପଡା)ର ସ୍ୱର୍ଗତ ନରେନ୍ଦ୍ର ଲେଞ୍ଜିଆଙ୍କ ପୁଅ ବିଭୁତି (୨୩) ନିଜ ବିଧବା ମା'ଙ୍କୁ ଘରେ ଛାଡି ଦେଇ ଗତ ମାର୍ଚ୍ଚରେ ରୋଜଗାର କରିବା ଆଶାରେ ସାଙ୍ଗ ଶ୍ରମିକଙ୍କ ସହ ଗୋଆକୁ ଯାଇଥିଲେ। ସେଠାରେ କୌଣସି ଏକ ନିର୍ମାଣ ସଂସ୍ଥାରେ କାମ କରୁଥିଲେ। ଗୁରୁବାର କାମ କରୁଥିବା ବେଳେ ହଠାତ୍ ଏକ ଛାତ ଭୁଷୁଡି ଯାଇଥିଲା। ଯେଉଁଥିରେ ବିଭୁତି ଚାପି ହେଇ ଗୁରୁତର ହୋଇ ପଡିଥିଲେ। ତୁରନ୍ତ ତାଙ୍କୁ ସହ କର୍ମୀ ଉଦ୍ଧାର କରି ସ୍ଥାନୀୟ ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବିଭୁତି ସାଙ୍ଗରେ ଥିବା ତାଙ୍କ ଜଣେ ସମ୍ପର୍କୀୟ ଭାଇ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ସୂଚନା ଦେଇଥିଲା। ଏଭଳି ଦୁଃଖ ଖବର ପାଇ ପରିବାର ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅତ୍ୟନ୍ତ ଗରିବ ହେତୁ କିଛି ରୋଜଗାର ଆଶାରେ ଘରେ ବିଧବା ମା'ଙ୍କୁ ଛାଡି ଦେଇ ରୋଜଗାର ପାଇଁ ଯାଇଥିବା ପୁଅର ମୃତ୍ୟୁ ଖବର ପାଇ ଦୁଃଖରେ ଭାଙ୍ଗିପଡିଛନ୍ତି ମା' ଯମୁନା। ଅନ୍ୟପଟେ ତାଙ୍କ ମୃତଦେହ କିଭଳି ଗାଁ ମାଟିକୁ ଆସିବ ସେ ନେଇ ଚିନ୍ତାରେ ପରିବାରବର୍ଗ ରହିଛନ୍ତି। ଶୁକ୍ରବାର ଏ ନେଇ ପରିବାର ପକ୍ଷରୁ ସ୍ଥାନୀୟ କୁଟ୍ରୁ ପୋଲିସ ଫାଣ୍ଡି ସମେତ କଳମପୁର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହେଇଛନ୍ତି ମୃତ ଦାଦନ ଶ୍ରମିକଙ୍କ ପରିବାର ଲୋକ। ଦାଦନ ଶ୍ରମିକଙ୍କ ମୃତଦେହ ଫେରାଇ ଆଣିବା ପାଇଁ ଜିଲା ଶ୍ରମ ବିଭାଗ ସହ ସ୍ଥାନୀୟ ପ୍ରଶାସନ ଯୋଗାଯୋଗ କରିଥିବା ଜଣାପଡିଛି।

## କୃଷି ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ


କୃଷି ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉଛି।

ଦେବଗଡ଼,୧୩।୧୦(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଦନ୍ତାରିବାହାଲ ପଞ୍ଚାୟତ ଅନ୍ତର୍ଗତ କୁସୁମକଟା ଗ୍ରାମରେ ଶୁକ୍ରବାର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଣ୍ଟାପାଲି ପ୍ରାଥମିକ କୃଷି ସମବାୟ ସମିତି ସଭାପତି ହୃଦାନନ୍ଦ ସାହୁ, ସମ୍ପାଦକ ପଦ୍ମଲୋଚନ ବେହେରା, ବଂଶୀଧର ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂତନ ଭାବେ ସ୍ଥାପିତ ସମବାୟ ସମିତି ସମ୍ପାଦକ ଦୀପକ କୁମାର ଭୋଇ, ଜିଲା କୃଷକ ସଂଘର୍ଷ ସଂଘର ସମ୍ପାଦକ ଗୁଣନିଧି ବେହେରା, ଦେବରାଜ ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ବେଦବର ଭୋଇଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ବର୍ତ୍ତମାନ କୁସୁମକଟା ଗ୍ରାମର ଏକ ଅବ୍ୟବହୃତ ସ୍କୁଲ ଗୃହରେ ଏହା ଅସ୍ଥାୟୀ ଭାବେ ଶୁଭାରମ୍ଭ ହୋଇଛି। ସମବାୟ ବିଭାଗ ପକ୍ଷରୁ ସ୍ଥାୟୀ କୋଠା ନିର୍ମାଣ ପରେ ସେଠାକୁ ସ୍ଥାନାନ୍ତର କରାଯିବ।

## ଆଦର୍ଶ ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା

ଦେବଗଡ଼, ୧୩।୧୦(ଶଶାଙ୍କ ଶେଖର ଝାଙ୍କର)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଦେବଗଡ ଆଦର୍ଶ ମହାବିଦ୍ୟାଳୟଠାରେ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ଜାତୀୟ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ଡ. ଚିରଞ୍ଜୀବୀ ସାମଲ, ପ୍ରଫେସର ମନୋଜ କୁମାର ମିଶ୍ର, ପ୍ରଫେସର ରଞ୍ଜିତ କୁମାର ସାହୁ ଷ୍ଟାର୍ଟଅପ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କ ସହ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଅଧକ୍ଷ ଡ଼. ବିଜୟ କୁମାର ମହାରଣା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାୟ ୨୦ ଜଣ ବିଦ୍ୟାର୍ଥୀ ସେମାନଙ୍କ ଆଇଡିଆ ଉପସ୍ଥାପନ କରିଥିଲେ। ସେଥିମଧ୍ୟରୁ ଯୁକ୍ତ୩ ରସାୟନ ବିଜ୍ଞାନ ସମ୍ମାନ ଛାତ୍ର ପିପୁଲ ସାମଲ ପ୍ରଥମ, ରାଜନୀତି ବିଜ୍ଞାନର ପ୍ରଥମବର୍ଷ ଛାତ୍ର ନୀତେଶ ସ୍ୱାଇଁ ଦ୍ୱିତୀୟ ଓ ଉଦ୍ଭିଦ ବିଜ୍ଞାନ ସମ୍ମାନ ପ୍ରଥମବର୍ଷର ଛାତ୍ରୀ ସନ୍ତୋଷିନୀ ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏଥିରେ ମହାବିଦ୍ୟାଳୟ ଷ୍ଟାର୍ଟଅପ ଓଡ଼ିଶା ଦାୟିତ୍ୱରେ ଥିବା ଅର୍ଥନୀତି ବିଭାଗ ଅଧାପକ ଅନାଦି ଚରଣ ଦାସ, ବିକ୍ରମ କୁମାର ଜେନା ଯୋଗଦେଇଥିଲେ।

## ମୁର୍ଷୁଣ୍ଡି ଗଜଲକ୍ଷ୍ମୀ ପୂଜା ପାଇଁ ମୁରାସୁର ବରଣ

ଅମରପାଲି,୧୩।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡି ଗ୍ରାମରେ ହେବ ୪୧ ତମ ଗଜଲକ୍ଷ୍ମୀ ପୂଜା। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ହେବ ମୁରାସୁର ଦରବାର। ଏଥିରେ ମୁରସୁର ଭୂମିକାରେ ଅଭିନୟ କରିବେ ଅନ୍ତର୍ଡା (ବିନିକା)ର ଗୋପାଳ ପଣ୍ଡା। ଶୁକ୍ରବାର ଗୋପାଳ ପଣ୍ଡାଙ୍କୁ ମୁରସୁରଭାବେ ବରଣ କରାଯାଇଛି। ମୁର୍ଷୁଣ୍ଡି ଗଜଲକ୍ଷ୍ମୀ ପୂଜା କମିଟି ସଦସ୍ୟମାନେ ଅଭିନେତା ଗୋପାଳ ପଣ୍ଡାଙ୍କ ଅନ୍ତର୍ଡା ବାସଭବନକୁ ଯାଇ ବରଣ କରିଛନ୍ତି। ପ୍ରଥମେ ପୂଜକଙ୍କ ଦାରା ପୂଜାର୍ଚ୍ଚନା କରାଯାଇଥିଲା। ପରେ ତାଙ୍କୁ ନାରିକେଳ ସହିତ ଅନ୍ୟାନ୍ୟ ଫଳ ଓ ଫୁଲମାଳ ଓ ଅଙ୍ଗବସ୍ତ୍ର ଦେଇ ବରଣ କରାଯାଇଥିଲା। ଗଜଲକ୍ଷ୍ମୀ ପୂଜା କମିଟିର ଉପ ସଭାପତି ଧନଞ୍ଜୟ ସାହୁଙ୍କ ନେତୃତ୍ୱରେ ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, ସହ ସମ୍ପାଦକ ବିଦ୍ୟାଧର ଖୁର୍ଡ଼ିଆଙ୍କ ସମେତ କମିଟି ବରିଷ୍ଠ ସଦସ୍ୟ ସଞ୍ଜୀବ ସାହୁ, ପଦ୍ମନାଭ ପ୍ରଧାନ, ବଳରାମ ପଧାନ, ଉତ୍ତର ନାଏକ, ଶ୍ରୀକର ପଧାନ ପ୍ରମୁଖ ମୁରାସୁର ବରଣ କରିଛନ୍ତି।

## ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ

ଦେବଗଡ଼, ୧୩।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଟାଉନ ହାଇସ୍କୁଲଠାରେ ଜିଲା ସଂଯୋଜକ ନକୁଲ ମହାତୋଙ୍କ ତତ୍ତ୍ୱାବଧାନରେ ୩୧ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ ହେଇଯାଇଛି। ସେଠାରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜ ପ୍ରକଳ୍ପ ପରିବେଷଣ କରିଥିଲେ। ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ସିଂ, ଜିଲା ବିଜ୍ଞାନ ନିରୀକ୍ଷକ ଦୁଃଖବନ୍ଧୁ ଭୁକ୍ତା ଅତିଥି ଭାବେ ଯୋଗଦେଇ ବିଜ୍ଞାନର ମହତ୍ତ୍ୱ ବୁଝାଇଥିଲେ। ଟାଉନ ହାଇସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସତ୍ୟନାରାୟଣ ସାହୁ, ରାଜା ବାସୁଦେବ ହାଇସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ମହାପାତ୍ର ଓ ରେଙ୍ଗାଲବେଡ଼ା ହାଇସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଉଦୟ ପ୍ରଧାନ ପ୍ରକଳ୍ପ ମୂଲ୍ୟାଙ୍କନ କରିଥିଲେ। ମନୋଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ରାହୁଲ ଖାଖାଙ୍କ ଦ୍ୱାରା ପ୍ରସ୍ତୁତ ହାଇବ୍ରିଡ ପାୱାର ପ୍ଲାଣ୍ଟ ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛି।

## ବାଲ୍ୟ ବିବାହ ମୁକ୍ତ ପାଇଁ ସ୍ୱତନ୍ତ୍ର ଅଭିଯାନ

ଦେବଗଡ଼,୧୩।୧୦(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ମାରୱାଡି ଧର୍ମଶାଳାରେ ପୌରାଞ୍ଚଳର ସମସ୍ତ ୱାର୍ଡକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଶୁକ୍ରବାର ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ୱାର୍ଡ ନମ୍ବର ୫ର କାଉନସିଲର ଯତୀନ ନାୟକ (ପିକୁନ)ଙ୍କ ଆବାହକତ୍ୱରେ ପୌରାଧକ୍ଷା ଶାନ୍ତିମଞ୍ଜରୀ ଦେଇ ସଭାରେ ଅଧକ୍ଷତା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ୟୁନିସେଫର ଜିଲା ସଂଯୋଜକ ବୀରେନ୍ଦ୍ର ମହାପାତ୍ର, ଆଇସିଡିଏସ୍ ସୁପରଭାଇଜର ସଞ୍ଜୁ ନନ୍ଦ, ୱାର୍ଡ ନମ୍ବର ୧୧ର କାଉନସିଲର ପ୍ରମିଳା ବେହେରା ଉପସ୍ଥିତ ଥିଲେ। ଶପଥ ପାଠ ପରେ ୱାର୍ଡ ନମ୍ବର ୧ ଓ ୫କୁ ବାଲ୍ୟ ବିବାହ ମୁକ୍ତ ଭାବେ ଘୋଷଣା କରାଯାଇ ମାନ୍ୟତା ପ୍ରଦାନ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବୈଠକର ବିବରଣୀ ନକଲ ପ୍ରେରଣ କରାଯାଇଥିଲା। ପରେ ଶତାଧିକ ୱାର୍ଡ ବାସୀ, ସ୍ୱୟଂସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ୱାର୍ଡ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ।

## କ୍ରିକେଟ: ବଣାଇଁର ଏଏଫ୍ ଚାମ୍ପିୟନ

**ଚ୍ୟାଲେଞ୍ଜର୍ସ କ୍ରିକେଟ ଉଦ୍‌ଯାପିତ**

ଦେବଗଡ,୧୩।୧୦(ଶଶାଙ୍କ ଶେଖର ଝାଙ୍କର)



ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି ଅତିଥି।

ଦେବଗଡ କଲେଜ ଖେଳ ପଡିଆଠାରେ ଚାଲିଥିବା ପିପିଲି ଝିଅ ଚ୍ୟାଲେଞ୍ଜର୍ସ କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଆୟୋଜକ ପିପିଲି ଝିଅ ଚ୍ୟାଲେଞ୍ଜର୍ସ କ୍ରିକେଟ କ୍ଲବକୁ ୬ ଉଇକେଟରେ ପରାସ୍ତ କରି ସୁନ୍ଦରଗଡ ଜିଲା ବଣାଇର ଏଏଫ୍ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଅମ୍ପାୟାର ଭାବେ ଯାଜପୁରର ବୋବଲୁ ଓ ଦେବଗଡର କିରଣ ନାୟକ ପରିଚାଳନା କରିଥିଲେ। ଆୟୋଜକ କ୍ଲବ ସଭାପତି ସୁନୀଲ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ପୌର ଅଧକ୍ଷା ଶାନ୍ତି ମଞ୍ଜରି ଦେଇ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ହିମାଂଶୁ ଶେଖର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବର ସୁବ୍ରତ ବାରିକ, ଇକୁନ ନାୟକ, ରୋହିତ ଧଳ, ସିଲୁ ସାହୁ, ସିପୁନ ଭୋଇ ଓ ଜୟପ୍ରକାଶ ଭୋଇଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ବିଶ୍ୱ ଅଣ୍ଡା ଦିବସ

ଦେବଗଡ଼, ୧୩।୧୦(ଶଶାଙ୍କ ଶେଖର ଝାଙ୍କର)



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟରଞ୍ଜନ ରାଉତ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଓ ଅନ୍ୱେଷା ଛାତ୍ରାବାସକୁ ଯାଇ ଛାତ୍ରୀଛାତ୍ରଙ୍କୁ ଏହି ଦିବସ ସମ୍ପର୍କରେ ସଚେତନ କରିବା ପରେ ଅଣ୍ଡା ବଣ୍ଟନ କରାଯାଇଥିଲା। ପରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ସାଧାରଣ ସଭାରେ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରାଉତ ଯୋଗଦେଇ କୁକୁଡ଼ା ପାଳନ ପାଇଁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଦେବଗଡ଼ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଏଲ୍‌ପି ଡା. ସତ୍ୟବ୍ରତ ସେଠୀ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡିସି ଡା. ଦୀପକ କୁମାର ମହନ୍ତ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୌମ୍ୟରଞ୍ଜନ ମୋହାନ୍ତି, ନୋଡାଲ ଅଫିସର ଡା. ପ୍ରଣତି ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ସରକାରଙ୍କ ତରଫରୁ ବିଭାଗୀୟ ମନ୍ତ୍ରୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କୁକୁଡ଼ା ଚାଷୀମାନେ କିପରି ଅଧିକରୁ ଅଧିକ ଲାଭ କରିପାରିବେ ସେ ବିଷୟରେ ଅବଗତ କରାଇଥିଲେ। ଏଥିରେ ମଙ୍ଗଳା ଏସ୍‌ଏଚ୍‌ଜି କୁଚିଆବାହାଲ, କୁରଡ ମା' ଗାୟତ୍ରୀ ଏସ୍‌ଏଚ୍‌ଜି ଓ କୁକୁଡ଼ା ଚାଷୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ତଳମାଲାରୁ କଂଗ୍ରେସର ଜନସମ୍ପର୍କ ପଦଯାତ୍ରା

**ଜୁନାଗଡ଼,୧୩।୧୦(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ତଳମାଲାଠାରୁ ଶୁକ୍ରବାର ଜନସମ୍ପର୍କ ପଦଯାତ୍ରା ଘରେ ଘରେ ହାତ, ଘରେ ଘରେ କଂଗ୍ରେସ କାର୍ଯ୍ୟକ୍ରମ ଉଦଘାଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ଜୁନାଗଡ଼ ସଭାପତି ଅମିତ ଅଗ୍ରୱାଲ, ପରମେଶ୍ୱର ମୋଟଲଙ୍କ ନେତୃତ୍ୱରେ ପୂର୍ବତନ ଗୋଲାମୁଣ୍ଡା ଅଧକ୍ଷ ତୁଲେଶ୍ୱର ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କୁମାର ଦାଶ, ଚିତ୍ତରଞ୍ଜନ ନିଆଲ, କୁମୁଦ ଗହୀର, ବେଣୁ ଧର ଦୁର୍ଗା, ପ୍ରେମ ଲାଲ ମେହେର ଉପସ୍ଥିତ ଥିଲେ। ଜୁନାଗଡ଼ର ବିଭିନ୍ନ ଗାଁକୁ ଏହି ପଦଯାତ୍ରା ଯାଇଥିଲା।

### ନର୍ଲା ପିଡବ୍ଲ୍ୟୁଡି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଠପ୍

**ରୁପ୍ରାରୋଡ୍,୧୩।୧୦(ସଞ୍ଜୀବ ଦାସ)**

କଳାହାଣ୍ଡି ଜିଲ୍ଲା ନର୍ଲା ଚାରିଛକ୍‌ଠାରୁ ନର୍ଲା ସହର ଦେଇ ପ୍ରାଣୀ ଚିକିତ୍ସା କେନ୍ଦ୍ର ନର୍ଲା ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଜଳ ନିଷ୍କାସନ ନାଳ ଓ ପ୍ରଶସ୍ତୀକରଣ ଏବଂ ଉନ୍ନତି ସାଧନ କାର୍ଯ୍ୟ ଠପ୍ ହୋଇଛି। ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାର ୨୦୨୧-୨୨ ଆର୍ଥିକ ବର୍ଷରେ ପାଖାପାଖି ୬.୬୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପୂର୍ତ୍ତ ବିଭାଗ ପକ୍ଷରୁ ମଞ୍ଜୁର ହୋଇଛି। ଏଭଳିକି ଉକ୍ତ କାର୍ଯ୍ୟ ପାଇଁ ୨ବର୍ଷ ତଳେ ବିଧାୟକ ଭୂପିନ୍ଦର ସିଂ ସେହି ସମୟରେ କାର୍ଯ୍ୟର ଶିଳାନ୍ୟାସ କରି ରାସ୍ତା କାର୍ଯ୍ୟ ଖୁବ୍‌ଶୀଘ୍ର କରାଯିବ ବୋଲି ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଖୋଦ୍ ନର୍ଲା ନିର୍ବାଚନ ମଣ୍ଡଳୀର ବିକାଶ ମୂଳକ ପ୍ରଶସ୍ତିକରଣ କାର୍ଯ୍ୟ ଦୀର୍ଘ ଦୁଇବର୍ଷ ଧରି ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଥିବାରୁ ଅଞ୍ଚଳରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ କାମ ହେବା ତ ଦୂରର କଥା ସଂପୃକ୍ତ ଠିକା ସଂସ୍ଥାର ଦେଖା ମିଳୁନାହିଁ। ପାନୀୟ ଜଳ ଓ ପରିମଳ ବିଭାଗ ରାସ୍ତାକଡ଼ରେ ଥିବା ପାଇପମାନ ଖୋଳି ଦେଇ ଏଣେତେଣେ ଛିନ୍ନଛତ୍ର ଭାବେ ରଖିଛନ୍ତି। ବସ୍ତି ମଧ୍ୟରେ ବଡ଼ବଡ଼ ଖାଲ ହୋଇଥିବାରୁ ଲୋକମାନେ ଯାତାୟାତରେ ସମସ୍ୟାରେ ହେଉଥିବା ଅଭିଯୋଗ ହୋଇଛି। ଏପରିସ୍ଥଳେ ଅଞ୍ଚଳବାସୀ ନର୍ଲା ବ୍ଲକ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ତାଙ୍କର ନିରବତା ଓ ନିଷ୍କ୍ରିୟତାକୁ ଦାୟୀ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ୭ ଦିନ ମଧ୍ୟରେ ପୂର୍ତ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ କାର୍ଯ୍ୟର ତ୍ୱରାନ୍ୱିତ ନ କଲେ ନର୍ଲା ପ୍ରେସ ଆସୋସିଏଶନ୍ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଘ ନିଷ୍ପତ୍ତି ନେଇଛି।

# ବିନା ନାମଫଳକରେ ପ୍ରଧାନମନ୍ତ୍ରୀ ରାସ୍ତା କାମ

**ନୂଆପଡ଼ା,୧୩।୧୦(ମକାରୁ ବେମାଲ)**

- ରାସ୍ତା କାମ ଅତିନିମ୍ନମାନର ଅଭିଯୋଗ
- ପୁରୁଣା ଓ ଭଙ୍ଗା ହ୍ୟୁମ୍ ପାଇପ ଲଗାଯାଇଛି


ରାସ୍ତା କାମରେ ଲଗାଯାଇଥିବା ପୁରୁଣା ପୋଲ।

କେନ୍ଦ୍ର ତଥା ରାଜ୍ୟ ସରକାର ଲୋକଙ୍କ ଗମନା ଗମନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି କଚାରାସ୍ତା ପକ୍କା କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ରାସ୍ତା କାମ ଅତିନିମ୍ନମାନର କରାଯାଉଛି ବୋଲି ଅଭିଯୋଗ ହେଉଛି। ନୂଆପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଦର୍ଲିପଡା ପଞ୍ଚାୟତ ବିଜୁ ଏକ୍ସପ୍ରେସ ୱେଠାରୁ କୋଦୋଭଟା ଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ କାର୍ଯ୍ୟ ଚାଲିଛି। ରାସ୍ତାରେ ମାଟି ପକାଇ ମୋରୁମ ଦେଇ ନ ଥିବାରୁ ଅଳ୍ପ ବର୍ଷା ହେଲେ ରାସ୍ତାରେ ଚାଲି ହେଉ ନାହିଁ। ଏହି ରାସ୍ତାରେ ଯେଉଁ କଲଭର୍ଟ ମାନ ନିର୍ମାଣ ହେଉଛି। ପୁରୁଣା ଓ ଭଙ୍ଗା ହ୍ୟୁମ୍ ପାଇପ ଲଗାଇ କାର୍ଯ୍ୟ ନିମ୍ନମାନର କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ରାସ୍ତା କାର୍ଯ୍ୟରେ ନାମ ଫଳକ ନ ଥିବାରୁ କେତେ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ହେଉଛି। କେବେ ଆରମ୍ଭ ହୋଇ କେବେ ଶେଷ ହେବ ଲୋକେ ଜାଣି ପାରୁନାହାନ୍ତି। ଯେଉଁ ମାଟି କାମ ହୋଇଛି। ଭଲ ଭାବେ ସମାନ ମଧ୍ୟ କରାଯାଇନାହିଁ। ସାଇକେଲ କିମ୍ବା ଯାନବାହାନ ଯିବା ଦୁର କଥା ଖାଲି ପାଦରେ ଚାଲି ଯାଇ ହେଉନାହିଁ। କୌଣସି ଲୋକ ରୋଗ ବେମାର ହେଲେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆମ୍ବୁଲାନ୍ସ କିମ୍ବା କୌଣସି ବଡ ଗାଡି ଯାଉ ନ ଥିବାରୁ ଲୋକେ ରୋଗୀଙ୍କୁ ବୋହି ନେବାକୁ ପଡୁଛି। ବିଭାଗୀୟ ଅଧିକାରୀ ଓ ଠିକାଦାରମାନଙ୍କ ଅବହେଳା ଯୋଗୁ ରାସ୍ତା କାମ ବିଳମ୍ବ ହୋଇ ଲୋକେ ଅସୁବିଧା ଭୋଗୁଛନ୍ତି। ଉପାନ୍ତ ଅଞ୍ଚଳ ବୋଲି ବୋଲି କୌଣସି ଅଧିକାରୀଙ୍କ ନଜର ନାହିଁ ବୋଲି ଠିକାଦାର ନିଜ ମନମୁଖୀ କାର୍ଯ୍ୟ କରି ଚାଲିଛନ୍ତି। ରାସ୍ତା କାର୍ଯ୍ୟ ଶୀଘ୍ର ନିର୍ମାଣ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଯେଉଁ ପୁରୁଣା ପୋଲ ସବୁ ଲାଗିଛି, ବାହାର କରି ନୂତନ ପୋଲ ସବୁ ଲଗାଯିବ ଓ କାମ ଶୀଘ୍ର ଶେଷ କରିବା ପାଇଁ ଠିକାଦାରଙ୍କ ସହ କଥା ହେବୁ ବୋଲି କହିଥିଲେ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ



କନ୍ୟାସନ୍ତାନ ଦିବସରେ ଯୋଗଦେଇଥିବା ଅତିଥିଗଣ।

**ଭବାନୀପାଟଣା,୧୩।୧୦(ଉତ୍ତମ କୁମାର ଦାଶ)**

ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସମଗ୍ର ଶିକ୍ଷା କଳାହାଣ୍ଡି ପକ୍ଷରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଉଦ୍‌ଘାଟନ କରିଥିଲେ। ଜିଲାର ୧୩ଟି ବ୍ଲକରୁ ପ୍ରଥମ ହୋଇ ଆସିଥିବା ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳିକାମାନେ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା କରିବା, ସେମାନଙ୍କ ସଶକ୍ତିକରଣ ଓ ମାନବିକ ଅଧିକାର ସୁନିଶ୍ଚିତ କରିବା ଏହାର ମୁଖ୍ୟ ପ୍ରସଙ୍ଗ ଥିଲା। ଉଦ୍‌ଯାପନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ମୁଖ୍ୟଅତିଥି ଓ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନନ୍ଦା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା ବାଳିକା ଶିକ୍ଷା ସଂଯୋଜିକା ଲିପିକା ଅପରାଜିତା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଚହକା ଉଚ୍ଚ ବିଦ୍ୟାଳୟ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଡୁଲାପଡ଼ା ଓ ବେହେରାର ଛାତ୍ରୀମାନେ ନାରୀ ସଶକ୍ତିକରଣ ଉପରେ ନୃତ୍ୟ ପରିବେଷଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ସରିଆଁ ସିଆରସିସି ସୁଧୀର କୁମାର ଧଙ୍ଗଡ଼ାମାଝି ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ସଞ୍ଜୀବ କୁମାର ପାଢ଼ୀ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଯୋଜକ ବୀରେନ୍ଦ୍ର ଆଚାର୍ଯ୍ୟ, ବୋର୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ, ଆକାଉଣ୍ଟାଣ୍ଟ ସଞ୍ଜିତ ସାହୁ ତଥା ବିଦ୍ୟାଳୟ କର୍ମଚାରୀମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଜିଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ରାଲି ତଥା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଥୁଆପଦର ହାଇସ୍କୁଲର ସଫଳତା



କୃତୀ ଛାତ୍ରୀଙ୍କ ସହ ଶିକ୍ଷୟିତ୍ରୀ ଓ ଅତିଥି ଗଣ।

**ଭବାନୀପାଟଣା,୧୩।୧୦(ଉତ୍ତମ କୁମାର ଦାଶ)**

### ରାଜ୍ୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

ରାଜ୍ୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା-୨୦୨୩ ଭୁବନେଶ୍ୱର ୟୁନିଟ-୬ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା ସଦର ବ୍ଲକ ଅନ୍ତର୍ଗତ ଥୁଆପଦର ହାଇସ୍କୁଲ ଛାତ୍ରୀମାନଙ୍କ ନୃତ୍ୟ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସ୍ଥାନୀୟ ହାଇସ୍କୁଲର ଶିକ୍ଷୟିତ୍ରୀ ଦୀପ୍ତିମୟୀ ସିଂହଙ୍କ ତ୍ୱାବଧାନରେ ଏକ ଦଳ ଜିଲାସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ହୋଇ ରାଜ୍ୟସ୍ତରକୁ ଉନ୍ନୀତ ହୋଇଥିଲେ। ରାଜ୍ୟସ୍ତରରେ 'ପୁଅ ଝିଅ ସବୁ ସମାନ' ବିଷୟ ଭିତ୍ତିକ ନୃତ୍ୟ କରି ସମସ୍ତଙ୍କ ପ୍ରିୟଭାଜନ ହେବା ସହିତ ତୃତୀୟ ସ୍ଥାନ ଲାଭ କରିଥିଲେ। ଏଥିରେ ଛାତ୍ରୀ ଭାରତୀ ବାଗ, ଭାଗ୍ୟଶ୍ରୀ ରଣା, ଅଙ୍କିତା ଧଙ୍ଗଡାମାଝି, ସୀମା ଜାନୀ, ତୃପ୍ତି ହରିଜନ ଓ ସନ୍ତୋଷିନୀ ତାଣ୍ଡି ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ସମସ୍ତ ଛାତ୍ରୀମାନଙ୍କୁ ଶୁଭକାମନା ଜ୍ଞାପନା କରିଥିଲା। କେବଳ ସେତିକି ନୁହେଁ, କୋରାପୁଟଠାରେ ଅନୁଷ୍ଠିତ ଜୋନାଲ୍‌ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ମଧ ଛାତ୍ରୀମାନେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଏଥିରେ ସମସ୍ତ ଶିକ୍ଷକ ଗିରିଜା ଶଙ୍କର ସାହୁ, ବିରଞ୍ଚି ତାଣ୍ଡି, ମୃତ୍ୟୁଞ୍ଜୟ ପତି, ଶିବଦତ୍ତ ପଣ୍ଡା, ଧୁନତିସା ରଞ୍ଜନ ମାଝି, ବିଭୁତି ପ୍ରଧାନ, ନରେନ୍ଦ୍ର କୁମଝରିଆ, ଉମାକାନ୍ତ ପାଣିଗ୍ରାହୀ, ତପନ ସାହୁ, କେଶବ ପ୍ରଧାନ ଓ ଶିକ୍ଷୟିତ୍ରୀ ସୌଦାମିନୀ ବନଗୋଲା ତଥା ଦିଗାମ୍ବର ଭୋଇଙ୍କର ସହଯୋଗ ରହିଛି। ଏଥିପାଇଁ ଶିକ୍ଷାପ୍ରେମୀ ମହଲରୁ ବିଦ୍ୟାଳୟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

### ନାତିକୁ ବର୍ଚ୍ଛାରେ ଭୁସି ହତ୍ୟା ଘଟଣାରେ ଜେଜେବାପା ଗିରଫ

**ନୂଆପଡ଼ା,୧୩।୧୦(ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ଥାନା କ୍ରିଷ୍ଣା ଗାଁରେ ଗୁରୁବାର ପାରିବାରିକ କଳହରୁ ନାତି ଦୁଷ୍ମନ୍ତ ହଂସ(୨୫)କୁ ବର୍ଚ୍ଛାରେ ଭୁସି ଜେଜେବାପା ଯଦୁମଣି ହଂସ(୬୪) ହତ୍ୟା କରିଥିଲେ। ଏହି ଘଟଣାର ପୋଲିସ ଜେଜେବାପା ଯଦୁମଣିଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗୁରୁବାର ସକାଳେ ଯଦୁମଣି ତାଙ୍କ ନାତିବୋହୁଙ୍କୁ ଖରାପ ଭାଷାରେ ମାଲିଗୋଲଜ କରିଥିଲେ। ଦୁଷ୍ମନ୍ତ ଅନ୍ୟ ଗାଁକୁ ବାପା ସହ କାଠ ମିସ୍ତ୍ରୀ କାମରେ ଯାଇଥିଲେ। ସନ୍ଧ୍ୟାରେ ଦୁଷ୍ମନ୍ତ ଘରକୁ ଫେରିଥିଲେ। ରାତି ୯ଟାରେ ଦୁଷ୍ମନ୍ତ ଓ ସ୍ତ୍ରୀ ମୁକ୍ତା ରାତ୍ରି ଭୋଜନ କରିଥିଲେ। ଏହି ସମୟରେ ଯଦୁମଣୀ ନାତିବୋହୁଙ୍କୁ ଅସଭ୍ୟ ଭାଷାରେ ଗାଳିଗୋଲଜ କରିଥିବା ସବୁ କଥା ସ୍ୱାମୀ ଦୁଷ୍ମନ୍ତଙ୍କୁ କହିଥିଲେ। ରାତି ପ୍ରାୟ ସାଢେ ୯ଟାରେ ଦୁଷ୍ମନ୍ତ ଯାଇ ଜେଜେବାପାଙ୍କୁ ତାଙ୍କ ସ୍ତ୍ରୀଙ୍କୁ କାହିଁକି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ପଚାରିଥିଲେ। ସେଠାରେ ଜେଜେବାପା ଓ ନାତିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଜେଜେବାପା ଉତ୍ତ୍ୟକ୍ତ ହୋଇ ଘର ଭିତରରୁ ଏକ ବର୍ଚ୍ଛା (ଧାରୁଆ ଅସ୍ତ୍ର) ଆଣି ହଠାତ ନାତି ଦୁଷ୍ମନ୍ତଙ୍କ ଛାତିରେ ଭୁସି ଦେଇଥିଲେ। ଏହାକୁ ଦୁଷ୍ମନ୍ତଙ୍କ ମା' ଯଶୋଦନ୍ତୀ ହଂସ (୪୫) ପ୍ରତିବାଦ କରିବାରୁ ତାଙ୍କୁ ମଧ ବର୍ଚ୍ଛାରେ ଆକ୍ରମଣ କରିଥିଲେ। ପରିବାର ଲୋକେ ମା' ଓ ପୁଅଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୋମନା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଦୁଷ୍ମନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରାତି ପ୍ରାୟ ୧୦ଟାରେ କୋମନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଜେଜେବାପା କାବୁ କରିବା ସହ ବର୍ଚ୍ଛା ଜବତ କରିଥିଲା। ମୃତକଙ୍କ ମା' ଯଶୋବନ୍ତ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

# ମିଶନ ଶକ୍ତି ମୋ ସେବା କେନ୍ଦ୍ର ଉଦ୍‌ଘାଟିତ


ମିଶନ ଶକ୍ତି ମୋ ସେବା କେନ୍ଦ୍ର ଉଦଘାଟନ କରାଯାଉଛି।

**ନୂଆପଡ଼ା,୧୩।୧୦(ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡଠାରେ ମିଶନ ଶକ୍ତି ମୋ ସେବା କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟା ଉମା ଠାକୁର, ଅବନୀ ରଞ୍ଜନ ଯୋଶୀ, ମିଶନ ଶକ୍ତି ଜିଲା ପରିଚାଳକ ବିଶ୍ୱ ରଞ୍ଜନ ମିଶ୍ର, ଡିପିସି ରାମ ତାଣ୍ଡି, ବିଏଲଏଫ ମୁଖ୍ୟ ରତ୍ନକାନ୍ତି ଦେବଗୁରୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ଯୋଜନା ମୋ ସେବା କେନ୍ଦ୍ର ମାଧ୍ୟମରେ ଲୋକେ ସେବା ପାଇ ପାରିବେ। ଆଧାର କାର୍ଡ ସଂଶୋଧନ, ପାନ କାର୍ଡ, କାଳିଆ ଯୋଜନା, ପିଏମ କିଷାନ, ବାର୍ଦ୍ଧକ୍ୟ ଭତ୍ତା, ରାଶନ କାର୍ଡ, ଟଙ୍କା ଲେଣଦେଣ ଇତ୍ୟାଦି ଏହି ସେବା କେନ୍ଦ୍ରରେ ଲୋକେ ଲାଭ ଉଠାଇ ପାରିବେ। ମୋ ସେବା କେନ୍ଦ୍ର ପରିଚାଳକ ଗାୟତ୍ରୀ ଅହିର, ମା' ସରସ୍ୱତି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ସଭାନେତ୍ରୀ ଚିତ୍ରଲେଖା ଅହିର, ସମ୍ପାଦିକା ଦିପେଶ୍ୱରୀ ଭୋଇ, ମିଥିଳା ସେଠୀ, ମନିକା ସେଠୀ, ରୋଜି ସେଠୀ, ସିତା ମହରା, ବଲ୍ଲଭି ଭୋଇ,ସିତାସିନି ଭୋଇ, ଏମବିକେ ପ୍ରିନ୍ସି ବଘେଲ, ସିଆରପି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସେବାଶ୍ରମ ପ୍ରଧାନ ଶିକ୍ଷକଙ୍କ ପଦୋନ୍ନତି ହେଉନି

**ଖଡ଼ିଆଳ,୧୩।୧୦(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନ ସେବାଶ୍ରମ ଆଶ୍ରମ ବିଦ୍ୟାଳୟରେ ଦୀର୍ଘ ୮ ବର୍ଷ ହେଲା ସ୍ନାତକ ତାଲିମପ୍ରାପ୍ତ (ବିଇଡି) ପ୍ରଧାନ ଶିକ୍ଷକ ପଦବୀ ଗୋଟିଏ ଓ ଯୁକ୍ତ୨ ସିଟି ପ୍ରଧାନ ସେବକ ପଦବୀ ୬ଟି ଖାଲି ପଡ଼ିଛି। ପ୍ରଶାସନ ପକ୍ଷରୁ ପଦୋନ୍ନତି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପ୍ରକାଶ ଥାଉ କି ଯେ ଗଜପତି ଜିଲାରେ ୯ଜଣ ଓ କୋରାପୁଟ ଜିଲାରେ ୨ଜଣ ପ୍ରଧାନ ସେବକ ପଦୋନ୍ନତି ହୋଇଛି। କିନ୍ତୁ ନୂଆପଡା ଜିଲାରେ କେତେଜଣ ନିର୍ଦ୍ଦିଷ୍ଟ କନିଷ୍ଠ ଶିକ୍ଷକଙ୍କୁ ବର୍ଷବର୍ଷ ଧରି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥଇଥାନ କରିବା ପାଇଁ ସମସ୍ତ ସରକାରୀ ନିର୍ଦ୍ଦେଶନାମାକୁ ଅବମାନନା କରି ପ୍ରଧାନ ସେବକ ପଦୋନ୍ନତି ଦିଆଯାଇନାହିଁ। କନିଷ୍ଠ ଶିକ୍ଷକଙ୍କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ପାଇଁ ବର୍ଷକୁ ୪ ଥର ବଦଳି ଆଦେଶ ହୋଇଛି। ଜିଲାରେ ୪ଜଣ ସ୍ନାତକ ତାଲିମପ୍ରାପ୍ତ (ବିଇଡି) ପ୍ରଧାନ ଶିକ୍ଷକଙ୍କୁ ସେବାଶ୍ରମ ବିଦ୍ୟାଳୟ ପ୍ରଧାନ ସେବକ ପଦବୀରେ ଅବସ୍ଥାପିତ କରାଯାଇ କନିଷ୍ଠ ଶିକ୍ଷକମାନଙ୍କୁ ଆଶ୍ରମ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦବୀରେ ଅବସ୍ଥାପିତ କରାଯାଉଛି। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବାରମ୍ବାର ଅଭିଯୋଗ ପରେ ମଧ ଜିଲା ମଙ୍ଗଳ କାର୍ଯ୍ୟାଳୟ ଚୁପ୍ ହୋଇ ରହିଛି। ଏଥିପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ମିଲେଟ୍ସ ମିଶନ କର୍ମଶାଳା

**କର୍ଲାମୁଣ୍ଡା,୧୩।୧୦(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଆତ୍ମା କାର୍ଯ୍ୟାଳୟଠାରେ ଶୁକ୍ରବାର ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ଅନ୍ତର୍ଜାତୀୟ ମିଲେଟ୍ସ ବର୍ଷ ପାଳନ ନିମନ୍ତେ ବ୍ଲକସ୍ତରୀୟ ପଞ୍ଚାୟତ ପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ମିଲେଟ୍ସ ମିଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା କୁନି ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ସୁରେନ୍ଦ୍ର ଭୋଇ, ଓଡ଼ିଶା ମିଲେଟ୍ସ ମିଶନ କଳାହାଣ୍ଡି ଜିଲା ଡିପିସି ଜୀତୁ ନାଏକ, ଏଡିପିସି ସୌମ୍ୟ ରଞ୍ଜନ ମିଶ୍ର, କର୍ଲାମୁଣ୍ଡା ଏଏଓ କୁମାର ଚିରଞ୍ଜିବି, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସରପଞ୍ଚ ସଂଘ ସଭାପତି ତଥା ସ. ମାଲପଡା ସରପଞ୍ଚ ବରୁଣ ଛତ୍ରିଆ, ସମିତି ସଭ୍ୟ ଗୋଲାପ ଶଙ୍କର ସାହୁ, ରିଞ୍ଜା ସରପଞ୍ଚ ପଞ୍ଚାନନ ବାଗ, ଚିଖିଡା ସରପଞ୍ଚ ସେବତୀ ରଣା, ତେରେସିଙ୍ଗା ପ୍ରମୋଦ ସୁନା, ରାଜପୁର ସରପଞ୍ଚ କୋଶଲ୍ୟ ରଣ, ମୃତ୍ତିକା ସରକ୍ଷନ ବିଭାଗରୁ ବିଜୟ କୁମାର ମିଶ୍ର, ମିଶନଶକ୍ତି ବିପିସି ବିପିନ ବାରିକ, ଓଏଲଏମ ବିପିଏମ ଲଳିତ ବିଶି, ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ଦାଶ, ବିପିସି ଜଗଦୀଶ ପ୍ରସାଦ ରଣା ପ୍ରମୁଖ ଯୋଗଦେଇ ମିଲେଟ୍ସର ଉପାଦେୟତା ଓ ବିଶ୍ୱସ୍ତରରେ ଏହାର ଚାହିଦା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଟିଏମ ଶ୍ୟାମ ପଦ ଭଞ୍ଜ, ଓଁମପ୍ରକାଶ ମିଶ୍ର, ସିଆରସି ଜୀବର୍ଦ୍ଧନ ସାହୁ, ବାଲ୍ମୀକି ଛତ୍ରୀଆ, ଧୁରାବନ ବାଗ, କମଳ ସୁନା, ଭାନୁମତି ପ୍ରଧାନ, ଏବିପିସି ପ୍ରଦୀପ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।



କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଉଦ୍‌ବୋଧନ ଦେଇଛନ୍ତି।

# ଫରସରାକୁ ହରାଇ ବୋଡ଼େନ ଚାମ୍ପିୟନ

**ଖଡ଼ିଆଳ,୧୩।୧୦(ସୁଜିତ୍ କୁମାର ପ୍ରଧାନ)**


ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

### ଫୁଟ୍‌ବଲ ମହାକୁମ୍ଭ ୨୦୨୩ ଉଦ୍‌ଯାପିତ

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଗତ ୨୫ ତାରିଖଠାରୁ ଚାଲିଥିବା ଫୁଟବଲ ମହାକୁମ୍ଭ ପ୍ରଥମ ସଂସ୍କରଣ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ବୋଡ଼େନ ଦଳ ଫରସରା ଦଳକୁ ୨-୦ ଗୋଲରେ ହରାଇ ଫୁଟବଲ ମହାକୁମ୍ଭର ପ୍ରଥମ ସଂସ୍କରଣ ଚାମ୍ପିୟନ ହୋଇଛି। ଚାମ୍ପିୟନ ବୋଡ଼େନ ଦଳକୁ ନଗଦ ୫୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର ଅପ୍ ଫରସରା ଦଳକୁ ନଗଦ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ କେସିଏସଏ ସଭାପତି ତଥା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସ ମୁଖ୍ୟଅତିଥି, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ବିଶିଷ୍ଟ ଅତିଥି ଏବଂ ଦିଗପହଣ୍ଡି ବିଧାୟକ ରମେଶ ଜେନା, ରାଜଗାଙ୍ଗପୁର ବିଧାୟକ ଡ଼. ରାଜିନ ଏକ୍କା, ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ଓର୍ଗାନାଇଜ ସେକ୍ରେଟାରୀ ଛବି ସାଗର, ସଂଯୋଜକ ଜିତେନ୍ଦ୍ର ନାଥ ପଟ୍ଟନାୟକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ଖଡ଼ିଆଳ ନିର୍ବାଚନମଣ୍ଡଳୀ ଫୁଟବଲ ଖେଳର ଏକ୍ସୁଡ଼ିଶାଳ ରୂପେ ପରିଗଣିତ ହୋଇ ଫୁଟବଲ ହବ ରୂପେ ଭାରତ ବର୍ଷରେ ପରିଚିତ ହେବ। ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ଖେଳାଳିମାନେ ଯାଇ ଜାତୀୟ ଏବଂ ଅନ୍ତଜାତୀୟସ୍ତରରେ ପ୍ରତିନିଧିତ୍ୱ କରିବେ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ବୋଡ଼େନ, ସିନାପାଲି ଏବଂ ଖଡ଼ିଆଳ ବ୍ଲକ ୬୮ଟି ପଞ୍ଚାୟତ ସହ ଖଡ଼ିଆଳ ଏନଏସି ୨ଟି ଟିମ ମହାକୁମ୍ଭରେ ସାମିଲ ହୋଇ ସଫଳ କରିଥିବାରୁ ସମସ୍ତ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର ସହ ସମସ୍ତ ସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଉକ୍ତ ମହାକୁମ୍ଭକୁ ଗିନିଜ ବୁକରେ ସାମିଲ କରିବା ସହ ଆଗାମୀ ଦିନରେ ସୁନ୍ଦରଗଡ଼ର ରାଇରଙ୍ଗପୁର ଯେପରି ହକିହବ ରୂପେ ପରିଚିତ ଖଡ଼ିଆଳ ନିର୍ବାଚନ ମଣ୍ଡଳୀକୁ ଫୁଟବଲର ହବ କରିବା ଦିଗରେ ଯଥା ସମ୍ଭବ ଉଦ୍ୟମ କରାଯିବ ବୋଲି ଖଡ଼ିଆଳ ବିଧାୟକ ମତବ୍ୟକ୍ତ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୂର୍ବତନ ଫୁଟବଲ ଖେଳାଳି ଜଗବନ୍ଧୁ ବାରିକ, ମନଶୁର ଖାନ, ଅନିଲ ନାୟକ, ଉପେନ୍ଦ୍ର ମୁଣ୍ଡ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱଜିତ ପାଢ଼ୀ ଏବଂ ସୁନୀଲ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କେସିଏସଏ ପକ୍ଷରୁ ମହାକୁମ୍ଭକୁ ସଫଳ କରିବାରେ ସତପାଲ ସିଂ ଛାବଡ଼ା, ଫିରୋଜ ଖାନ, ସନ୍ତୁ ପଟ୍ଟନାୟକ, ସବ୍ୟସାଚି ପାଢ଼ୀ, ସୁଶାନ୍ତ ତାଣ୍ଡି, ସତ୍ୟ ତାଣ୍ଡି, ଆଦିତ୍ୟ ମହାପାତ୍ର, ସୁଧୀର ପଟ୍ଟନାୟକ, ଗିରିଧାରୀ ବିଭାର, ବିନୋଦ ଦୁରିଆ, ପବନ ତ୍ରିବେଦୀ, ତନ୍ମୟ ବାଗ, ଅମିତାଭ ପଟେଲ, ପାର୍ଥବ ଜଗତ, ଟୁନା ଦୁର୍ଗା, ରୁପେଶ ଛତ୍ରିଆ, ସାନ ଜଗତ, ବଡ଼ ଜଗତଙ୍କ ସମେତ ସମସ୍ତ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ । ପ୍ରକାଶ ପାତ୍ର, ଧନଞ୍ଜୟ ମଲ୍ଲିକ, ଭୀମରାଜ ତାଣ୍ଡି, ପ୍ରମୁଖ ଧରାବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତି

**ବରଗଡ଼, ୧୩।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ ଜିଲା ଅମ୍ବାଭୋନା ବ୍ଲକ ଝରାପାଲି ଗ୍ରାମରେ ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବାଙ୍ଗନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଭୋଇ ଉପସ୍ଥିତ ଥିଲେ। ମନୋହର ସାହୁ ସଭା ପରିଚାଳନା କରିଥିଲେ। ବୈଠକରେ ଚଳିତବର୍ଷର ସଭାପତିଭାବେ ମନବୋଧ ଭୋଇ, ଉପସଭାପତିଭାବେ ମନୋହର ସାହୁଙ୍କୁ ମନୋନୀତ କରାଯାଇଥିଲା। ଦେବେନ୍ଦ୍ର ଭୋଇ ପୁଣି ସମ୍ପାଦକଭାବେ ମନୋନୀତ ହୋଇଥିବାବେଳେ ନିରାକାର ବାରିକ ସହସମ୍ପାଦକ, ଦିପ୍ତେଶ୍ୱର ପଟେଲ ଏବଂ ତ୍ରାହିକର ସାହୁ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। ଶାନ୍ତି କମିଟି ସଂଯୋଜକଭାବେ ପାର୍ଥିବ ଭୋଇଙ୍କୁ ମନୋନୀତ କରାଯାଇଥିଲା। ୧୦ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ସେ କାର୍ଯ୍ୟ ତୁଲାଇବେ ବୋଲି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ହେମସାଗର ଭୋଇ, କାର୍ତ୍ତିକ ସାହୁ, ଗୋପାଳ ପଟେଲଙ୍କୁ ପ୍ରସାଦ ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଥିଲା। ବିଘ୍ନେଶ୍ୱର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

### ଦୁର୍ଘଟଣା ଆହତଙ୍କୁ ଚିକିତ୍ସା କରାଇଲେ ସମାଜସେବୀ

**ପାଇକମାଲ, ୧୩।୧୦(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ବସ୍ତିର ଏକ ହୋଟେଲ ପାଖରେ ଶୁକ୍ରବାର ସାଇକେଲ ଓ ବାଇକ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ ଓ ସାଇକେଲ ଆରୋହୀ ଆହତ ହୋଇ ରାସ୍ତାକଡ଼ରେ ପଡ଼ିଥିଲେ। ଖବର ପାଇ ସାମାଜିକ କର୍ମୀ ବଡ଼ ଶତପଥୀ, ମୁଜାଫର ହୁସେନ, ସୁରଜ ଭୋଇ ଓ ନୀତିଶ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉଭୟ ଆହତଙ୍କୁ ଏକ ଟେମ୍ପୋରେ ସ୍ଥାନୀୟ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ଆହତ ବାଇକ ଆରୋହୀ ହେଲେ ରାଉରକେଲା ନିବାସୀ ତାପସ କୁମାର ଦତ୍ତ (୪୮) ଏବଂ ସାଇକେଲ ଆରୋହୀ ହେଲେ ପାଇକମାଲ ବ୍ଲକ ମହାରାଣୀପୁର ଗ୍ରାମର ସୁବୋଧ ତାଣ୍ଡି (୫୮)। ଉଭୟଙ୍କ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିବା ପରେ ଆହତଙ୍କୁ ହସ୍ତାନ୍ତର କରାଯାଇଥିଲା। ସ୍ୱେଚ୍ଛାସେବୀଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

### ଅଞ୍ଚଳ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା

**ପଦ୍ମପୁର, ୧୩।୧୦(ପ୍ରଦୀପ୍ତ ଦାଶ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡ. ଲଳିତେନ୍ଦୁ ନାୟକଙ୍କ ସଭାପତିତ୍ୱରେ ଅର୍ଥନୀତି ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ. ବିରଞ୍ଚି ସାହୁ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟାପକ ପ୍ରମୋଦ ପାଣଗ୍ରାହୀ, ଶୁଶ୍ରୁତ ହୋତା, ଲଲାଟେନ୍ଦୁ ପ୍ରଧାନ ଶୃଙ୍ଖଳିତ ଭାବେ ବିଦ୍ୟା ଅଧ୍ୟୟନ କରି ନିଜ କ୍ୟାରିୟର ଗଢିବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ମିଷ୍ଟର ଫ୍ରେସ ଭାବେ ଉମେଶ ସାହୁ ଓ ମିସ୍ ଫ୍ରେସ ଭାବେ ପ୍ରିୟଙ୍କା ନାଏକଙ୍କୁ ଚୟନ କରାଯାଇଥିଲା। ତନୁଜା, ବର୍ଷା, ସୁଜାତା, ରାକ୍ଷୀ, ଶିବମ, ଅଙ୍କିତା, ମାନବ ପ୍ରମୁଖ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଅନ୍ତିମ ବର୍ଷ ଛାତ୍ରୀ ତନୁଜା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନୁଦାନ ଥାଇ କାମ ନ ହେବା ଦୁର୍ଭାଗ୍ୟଜନକ

**ବଲାଙ୍ଗୀର ଜିଲା ଯୋଜନା କମିଟି ବୈଠକ**

**ବଲାଙ୍ଗୀର, ୧୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)**



ଜିଲା ଯୋଜନା କମିଟି ବୈଠକରେ ମଞ୍ଚାସୀନ ଜନପ୍ରତିନିଧି, ଅଧିକାରୀ ଓ ସଦସ୍ୟ।

ବଲାଙ୍ଗୀର ଜିଲା ଯୋଜନା କମିଟି ବୈଠକ ସ୍ଥାନୀୟ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ କମିଟି ଅଧ୍ୟକ୍ଷ ତଥା ପାଟଣାଗଡ ବିଧାୟକ ସରୋଜ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ଲୋକ ସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂଙ୍କ ସହ କମିଟି ସଦସ୍ୟ ଓ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଜିଲାର ଦାଦନ ଶ୍ରମିକ ସମସ୍ୟା, କୃଷି, ଗ୍ରାମ୍ୟ ଉନ୍ନୟନ, ଶିଳ୍ପ ପ୍ରତିଷ୍ଠା, ସ୍ୱତନ୍ତ୍ର ଯୋଜନା, ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ଜିଲାରେ ୨୦୨୨-୨୩ ବର୍ଷ ପାଇଁ ବିଭିନ୍ନ କ୍ଷେତ୍ର ନିମନ୍ତେ ପ୍ରସ୍ତାବିତ ବାର୍ଷିକ ଯୋଜନା ବୈଠକରେ ଅନୁମୋଦନ କରାଯାଇଥିଲା। ୨୦୨୨-୨୩ ବର୍ଷରେ ବିଜୁ କେବିକେ ଯୋଜନା ଜିଲା ସେକ୍ଟର କାର୍ଯ୍ୟ ଖସଡା ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା ହୋଇ ଅନୁମୋଦନ କରାଯାଇଥିଲା। ବୈଠକରେ ଉପସ୍ଥିତ ଜନପ୍ରତିନିଧିମାନେ ଜିଲାର ବିକାଶ ତ୍ୱରାନ୍ୱିତ କରିବା ଉପରେ ଜୋର ଦେଇଥିଲେ। ବିଭିନ୍ନ ବ୍ଲକ୍‌ରେ ଯୋଜନା ଅନୁମୋଦନକୁ ଏକ ବର୍ଷରୁ ଊର୍ଦ୍ଧ୍ୱ ହେଲା ପଡିରହିଥିଲେ ମଧ୍ୟ କାର୍ଯ୍ୟାରମ୍ଭ ନ ହେବା ନେଇ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବିଧାୟକ ମିଶ୍ର କହିଥିଲେ ଯେ, ଜିଲାର ବିକାଶ ପାଇଁ ଏହି କମିଟି ବୈଠକରେ ଯାହା କିଛି ନିଷ୍ପତ୍ତି ହୋଇଛି ସେସବୁର କୌଣସି ସୁଫଳ ବାହାରୁ ନାହିଁ, ତାହା ଆଲୋଚନା ଓ କାଗଜପତ୍ରରେ ସିମିତ ରହିଯାଉଛି । ତେଣୁ ଏହି ବୈଠକ ଜିଲାର ବିକାଶରେ ସହାୟକ ହେବା ପରିବର୍ତ୍ତେ ଜିଲାବାସୀଙ୍କୁ ଓଲଟା ଫଳ ଦେଉଛି ବୋଲି କହିଥିଲେ। ଏମ୍‌ପି ସିଂଦେଓ ଗାଁରେ ପାନୀୟ ଜଳ ପ୍ରକଳ୍ପକୁ ନେଇ ହୋଇଥିବା ଦୁର୍ନୀତି ଉପରେ କଡା ମନ୍ତବ୍ୟ ଦେଇଥିଲେ। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଲୋକଙ୍କ ପାଇଁ ଅନୁଦାନ ଥାଇ କାମ ନ ହେବା ପରିତାପର ବିଷୟ ବୋଲି କହିଥିଲେ। କଣ୍ଟାବାଞ୍ଜି ବିଧାୟକ ସାଲୁଜା ପମ୍ପୁ ତାଲାବ ସହ ଜିଲାର ବିକାଶ ଏବଂ ଲୋଇସିଂହା ବିଧାୟକ ଡ ମହାଲିଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗର ଅପାରଗତା ବିଷୟରେ କହିଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ, ଜଳସେଚନ ବିଭାଗ ଉପରେ କଡା ସମାଲୋଚନା କରାଯାଇଥିଲା। ଜିଲା ପ୍ରଶାସନ ସବୁ ଦିଗରୁ ବିକାଶ ମୂଳକ କାର୍ଯ୍ୟକୁ ପ୍ରାଧାନ୍ୟ ଦିଅନ୍ତୁ ବୋଲି ଜନପ୍ରତିନିଧିମାନେ ଜୋର ଦେଇଥିଲେ।

### ପି.କେ.ଏ ଗ୍ରୁପ୍‌ର କ୍ୟାମ୍ପସ ଡ୍ରାଇଭ

**ବରଗଡ଼, ୧୩।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ (ପି.କେ.ଏ) ଗ୍ରୁପ ଅଫ ଇନଷ୍ଟିଚ୍ୟୁଟରେ ରାମଟେକ୍ ସଫ୍ଟୱେର ସଲ୍ୟୁଶନ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱର ଶିଳ୍ପାନୁଷ୍ଠାନ ପକ୍ଷରୁ କ୍ୟାମ୍ପସ ଡ୍ରାଇଭ ଅନୁଷ୍ଠିତ ହୋଇଛି। ଏଥିରେ ଶିକ୍ଷାନୁଷ୍ଠାନ ସମୂହର ଡିଗ୍ରୀ, ଡିପ୍ଲୋମା ଇଞ୍ଜିନିୟରିଂ କଲେଜର ସିଭିଲ, ଇଲେକ୍ଟ୍ରିକାଲ, ମେକାନିକାଲ ବିଭାଗର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉକ୍ତ କ୍ୟାମ୍ପସ ଡ୍ରାଇଭ ପାଇଁ ଶିଳ୍ପାନୁଷ୍ଠାନ ପକ୍ଷରୁ ଆସିଥିବା ପ୍ରତିନିଧି ମ୍ୟାନେଜର (ଆଡ୍‌ମିନିଷ୍ଟ୍ରେଶନ) ସନ୍ଦୀପ କୁମାର ଜେନା, ଇଂ. କୃଷ୍ଣଚନ୍ଦ୍ର ସାହୁ ଛାତ୍ରୀଛାତ୍ରଙ୍କୁ କମ୍ପାନୀ ବିଷୟରେ ବିବରଣୀ ପ୍ରଦାନ କରିବା ସହିତ ଲିଖିତ ସାକ୍ଷାତ୍‌କାର କରି ଚୟନ କରିଥିଲେ। ପି.କେ.ଏ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ସମ୍ପାଦକ ଡ. ତରୁଣ କୁମାର ଷଡ଼ଙ୍ଗୀ ଶିଳ୍ପାନୁଷ୍ଠାନର ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ। ପ୍ଲେସମେଣ୍ଟ ଅଫିସର ଡ. ଶେକ୍ ଆବେଦ ହୁସେନ ଓ ଡିଗ୍ରୀ ଇଞ୍ଜିନିୟରିଂର ଅଧ୍ୟକ୍ଷ ଡ. ଭରତ ଭୂଷଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେଡିର ନୂଆଁଖାଇ ଭେଟ୍‌ଘାଟ, ବନ୍ଧୁମିଳନ



ଭେଟ୍‌ଘାଟ ଅବସରରେ ବିଜେଡି ନେତୃବୃନ୍ଦ।

**ବରପାଲି, ୧୩।୧୦( ଚିତ୍ତରଞ୍ଜନ ସାହୁ )**

ବରଗଡ ଜିଲା ବରପାଲି ବ୍ଲକ ଗୋପାଇପାଲି ଗ୍ରାମ ଖେଳପଡ଼ିଆରେ ବିଜେଡିର ବ୍ଲକସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ ଓ ବନ୍ଧୁମିଳନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୂଆଁଖାଇର ବିଶେଷତ୍ୱ ଓ ଏହି ପର୍ବ କିପରି ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖେ ସେ ସମ୍ପର୍କରେ ଦଳୀୟ ନେତୃବୃନ୍ଦ ଆଲୋଚନା କରିଥିଲେ। ବିଜୁ ଜନତା ଦଳ ମାଧ୍ୟମରେ କିପରି ଲୋକଙ୍କର ଆହୁରି ଅଧିକରୁ ଅଧିକ ଉନ୍ନତି କରି ହେବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କଦଳୀପାଲି ଶିବ ମନ୍ଦିରରୁ ଆରମ୍ଭ କରି ଗୋପାଇପାଲି ଖେଳ ପଡିଆ ପର୍ଯ୍ୟନ୍ତ ଏକ ବାଇକ ରାଲିର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ଜିଲା ବିଜେଡି ସଭାପତି ପ୍ରଭାସ ସିଂହ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର, ଯୁବନେତା ସୁବ୍ରତ ସିଂ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଏପିକଲ ଚ୍ୟାରମେନ ପ୍ରଭାତ ଆଦିତ୍ୟ ମିଶ୍ର, ବିଜେପୁର ଏନଏସି ଚେୟାରମ୍ୟାନ ସୀତା ବାରିକ, ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ଲିମିଟେଡ଼ ଉପସଭାପତି ବିରୋସନ ସାହୁ, ଓଡ଼ିଶା ମୋ ପରିବାର ବରଗଡ଼ ଜିଲା ସଂଯୋଜକ ଗୌରହରି ମିଶ୍ର, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ଗତିକୃଷ୍ଣ ମିଶ୍ର, ବରିଷ୍ଠ ବିଜେଡ଼ି ନେତା ଲାଲବିକ୍ରମ ସିଂଦେଓ, ବରପାଲି ପାକ୍ସ ସଭାପତି ଗୁରୁ ମେହେର, ବିଜୁ ଯୁବ ଜନତାଦଳ ବରଗଡ଼ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଛାତ୍ର ଜନତା ଦଳ ଜିଲା ସଭାପତି କରନ ସିକନ୍ଦର, ବିଜୁ ମହିଳା ଦଳ ସମ୍ପାଦକ ସକୁନ୍ତଳା ମହାପାତ୍ର, ବରପାଲି ବ୍ଲକ ସରପଞ୍ଚ ସଂଘ ସଭାପତି ଅଧିକାରୀ ବାରିକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।

### ନିରାପଦ ସ୍ଥାନାନ୍ତର, ଶିଶୁ ଚାଲାଣ ପ୍ରତିକାର ସଚେତନତା କାର୍ଯ୍ୟକ୍ରମ

**ପଦ୍ମପୁର, ୧୩।୧୦(ପ୍ରଦୀପ୍ତ ଦାଶ)**

ବରଗଡ ଜିଲା ପ୍ରଶାସନ, ପଦ୍ମପୁର ପୋଲିସ, ଶ୍ରମ ବିଭାଗ ଓ ୟୁନିସେଫ୍‌ର ମିଳିତ ସଂଯୋଜନାରେ ନିରାପଦ ସ୍ଥାନାନ୍ତର ଓ ଶିଶୁ ଚାଲାଣ ପ୍ରତିକାର ସଚେତନତା କାର୍ଯ୍ୟକ୍ରମ କନସିଂହା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ କୁମାର ବଣିଆ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଚାରପାଲି ସରପଞ୍ଚ କ୍ଷିରାବ୍ଧୀ ପ୍ରଧାନ ମୁଖ୍ୟ ଅତିଥି, ରାଜ୍ୟ ସଂଯୋଜକ ସରୋଜ କୁମାର ବାରିକ, ଜିଲା ସଂଯୋଜକ ତରଣୀସେନ ପୃଷେଠ, ଲମ୍ବରଜୁନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ ପୁଞ୍ଜି , ମହୁଲପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ରଣା, ଆଇସିଡିଏସ୍ ସୁପରଭାଇଜର ତିଲୋତ୍ତମା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରତ୍ନାକର ଶତପଥି ସଭା ପରିଚାଳନା କରିଥିବା ବେଳେ ଅଙ୍ଗନୱାଡି କର୍ମୀ ବୃନ୍ଦାବତୀ ଭୁଏ, ରୀନା ବରିହା, ସ୍ୱାଗତିକା ପଧାନ, ଲିଲିମା ମାଝୀ, ଟିକେଶ୍ୱରୀ ସାହୁ, ଗୀତାଞ୍ଜଳି ବରିହା, ମିନତୀ ରଣାଙ୍କ ସମେତ ସମସ୍ତ ଆଶା କର୍ମୀ, ୱାର୍ଡ ସଭ୍ୟାସଭ୍ୟ, ପଦ୍ମପୁର ପୋଲିସ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ଉପଦେଷ୍ଟାଙ୍କ ବରଗଡ଼ ଗସ୍ତ



ମିଶନ ଶକ୍ତି ଉପଦେଷ୍ଟାଙ୍କ ଗହଣରେ ମିଶନ ଶକ୍ତି ସଦସ୍ୟାବୃନ୍ଦ।

**ବରଗଡ଼, ୧୩।୧୦(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟା ଡ. ଲୋପାମୁଦ୍ରା ବକ୍ସିପାତ୍ର ଗୁରୁବାର ବରଗଡ଼ ଗସ୍ତରେ ଆସିଥିଲେ। ସେ ତାଙ୍କ ଏହି ଗସ୍ତ ସମୟରେ ବରଗଡ଼ ବ୍ଲକ ଅଫିସ ପରିସରରେ ରହିଥିବା ମିଶନ ଶକ୍ତି କାଫେ ପରିଦର୍ଶନ କରିଥିଲେ। ସେହିପରି ଅତାବିରା, ଭେଡ଼େନ ବ୍ଲକ ପରିଦର୍ଶନ କରି ମିଶନ ଶକ୍ତି କର୍ମକର୍ତ୍ତା, ସଭ୍ୟାଙ୍କ ସହିତ ଆଲୋଚନା କରିଥିଲେ। ମିଶନ ଶକ୍ତି ପାଇଁ ରାଜ୍ୟ ସରକାର କରିଥିବା ବିଭିନ୍ନ ଯୋଜନା ଏବଂ ସେହି ଯୋଜନାଗୁଡ଼ିକର ସଫଳ ରୂପାୟନ ଉପରେ ବକ୍ସିପାତ୍ର ଗୁରୁତ୍ୱାରୋପ କରିଥିଲେ।

## ଡୁମାଲ ସମାଜର ଗାଁକୁ ଯୋଡ଼ କାର୍ଯ୍ୟକ୍ରମ



ଡୁମାଲ ସମାଜ ବୈଠକରେ ଉପସ୍ଥିତ ଜାତିଭାଇ ଓ କର୍ମକର୍ତ୍ତା।

**ବରପାଲି, ୧୩।୧୦( ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ମହଦା କେନ୍ଦ୍ର ତରଫରୁ ଡୁମାଲ ସମାଜର ଗାଁକୁ ଯୋଡ ଅଭିଯାନର ସାଙ୍ଗଠନିକ ବୈଠକ ମହଦା ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସୁରୁବାବୁ ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଡୁମାଲ ପରିଷଦ ସଭାପତି ଦୟାସାଗର ମେଣ୍ଡଲୀ ମୁଖ୍ୟ ଅତିଥି, ବରଗଡ଼ ଜିଲା ଡୁମାଲ ପରିଷଦ ସଭାପତି ଗଣେଶ ପ୍ରଧାନ ଓ ସରଳା କେନ୍ଦ୍ର ସଭାପତି କରମଚାନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହଦା କେନ୍ଦ୍ର କମିଟି ପୁନଃଗଠନ କରାଯାଇଥିଲା। ଏଥିରେ ପରମାନନ୍ଦ ସିଂ ସଭାପତି, ଉପେନ୍ଦ୍ର କ୍ଷେତି ଓ ମାଗି ପାତ୍ର ଉପସଭାପତି, ନାରାୟଣ ପ୍ରଧାନ ସମ୍ପାଦକ, ସରୋଜ ମେଣ୍ଡଲୀ ସହ ସମ୍ପାଦକ, ଘନଶ୍ୟାମ ପ୍ରଧାନ କୋଷାଧ୍ୟକ୍ଷ, ଉପଦେଷ୍ଟା କମିଟିରେ ଜିବର୍ଦ୍ଧନ ପ୍ରଧାନ, ସୁରୁବାବୁ ମହାକୁର, କାର୍ତ୍ତିକ ମହାକୁର ଓ ସୁନାତନ ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଏଥି ସହିତ ମହଦା କେନ୍ଦ୍ର ଅନ୍ତର୍ଗତ ୧୩ଖଣ୍ଡ ଗାଁରେ ଡୁମାଲ ସମାଜର ଗ୍ରାମ୍ୟ କମିଟି ଗଠନ କରାଗଲା ଓ ଗାଁକୁ ଯୋଡ ଅଭିଯାନର ସଫଳ ରୂପାୟନ କରାଗଲା। ଶେଷରେ ପରମାନନ୍ଦ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ଶିକ୍ଷାକୃତି ତାଲିମ ଶିବିର

**ବରଗଡ଼, ୧୩।୧୦(ପ୍ରେମାନନ୍ଦ ଖମାରୀ)**




ତାଲିମ ଶିବିରରେ ଶିକ୍ଷା ଅଧିକାରୀ ଏବଂ ଅନ୍ୟମାନେ ।

ବରଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ରେ ଏକଦିବସୀ ବ୍ଲକସ୍ତରୀୟ ରାଜ୍ୟ ଶିକ୍ଷାକୃତି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷା ସସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ପ୍ରଶିକ୍ଷକ ରମେଶ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିବିରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନା ଏବଂ ଶିକ୍ଷାକୃତି ସର୍ବେକ୍ଷଣ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକରେ ନୂତନ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଭାବେ ଯୋଗଦେଇଥିବା ଭାବନା ସାହୁ, ମିଶ୍ରାଣି କୁମ୍ଭାର, ଲୋକନାଥ ଭୋଇ, ଶୁଭମ କୁମାର ପତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଗନ ବେହେରା, ବରୁଣ କୁମ୍ଭକାର, ବେଣୁଧର ବରିହା, ରୀନାରାଣୀ ଭୋଇ ପ୍ରମୁଖ ପ୍ରଶିକ୍ଷକଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଶିକ୍ଷକ ଜନକ ସେଟ୍ ଧନ୍ୟବାଦ ଅର୍ପଣ କରିଥିଲେ ।

### ୧୮୪ଲିଟର ମଦ ଜବତ, ୫ଗିରଫ

**ପାଟଣାଗଡ଼ ୧୩।୧୦(ପ୍ରହ୍ଲାଦ ପାଢୀ)**

ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡ ଅଞ୍ଚଳରେ ଶୁକ୍ରବାର ପାଟଣାଗଡ଼, ଖପ୍ରାଖୋଲ ଓ ସମ୍ବଲପୁର ଅବକାରୀ ବିଭାଗ ମିଳିତ ଭାବେ ଚଢାଉ କରି ୧୮୪ ଲିଟର ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଛି । ସମ୍ବଲପୁର ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଧନଞ୍ଜୟ ପାତ୍ରଙ୍କ ତତ୍ତ୍ୱାବଧାନରେ ପାଟଣାଗଡ଼ ଅବକାରୀ ଅଧିକାରୀ ସତ୍ୟ ବେହେରା, ଖପ୍ରାଖୋଲ ଅବକାରୀ ଅଧିକାରୀ ଅଲେଖ ପୁଟେଲଙ୍କ ନେତୃତ୍ୱରେ ଚଢାଉ କରିଥିଲେ।

## ବିଜ୍ଞାନ ମେଳାରେ ୪୦ ପ୍ରକଳ୍ପ

**ବରଗଡ଼, ୧୩।୧୦(ପ୍ରେମାନନ୍ଦ ଖମାରୀ)**

ଭାରତୀୟ ଶିକ୍ଷା ବିକାଶ ସଂସ୍ଥା ଦ୍ୱାରା ସହବନ୍ଧିତ ବରଗଡ଼ ଜିଲା ଅତାବିରା ବ୍ଲକ ଦୁଲମପୁର(ସତ୍ୟ ଏକାଡ଼େମୀ)ସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଶିଶୁ ମନ୍ଦିରର ୪୦ଜଣ ଶିଶୁ ବୈଜ୍ଞାନିକ ଭାଗ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଟ୍ୱିଙ୍କିଲ ଛନ୍ଦ, ଅନିକେତ ସିଂ, ହେମସାଗର ବିଶ୍ୱାଳ, ପୁଷ୍ପାଞ୍ଜଳି ଛନ୍ଦ, ପ୍ରମୁଖ ଏଥିରେ କୃତିତ୍ୱ ଅର୍ଜନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବେଣୁଧର ଛନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉକ୍ତ ଶିକ୍ଷାନୁଷ୍ଠାନର ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜନକଲ୍ୟାଣ ସେବା ଟ୍ରଷ୍ଟ ପ୍ରତିଷ୍ଠାତା ମୁକୁନ୍ଦ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ଲକ୍ଷ୍ମୀରାଣୀ ନନ୍ଦ, ରଞ୍ଜନ ନାଗ, କିଚକ ସୁନା, ଲରମ୍ଭା କଲେଜର ଅଧ୍ୟାପକ ପବିତ୍ର ମାହାଣା, ଡୁମେରପାଲି ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ବେଣୁଧର ସାହୁ, ନାରାୟଣ ଗଣିତ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ସେମିରେ ସମ୍ବଲପୁର, ବିଶାଖାପାଟନା

**ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟ**

**ପଦ୍ମପୁର, ୧୩।୧୦(ପ୍ରଦୀପ୍ତ ଦାଶ)**



ଅତିଥିଙ୍କ ଗହଣରେ ଖେଳାଳିମାନେ।

ପଦ୍ମପୁର ଆଥ୍‌ଲେଟିକ ଆସୋସିଏଶନ ତରଫରୁ ପ୍ରଥମ ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ଦିନରେ ସମ୍ବଲପୁର ଓ ବଲାଙ୍ଗୀର ଏବଂ ବିଶାଖାପାଟଣା ଓ ଅନୁଗୁଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ସମ୍ବଲପୁର ଦଳ ୨ଟି ଗୋଲରେ ବଲାଙ୍ଗୀରକୁ ହରାଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ବିଶାଖାପାଟଣା ଦଳ ଅନୁଗୁଳ ଦଳକୁ ପେନାଲଟିରେ ହରାଇ ଉଭୟ ସେମିଫାଇନାଲକୁ ପ୍ରବେଶ କରିଥିଲେ। ସଚ୍ଚିଦାନନ୍ଦ ବହିଦାର, ବିଦେଶୀ ସାହୁ, ଚନ୍ଦ୍ରମଣି ସାହୁ, ହରେକୃଷ୍ଣ ମେହେର, ନରେଶ ବାରିକ, ନରୋତ୍ତମ ପ୍ରଧାନ, ପ୍ରଦୀପ ପତ୍ର, ଜୟପଲ ଭୋଇ, ଭବାନୀ ମାଝୀ ଖେଳ ପରିଚାଳନା କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଅତିଥି ଭାବେ ନାଗରିକ କମିଟି ସଭାପତି ରାମଚନ୍ଦ୍ର ତ୍ରିପାଠୀ, ଅମରଦୀପ ଅଗ୍ରୱାଲ, ଖବରଦାତା ରତ୍ନମଣି ଶତପଥି, ପ୍ରଦୀପ୍ତ କିଶୋର ଦାଶ, ଅଶ୍ୱିନୀ ଧରୁଆ, କିରୋଟି ସାହୁ, ଆଥ୍‌ଲେଟିକ ଆସୋସିଏଶନ ଉପସଭାପତି ନନ୍ଦ କିଶୋର ମାଝୀ, ସମ୍ପାଦକ ଶିରୀଶ କୁମାର ବହିଦାର, ସଦସ୍ୟ ଗୋବିନ୍ଦ ଅଗ୍ରୱାଲ, ନିରୋଜ ଦୋରା, ଧନମାଳୀ ସାହୁ, ଲାଲବିହାରୀ ମିଶ୍ର, ନୀଳମାଧବ ଦୋରା, ଅଶ୍ୱିନୀ ପାଣିଗ୍ରାହୀ, ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଅତିଥି ଭାବେ ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ବିଜୟ କୁମାର ସାହୁ, ନୀଳ ଦୀପ, ସୋମେଶ ମହାନ୍ତି, ଆଦର୍ଶ ନାଥ, ସୁଶାନ୍ତ ପ୍ରଧାନ ଯୋଗ ଦେଇଥିଲେ।




## ସଂକ୍ଷେପରେ

### ପାରସ୍ପରିକ ଶିକ୍ଷା କର୍ମଶାଳା

ରାଉରକେଲା,୧୩।୧୦(ବିପ୍ଳବ ରଞ୍ଜନ ଦାଶ): ଦେଶର ବିଭିନ୍ନ ଇସ୍ପାତ କାରଖାନା ବୃତ୍ତିଧାରୀଙ୍କୁ ନେଇ ଆର୍‌ଏସ୍‌ପିର ଏଚଆରଡି କେନ୍ଦ୍ରରେ ପାରସ୍ପରିକ ଜ୍ଞାନ ଓ ଦକ୍ଷତାର ସହଭାଗିତା ଶୀର୍ଷକ ପାରସ୍ପରିକ ଶିକ୍ଷା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ୪୦ଜଣ ବୃତ୍ତିଧାରୀ ଅଂଶଗ୍ରହଣ କରିଥିଲେ। କର୍ମଶାଳାର ମୁଖ୍ୟ ସନ୍ଦର୍ଭରେ କାର୍ବନ ଉଦଯାପନୀ ଅଧିବେଶନରେ ଆରଏସପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ. ଆର. ସୂର୍ଯ୍ୟବଂଶୀ ଅଧ୍ୟକ୍ଷତା କରି ବୃତ୍ତିଧାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଏଚଆରଡି ବିଭାଗର ସିଜିଏମ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ, ବିଦ୍ୟୁତ ଓ ଶକ୍ତି ବିଭାଗର ସିଜିଏମ ଇନଚାର୍ଜ ସୁନୀଲ ଏସ. କାର୍ଥା, ଅଟୋମେଶନ ଓ ଇନଷ୍ଟ୍ରୁମେଣ୍ଟେଶନ ବିଭାଗର ଏସ. ପାଲ ଚୌଧୁରୀ, ସିଓସିସି ବିଭାଗର ସିଜିଏମ ଦୁଲାରାମ ବେହେରାଙ୍କ ସମେତ ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଓ କର୍ମଶାଳା କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ମାଳ ମାଳ ଯୋଜନାକୁ କର୍ମଚାରୀ ଅଭାବ

**ପାନପୋଷ ଉପଖଣ୍ଡ ଉଦ୍ୟାନ ବିଭାଗ**

ରାଉରକେଲା,୧୩।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ପାନପୋଷ ଉପଖଣ୍ଡ ଉଦ୍ୟାନ ବିଭାଗ ଅଧୀନ କାର୍ଯ୍ୟାଳୟ ଗୁଡିକରେ ବିଭିନ୍ନ ପଦବୀ ଖାଲି ପଡିଛି। ଏହିସବୁ ପଦବୀ ଦୀର୍ଘବର୍ଷ ଧରି ପୂରଣ କରାଯାଉନାହିଁ। ଅନ୍ୟପକ୍ଷେ ଏହି ବିଭାଗରେ ସରକାରଙ୍କ ମାଳ ମାଳ ଯୋଜନା କାର୍ଯ୍ୟକାରୀ ହେଉଛି। କର୍ମଚାରୀ ଅଭାବ ଯୋଗୁ ସେହି ଯୋଜନା କାର୍ଯ୍ୟକାରିତାରେ ସମସ୍ୟା ହେଉଛି। ଫଳରେ ଯୋଜନାର ସୁଫଳ ଉଦ୍ୟାନ ଚାଷୀଙ୍କ ନିକଟରେ ପହଞ୍ଚିପାରୁନାହିଁ।

ପାନପୋଷ ଉପଖଣ୍ଡ ଉଦ୍ୟାନ ବିଭାଗ ଅଧୀନରେ ନୂଆଁଗା, ଲାଠିକଟା, କୁଆଁରମୁଣ୍ଡା ଏବଂ ବିଶ୍ରା ଆଦି ସହକାରୀ ଉଦ୍ୟାନ ବିଭାଗ ରହିଛି। ଉକ୍ତ ବିଭାଗ ପାଖାପାଖି ୫ହଜାରରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଉଦ୍ୟାନ ଚାଷୀଙ୍କୁ ନେଇ ବାର୍ଷିକ ଖସଡା ପ୍ରସ୍ତୁତ କରୁଛି। ସ୍ଥାନୀୟ ଚାଷୀମାନେ ସମୁଦାୟ ଅଞ୍ଚଳର ପ୍ରାୟ ୧ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଧାନ ସହ ଉଦ୍ୟାନ ଚାଷ କରନ୍ତି। ସେମାନେ ଜମି ହିଡ, ଶୁଖିଲା ଜମି ଏବଂ ଘର ବଗିଚାରେ ମହୁ, ଛତୁ, ଲଙ୍କା, ଲେମ୍ବୁ, ଆମ୍ବ, ପିଜୁଳି, ପଣସ ସହିତ ବିଭିନ୍ନ ପରିବା ଚାଷ କରିଥାନ୍ତି। ଅନ୍ୟପଟେ ସରକାରଙ୍କ ପକ୍ଷରୁ ଉଦ୍ୟାନ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଏମ୍‌ଆଇଡିଏଚ୍, ରାଜ୍ୟ ସରକାରଙ୍କ ଇନପୁଟ ସବସିଡି ଯୋଜନା, କ୍ରପ୍ ପେସିଫିକ୍ସ ଓ ନ୍ୟୁଟ୍ରାଇଡ ଆଦି ଯୋଜନାରେ ପ୍ରତିବର୍ଷ ବିପୁଳ ଅର୍ଥ ବ୍ୟୟବରାଦ ହେଉଛି। ଉଦ୍ୟାନ ଚାଷୀ ଅମଳ କରୁଥିବା ତଟକା ପନିପରିବା ସଂରକ୍ଷଣ ପାଇଁ ରାଉରକେଲାରେ ୪ ବୃହତ ଶୀତଳ ଭଣ୍ଡାରରୁ ଗୋଟିଏ ନିର୍ମାଣ ହୋଇ ସାରିଛି। ୩ଟିର ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ମାତ୍ର ଏତେସତ୍ତ୍ୱେ ମଧ୍ୟ ଉଦ୍ୟାନ ଚାଷୀଙ୍କ ନିକଟକୁ ସରକାରୀ ଯୋଜନାର ଲାଭ ପହଞ୍ଚିପାରୁନାହିଁ। ଏହାର ପ୍ରମୁଖ କାରଣ ହେଲା ରାଉରକେଲା ପାନପୋଷ ଉଦ୍ୟାନ ଉପଖଣ୍ଡ ଓ ୪ଟି ସହକାରୀ ଉଦ୍ୟାନ ବିଭାଗରେ ଦିନକୁ ଦିନ ଅଧିକାରୀ ଓ କର୍ମଚାରୀଙ୍କ ଘୋର ଅଭାବ। କର୍ମଚାରୀ ଅଭାବ ଯୋଗୁ ବିଭାଗୀୟ କାର୍ଯ୍ୟ ସମ୍ପାଦନ ହୋଇପାରୁନାହିଁ। ମାଳ ମାଳ ସରକାରୀ ଯୋଜନା ଉଦ୍ୟାନ ଚାଷୀଙ୍କ ପାଖକୁ ପହଞ୍ଚିପାରୁନି।

ସୂଚନା ଅନୁସାରେ, ନୂଆଗାଁ, କୁଆଁରମୁଣ୍ଡା, ବିଶ୍ରା ଓ ଲାଠିକଟାରେ ସହକାରୀ ଉଦ୍ୟାନ କାର୍ଯ୍ୟାଳୟରେ ଜଣେ ଲେଖାଏଁ ଅଧିକାରୀ ରହିବା କଥା। ମାତ୍ର ଦୀର୍ଘ ବର୍ଷ ହେଲା ଜଣେ ଉଦ୍ୟାନ ଅଧିକାରୀଙ୍କ ଭରସାରେ ସମୁଦାୟ ଉଦ୍ୟାନ କାର୍ଯ୍ୟାଳୟ ଚାଲିଛି। ସେହିପରି ରାଉରକେଲା ଉଦ୍ୟାନ ବିଭାଗ ଉପଖଣ୍ଡ ଅଫିସରେ ୱାଚମ୍ୟାନ, ଗାର୍ଡେନର ଆଦି ପଦବୀ ଖାଲି ପଡିଛି। ଅନ୍ୟପକ୍ଷେ ଜଣେ ଉଦ୍ୟାନ ନିର୍ଦ୍ଦେଶକ, ୩ ଏଚ୍‌ଓ, ୩ ଓଭରସିୟର, ଜଣେ ଏଚ୍‌ଇଡବ୍ଲ୍ୟୁ ଏବଂ ଜଣେ ଜୁନିୟର ଆସିଷ୍ଟାଟ ଦ୍ୱାରା କାର୍ଯ୍ୟ ଚାଲିଛି। ଚାଷୀଙ୍କୁ ଆଧୁନିକ ଜ୍ଞାନକୌଶଳ ପ୍ରଦାନ ପାଇଁ ଜଣେ ସୁଦ୍ଧା ଡେମନ୍‌ଷ୍ଟ୍ରେଶନ ଆସିଷ୍ଟାଣ୍ଟ ଏବଂ ଟେକ୍ନିକାଲ ଆସିଷ୍ଟାଣ୍ଟ ନାହାନ୍ତି। ଏ ନେଇ ପାନପୋଷ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଦୁଷ୍ମନ୍ତ ବେହେରାଙ୍କୁ ପଚାରିବାରୁ ସେ କହିଲେ, ବିଭାଗରେ ବହୁ ପଦ ପଦବୀ ଦୀର୍ଘବର୍ଷରୁ ଖାଲି ପଡିଛି। ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଅଧିକାରୀ ଓ କର୍ମଚାରୀ ଅଭାବ ରହିଛି। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର କରାଯାଇଥିବା ବେହେରା କହିଛନ୍ତି।

# ପଶ୍ଚିମ ଓଡ଼ିଶାର ପ୍ରମୁଖ ତୀର୍ଥସ୍ଥଳୀ ସାଜିବ ବେଦବ୍ୟାସ ପୀଠ

**ମଞ୍ଜୁର ହେଲା ୧୪ କୋଟି ୫୦ ଲକ୍ଷ ଟଙ୍କା**

ରାଉରକେଲା,୧୩।୧୦(ଦିନେଶ ମିଶ୍ର)

ପଶ୍ଚିମ ଓଡିଶାର ପ୍ରମୁଖ ତୀର୍ଥସ୍ଥଳୀ ସାଜିବ ରାଉରକେଲାର ବେଦବ୍ୟାସ ପୀଠ। ଏହି ପୀଠର ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୪ କୋଟି ୫୦ ଲକ୍ଷ ଟଙ୍କା ଅର୍ଥରାଶି ମଞ୍ଜୁର ହୋଇଛି। ଏହା ପୂର୍ବରୁ ଗତ ଜାନୁଆରୀ ୧୪ ତାରିଖରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ରାଉରକେଲା ଗସ୍ତରେ ଆସି ଉକ୍ତ ପୀଠ ବୁଲି ଦେଖିଥିଲେ। ବେଦବ୍ୟାସ ପୀଠରେ ଥିବା ରାଧେଶ୍ୟାମ ମନ୍ଦିର, ଜଗନ୍ନାଥ ମନ୍ଦିର, ବାଲୁଙ୍କେଶ୍ୱର ପୀଠ ଓ ଅନ୍ୟାନ୍ୟ ମନ୍ଦିରର ଉନ୍ନତୀକରଣ କରିବା ଲାଗି ସଚିବ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବେଦବ୍ୟାସ ପୀଠରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏକ କୃତ୍ରିମ ଝରଣା ସାଙ୍ଗକୁ ବ୍ୟାସଦେବ ମୁନିଙ୍କ ନାମରେ ଆଧ୍ୟାତ୍ମିକ ଚେତନା ଶକ୍ତି ପାର୍କ ନିର୍ମାଣ କରିବା ଯୋଜନା ଉପରେ ସୂଚନା ଦେଇଥିଲେ। ବର୍ତ୍ତମାନ ଏହି ପୀଠର ଉନ୍ନତୀକରଣ କାମ ଚାଲିଥିବାବେଳେ ମଞ୍ଜୁର ହୋଇଥିବା ଅର୍ଥରାଶି ପାଇଁ ବେଦବ୍ୟାସ ଟ୍ରଷ୍ଟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ମଞ୍ଜୁର ଅର୍ଥରେ ବେଦବ୍ୟାସ ପୀଠର ପ୍ରବେଶ ପଥରେ ହେରିଟେଜ୍ ଗେଟ୍, ଭକ୍ତଙ୍କ ପାଇଁ ଅତ୍ୟାଧୁନିକ ପ୍ରେକ୍ଷାଳୟ, ବାଥ୍ ରୁମ୍, ପ୍ରସାଦ ପ୍ରସ୍ତୁତି ଗୃହ ନିର୍ମାଣ ସାଙ୍ଗକୁ ପୀଠର ଆନୁଷଙ୍ଗିକ ଉନ୍ନତି କରାଯିବ ବୋଲି ରାଉରକେଲା ପୂର୍ତ୍ତ ବିଭାଗ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ ସୂଚନା ଦେଇଛନ୍ତି।

# ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଉଜାଗର କରେ ସୁରଭି

ରାଉରକେଲା,୧୩।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ରିଜର୍ଭ ପୋଲିସ ଲାଇନ ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଆରପିଏଲ କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି ମହୋତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ସସ୍ମିତା ମହାପାତ୍ର କାର୍ଯ୍ୟକ୍ରମର ସଂରଚନା କରିଥିଲେ। ଏଥିରେ ୧୩ ସ୍କୁଲର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଜଣାଅଜଣା, ବକ୍ତୃତା, ସଙ୍ଗୀତ, ରଚନା, ଶ୍ରୁତିଲିଖନ, ନୃତ୍ୟ, ଶିଳ୍ପକଳା, ସାମୂହିକ ଅଭିନୟ ଓ ମିଲେଟ ପ୍ରତିଯୋଗିତାରେ ଭାଗ ନେଇ ନିଜ ଲୁକ୍କାୟିତ ପ୍ରତିଭାର ପ୍ରଦର୍ଶନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ବେଣୁଧର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଉଜାଗର କରିବାର ଏକମାତ୍ର ମାଧ୍ୟମ ଶିଶୁ ସୁରଭି କାର୍ଯ୍ୟକ୍ରମ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସ୍କୁଲ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନେଇ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଉପାଦେୟତା ବିଷୟରେ ସେ କହିଥିଲେ। ଉଦଯାପନୀ ସମାରୋହରେ ରାଉରକେଲା ସ୍ୱତନ୍ତ୍ର ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ପିଲାଦିନ ହେଉଛି ବାସ୍ତବିକ ପ୍ରତ୍ୟେକ ବ୍ୟକ୍ତିବିଶେଷ ପାଇଁ ଅମୂଲ୍ୟ। ଏହି ସମୟର ସଦୁପଯୋଗ କଲେ ନିଶ୍ଚିତ ଭାବେ ସମାଜରେ ଏକ ଦକ୍ଷଶୀଳ ବ୍ୟକ୍ତି ଭାବେ ଛିଡା ହେବାକୁ ସାମର୍ଥ୍ୟ ଓ ଶକ୍ତି ମିଳିବ ବୋଲି ମୁଣ୍ଡା କହିଥିଲେ। ପ୍ରାକ୍ତନ ଏବିଇଓ ପ୍ରଫୁଲ୍ଲ ଜେନା, କୃପାସିନ୍ଧୁ ପତି, ଡ. ସନାତନ ପ୍ରଧାନ, କୁଞ୍ଜ ବିହାରୀ ରାଉତ, ପ୍ରଫେସର ସୁଜାତା ପ୍ରଧାନ, ବିଶ୍ରା ଏବିଇଓ ସତ୍ୟଭାମା ବେହେରା ଓ ଶିକ୍ଷାବିତ୍ ରାଜକୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ଦୀପକ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରେ ବିବେକାନନ୍ଦ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଶ୍ମିତ କୁମାର ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁଶ୍ରୀ ସରୋଜିନୀ ଜେନା ନୃତ୍ୟ ପରିବେଷଣ କରିଥିଲେ। ୧୩ଟି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ତୁଲାଇଥିଲେ ।



ପିଲାମାନେ ଶ୍ରୁତଲିଖନ ପ୍ରତିଯୋଗୀତାରେ ଭାଗ ନେଇଛନ୍ତି।

# ‘ପ୍ରାଥମିକ ଶିକ୍ଷାରେ ଅବ୍ୟବସ୍ଥା ଯୋଗୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର’




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

ରାଉରକେଲା,୧୩।୧୦(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ଆମ୍ ଆଦ୍‌ମୀ ପାର୍ଟି କାର୍ଯ୍ୟାଳୟରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଦଳର ଜିଲା ଆବାହକ ବିନୟ ତିୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡିଶା ସରକାରଙ୍କ ପ୍ରାଥମିକ ଶିକ୍ଷାରେ ଅବ୍ୟବସ୍ଥା ଯୋଗୁ ଛାତ୍ରୀଛାତ୍ରଙ୍କ ଜୀବନ ଅନ୍ଧାରରେ ଥିବା ଆବାହକ ତିୱାରୀ ଅଭିଯୋଗ କରିଛନ୍ତି । କିଛି ଦିନ ତଳେ ତିୱାରୀଙ୍କ ନେତୃତ୍ୱରେ ୱାର୍ଡ ନଂ-୧୨ ସଭାପତି ସନ୍ତୋଷ ଜେନା, ଛୋଟୁ ବଡାଇକ ପ୍ରମୁଖ ରାଉରକେଲାର କେତୋଟି ସରକାରୀ ସ୍କୁଲ ପରିଦର୍ଶନ କରିବା ବେଳେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟବସ୍ଥା ଅତି ଦୟନୀୟ ଥିବା ଦେଖିବାକୁ ପାଇଥିଲେ। ଏହି ବିଦ୍ୟାଳୟଗୁଡିକର ଗୋଟିଏ କୋଠରୀରେ ୫ଟି ଶ୍ରେଣୀର ପିଲା ତଳେ ବସି ପାଠ ପଢୁଥିଲେ। ଏକାଧିକ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ଆଗାମୀ ଦିନରେ ପ୍ରାଥମିକ ସ୍କୁଲରେ ପାଠ ପଢ଼ାଇବା ପାଇଁ ଉତ୍ତମ ବ୍ୟବସ୍ଥା କରା ନ ଗଲେ ଦଳ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ତିୱାରୀ ଚେତାବନୀ ଦେଇଥିଲେ। ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀ ଅଧ୍ୟକ୍ଷ ସନ୍ତୋଷ ବେହେରା, ରମାକାନ୍ତ ନାୟକ, ଦଲବୀର ସିଂ,ଭରତ ବାଇ, ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ଓପନ ସ୍କୁଲ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାଉରକେଲା,୧୩।୧୦(ବିପ୍ଳବ ରଞ୍ଜନ ଦାଶ)

ବିଜୁ ପଟ୍ଟନାୟକ ହକି ଷ୍ଟାଡୟମଠାରେ ଆର୍‌ଏସ୍‌ପି କ୍ରୀଡ଼ା ବିଭାଗ ପ୍ରାୟୋଜିତ ଓପନ ଚେସ୍ ଟୁର୍ନାମେଣ୍ଟ-୨୦୨୩କୁ ଶୁକ୍ରବାର କାର୍ମିକ ଓ ପ୍ରଶାସନ ବିଭାଗର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଉଦଘାଟନୀ ସମାରୋହରେ ସହର ପ୍ରଶାସନ ଏବଂ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ପି. କେ. ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହର ସେବା ବିଭାଗର ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ପି. କେ. ଦାସ, ବିମାନ ବନ୍ଦର, କ୍ରୀଡ଼ା, ଜନସ୍ୱାସ୍ଥ୍ୟ ଓ ସମାଜ କଲ୍ୟାଣ ବିଭାଗର ମହାପ୍ରବନ୍ଧକ ଆର୍. କେ. ବର୍ମା ଓ ମହାପ୍ରବନ୍ଧକ ଜେ. ପି. ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଚେସ୍ ବୋର୍ଡରେ ପ୍ରାରମ୍ଭିକ ଗୋଟି ଚାଳନା କରି ଟୁର୍ନାମେଣ୍ଟ ଶୁଭାରମ୍ଭ କରିଥିଲେ। ପିଲାଙ୍କ ମାନସିକ ବିକାଶ ସାଧନ ଏବଂ ବୁଦ୍ଧିମତାକୁ ପ୍ରୋତ୍ସାହନ ଦେଉଥିବା ଅଭିଭାବକମାନଙ୍କୁ ସେ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ସ୍ୱାଇଁ ପିଲାଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରୋତ୍ସାହିତ କରିଥିବା ବେଳେ ଆର. କେ. ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ସିଆରଏମ ବିଭାଗ ଅନୀଲ ମଲ୍ଲିକ କ୍ରୀଡ଼ା ବିଭାଗ ସହକାରୀ ପରିଚାଳକ ରଘୁନନ୍ଦନ ପାଢୀ କାର୍ଯ୍ୟକ୍ରମ ସଂଯୋଜନା ପରିଚାଳନା କରିଥିଲେ। ଶନିବାର ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବାକୁ ଥିବା ବେଳେ ଏଥିରେ ବିଭିନ୍ନ ବିଦ୍ୟାଳୟର ୨ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ଜଣାପଡିଛି।



ମୁଖ୍ୟ ଅତିଥି ଟୁର୍ନାମେଣ୍ଟର ଶୁଭାରମ୍ଭ କରୁଛନ୍ତି।

# ରାଷ୍ଟ୍ରୀୟ ସେବା ଯୋଜନାର ଗୁରୁତ୍ୱ ଉପରେ ଆଲୋଚନା

ରାଉରକେଲା,୧୩।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୪ ସ୍ଥିତ ରାଉରକେଲା କଲେଜରେ ଜାତୀୟ ସେବା ଯୋଜନା ସଂଯୁକ୍ତ ଶାଖା ତରଫରୁ ନାମ ପଞ୍ଜୀକରଣ ଏବଂ ଅଭିମୁଖୀକରଣ କାର୍ଯ୍ୟକ୍ରମ ଶୁକ୍ରବାର କଲେଜ ସଭାଗୃହରେ ଆୟୋଜିତ ହୋଇଯାଇଛି। ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ କରୁଣାକର ପାଟ୍ଟଶାଣୀଙ୍କ ତତ୍ତ୍ୱାବଧାନ ଓ କଲେଜ ଅଧକ୍ଷା ପ୍ରଫେସର ସୁଜାତା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ବରିଷ୍ଠ ଅଧ୍ୟାପକ ଡ. ରବିନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅଧକ୍ଷା ତାଙ୍କ ସଭାପତିତ୍ୱ ଅଭିଭାଷଣରେ ରାଷ୍ଟ୍ରୀୟ ସେବା ଯୋଜନା ମୁଁ ନୁହେଁ ତୁମେ ମାଧ୍ୟମରେ ସ୍ୱେଚ୍ଛାସେବୀଙ୍କୁ ଏନ୍‌ଏସ୍‌ଏସ୍ ଉପରେ ଅବଗତ କରାଇଥିଲେ। ମୁଖ୍ୟଅତିଥି ଡ. ଜେନା ଏବଂ ବାଳିକା ବିଭାଗର ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପିକା ରଶ୍ମିପ୍ରଭା ମଥାନ ସ୍ୱେଚ୍ଛାସେବୀମାନଙ୍କୁ ନାମ ପଞ୍ଜୀକରଣ ଓ ଅଭିମୁଖୀକରଣ କାର୍ଯ୍ୟକ୍ରମର ମହତ୍ୱ,ଏନଏସଏସର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଏହାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ସ୍ୱେଚ୍ଛାସେବୀ ଅରୁଣ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନୟନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନିତା ଜଗଦେବ, ବିଶାଳ କୁମାର ରାମ, ଶିବମ ସିଂ, ଶୁଭମ ଲୋହାର, ଦେବାଶିଷ ଐଶ୍ୱର୍ଯ୍ୟା ସାହୁ, ସୋମ୍ୟରଞ୍ଜନ ମହାନ୍ତି, ଗୋପାଳକୃଷ୍ଣ ଦାଶ, ପ୍ରକାଶ ଓଝା, ହିମାଂଶୁ ନାୟକ, ଲିପ୍ସା ବଲିୟାର ସିଂ, ଚାନ୍ଦନୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଯୋଗ ମାଧ୍ୟମରେ ଶାରୀରିକ, ମାନସିକ ବ୍ୟଥା ଦୂରହୁଏ

ରାଉରକେଲା,୧୩।୧୦(ଦିନେଶ ମିଶ୍ର)

ଛେଣ୍ଡ କଲୋନୀ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଶୁକ୍ରବାର ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବାଲେଶ୍ୱର ଜିଲା ପତଞ୍ଜଳି ଯୋଗ ସମିତି ଭାରତ ସ୍ୱାଭିମାନ ଟ୍ରଷ୍ଟର ଜିଲା ପ୍ରଭାରୀ କରୁଣାକର ଶିଆଳ ଓ ଜିଲା ମହିଳା ପ୍ରଭାରୀ ଯଶୋମତୀ ଶିଆଳ, ଯୁବ ପ୍ରଭାରୀ ମନୋଜ କୁମାର ଦେ, ଗୋପାଳ ଗୋବିନ୍ଦ ମଲ୍ଲିକ, ଆରତି ରାଣୀ ଦାସ, ମମତା ମାଝୀ ପ୍ରମୁଖ ଉପସ୍ଥିତ ରହି ସଦସ୍ୟମାନଙ୍କୁ ଯୋଗର ମାହାତ୍ମ୍ୟ ବୁଝାଇବା ସହ ବିଭିନ୍ନ ଯୋଗ ମୁଦ୍ରା ଓ ପ୍ରାଣାୟମ ଦେଖାଇଥିଲେ। ଏହାସହ ଯୋଗର ଉପକାରିତା ବିଷୟରେ ବୁଝାଇଥିଲେ। ଯୋଗ ମାଧ୍ୟମରେ ଶାରିରୀକ ଓ ମାନସିକ ବ୍ୟଥା ଦୂର ହୋଇଥାଏ ବୋଲି ଜିଲା ପ୍ରଭାରି ଶିଆଳ ମତ ଦେଇଥିଲେ। ଏହି ଶିବିରରେ ପାଠାଗାର ସଭାପତି ନବଘନ ସାହୁ, ହରିହର ଶତପଥୀ, ଡାକ୍ତର ପ୍ରଫୁଲ ଚନ୍ଦ୍ର ମହାପାତ୍ର, ବିଶ୍ୱନାଥ ଜେନା, ଶଙ୍କର ପ୍ରସାଦ ତ୍ରିପାଠୀ, ତ୍ରିଲୋଚନ ମିଶ୍ର, ଶରତ ଚନ୍ଦ୍ର ମହାନ୍ତି, ଗୋପାଳ ପ୍ରସାଦ ଜେନା, ଉମେଶ ଚନ୍ଦ୍ର ଜେନା, ନୃସିଂହ ଚରଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ଶିବିରରେ ଯୋଗ ଶିକ୍ଷା ଦିଆଯାଉଛି।

# ଠକେଇ ଅଭିଯୋଗରେ ଗିରଫ

ରାଉରକେଲା,୧୩।୧୦(ଦିନେଶ ମିଶ୍ର)

ଠକେଇ ଅଭିଯୋଗରେ ଟାଙ୍ଗରପାଲି ଥାନା ପୋଲିସ ନବକୃଷ୍ଣ ନଗରରେ ବାସ କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସତ୍ୟବ୍ରତ ପରିଡା(୩୬)। ଏ ନେଇ ଟାଙ୍ଗରପାଲି ପୋଲିସ (୧୫୧।୨୩)ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି।

ସୂଚନା ଅନୁସାରେ, ଟାଙ୍ଗରପାଲି ଥାନା ଅଧୀନ ଲାଲଟାଙ୍କି ଅଞ୍ଚଳର ଅମର ପଣ୍ଡା ୬ ମାସ ତଳେ ତାଙ୍କ କାର୍ (ନଂ.ଓଡି୧୪ସି/୨୩୩୦) ସଜାଡିବା ପାଇଁ ସତ୍ୟବ୍ରତଙ୍କୁ ଦେଇଥିଲେ। କିନ୍ତୁ ସତ୍ୟବ୍ରତ ଉକ୍ତ ଗାଡିକୁ ନେଇ ସଜାଡିବା ନ କରି ତାଙ୍କୁ ଦିନ ପରେ ଦିନ ଠକି ଚାଲିଥିଲେ। ପରେ ଅମରଙ୍କ କୌଣସିକାରଣରୁ ମୃତ୍ୟୁ ହୋଇଥିଲା। କିଛିଦିନ ପରେ ଅମରଙ୍କ ସ୍ତ୍ରୀ ଲାଲମୁନି ପଣ୍ଡା ସତ୍ୟବ୍ରତଙ୍କୁ ଉକ୍ତ କାର୍ ନଚେତ କାର ବାବଦ ଟଙ୍କା ମାଗିବାରୁ ତାଙ୍କୁ ମଧ୍ୟ ଅମର ଠକିଥିଲେ। ଫଳରେ ମହିଳା ଜଣଙ୍କ ଟାଙ୍ଗରପାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଉକ୍ତ କାର୍‌କୁ କୁଆଁରମୁଣ୍ଡା ଅଞ୍ଚଳରୁ ଜବତ କରିଥିଲା।

# ଲୋକନୃତ୍ୟରେ ବାଜି ମାରିଲା ଉଦିତନଗର ସ୍କୁଲ

ରାଉରକେଲା,୧୩।୧୦(ଦିନେଶ ମିଶ୍ର)

ରାଜ୍ୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ରାଉରକେଲା ସ୍ଥିତ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ବାଜି ମାରିଛନ୍ତି। ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ଏହି ବିଦ୍ୟାଳୟର ଛାତ୍ରୀମାନେ ନିଜ ନିଜ ଥିମ୍ ଅନୁଯାୟୀ ନୃତ୍ୟକଳା ପରିବେଷଣ କରିଥିଲେ। ଶେଷରେ ନୃତ୍ୟ, ବେଶଭୂଷା ଓ ପ୍ରଶ୍ନୋତ୍ତରରେ ଠିକ୍ ଉତ୍ତର ଦେଇ ବିଜୟୀ ହୋଇଥିବା ଉଦିତନଗର ସରକାରୀ ଉଚ୍ଚବିଦ୍ୟାଳୟକୁ ପ୍ରଥମ ସ୍ଥାନରେ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରେ ରାଜ୍ୟର ୧୩ଟି ଜିଲାରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଉଦିତନଗର ସରକାରୀ ହାଇସ୍କୁଲ ପ୍ରଥମ ସ୍ଥାନରେ ରହିଥିବାବେଳେ ବଲାଙ୍ଗୀର ଜିଲା ଦ୍ୱିତୀୟ ଓ କଳାହାଣ୍ଡି ଜିଲା ତୃତୀୟ ସ୍ଥାନ ଅଧିକାର କରିଥିଲା। ରାଉରକେଲା ଉଦିତନଗର ସରକାରୀ ହାଇସ୍କୁଲ ବିଦ୍ୟାର୍ଥୀମାନେ ଏହି ବିଜୟତା ପରେ ଜାତୀୟସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଦିଲ୍ଲୀ ଯିବା ପାଇଁ ମନୋନିତ ହୋଇଛନ୍ତି। ଏହି ଅବସରରେ ଆଭା ଅନ୍ୱେଷର ସଭାପତି ଆର୍ତ୍ତତ୍ରାଣ ଜେନା ବିଜୟୀ ଛାତ୍ରୀମାନଙ୍କୁ ବିଦ୍ୟାଳୟ ପରିସରରେ ଶୁଭେଚ୍ଛା ଜଣାଇଛନ୍ତି। ଏଥିରେ ବିଶ୍ରା ବିଇଓ ବେଣୁଧର ସ୍ୱାଇଁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀ, ପ୍ରିୟଙ୍କା ସାହୁ, ଦେବାଶିଷ ପାତ୍ର, ଅମର ମିଶ୍ର, ବିଜୟଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବିଜୟୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଜିଏମ୍‌ୟୁ ଛାତ୍ରାବାସ ଛାତରୁ ପ୍ଲାଷ୍ଟର ଖସିଲା



ସମ୍ବଲପୁର,୧୩।୧୦(ବି.ଶଙ୍କର): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଟିଏଫ୍ ଛାତ୍ରାବାସ ଛାତରୁ ଗୁରୁବାର ରାତିରେ ପ୍ଲାଷ୍ଟର ଖସିଥିଲା। ହେଲେ ଏଥିରେ କୌଣସି ପ୍ରକାର ଅଘଟଣ ଘଟିନାହିଁ। ତଥାପି ସୁରକ୍ଷା ଦୃଷ୍ଟିରୁ ଶୁକ୍ରବାର ବିଜୁ ଛାତ୍ର ଜନତା ଦଳର ଆବାହକ ଚୁମନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରମାନେ ବିଶ୍ୱବିଦ୍ୟାଳୟ କୁଳସଚିବ ଯୁଗଳେଶ୍ୱରୀ ଦାଶଙ୍କୁ ଭେଟି ସମସ୍ୟା ସମାଧାନ ଦିଗରେ ଆଲୋଚନା କରିଥିଲେ। ଏଭଳି ସମସ୍ୟାର ସମାଧାନ ସହ ପାନୀୟଜଳ ଜନିତ ସମସ୍ୟା ଖୁବଶୀଘ୍ର ଦୂର କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ତ୍ୱରିତ ସମାଧାନ ନ ହେଲେ ବିଜୁ ଛାତ୍ର ଜନତା ଦଳ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛି।

### ନୂତନ ଲ୍ୟାମ୍ପ୍ସ ସଭାପତିଙ୍କୁ ଦକ୍ଷତା ବୃଦ୍ଧି ତାଲିମ

କୁଚିଣ୍ଡା,୧୩।୧୦(ବିରଞ୍ଚି ଦର୍ଡା): କୁଚିଣ୍ଡା ଆଇଟିଡିଏ ସମ୍ମିଳନୀ କକ୍ଷରେ ନୂତନ ଲ୍ୟାମ୍ପ୍ସ ସଭାପତିଙ୍କୁ ନେଇ ଦକ୍ଷତା ଅଭିବୃଦ୍ଧି ଉପରେ ଶୁକ୍ରବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ମଣ୍ଡଳ ସହକାରୀ ନିବନ୍ଧକ ଭବାନୀକାନ୍ତ ନାଏକ, ଉପସହକାରୀ ନିବନ୍ଧକ ଫକିର ମୋହନ ବାଘ ଓ ମଙ୍ଗଳ ମୁର୍ମୁ ଜିଲା ସମବାୟ ବ୍ୟାଙ୍କ କୁଚିଣ୍ଡା ଶାଖା ପରିଚାଳକ ପ୍ରଦୀପ ପଣ୍ଡା ଓ ଜମନକିରା ଶାଖା ପରିଚାଳକ ଅନୁପମ ଦାସ ପ୍ରମୁଖ ଯୋଗଦେଇ ସମବାୟର ଲକ୍ଷ୍ୟ, ପରିଚାଳନା ପରିଷଦର ଦାୟିତ୍ୱ, ଋଣ ଲଗାଣ ଓ ଅସୁଲି ସାଙ୍ଗକୁ ସରକାରୀ ଯୋଜନା ସଚେତନତା ଉପରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୨୧ଗୋଟି ନୂତନ ଲ୍ୟାମ୍ପ୍ସ ସଭାପତି,ପୁରାତନ ଲ୍ୟାମ୍ପ୍ସ କର୍ମକର୍ତ୍ତା ଯୋଗଦେଇଥିଲେ।

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

କୁଚିଣ୍ଡା,୧୩।୧୦(ବିରଞ୍ଚି ଦର୍ଡା): କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବାଉରୀଗୋଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ବାଉରୀଗୋଡା ସରପଞ୍ଚ ଗୋବର୍ଦ୍ଧନ ବାଘ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବାଉରୀଗୋଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋକୁଳ ଚନ୍ଦ୍ର ପଟେଲ ସଭା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ୧୨ ଘଣ୍ଟିଆ ବୁର୍ଲା ସହର ବନ୍ଦ

- ଜିଲ୍ଲା ପ୍ରଶାସନର ଉଚ୍ଛେଦକୁ ବିରୋଧ
- ସ୍ଥାୟୀ ପଟ୍ଟା ପ୍ରଦାନ ଦାବି
- ନିର୍ବାଚନ ବର୍ଜନ ନିଷ୍ପତ୍ତି

ସମ୍ବଲପୁର,୧୩।୧୦(ବି.ଶଙ୍କର): ବୁର୍ଲା ସହରବାସୀ ଦୀର୍ଘବର୍ଷ ହେବ ସ୍ଥାୟୀ ପଟ୍ଟା ଦାବି କରି ଆସୁଛନ୍ତି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ତାହା ପୂରଣ ହୋଇପାରି ନାହିଁ। ଅନ୍ୟପକ୍ଷରେ ବିକାଶ ନାମରେ ବୁର୍ଲା ସହରରେ ଦୋକାନ ଓ ଘର ଭାଙ୍ଗି ଦିଆଯାଉଛି। ଶତାଧିକ ବର୍ଷ ହେବ ରହିଆସିଥିବା ବାସିନ୍ଦାଙ୍କ ଗୃହକୁ ଜିଲା ପ୍ରସଶାସନ ଉଚ୍ଛେଦ କରୁଛି। ଏହାର ପ୍ରତିବାଦରେ ଶୁକ୍ରବାର ବୁର୍ଲା ନାଗରିକ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ଅନୁଷ୍ଠାନ ସହ ଜନସାଧାରଣ ସାମିଲ ହୋଇଥିଲେ। ବୁର୍ଲା ସହରର ସମସ୍ତ ଦୋକାନବଜାର ବନ୍ଦ ରହିଥିବା ବେଳେ ବସ୍ ଚଳାଚଳ ହୋଇ ନ ଥିଲା। ସେହିପରି ସ୍କୁଲ କଲେଜ, ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏପରି କି ଔଷଧ ଦୋକାନୀ ମଧ୍ୟ ସ୍ୱତଃ ଦୋକାନ ବନ୍ଦ କରିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ବନ୍ଦ ସଫଳ ହୋଇଥିବା ବୁର୍ଲା ନାଗରିକ କମିଟି କର୍ମକର୍ତ୍ତାମାନେ କହିଛନ୍ତି। ବୁର୍ଲା ସହରବାସୀଙ୍କୁ ସ୍ଥାୟୀ ପଟ୍ଟା ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ସନ୍ଧ୍ୟାରେ ସ୍ଥାନୀୟ ଦୀନଦୟାଲ ମାର୍କେଟ ପରିସରରେ ଏକ ବୈଠକ କରି ସମସ୍ତେ ଆଲୋଚନା କରିଥିଲେ। ବୁର୍ଲା ସହରରେ ବେଆଇନ ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରିବା ଏବଂ ସ୍ଥାୟୀ ପଟ୍ଟା ସକାଶେ ବ୍ୟାପକ ଆନ୍ଦୋଳନ କରିବାକୁ ସ୍ଥିର ହୋଇଛି। ଏଥିସହ ବୁର୍ଲାବାସୀ ସମସ୍ତ ନିର୍ବାଚନ ବର୍ଜନ ସକାଶେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବନ୍ଦ ପାଳନକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ଛକରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।



ବନ୍ଦ ପାଳନ ଯୋଗୁ ବୁର୍ଲା ସହର ରାସ୍ତା ଶୂନ୍‌ଶାନ।

## ସମଲେଇଙ୍କ ଧବଳମୁଖୀ ବେଶ ଆଜି



ସମଲେଶ୍ୱରୀ ମହିମା ପ୍ରଚାର ସମିତି ପକ୍ଷରୁ ଧଳାବସ୍ତ୍ର ପ୍ରଦାନ କରାଯାଉଛି।

ସମ୍ବଲପୁର,୧୩।୧୦(ବି.ଶଙ୍କର): ମା’ ସମଲେଶ୍ୱରୀ ଶନିବାର ଧବଳମୁଖୀ ବେଶରେ ଦର୍ଶନ ଦେବେ। ଦେବୀଙ୍କ ଏହି ବେଶ ଦର୍ଶନ କରିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତମାନଙ୍କ ସମାଗମ ହୋଇଥାଏ। ଶ୍ରଦ୍ଧାଳୁଙ୍କ ସୁବିଧା ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ କହିଛନ୍ତି, ମା’ଙ୍କ ବେଶ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ଲାଗି ସମସ୍ତ ପ୍ରକାର ସୁବିଧା କରାଯାଇଛି। କିନ୍ତୁ ସେମାନେ ମନ୍ଦିର ଭିତରକୁ କୌଣସି ପୂଜା ସାମଗ୍ରୀ ଧୂପ, ଦୀପ, ପ୍ରସାଦ, ଫୁଲ ଆଦି ନେଇପାରିବେ ନାହିଁ। ମହାଳୟ ଓ ନବରାତ୍ର ଦର୍ଶନ ସମୟ ନିର୍ଘଣ୍ଟ ଅନୁସାରେ ରୀତିନୀତିରେ କରାଯିବ। ଅପରପକ୍ଷେ ମହାଳୟା ତିଥିରେ ମା’ ଧବଳମୁଖୀ ବେଶରେ ଦର୍ଶନ ଦେବେ। ମା’ ସମଲେଶ୍ୱରୀ ଓ ପାର୍ଶ୍ୱ ଦେବଦେବୀ ମଧ୍ୟ ଧବଳ ବସ୍ତ୍ର ପରିଧାନ କରିଥାନ୍ତି। ଏଥିପାଇଁ ମା’ ସମଲେଶ୍ୱରୀ ମହିମା ପ୍ରଚାର ସମିତି ପକ୍ଷରୁ ଧଳାବସ୍ତ୍ରର ବ୍ୟବସ୍ଥା କରାଯାଇଛି।

## କୁକୁଡ଼ା ପାଳନକରି ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ



ବିଶ୍ୱ ଅଣ୍ଡା ଦିବସରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର,୧୩।୧୦(ବି.ଶଙ୍କର): ସମ୍ବଲପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଶୁକ୍ରବାର ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପର୍ଶୁରାମ ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ଗୌରୀ ଶଙ୍କର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ଅଣ୍ଡାର ଗୁରୁତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ବଲପୁର ଜିଲା ପ୍ରାକ୍ତନ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନବୀନ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କୁକୁଡା ପାଳନ ଓ ଅଣ୍ଡାର ବ୍ୟବସାୟିକ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ବଲପୁର ଏସ୍‌ଡିଭିଓ ଡା. ମୁକ୍ତିକାନ୍ତ ଭୂୟାଁ, ରେଢ଼ାଖୋଲ ଏସ୍‌ଡିଭିଓ ଡା. ସତ୍ୟନାରାୟନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଗ୍ରଣୀ ଚାଷୀ ଏବଂ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ କୁକୁଡାପାଳନ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ। ସଭା ଶେଷରେ କୁଚିଣ୍ଡା ଏସ୍‌ଡିଭିଓ ମୋହନ ମାଣିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାହାସପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବଟେମୁରା ଗୋକୁଳାନନ୍ଦ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ଛଟାନପାଲି ରୁକ୍ମଣୀ ଲାଠ ବାଲନିକେତନ, ଧନକଉଡା ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କୁ ଜଳଖିଆ ସହ ଅଣ୍ଡା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏସ୍‌ଡିଭିଓ ଡା. ଗିରିଜା ଶଙ୍କର ମହାନ୍ତି ଓ ଡା. ରାଜୀବ ଲୋଚନ ବେହେରା ଏବଂ ଆକାଶ ଶତପଥୀ ପରିଚାଳନା କରିଥିଲେ।

## ନଭେମ୍ବରରେ ପଶ୍ଚିମ ଓଡ଼ିଶା ଗୋପାଳ ସମ୍ମିଳନୀ

ସମ୍ବଲପୁର,୧୩।୧୦(ବି.ଶଙ୍କର): ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡିଆରେ ଆସନ୍ତା ନଭେମ୍ବର ୧୮ ଓ ୧୯ରେ ପଶ୍ଚିମ ଓଡ଼ିଶା ଗୋପାଳ ସମ୍ମିଳନୀ ଅନୁଷ୍ଠିତ ହେବ। ଏ ନେଇ ସମ୍ବଲପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଶୁକ୍ରବାର ପ୍ରସ୍ତୁତି ବୈଠକ ହୋଇଥିଲା। ଜିଲାପାଳ ଅନନ୍ୟା ଦାସ ଅଧ୍ୟକ୍ଷତା କରି ଦାୟିତ୍ୱରେ ଥିବା ଅଧିକାରୀମାନେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ମିଳନୀରେ ପଶ୍ଚିମ ଓଡ଼ିଶାର ୧୦ ଜିଲାର କୃଷକମାନେ ଯୋଗଦେଇ ବିଭିନ୍ନ ଜ୍ଞାନକୌଶଳ ଉପରେ ଜ୍ଞାନ ଆହରଣ କରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜେନେରାଲ ମ୍ୟାନେଜର ଡ଼. ସରୋଜ କୁମାର ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସଦର ଉପଜିଲାପାଳ ପ୍ରଭାସ ଦନସେନା, ସଦର ତହସିଲଦାର ଲକ୍ଷ୍ମଣ ଅମାତ, ମାନେଶ୍ୱର ବିଡ଼ିଓ ସ୍ମରଣିକା ତୁଳ, ଧନକଉଡ଼ା ବିଡ଼ିଓ ସଞ୍ଜୀବ ପଟେଲ, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଓର୍‌ମାସ ଡେପୁଟି ସିଇଓ ଶ୍ରୀମନ୍ତ ହୋତା, ଡିପିଏମ୍ ଓଏଲ୍‌ଏମ୍ ଡ. ପୁଷ୍ପଶ୍ରୀ ନାୟକ, ଡିଏସପି ପ୍ରଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଲ କଡ଼ରେ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର

କୁଚିଣ୍ଡା,୧୩।୧୦(ବିରଞ୍ଚି ଦର୍ଡା): କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପାରୁଆଭାଡି ପଞ୍ଚାୟତର ରାମତିଲେଇମାଲ ପ୍ରାଥମିକ ସ୍କୁଲ ପାର୍ଶ୍ୱରେ ବିପଦପୂର୍ଣ୍ଣ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଭଳି ମୁକୁଳା ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସୂଚନାମତେ ଦୀର୍ଘ ବର୍ଷରୁ ସ୍କୁଲକୁ ଲାଗି ସ୍ଥାପନ ହୋଇଥିବା ଟ୍ରାନ୍ସଫର୍ମରରୁ ତିନିଟି ଫେଜ୍ ମାଧ୍ୟମରେ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ମାତ୍ର ଫେଜ୍‌ଗୁଡିକ ବାଉଁଶ ବାଡି ଦ୍ୱାରା ବନ୍ଧାଯାଇଥିବାରୁ ବିଭିନ୍ନ ସମୟରେ ଶର୍ଟ ସର୍କିଟ ହୋଇ ନିଆଁଝୁଲ ବାହାରୁଛି। ସ୍କୁଲ କଡରେ ଟ୍ରାନ୍ସଫର୍ମରଟି ରହିଥିବାରୁ ସ୍କୁଲ ପିଲାଙ୍କ ପାଇଁ ଏହା ବିପଦ ସୃଷ୍ଟି କରୁଛି। ଏହାଛଡା ଗୃହପାଳିତ ପଶୁଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିଛି। ସ୍କୁଲ କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ବିଭାଗୀୟ ଯନ୍ତ୍ରୀ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ଦାବି ହୋଇଆସୁଛି। ଏ ସମ୍ପର୍କରେ କୁଚିଣ୍ଡା ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସୁବ୍ରତ ପଣ୍ଡାଙ୍କୁ ପଚାରିବାରେ ଶୀଘ୍ର ଏ ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି।



## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭାଜପାର ସ୍ମାରକପତ୍ର

### ଦୁର୍ଗାପୂଜା ଭସାଣି ଶୋଭାଯାତ୍ରା ବନ୍ଦ ଘଟଣା

ସମ୍ବଲପୁର,୧୩।୧୦(ବି.ଶଙ୍କର): ଗତ ୧୦ ତାରିଖରେ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଦୁର୍ଗାପୂଜା ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଳିତ ବର୍ଷ ଗାଇଡଲାଇନ ଅନୁଯାୟୀ କୌଣସି ଭସାଣି ଶୋଭାଯାତ୍ରା ହେବ ନାହିଁ ବୋଲି ସ୍ଥିର ହୋଇଛି। ହେଲେ ପୂଜା ମଣ୍ଡପ ପ୍ରବେଶ ଦ୍ୱାରରୁ ମା’ ଦୁର୍ଗାଙ୍କୁ ରୀତିନୀତି ଅନୁସାରେ ସ୍ୱାଗତ ଓ ଭସାଣି ସ୍ଥାନରେ ସବୁ ରୀତି ହେବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ସହରର ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ନିଷ୍ପତ୍ତିକୁ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଶୁକ୍ରବାର ଏ ନେଇ ଭାଜପା ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। କର୍ମକର୍ତ୍ତାମାନେ ଆର୍‌ଡିସିଙ୍କ ସଚିବ ଦାୟିତ୍ୱରେ ଥିବା ଅନିରୁଦ୍ଧ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେମାନେ ଜିଲା ପ୍ରଶାସନର ନିଷ୍ପତ୍ତି ଉପରେ ହସ୍ତକ୍ଷେପ କରି ଦୁର୍ଗାପୂଜା ଭସାଣି ଉପରେ ଲଗାଯାଇଥିବା ରୋକ ହଟାଇବା ପାଇଁ ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ସୂର୍ଯ୍ୟ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ଉପସଭାପତି ଦେଓକିରଣ ପଟ୍ଟନାୟକ, ପୂର୍ବତନ ଜିଲା ପଛୁଆବର୍ଗ ସଭାପତି ସରୋଜ ସାହୁ, ପୂର୍ବତନ ଜିଲା କୋଷାଧ୍ୟକ୍ଷ ମୁକେଶ ଜରିୱାଲ ପ୍ରମୁଖ ସାମିଲ ଥିଲେ।



ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଉଛି।

## ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ

ସମ୍ବଲପୁର,୧୩।୧୦(ବି.ଶଙ୍କର): ସମ୍ବଲପୁର ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ଭିଏସ୍‌ଏସ୍ ଷ୍ଟାଡିୟମ ଇନ୍‌ଡୋର ବ୍ୟାଡମିଣ୍ଟନ ହଲରେ ଶୁକ୍ରବାର ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ବିଜେଡି ଜିଲା ସଭାପତି ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ଏହି ପ୍ରତିଯୋଗିତାରେ ୧୧ବର୍ଷରୁ କମ୍ ଓ ୧୩ବର୍ଷରୁ କମ୍ ବର୍ଗର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି।

## ଟିକିବାରେ ବିଜେଡି ଜନସମ୍ପର୍କ ପଦଯାତ୍ରା



ଭୂମି ପୂଜନ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

ଜମନକିରା,୧୩।୧୦(ରବୀନ୍ଦ୍ର ପ୍ରସାଦ ଦାନି): ଜମନକିରା ବ୍ଲକ ଟିକିବା ପଞ୍ଚାୟତରେ ଶୁକ୍ରବାର ଜିଲା ସମ୍ପାଦିକା ସ୍ନିଗ୍ଧା ପଟେଲଙ୍କ ଅଧ୍ୟକ୍ଷତାରେ ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଯୋଗଦେଇ ନୂତନ ଭାବେ ତିଆରି ହେବାକୁ ଥିବା ପଞ୍ଚାୟତ ସ୍ତରୀୟ ବ୍ୟାଙ୍କ ଗୃହ ଓ ସୁବିଧା କେନ୍ଦ୍ର, ଜଗନ୍ନାଥ ମନ୍ଦିରର ଉନ୍ନତୀକରଣ ନିମନ୍ତେ ଭୂମିପୂଜନ କରିଥିଲେ। ପରେ କର୍ମୀଙ୍କ ସହ ଟିକିବା ଗ୍ରାମରେ ପଦଯାତ୍ରା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଆଦି ପ୍ରସାଦ ମହାକୁଲ, ଜିଲା ସାଧାରଣ ସମ୍ପାଦକ ଧୀରେନ ଶର୍ମା, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଗୁଣ୍ଡୁରୁଚୁଆଁ ପଞ୍ଚାୟତ ସଭାପତି ଝୁନୁ ପଟେଲ, ବରିଷ୍ଠ କର୍ମୀ ସନାତନ ପଧାନ, ଦୁବରାଜ ବରିହା, ଲମ୍ବୋଦର ଭୋଇ, ୱାର୍ଡ ସଭ୍ୟ ନୀଳାମ୍ବର ରଣାଯୋଗ ଦେଇଥିଲେ।

## ଲୋକଙ୍କ ପାଖରେ ଯୋଜନା ପହଞ୍ଚାଇବାକୁ ଆହ୍ୱାନ

କୁଚିଣ୍ଡା,୧୩।୧୦(ବିରଞ୍ଚି ଦର୍ଡା): ସରକାରଙ୍କ ପ୍ରତିଟି ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ସମ୍ବଲପୁର ଜିଲା ବିଜେଡି ସଭାପତି ରୋହିତ ପୂଜାରୀ ଶୁକ୍ରବାର ପଦଯାତ୍ରା ଅବସରରେ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପରେ ଟାଉନ ହଲରେ ପହଞ୍ଚିଥିଲା। ବିଧାୟକ ନାଏକଙ୍କ ପରିଚାଳନାରେ ହୋଇଥିବା ସଭାରେ ଜିଲା ସଭାପତି ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଗଠନକୁ ସୁଦୃଢ଼ କରି ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜମନକିରା ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ, କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତି, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, କୃଷ୍ଣଚନ୍ଦ୍ର ଟପ୍ପୋ, ସୁଜାତା ଖୁଣ୍ଟିଆ, ତନୟା ଧୁରୁଆ, ଜିଲା ଉପସଭାପତି ପ୍ରଦୀପ ମିଶ୍ର, ଜିଲା ସାଧାରଣ ସମ୍ପାଦକ ସଞ୍ଜୟ ମିଶ୍ର ଓ ସଞ୍ଜୟ ବେହେରା, ସମ୍ପାଦକ ଧିରେନ ଶର୍ମା, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଜମନକିରା ବ୍ଲକ ସଭାପତି ଆଦିପ୍ରସାଦ ମହାକୁଲ, ବାମରା ବ୍ଲକ ସଭାପତି ଅରବିନ୍ଦ ସାହୁ ପ୍ରମୁଖ ଯୋଗଦେଇ ଜନସମ୍ପର୍କ ପଦଯାତ୍ରା ଦ୍ୱାରା ବିଜେଡିକୁ ଅପୂର୍ବ ସଫଳତା ମିଳିଥିବା କହିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବହୁସଂଖ୍ୟକ ଦଳୀୟ ପଦାଧିକାରୀ ଓ କର୍ମୀ ଯୋଗଦେଇଥିଲେ। ଶେଷରେ ନଗର ସଭାପତି ନବୀନ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।




ପଦଯାତ୍ରାରେ ସାମିଲ ହୋଇଥିବା ଦଳୀୟ ନେତା ଓ କର୍ମୀ।

## ସାଇବର ଠକେଇର ଶିକାର ହେଲେ ଚାଳକ

ସମ୍ବଲପୁର,୧୩।୧୦(ବି.ଶଙ୍କର): ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳରେ ରହୁଥିବା ଚାଳକ ସାଇବର ଠକେଇର ଶିକାର ହୋଇଛନ୍ତି। ସେ ଏ ନେଇ ଶୁକ୍ରବାର ଅଇଁଠାପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ, ଉଲୁଣ୍ଡା ଥାନା ପିପିଲିକାନିର ମୂଳବାସିନ୍ଦା ବଲରାମ ଭୋଇ ସମ୍ବଲପୁରରେ ଜଣେ ଟ୍ରକ ଚାଳକ ଭାବେ କାମ କରନ୍ତି। ସେ ବିଭିନ୍ନ ସମୟରେ ଅନ୍‌ଲାଇନରେ ମୋବାଇଲ ରିଚାର୍ଜ କରନ୍ତି। ତେଣୁ ତାଙ୍କ ମୋବାଇଲରେ ୧୦୦୦ଟଙ୍କା ପୁରସ୍କାର ମିଳିଥିବା ମେସେଜ ଥିବା ଲିଙ୍କ୍ ଆସିଥିଲା। ସେ ଏହି ଲିଙ୍କକୁ କ୍ଲିକ କରିବା ମାତ୍ରେ ତାଙ୍କ ଆକାଉଣ୍ଟରେ ଥିବା ୨୦୦୦ ଟଙ୍କା କଟିଯାଇଥିଲା। ସାଇବର ଠକଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣି ସେ ଥାନାରେ ଅଭିଯୋଗ କରିଥିବା କହିଛନ୍ତି।

## ଏସ୍‌ଏମ୍‌ସି କମିଶନରଙ୍କୁ ଭେଟିଲା ବୁଦ୍ଧିଜୀବୀ ଫୋରମ

### ୧୪ ପ୍ରସଙ୍ଗ ଉପରେ ଆଲୋଚନା

ସମ୍ବଲପୁର,୧୩।୧୦(ବି.ଶଙ୍କର): ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ଗଠନ ହେବାର ପ୍ରାୟ ୯ବର୍ଷ ବିତିଯାଇଛି। କିନ୍ତୁ ମହାନଗରବାସୀ ଅନେକ ସମସ୍ୟାରେ ଜର୍ଜରିତ। ମହାନଗରର ବିକାଶ କାର୍ଯ୍ୟ ମଧ୍ୟ ଧିମେଇ ଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ବୁଦ୍ଧିଜୀବୀ ଫୋରମ ଶୁକ୍ରବାର ଏସ୍‌ଏମ୍‌ସି କମିଶନର ଦେବ ଭୂଷଣଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ପ୍ରତିନିଧି ଦଳ ୧୪ଟି ପ୍ରସଙ୍ଗରେ ସକାରାତ୍ମକ ଆଲୋଚନା କରିଥିଲେ। ଫୋରମ ସଂଯୋଜକ ପ୍ରଫୁଲ୍ଲ କୁମାର ଦାଶ, ସହ ସଂଯୋଜକ ଅରବିନ୍ଦ ନାୟକ, ଉପଦେଷ୍ଟା ଗୋବିନ୍ଦ ଅଗ୍ରୱାଲ, ତ୍ରିଲୋଚନା ତ୍ରିପାଠୀ, ପ୍ରଦୀପ ସୂପକାର ଓ ସୁନୀଲ ନନ୍ଦ ପ୍ରତିନିଧି ଦଳରେ ସାମିଲ ଥିଲେ। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ସମଲେଇ ପ୍ରକଳ୍ପ ସ୍ୱାଗତଯୋଗ୍ୟ। ମାତ୍ର ପ୍ରକଳ୍ପ କାର୍ଯ୍ୟର ମନ୍ଥର ଗତି ଓ ନିର୍ମାଣକାରୀ ସଂସ୍ଥାର ବେପରୁଆ ମନୋଭାବ ଯୋଗୁ ସହରବାସୀ ଅସୁରକ୍ଷିତ ମଣୁଛନ୍ତି। କୁଞ୍ଜେଲପଡାରୁ ବଡବଜାର ରାସ୍ତା ଯାତାୟାତ ଯୋଗ୍ୟ ରହିନାହିଁ। ପ୍ରତ୍ୟହ ୮ରୁ ୧୦ ଜଣ ଲୋକ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ରାସ୍ତାର ନବୀକରଣ ହେବା ଆବଶ୍ୟକ। ସମସ୍ତଙ୍କ ମତାମତ ନେଇ ଗ୍ରହଣଯୋଗ୍ୟ ହୋଲଡିଂ ଟ୍ୟାକ୍ସ ବ୍ୟବସ୍ଥା କରାଯିବା ଦରକାର। ରାସ୍ତା ନିର୍ମାଣ ସାଙ୍ଗକୁ ନାଳ ନର୍ଦ୍ଦମାର ପୁନରୁଦ୍ଧାର, ଧୋବିଯୋର ଉପରେ ବହୁତ ପାର୍କିଂ ସହ ଦୁଇମହଲା କରି ଉପର ମହଲାରେ ଉଠା ଦୋକାନୀଙ୍କୁ ଥଇଥାନ, ରାସ୍ତାପାର୍ଶ୍ୱ ଦୈନିକ ବଜାରକୁ ବ୍ୟବସ୍ଥିତ କରିବା, ଉଠାଦୋକାନୀଙ୍କଠାରୁ ଧାର୍ଯ୍ୟ ଅନୁସାରେ ଟ୍ୟାକ୍ସ ଅସୁଲି, ସରକାରୀ ବସ୍‌ଷ୍ଟାଣ୍ଡ ସଫେଇ ଏବଂ ମହିଳାଙ୍କ ପାଇଁ ଆଶ୍ରୟସ୍ଥଳୀ ଓ ଶୌଚାଳୟ, ଗୋଲବଜାର ଅତ୍ୟାଧୁନିକ ମାର୍କେଟ କାର୍ଯ୍ୟ ତ୍ୱରାନ୍ୱିତ, ସହର ପ୍ରବେଶ ଦ୍ୱାରରେ ଐତିହ୍ୟ ପର୍ଯ୍ୟବଶିତ ଫାଟକ, ଦୁର୍ଗାପାଲି ସହସ୍ରଦଳ ପଦ୍ମ ପୁଷ୍କରିଣୀ ସମେତ ସମସ୍ତ ପୋଖରୀର ପୁନରୁଦ୍ଧାର କରି ଅବସର ବିନୋଦନ କେନ୍ଦ୍ର ସ୍ଥାପନ ପାଇଁ ଆଲୋଚନା କରାଯାଇଥିଲା। ପ୍ରତି ତିନିମାସରେ ସହରର ନାଗରିକଙ୍କ ସହ ୱାର୍ଡୱାରୀ ଆଲୋଚନା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି।

## ସଂକ୍ଷେପରେ

### ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି, ୧୩।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସହରକୁ ସାଇବର ସୁରକ୍ଷା ଅଭିଯାନ ରଥ ଶୁକ୍ରବାର ପହଞ୍ଚିଥିଲା। ରଥ ଡୁଙ୍ଗୁରିପାଲି ରାମପୁର ରୋଡ ଚାରି ଛକରେ ପହଞ୍ଚିବା ପରେ ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ ଓ ଅନ୍ୟ କର୍ମଚାରୀ ସ୍ୱାଗତ କରିଥିଲେ। ପରେ ରଥ ଆରଏମସି ଛକ ଦେଇ ମହିଳା ମହାବିଦ୍ୟାଳୟ ନିକଟରେ ପହଞ୍ଚିଥିଲା। ୟୁନିଅନ ବ୍ୟାଙ୍କ ନିକଟରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଭାଂଶୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସୋନପୁର ଏସ୍‌ଡିପିଓ ପ୍ରତାପ ରଣା ଯୋଗ, ସମ୍ମାନୀତ ଅତିଥିଭାବେ ଥାନା ଅଧିକାରୀ ସତ୍ୟନାରାୟଣ ପଧାନ, ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ଅଶିନୀ କୁମାର ସାଏ, ଡିସିବି ବ୍ୟାଙ୍କ ମ୍ୟାନେଜର ସୁଧାଂଶୁ ଶେଖର ଦାଶ, ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ଲକ୍ଷ୍ମୀ ସରାଫ ଯୋଗଦେଇଥିଲେ। ସଭାକୁ ହାବିଲଦାର ମନୋଜ ପଣ୍ଡା ପରିଚାଳନା କରିଥିଲେ। ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ଅଶ୍ୱିନୀ କୁମାର ସାଏ ସାଇବର ଠକାମିରୁ ବର୍ତ୍ତିବା ପାଇଁ ବିଭିନ୍ନ ଉପାୟ ଉପରେ ସଚେତନତା ବାର୍ତ୍ତା ଲୋକମାନଙ୍କ ପାଖରେ କିଭଳି ପହଞ୍ଚି ପାରିବ ତାହା ଉପରେ କହିଥିଲେ। ପରେ ମହାବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସାଇବର ସଚେତନତା ସୁରକ୍ଷା, ସାଇବର ଠକାମି ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଜିଲାସ୍ତରୀୟ ସମିତି ସଭ୍ୟାସଭ୍ୟଙ୍କ ସଂଘର ନୂତନ କର୍ମକର୍ତ୍ତା

ଭବାନୀପାଟଣା/କେସିଙ୍ଗା, ୧୩।୧୦ (ଉତ୍ତମ କୁମାର ଦାଶ/ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲାର ୧୩ଟି ବ୍ଲକର ସମିତି ସଭ୍ୟା ସଭ୍ୟଙ୍କୁ ନେଇ ଜିଲାସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ ଭବାନୀପାଟଣା ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଚ୍ଚିଦାନନ୍ଦ ମହାକୁଡ଼, ପ୍ରେମ ରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲାରେ ସମିତି ସଭ୍ୟାସଭ୍ୟଙ୍କ ବିଭିନ୍ନ ସମସ୍ୟା ରହୁଥିବାରୁ ନୂତନ ଭାବେ ଏକ ଜିଲାସ୍ତରୀୟ ସଂଘ ଗଠନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଆଗତ କରାଯାଇ କମିଟି ଗଠନ ହୋଇଥିଲ। କଳାହାଣ୍ଡି ଜିଲା ସମିତି ସଭ୍ୟ ସଭ୍ୟା ସଂଘ ଆସ୍ଥାୟୀ ସଭାପତି ଭାବେ କେସିଙ୍ଗା ବ୍ଲକ କୁଣ୍ଡାବନ୍ଦ ସମିତି ସଭ୍ୟ ମନୋଜ କୁମାର ପଟ୍ଟନାୟକ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିବା ବେଳେ ମେଦିନି ପୁରଗ୍ରାମ ପଞ୍ଚୟତ ସମିତି ସଭ୍ୟ ସନ୍ତୋଷ କୁମାର ଦାଶ ସାଧାରଣ ସମ୍ପାଦକ, ଶାନ୍ତପୁର ଗ୍ରାମପଞ୍ଚାୟତ ସଭ୍ୟ ଜୟଦେବ ମେହେର ଉପସଭାପତି, ରଷିଗାଁ ସମିତି ସଭ୍ୟା ପୂର୍ଣ୍ଣିମା ବାଗ, ହାତୀଖୋଜର ସଭ୍ୟା ମିନା ନନ୍ଦ ସହସମ୍ପାଦିକା, ଦୁଆରସୁନି ଗ୍ରା.ପ.ର ସଭ୍ୟ ସଚ୍ଚିଦାନନ୍ଦ ମହାଖୁଡ଼, ପ୍ରେମରଞ୍ଜନ ପାଣିଗ୍ରାହୀ, ଦ୍ରୌପଦୀ ମାଝିଙ୍କୁ ଉପଦେଷ୍ଟା ସଭ୍ୟାସଭ୍ୟ ଭାବେ ମନୋନୀତ କରାଯାଇଛି।

# ଛାତ ଭୁଶୁଡ଼ି ଦାଦନ ଶ୍ରମିକଙ୍କ ମୃତ୍ୟୁ

ଭବାନୀପାଟଣା, ୧୩।୧୦(ଉତ୍ତମ କୁମାର ଦାଶ)


ଶ୍ରମିକ ବିଭୁତି ଲେଞ୍ଜିଆଙ୍କ ଫାଇଲ ଫଟୋ।

**କଳାହାଣ୍ଡିରେ ସରୁନାହିଁ ଦାଦନ ଯନ୍ତ୍ରଣା**

- ଗୋଆକୁ କାମ କରିବାକୁ ଯାଇଥିଲେ
- ମୃତଦେହ ଆଣିବା ପାଇଁ ପରିବାର ଲୋକଙ୍କ ନିବେଦନ

କଳାହାଣ୍ଡିରେ ସରୁନାହିଁ ଦାଦନ ଯନ୍ତ୍ରଣା। ଶୁଖୁନାହିଁ ମୃତ ଦାଦନ ପରିବାର ଲୋକଙ୍କ ଆଖିର ଲୁହ। କେତେବେଳେ ଦାଦନ ଖଟିବାକୁ ଯାଇ ନିର୍ଯାତିତ ହୋଇ ଗୋଡହାତ କାଟି ହୋଇ ଗାଁକୁ ଫେରୁଛିତ ପୁଣି କେତେବେଳେ କେଉଁଠି ନିଖୋଜ ହେଉଛନ୍ତି। ପରିବାର ଲୋକ ବର୍ଷ ବର୍ଷ ଧରି ତାଙ୍କ ଫେରିବା ପଥକୁ ଚାହିଁ ରହିଛନ୍ତି। ଆଉ କିଛି ଶ୍ରମିକ କାମ କରୁଥିବା ସ୍ଥାନରେ ମୃତ୍ୟୁର ଶିକାର ହେଉଛନ୍ତି। କାହାର ଭାଗ୍ୟରେ ଗାଁ ମାଟି ଜୁଟୁଛି ତ ପୁଣି କାହା ଭାଗ୍ୟରେ ଗାଁ ମାଟି ମିଳୁ ନାହିଁ। ଏପରିସ୍ଥଳେ ପୁଣି ଜଣେ ଶ୍ରମିକ ଗୋଆକୁ ଦାଦନ ଖଟିବାକୁ ଯାଇ ଛାତ ଭୁଶୁଡି ପଡିବାରୁ ଛାତ ତଳେ ଚାପି ହେଇ ମୃତ୍ୟୁ ବରଣ କରିଛି। ମୃତଦେହ ଫେରାଇ ଆଣିବା ପାଇଁ ପରିବାର ଲୋକ କୁଟ୍ରୁ ପୋଲିସ ଫାଣ୍ଡି ଅଧିକାରୀ ଓ କଲମପୁର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହେବା ଭଳି ଖବର ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁସାରେ ଦୁଲକିବନ୍ଧ (ଟଞ୍ଚରାପଡା)ର ସ୍ୱର୍ଗତ ନରେନ୍ଦ୍ର ଲେଞ୍ଜିଆଙ୍କ ପୁଅ ବିଭୁତି (୨୩) ନିଜ ବିଧବା ମା'ଙ୍କୁ ଘରେ ଛାଡି ଦେଇ ଗତ ମାର୍ଚ୍ଚରେ ରୋଜଗାର କରିବା ଆଶାରେ ସାଙ୍ଗ ଶ୍ରମିକଙ୍କ ସହ ଗୋଆକୁ ଯାଇଥିଲେ। ସେଠାରେ କୌଣସି ଏକ ନିର୍ମାଣ ସଂସ୍ଥାରେ କାମ କରୁଥିଲେ। ଗୁରୁବାର କାମ କରୁଥିବା ବେଳେ ହଠାତ୍ ଏକ ଛାତ ଭୁଷୁଡି ଯାଇଥିଲା। ଯେଉଁଥିରେ ବିଭୁତି ଚାପି ହେଇ ଗୁରୁତର ହୋଇ ପଡିଥିଲେ। ତୁରନ୍ତ ତାଙ୍କୁ ସହ କର୍ମୀ ଉଦ୍ଧାର କରି ସ୍ଥାନୀୟ ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବିଭୁତି ସାଙ୍ଗରେ ଥିବା ତାଙ୍କ ଜଣେ ସମ୍ପର୍କୀୟ ଭାଇ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ସୂଚନା ଦେଇଥିଲା। ଏଭଳି ଦୁଃଖ ଖବର ପାଇ ପରିବାର ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅତ୍ୟନ୍ତ ଗରିବ ହେତୁ କିଛି ରୋଜଗାର ଆଶାରେ ଘରେ ବିଧବା ମା'ଙ୍କୁ ଛାଡି ଦେଇ ରୋଜଗାର ପାଇଁ ଯାଇଥିବା ପୁଅର ମୃତ୍ୟୁ ଖବର ପାଇ ଦୁଃଖରେ ଭାଙ୍ଗିପଡିଛନ୍ତି ମା' ଯମୁନା। ଅନ୍ୟପଟେ ତାଙ୍କ ମୃତଦେହ କିଭଳି ଗାଁ ମାଟିକୁ ଆସିବ ସେ ନେଇ ଚିନ୍ତାରେ ପରିବାରବର୍ଗ ରହିଛନ୍ତି। ଶୁକ୍ରବାର ଏ ନେଇ ପରିବାର ପକ୍ଷରୁ ସ୍ଥାନୀୟ କୁଟ୍ରୁ ପୋଲିସ ଫାଣ୍ଡି ସମେତ କଲମପୁର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହେଇଛନ୍ତି ମୃତ ଦାଦନ ଶ୍ରମିକଙ୍କ ପରିବାର ଲୋକ। ଦାଦନ ଶ୍ରମିକଙ୍କ ମୃତଦେହ ଫେରାଇ ଆଣିବା ପାଇଁ ଜିଲା ଶ୍ରମ ବିଭାଗ ସହ ସ୍ଥାନୀୟ ପ୍ରଶାସନ ଯୋଗାଯୋଗ କରିଥିବା ଜଣାପଡିଛି।

## କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଏଡିଏନ୍‌ର ଜୁନିୟର ଚାମ୍ପିୟନ ମାଗାଜିନ୍ ଉନ୍ମୋଚିତ


ମାଗାଜିନ୍ ଉନ୍ମୋଚିତ ସମୟରେ ଅତିଥିଗଣ।

ଭବାନୀପାଟଣା, ୧୩।୧୦(ଉତ୍ତମ କୁମାର ଦାଶ)

ଆନ୍ତର୍ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ ଉପଲକ୍ଷେ ଶୁକ୍ରବାର ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଏଭୋଏଡେବଲ ଡେଥ୍ସ ନେଟୱାର୍କ(ଏଡିଏନ୍)ଜୁନିୟର ଚାମ୍ପିୟନ ମାଗାଜିନ୍ ଉନ୍ମୋଚିତ ହୋଇଯାଇଛି। ଏହି ପତ୍ରିକାରେ ବନ୍ୟା ପରିସ୍ଥିତିର ଅନୁଭୁତି, ପ୍ରବନ୍ଧ, ଭିଜୁଆଲ୍ସ ଆଦି ବିଷୟ ବସ୍ତୁ ରହିଛି। ଏହି ଅବସରରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧକ୍ଷା ତଥା ଆନ୍ଥ୍ରୋପୋଲୋଜିର ଆସୋସିଏଟ୍ ପ୍ରଫେସର ଡକ୍ଟର ନିବେଦିତା ନାଥ୍ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଡକ୍ଟର ନିବେଦିତା ରାୟ ବେନେଟ ଓ ଡକ୍ଟର ହିତୁକି ଶିରୋସିତା ଏଡିଏନର ପ୍ରତିଷ୍ଠାତା ମଧ ତାଙ୍କ ଅଭିଭାଷଣ ରଖିଥିଲେ। ଏଡିଏନ ଜୁନିୟର ଚାମ୍ପିୟନ ମାଗାଜିନର ସମ୍ପାଦକ ମାଷ୍ଟର ଆରକୋନିଲ ଘୋଷ ଏଡିଏନ ସହିତ କାମ କରିବାର ଅଭିଜ୍ଞତା, ଉନ୍ନତ ଭିତ୍ତି ଭୂମି, ଅନ୍ୟଙ୍କ ଜୀବନ ବଞ୍ଚାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ ଉପରେ କହିଥିଲେ। ଭବାନୀପାଟଣା ସହର ସ୍ଥିତ ବିମଳା କନଭେଣ୍ଟର ଦଶମ ଶ୍ରେଣୀର ଛାତ୍ର ମାଷ୍ଟର ଆର୍ଯ୍ୟମାନ ନାଥ ଏଡିଏନର ଜୁନିୟର ଚାମ୍ପିୟନ ମାଗାଜିନରେ ବନ୍ୟା ସମୟର ଅନୁଭୂତି ଓ ବିପର୍ଯ୍ୟୟ ସମୟରେ ମୁକାବିଲା ପାଇଁ ଶିକ୍ଷାନୁଷ୍ଠାନଗୁଡିକରେ ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ଲେଖା ପ୍ରକାଶ କରିଥିଲେ। ଏହାସହ ତାଙ୍କର ଅନୁଭୂତି ଉପରେ କାର୍ଯ୍ୟକ୍ରମରେ କହିଥିଲେ। କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ସତପଥି ଯୋଗଦେଇ କନିଷ୍ଠ ଛାତ୍ରୀଛାତ୍ରମାନଙ୍କୁ ସୃଜନାଶୀଳତାର ବିକାଶ ଓ ବିପର୍ଯ୍ୟୟ ମୁକାବିଲାର ସଚେତନତା ପାଇଁ ଏଡିଏନର ଏହି ପ୍ରୟାସ ଏକ ଉତ୍ତମ ପଦକ୍ଷେପ ବୋଲି କହିଥିଲେ। କାର୍ଯ୍ୟକ୍ରମ ଛାତ୍ର କଲ୍ୟାଣ ନିର୍ଦ୍ଦେଶିକା ତଥା ଏଡିଏନ୍ ଏଡିଟିଙ୍ଗ ମ୍ୟାନେଜର ଡ ମଧୁଲିକା ସାହୁ ସଂଯୋଜନା କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା


ଜନ ସମ୍ପର୍କ ପଦଯାତ୍ରା ସଭାରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବକ୍ତବ୍ୟ ରଖୁଛନ୍ତି।

ଡୁଙ୍ଗୁରିପାଲି, ୧୩।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ଶୁକ୍ରବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ରାଜପଥ ୨୬ ହାଇସ୍କୁଲ ନିକଟ ଶିବ ମନ୍ଦିର ନିକଟରୁ ବିଜେଡି କର୍ମୀମାନେ ସଂସଦୀୟ ବ୍ୟାପାର, ପରିବାର ଓ ସ୍ୱାସ୍ଥ୍ୟ କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ଡୁଙ୍ଗୁରିପାଲି ସହର ପରିକ୍ରମା କରି ଆରଏମସି ପରିସରରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ପୂଜାରୀ ରାଜ୍ୟର ବିଜେଡି ସରକାରର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ କହିଥିଲେ। ଏହି ଅବସରରେ ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ ଏକଶହରୁ ଊର୍ଦ୍ଧ୍ୱ ସହଯୋଗୀଙ୍କୁ ନେଇ ବିଜେଡିରେ ଯୋଗଦେଇଥିଲେ। ମନ୍ତ୍ରୀ ପୂଜାରୀ ସେମାନଙ୍କୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ବିଜେଡିକୁ ପୁଣି ଶାସନକୁ ଆଣିବା ପାଇଁ ଦଳୀୟ କର୍ମୀମାନେ ଏକ ମନ କାମ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ଜିଲା ପରିଷଦ ଅଧକ୍ଷ ତଥା ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶ୍ୱାଳ ସଭାରେ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଡୁଙ୍ଗୁରିପାଲି ବ୍ଲକ ଅଧକ୍ଷା ଅହଲ୍ୟା ସାହୁ, ଜିଲା ବିଜେଡି ସଭାପତି ସରୋଜ କମ୍ପ, ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ, ଜିଲା ବିଜେଡି ଉପ ସଭାପତି ରମେଶ ଚନ୍ଦ୍ର ପୂଜାରୀ, ଜିଲା ପରିଷଦ ସଭ୍ୟ ମଞ୍ଜୁଶ୍ରୀ ମାଝି, ଗଣେଶ ଚନ୍ଦ୍ର ଭୋଇ, ସମଲେଇତୁଆଁ ସରପଞ୍ଚ ବିଭୁଦତ୍ତ ରାଜହଂସ, ସୋନପୁର ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନାଏକ, ସୋନପୁର ବ୍ଲକ ବିଜେଡି ସଭାପତି ଶଙ୍କର ସା, ଚିନାଜୁରୀ ସରପଞ୍ଚ ରାଜ କୁମାର ସାହୁ, ପ୍ରକାଶ ସାହୁ, ସୋନପୁର ଛାତ୍ର ବିଜେଡି ସଭାପତି ଶାଶ୍ୱତ ମିଶ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅଭିମନ୍ୟୁ କୁଶଳ, କଇରୁ ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟାନନ୍ଦ ମିଶ୍ର, ହରି ପଧାନ, ରଞ୍ଜନ ଠେଲା ବିଜେଡି ମହିଳା ସଭାନେତ୍ର ତଥା ବୈଦୁପାଲି ସମିତି ସଭ୍ୟା ପୂର୍ଣ୍ଣିମା ପାଣ୍ଡିଆ, ସରପଞ୍ଚ ଗୀତାଞ୍ଜଳି ସା, ମିନତୀ ସା, ରଶ୍ମିତା ବିଶ୍ୱାଳ, ସମିତି ସଭ୍ୟା ମମତା ମହାନନ୍ଦ, ଉମେଶ ପୂଜାରୀ, ବ୍ଲକ ସରପଞ୍ଚ ସଂଘ ସଭାପତି ମନୋଜ କୁମାର ପୁରୋହିତ, ସଂଘ ଉପସଭାପତି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ରେଡ୍‌କ୍ରସ୍ ଶାଖା ଉଦ୍‌ଘାଟିତ

ବେହେରା, ୧୩।୧୦(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ବେହେରାସ୍ଥିତ ଭାରତୀୟ ବିଦ୍ୟା ଶ୍ରୀନିକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ରେଡକ୍ରସ ୟୁନିଟ ଉଦଘାଟିତ ହୋଇଯାଇଛି। କଲେଜ ପରିଚାଳନା ନିର୍ଦ୍ଦେଶକ କିଶୋର ଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଲଖୀରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ କୋକସରା ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଯୁବ ରେଡକ୍ରସ ପରାମର୍ଶଦାତା ସୁବ୍ରତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ଯୁବ ରେଡକ୍ରସ ସଂଯୋଜକ ଶାନ୍ତନୁ କୁମାର ପରିଡା, କରଚଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ ପରାମର୍ଶଦାତା କ୍ୟାପଟେନ ଭବାନୀଶଙ୍କର ପଣ୍ଡା, ଧର୍ମଗଡ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ ପରାମର୍ଶଦାତା ସଞ୍ଜୀବ କୁମାର ମୁଣ୍ଡ, ବେହେରା ଲଖୀରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ ପରାମର୍ଶଦାତା ମୋହନ ଚରଣ ବିଶି ପ୍ରମୁଖ ଯୋଗଦେଇଥିଲେ। ମାନବିକତା ହିଁ ଶ୍ରେଷ୍ଠ ଧର୍ମ ବୋଲି ମତ ପ୍ରକାଶ କରିବା ସହ ରେଡକ୍ରସର ଇତିହାସ, ବିକାଶ, ଚିହ୍ନ, ମୌଳିକ ନୀତି, ପ୍ରାଥମିକ ଚିକିତ୍ସା, ରକ୍ତଦାନର ମହତ୍ତ୍ୱ ବିଷୟରେ କହିଥିଲେ। କାର୍ଯ୍ୟକ୍ରମ କଲେଜ ଅଧକ୍ଷ ସୁରେନ୍ଦ୍ର ନାଏକ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ତନୁଜା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଯୁବରେଡକ୍ରସ ସ୍ୱେଚ୍ଛାସେବୀ ସଂଗୀତା କଟା, ନବୀନା ମେହେର, ନୀଳାକ୍ଷୀ ଟାକରୀ, କପିଲେଶ ଗଇନ୍ତା, ଜସ୍ମିତା ମାଝି, ନମିତା ଗୋପାଳ, ବିଜୁଶୀତା ହଂସ, ଭାରତୀ ସୁନାନୀ, ପାୟଲ ସୁନାନୀ, ଚନ୍ଦ୍ରମା ଓ ଚନ୍ଦ୍ରପ୍ରଭା ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଅଧାପକ ମଣ୍ଟୁ ରଣା, ସରିତା ଭରତିଆ, ବସନ୍ତ ରଣା, ରଣଜିତ ଅରେବେଡିଆ, ପରମେଶ୍ୱର ଗୋପାଳ ପ୍ରମୁଖ ସହଯୋଗ କରିଥିଲେ।

## ମେରି ମିଟି ମେରା ଦେଶ୍ କାର୍ଯ୍ୟକ୍ରମ


ମେରି ମିଟି ମେରା ଦେଶ୍ କାର୍ଯ୍ୟକ୍ରମ।

କୋକସରା, ୧୩।୧୦(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ଡିଗ୍ରୀ ମହାବିଦ୍ୟାଳୟଠାରେ ଶୁକ୍ରବାର କେନ୍ଦ୍ର ସରକାରଙ୍କ ଜାତୀୟ ସେବା ଯୋଜନା ଏନଏସଏସ ମିଳିତ ଆନୁକୂଲ୍ୟରେ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ପୁଷ୍ପରାଜ ମେହେରଙ୍କ ଅଧ୍ୟକ୍ଷତାରେ ମେରି ମିଟି ମେରା ଦେଶ, ମାଟି କୋ ନମନ, ବିରୋ କୋ ବନ୍ଦନ ଅମୃତ କଳସ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶ ମାତୃକାର ପାଇଁ ଶହୀଦ ହୋଇଥିବା ବିର ଯବାନଙ୍କ ଉଦ୍ଦେଶ୍ୟରେ ଅମୃତ ବାଟିକା ନିର୍ମାଣ କରାଯିବ ସେ ନେଇ ଦେଶର ବିଭିନ୍ନ ପ୍ରାନ୍ତରୁ ମାଟି ସଂଗ୍ରହ କରି ପଠାଯିବ। ଏହି କ୍ରମରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ସୁସଜ୍ଜିତ କଳସରେ ଘର ଘର ବୁଲି ମାଟି ସଂଗ୍ରହ କରିଛନ୍ତି। ଏହା ଦେଶର ବୀର ଶହୀଦ ଯବାନମାନଙ୍କ ପ୍ରତି ଦେଶବାସୀଙ୍କ ଶ୍ରଦ୍ଧାଞ୍ଜଳି ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। କାର୍ଯ୍ୟକ୍ରମରେ ଏନଏସଏସ ପ୍ରୋଗ୍ରାମ ଅଫିସର ତଥା ଅଧ୍ୟାପକ ଐରି ନାସନ ଚିନ୍ଦା, ଅଧ୍ୟାପକ ସୁବ୍ରତ କୁମାର ବେହେରା, ଜଗନ ଚନ୍ଦାନି, ଏନସିସି କ୍ୟାପେଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧ୍ୟାପିକା କନକ ମଞ୍ଜରୀ ବେହେରା, ବେଦମୟୀ ବାରିକ, ଶୁଭଶ୍ରୀ ସାହୁ, କ୍ରୀଡା ଶିକ୍ଷକ ପ୍ରତାପ ଚନ୍ଦ୍ର ବିଶି ଓ ଡିଗ୍ରୀ ମହାବିଦ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ।

## ମୁର୍ଷୁଣ୍ଡି ଗଜଲକ୍ଷ୍ମୀ ପୂଜା ପାଇଁ ମୁରାସୁର ବରଣ

ଅମରପାଲି, ୧୩।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡି ଗ୍ରାମରେ ହେବ ୪୧ ତମ ଗଜଲକ୍ଷ୍ମୀ ପୂଜା। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ହେବ ମୁରାସୁର ଦରବାର। ଏଥିରେ ମୁରସୁର ଭୂମିକାରେ ଅଭିନୟ କରିବେ ଅନ୍ତର୍ଦା (ବିନିକା)ର ଗୋପାଳ ପଣ୍ଡା। ଶୁକ୍ରବାର ଗୋପାଳ ପଣ୍ଡାଙ୍କୁ ମୁରସୁରଭାବେ ବରଣ କରାଯାଇଛି। ମୁର୍ଷୁଣ୍ଡି ଗଜଲକ୍ଷ୍ମୀ ପୂଜା କମିଟି ସଦସ୍ୟମାନେ ଅଭିନେତା ଗୋପାଳ ପଣ୍ଡାଙ୍କ ଅନ୍ତର୍ଦା ବାସଭବନକୁ ଯାଇ ବରଣ କରିଛନ୍ତି। ପ୍ରଥମେ ପୂଜକଙ୍କ ଦାରା ପୂଜାର୍ଚ୍ଚନା କରାଯାଇଥିଲା। ପରେ ତାଙ୍କୁ ନାରିକେଳ ସହିତ ଅନ୍ୟାନ୍ୟ ଫଳ ଓ ଫୁଲମାଳ ଓ ଅଙ୍ଗବସ୍ତ୍ର ଦେଇ ବରଣ କରାଯାଇଥିଲା। ଗଜଲକ୍ଷ୍ମୀ ପୂଜା କମିଟିର ଉପ ସଭାପତି ଧନଞ୍ଜୟ ସାହୁଙ୍କ ନେତୃତ୍ୱରେ ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, ସହ ସମ୍ପାଦକ ବିଦ୍ୟାଧର ଖୁର୍ଦ୍ଦିଆଙ୍କ ସମେତ କମିଟି ବରିଷ୍ଠ ସଦସ୍ୟ ସଞ୍ଜୀବ ସାହୁ, ପଦ୍ମନାଭ ପ୍ରଧାନ, ବଳରାମ ପଧାନ, ଉତ୍ତର ନାଏକ, ଶ୍ରୀକର ପଧାନ ପ୍ରମୁଖ ମୁରାସୁର ବରଣ କରିଛନ୍ତି।

## ବ୍ଲକସ୍ତରୀୟ ଆଥଲେଟିକ୍ସ ମିଟ କ୍ରୀଡ଼ା ଉତ୍ସବ

କୋକସରା, ୧୩।୧୦(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ମାଝିଗୁଡା ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ଆଥଲେଟିକ୍ସ ମିଟ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବ ଧର୍ମଗଡ଼ ବିଧାୟକ ମୌଷଧି ବାଗ ଯୋଗଦେଇ ପ୍ରଥମେ କ୍ରୀଡା ପତାକା ଉତ୍ତୋଳନ କରିବା ପରେ ଆଥଲେଟିକ୍ସ ମିଟ୍ ଉଦଘାଟନ କରିଥିଲେ। କେବଳ ପାଠ ନୁହେଁ କ୍ରୀଡା କ୍ଷେତ୍ରରେ ମଧ ପାରଦର୍ଶିତା ଅର୍ଜନ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଖେଳ ଶିକ୍ଷକ ସୁଧୀର ପଣ୍ଡା, ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଧବଳେଶ୍ୱର ନାଗ ଯୋଗଦେଇଥିବା ବେଳେ ଏହି ଆଥଲେଟିକ୍ସ ମିଟରେ ବ୍ଲକର ୨୦ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବର୍ଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡା ଉତ୍ସବକୁ ଜବାହର ଉଚ୍ଚ ବିଦ୍ୟାଳୟ ନୋଡାଲ ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି, ଶଙ୍କର ପୋଢ଼, ସୁଧୀର ପଣ୍ଡା, ଉତ୍ତମ ସାହୁ, ଦିପ୍ତୀ ରଞ୍ଜନ ଠାକୁର, ସମିର ପଣ୍ଡା, ରାଧାକାନ୍ତ ପଟ୍ଟନାୟକ, କିଶନଲାଲ ଧ. ମାଝି, ଅଜିତ କୁମାର ମେହେର, ଭବାନୀଶଙ୍କର ଶବର, ଜିତୁ ମାଝି ପ୍ରମୁଖ ପରିଚାଳନା କରିଥିଲେ। ଉଦଯାପିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଇଓ ରଶ୍ମିତା ନେତମ, ମୁଖ୍ୟବକ୍ତା ପ୍ରଧାନ ଶିକ୍ଷକ କୋକସରା ଜବାହର ଉଚ୍ଚ ବିଦ୍ୟାଳୟ ସୁଧୀର କୁମାର ପଣ୍ଡା, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ଲଡୁଗାଁ ଉଚ୍ଚ ବିଦ୍ୟାଳୟ ଅଶୋକ କୁମାର ଦାସ, ପ୍ରତାପ କିଶୋର ମହାନ୍ତି, ସ୍କୁଲ କମିଟି ସଦସ୍ୟ ପଞ୍ଚକ ପୋଢ଼, ସହ ଶିକ୍ଷକ ମୃତ୍ୟୁଞ୍ଜୟ ପଣ୍ଡା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ସାମନ୍ତ କୁମାର ପାଟ୍ଟଯୋଷୀ ମଞ୍ଚ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୋକସରା ବ୍ଲକର ୨୦ଟି ଉଚ୍ଚ ବିଦ୍ୟାଳୟର ୨୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



କ୍ରୀଡା ଉତ୍ସବରେ ଯୋଗଦେଇଥିବା ଅତିଥି।

# ଥାନା ଘେରିଲେ ଗ୍ରାମବାସୀ

ଅମରପାଲି, ୧୩।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ନୂଆଁଗଡ ଗ୍ରାମରୁ ଏକ ଚୋରି ଘଟଣାରେ ଦୁଇଜଣ ନିର୍ଦ୍ଦୋଷଙ୍କୁ ଥାନାକୁ ଆଣିବାର ପ୍ରତିବାଦ କରି ଗ୍ରାମବସୀ ଶୁକ୍ରବାର ଥାନା ଘେରଥିଲେ। ପରେ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ୪ଜଣଙ୍କୁ ଧରିଛି। ସେମାନଙ୍କ ମଧ୍ୟରେ ସମ୍ପୃକ୍ତ ନାବାଳକ ଅଭିଯୁକ୍ତଙ୍କୁ ବୌଦ୍ଧ ସ୍ଥିତ ସତନ୍ତ୍ର ବାଳ ସ୍ୱଧର ଗୃହକୁ ପଠାଇ ଦିଆଯାଇଥିବା ବେଳେ ଅନ୍ୟ ୩ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଅପରପକ୍ଷରେ ଗ୍ରାମବାସୀ ଥାନା ଘେରାଉ କରି ପ୍ରତିବାଦ କରିବା ପରେ ସନ୍ଦେହରେ ଥାନାକୁ ଆଣିଥିବା ୨ ଜଣଙ୍କୁ ପୋଲିସ ଛାଡ଼ି ଦେଇଛି।

ସୂଚନମତେ ଗତ ୮ ତାରିଖରେ ନୂଆଁଗଡ ଗ୍ରାମର ପ୍ରତାପ ଜଗଦଲାଙ୍କ ଘରୁ ଚୋରି ହୋଇଥିଲା। ଚୋରମାନେ ତାଙ୍କ ଘରୁ ସୁନା ହାର, ମୁଦି, ଚୂଡ଼ି ଓ ରୂପା ପାଉଁଜି ଆଦି ଜିନିଷ ଚୋରି କରି ନେଇଥିଲେ। ଏନେଇ ବୀରମହାରାଜପୁର ଆଦର୍ଶ ଥାନାରେ ଏକ ମାମଲା(୧୭୫/୨୩) ରୁଜୁ ହୋଇଥିଲା। ପ୍ରତାପଙ୍କ ଅଭିଯୋଗ ଆଧାରରେ ନୂଆଁଗଡ ଗ୍ରାମର ଜଣେ ନାବାଳକଙ୍କ ସହିତ ୪ ଜଣଙ୍କୁ ଥାନାକୁ ଆଣି ପୋଲିସ ପଚରାଉଚରା କରିଥିଲା।


ବୀରମହାରାଜପୁର ଥାନା ଘେରିଛନ୍ତି ନୂଆଁଗଡ ଗ୍ରାମବାସୀ।

**ନିର୍ଦ୍ଦୋଷଙ୍କୁ ଥାନାକୁ ଆଣିବାର ପ୍ରତିବାଦ**

ଅଭିଯୁକ୍ତମାନେ ଚୋରି କରିଥିବା ସ୍ୱୀକାର କରିଥିବା ବେଳେ ଉକ୍ତ ଚୋରି ଜିନିଷକୁ ଗ୍ରାମର ଅମିୟ ପେରା ଓ ଅଭିଯୋଗକାରୀଙ୍କ କାକା ତରଣି ଜଗଦଲାଙ୍କୁ ବିକ୍ରି କରିଥିବା କହିଥିଲେ। ତେଣୁ ପୋଲିସ ଉକ୍ତ ଦୁଇ ଜଣଙ୍କୁ ଥାନାକୁ ଆଣିପଚରାଉଚରା କରିଥିଲା। ଗ୍ରାମବାସୀ ଅଭିଯୋଗକାରୀଙ୍କ ସମ୍ପର୍କୀୟ ହୋଇ କେମିତି ଏଥିରେ ସମ୍ପୃକ୍ତ ରହିବେ ବୋଲି ଅଭିଯୋଗ କରିଥିଲେ। ପରେ ସେହି ଦୁଇଜଣଙ୍କୁ ତୁରନ୍ତ ଛାଡ଼ିବାକୁ ଦାବିକରି ଗ୍ରାମବାସୀ ଥାନା ଘେରାଉ କରିଥିଲେ। ତଦନ୍ତକାରୀ ଅଧିକାରୀ ନରେନ୍ଦ୍ର ପ୍ରସାଦ ଜେନାଙ୍କୁ ପଚାରିବାରୁ ସେ ଏହି ଚୋରିରେ ସମ୍ପୃକ୍ତ ଜଣେ ନାବାଳକଙ୍କ ସହିତ ୪ ଜଣଙ୍କୁ ଧରାଯାଇଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ସ୍କ୍ରାପ୍ ଜବତ, ଜଣେ ଗିରଫ

ରାଉରକେଲା,୧୩।୧୦(ସଙ୍ଗୀତା ଜେନା): ଉଦିତନଗର ଥାନା ଅଞ୍ଚଳରେ ଶୁକ୍ରବାର ସକାଳେ ପୋଲିସ ପାଟ୍ରୋଲିଂ ସମୟରେ ଏକ ଯାତ୍ରୀବାହୀ ଅଟୋ (ନଂ.ଓଡ଼ି୧୪ଏ/୪୫୭୧)ରୁ ପ୍ରାୟ ୨ କୁଇଣ୍ଟାଲ ସ୍କ୍ରାପ ଜବତ କରାଯାଇଛି। ଏଡି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୧୯/୨୩) ରୁଜୁକରିଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ରାମପ୍ରସାଦ ନାଗ କହିଛନ୍ତି।

### ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି, ୧୩।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସହରକୁ ସାଇବର ସୁରକ୍ଷା ଅଭିଯାନ ରଥ ଶୁକ୍ରବାର ପହଞ୍ଚିଥିଲା। ରଥ ଡୁଙ୍ଗୁରିପାଲି ରାମପୁର ରୋଡ ଚାରି ଛକରେ ପହଞ୍ଚିବା ପରେ ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ ଓ ଅନ୍ୟ କର୍ମଚାରୀ ସ୍ୱାଗତ କରିଥିଲେ। ପରେ ରଥ ଆରଏମସି ଛକ ଦେଇ ମହିଳା ମହାବିଦ୍ୟାଳୟ ନିକଟରେ ପହଞ୍ଚିଥିଲା। ୟୁନିଅନ ବ୍ୟାଙ୍କ ନିକଟରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଭାଂଶୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସୋନପୁର ଏସ୍‌ଡିପିଓ ପ୍ରତାପ ରଣା ଯୋଗ, ସମ୍ମାନିତ ଅତିଥିଭାବେ ଥାନା ଅଧିକାରୀ ସତ୍ୟନାରାୟଣ ପଧାନ, ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ଅଶିନୀ କୁମାର ସାଏ, ଡିସିବି ବ୍ୟାଙ୍କ ମ୍ୟାନେଜର ସୁଧାଂଶୁ ଶେଖର ଦାଶ, ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ଲକ୍ଷ୍ମୀ ସରାଫ ଯୋଗଦେଇଥିଲେ।

### ଜିଲାସ୍ତରୀୟ ସମିତି ସଭ୍ୟାସଭ୍ୟ ସଂଘର ନୂତନ କର୍ମକର୍ତ୍ତା

ଭବାନୀପାଟଣା/କେସିଙ୍ଗା,୧୩।୧୦ (ଉତ୍ତମ କୁମାର ଦାଶ/ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲାର ୧୩ଟି ବ୍ଲକର ସମିତି ସଭ୍ୟା ସଭ୍ୟଙ୍କୁ ନେଇ ଜିଲାସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ ଭବାନୀପାଟଣା ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଚ୍ଚିଦାନନ୍ଦ ମହାକୁଡ଼, ପ୍ରେମ ରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲାରେ ସମିତି ସଭ୍ୟାସଭ୍ୟଙ୍କ ବିଭିନ୍ନ ସମସ୍ୟା ରହୁଥିବାରୁ ନୂତନ ଭାବେ ଏକ ଜିଲାସ୍ତରୀୟ ସଂଘ ଗଠନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଆଗତ କରାଯାଇ କମିଟି ଗଠନ ହୋଇଥିଲ। କଳାହାଣ୍ଡି ଜିଲା ସମିତି ସଭ୍ୟ ସଭ୍ୟା ସଂଘ ଆସ୍ଥାୟୀ ସଭାପତି ଭାବେ କେସିଙ୍ଗା ବ୍ଲକ କୁଣ୍ଡାବନ୍ଧ ସମିତି ସଭ୍ୟ ମନୋଜ କୁମାର ପଟ୍ଟନାୟକ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିବା ବେଳେ ମେଦିନି ପୁରଗ୍ରାମ ପଞ୍ଚାୟତ ସମିତି ସଭ୍ୟ ସନ୍ତୋଷ କୁମାର ଦାଶ ସାଧାରଣ ସମ୍ପାଦକ, ଶାନ୍ତପୁର ଗ୍ରାମପଞ୍ଚାୟତ ସଭ୍ୟ ଜୟଦେବ ମେହେର ଉପସଭାପତି, ରକ୍ଷିଗାଁ ସମିତି ସଭ୍ୟା ପୂର୍ଣ୍ଣିମା ବାଗ, ହାତୀଖୋଜର ସଭ୍ୟା ମିନା ନନ୍ଦ ସହସମ୍ପାଦିକା, ଦୁଆରସୁନି ଗ୍ରା.ପ.ର ସଭ୍ୟ ସଚ୍ଚିଦାନନ୍ଦ ମହାଖୁଡ଼, ପ୍ରେମରଞ୍ଜନ ପାଣିଗ୍ରାହୀ, ଦ୍ରୌପଦୀ ମାଝିଙ୍କୁ ଉପଦେଷ୍ଟା ସଭ୍ୟାସଭ୍ୟ ଭାବେ ମନୋନୀତ କରାଯାଇଛି।

# ଅନୁଦାନ ଥାଇ କାମ ନ ହେବା ଦୁର୍ଭାଗ୍ୟଜନକ

**ବଲାଙ୍ଗୀର ଜିଲା ଯୋଜନା କମିଟି ବୈଠକ**

ବଲାଙ୍ଗୀର,୧୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଯୋଜନା କମିଟି ବୈଠକ ସ୍ଥାନୀୟ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ କମିଟି ଅଧକ୍ଷ ତଥା ପାଟଣାଗଡ ବିଧାୟକ ସରୋଜ କୁମାର ମେହେରଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ଲୋକ ସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂଙ୍କ ସହ କମିଟି ସଦସ୍ୟ ଓ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଜିଲାର ଦାଦନ ଶ୍ରମିକ ସମସ୍ୟା, କୃଷି, ଗ୍ରାମ୍ୟ ଉନ୍ନୟନ, ଶିଳ୍ପ ପ୍ରତିଷ୍ଠା, ସ୍ୱତନ୍ତ୍ର ଯୋଜନା, ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ଜିଲାରେ ୨୦୨୨–୨୩ ବର୍ଷ ପାଇଁ ବିଭିନ୍ନ କ୍ଷେତ୍ର ନିମନ୍ତେ ପ୍ରସ୍ତାବିତ ବାର୍ଷିକ ଯୋଜନା ବୈଠକରେ ଅନୁମୋଦନ କରାଯାଇଥିଲା। ୨୦୨୨–୨୩ ବର୍ଷରେ ବିଜୁ କେବିକେ ଯୋଜନା ଜିଲା ସେକ୍ଟର କାର୍ଯ୍ୟ ଖସଡା ସମ୍ପର୍କରେ



ଜିଲା ଯୋଜନା କମିଟି ବୈଠକରେ ମଞ୍ଚାସୀନ ଜନପ୍ରତିନିଧି, ଅଧିକାରୀ ଓ ସଦସ୍ୟ।

ବୈଠକରେ ସବିଶେଷ ଆଲୋଚନା ହୋଇ ଅନୁମୋଦନ କରାଯାଇଥିଲା। ବୈଠକରେ ଉପସ୍ଥିତ ଜନପ୍ରତିନିଧିମାନେ ଜିଲାର ବିକାଶ ତ୍ୱରାନ୍ୱିତ କରିବା ଉପରେ ଜୋର ଦେଇଥିଲେ। ବିଭିନ୍ନ ବ୍ଲକ୍‌ରେ ଯୋଜନା ଅନୁମୋଦନକୁ ଏକ ବର୍ଷରୁ ଉର୍ଦ୍ଧ୍ୱ ହେଲା ପଡିରହିଥିଲେ ମଧ କାର୍ଯ୍ୟାରମ୍ଭ ନ ହେବା ନେଇ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବିଧାୟକ ମିଶ୍ର କହିଥିଲେ ଯେ, ଜିଲାର ବିକାଶ ପାଇଁ ଏହି କମିଟି ବୈଠକରେ ଯାହା କିଛି ନିଷ୍ପତ୍ତି ହୋଇଛି ସେସବୁର କୌଣସି ସୁଫଳ ବାହାରୁ ନାହିଁ, ତାହା ଆଲୋଚନା ଓ କାଗଜପତ୍ରରେ ସିମିତ ରହିଯାଉଛି। ତେଣୁ ଏହି ବୈଠକ ଜିଲାର ବିକାଶରେ ସହାୟକ ହେବା ପରିବର୍ତ୍ତେ ଜିଲାବାସୀଙ୍କୁ ଓଲଟା ଫଳ ଦେଉଛି ବୋଲି କହିଥିଲେ। ଗତ ଫେବୃୟାରୀ ମାସରେ ହୋଇଥିବା ବୈଠକ ନିଷ୍ପତ୍ତି ଅନୁଯାୟୀ କୌଣସି ଗୋଟିଏ ବି ପ୍ରସ୍ତାବ କାହିଁକି କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି ପ୍ରଶ୍ନ କରିଥିଲେ । ଜିଲାକୁ ଅନେକ ଅନୁଦାନ ଆସି ପଡି ରହିଥିଲେ ମଧ ତାହା ଖର୍ଚ୍ଚ ନହୋଇ ପଡି ରହିଥିବା ଦର୍ଶାଇଥିଲେ। ସୋନଗଡ ଅଙ୍ଗ ନଦୀରେ ବ୍ୟାରେଜ, ଭୀମପାହାଡ ପର୍ଯ୍ୟଟନସ୍ଥଳୀର ଆହୁରି ବିକାଶ ସାଙ୍ଗକୁ ରାଣୀପୁର ଝରିଆଲ, ଚାନ୍ଦଲି ପାହାଡ, କୁମୁଡା ପାହାଡ ବିକାଶ ପାଇଁ ପ୍ରସ୍ତାବ ଦେଇଥିଲେ । ଜିଲାରେ ଟେକ୍ସଟାଇଲ ମିଲ ପ୍ରତିଷ୍ଠା, ବିଜୟାନନ୍ଦ ଚିନିକଳ ଚାଲୁ କରିବାକୁ ଉଦ୍ଧାର ପାଇଁ ପ୍ରସ୍ତାବ ଦେଇଥିଲେ। ଖେଳ ଭିତ୍ତିଭୂମି ବିକାଶ ସାଙ୍ଗକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ ବଲାଙ୍ଗୀରରେ ପ୍ରତିଷ୍ଠା, ବଲାଙ୍ଗୀରରେ ଏକ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା, ଭୀମ ଭୋଇ ମେଡିକାଲ କଲେଜରେ ହୃଦରୋଗ ତଥା କାର୍ଡିଓଲୋଜ ଓ ନେପ୍ରୋଲୋଜି ବିଭାଗ ଖୋଲିବା, ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା, କଣ୍ଟାବାଞ୍ଜିରେ ୱାଗନ ମରାମତି କାରଖାନା ପ୍ରତିଷ୍ଠା, ମହାରାଣୀ ସାଗର, ମହାରାଜା ସାଗର ଓ ଲକ୍ଷ୍ମୀଯୋର ପ୍ରକଳ୍ପ କାମ ଶୀଘ୍ର କରିବା ଉପରେ ଜୋର ଦେଇଥିଲେ। ଲକ୍ଷ୍ମୀଯୋର ନାଳାର ଉଭୟ ପାର୍ଶ୍ୱରେ ଥିବା ନିର୍ବିବାଦୀୟ ଜମିରେ ଜଳସେଚନ ବିଭାଗ ପକ୍ଷରୁ ଆସିଥିବା ଅନୁଦାନରେ ଶୀଘ୍ର ଉନ୍ନତିମୂଳକ କାମ ଆରମ୍ଭ କରାଯାଉ ବୋଲି କହିଥିଲେ ।

ଏମ୍‌ପି ସିଂଦେଓ ଗାଁରେ ପାନୀୟ ଜଳ ପ୍ରକଳ୍ପକୁ ନେଇ ହୋଇଥିବା ଦୁର୍ନୀତି ଉପରେ କଡା ମନ୍ତବ୍ୟ ଦେଇଥିଲେ। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଲୋକଙ୍କ ପାଇଁ ଅନୁଦାନ ଥାଇ କାମ ନ ହେବା ପରିତାପର ବିଷୟ ବୋଲି କହିଥିଲେ। କଣ୍ଟାବାଞ୍ଜି ବିଧାୟକ ସାଲୁଜା ପମ୍ପୁ ତାଲାବ ସହ ଜିଲାର ବିକାଶ ଏବଂ ଲୋଇସିଂହା ବିଧାୟକ ଡ ମହାଲିଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗର ଅପାରଗତା ବିଷୟରେ କହିଥିଲେ। ବୈଠକରେ ବିଶେଷକରି ଗ୍ରାମ୍ୟ ଉନ୍ନୟନ, ଜଳସେଚନ ବିଭାଗ ଉପରେ କଡା ସମାଲୋଚନା କରାଯାଇଥିଲା। ଜିଲା ପ୍ରଶାସନ ସବୁ ଦିଗରୁ ବିକାଶ ମୂଳକ କାର୍ଯ୍ୟକୁ ପ୍ରାଧାନ୍ୟ ଦିଅନ୍ତୁ ବୋଲି ଜନପ୍ରତିନିଧିମାନେ ଜୋର ଦେଇଥିଲେ। ସମସ୍ତଙ୍କ ସହଯୋଗରେ ଏବଂ ବିଭିନ୍ନ ବିଭାଗର ସମନ୍ୱୟରେ ଜିଲା ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି କମିଟି ଅଧକ୍ଷ ମେହେର ଗୁରୁତ୍ୱାରୋପ କରିଥିଲେ।

### କୁତ୍ରାରେ ବିଶ୍ୱ ଅଣ୍ଡା ଦିବସ

କୁତ୍ରା, ୧୩।୧୦(ଦେବାଶିଷ ସାହୁ): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ଉଚ୍ଚ ବିଦ୍ୟାଳୟ ଓ ପୂର୍କାପାଲି ଆଶ୍ରମଠାରେ ପ୍ରାଣୀ ଚିକିତ୍ସା କେନ୍ଦ୍ର ତରଫରୁ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅଣ୍ଡାର ମହତ୍ତ୍ୱ ବିଷୟରେ ଆଲୋଚନା କରିବା ସହିତ ସବୁ ମଣିଷ ପ୍ରତିଦିନ ଅଣ୍ଡା ଖାଇବା ଉପରେ ଗୁରୁତ୍ୱ ଦିଆଯାଇ ସଚେତନ କରାଯାଇଛି। ଅଣ୍ଡାରେ ଅନେକ ଉପାଦେୟ ଗୁଣ ପ୍ରୋଟିନ ଭିଟାମିନ ଓ ମିନେରାଲ ଭରିରହିଛି। ଅଣ୍ଡାରେ ଭରିରହିଥିବା ଉପାଦେୟ ଗୁଣ ମଣିଷର ହାଡ, ମାଂସପେଶୀ ଓ ଆଖି ପାଇଁ ସବୁଠୁ ଉପାଦେୟ ବୋଲି କୁହାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଡ. ବିକାଶ ସେଠୀ, ଡ. ରୁକମଣି ନାଏକ, ଡ. ଭଗବାନ ନାଏକ, ଶୁରଜ ସିଂ, ବିରିଙ୍ଗାଟୋଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁନିତା ଶରୋନିଆଁ, ପୂର୍କାପାଲି ଆଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ସମେତ ପ୍ରାଣୀ ଚିକିତ୍ସା ବିଭାଗର ସମସ୍ତ ଅଧିକାରୀ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ର ତଥା ଅତିଥିମାନଙ୍କୁ ଅଣ୍ଡା ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ପ୍ରାଣୀ ଚିକିତ୍ସା ଅଧିକାରୀ ଦିପକ ରଞ୍ଜନ ପରିଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।



ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

# ବିର୍ସା ଛକ ବରସୁଆଁ ଚାମ୍ପିୟନ

**ବରସୁଆଁ ଲୌହଖଣି ପକ୍ଷରୁ ପେରିଫେରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ଟେନ୍‌ସା, ୧୩।୧୦(ସମୀର କୁମାର ପାଢୀ)

ସୁନ୍ଦରଗଡ଼ ଜିଲା ଟେନ୍‌ସାରେ ଥିବା ସେଲ ଅଧୀନସ୍ଥ ବରସୁଆଁ ଲୌହ ଖଣି ସାମାଜିକ ଦାୟିତ୍ୱବୋଧ ବିଭାଗ ତଥା ସିଏସ୍‌ଆର ଅଧିକାରୀ ଅମୀୟ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପେରିଫେରିଆଲ ଫୁଟବଲ ଟୁର୍ନାମେଣ୍ଟ ଟେନସା ଇସ୍ପାତ ଷ୍ଟାଡିୟମ ଓ ବରସୁଆଁ ଖେଳ ପଡିଆଠାରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବଣାଇ ଉପଖଣ୍ଡରୁ ୩୨ଟି ଦଳ ଭାଗ ନେଇଥିଲେ। ଏହି ଫୁଟବଲ ଟୁର୍ନାମେଣ୍ଟ ଦୁଇଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ବରସୁଆଁ ଷ୍ଟାଡିୟମଠାରେ ୧୬ଟି ଟିମ୍ ଓ ଟେନ୍‌ସା ଇସ୍ପାତ ଷ୍ଟାଡିୟମଠାରେ ୧୬ଟିମ ଭାଗ ନେଇଥିଲେ। ଉଭୟ ସ୍ଥାନରୁ ବିଜେତା ହୋଇଥିବା ଦୁଇ ଟିମ ମଧରେ ଶେଷ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବିର୍ସା ଛକ ବରସୁଆଁ ବନାମ ଏଲଡିଏନ କ୍ଲବ ଲୁଧିଆଣୀ ଫୁଟବଲ ଟିମ୍ ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବିର୍ସା ଛକ ବରସୁଆଁ ୫/୪ ଗୋଲରେ ବିଜୟ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରସୁଆଁ ଲୌହଖଣି ମହାପ୍ରବନ୍ଧକ ଭାରପ୍ରାପ୍ତ ଅଧିକାରୀ ତିଳକ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ମହାପ୍ରବନ୍ଧକ ପି.ସି ବରୁଆ, ଉପମହାପ୍ରବନ୍ଧକ ନାରାୟଣ ପଣ୍ଡା, ଫାଇନାସ ବିଭାଗର ମୁଖ୍ୟ ପରିମହଲ ଶଲ, ସିଭିଲି ବିଭାର ମୁଖ୍ୟ ବି. ଦତ୍ତ, ସମାଜସେବୀ ପ୍ରମୁଖ ଯୋଗଦେଇଥିଲେ। ବିଜେତା ବିର୍ସା ଛକ ବରସୁଆଁ ଦଳକୁ ୧୦ ହଜାର ନଗଦ ସହ ଟ୍ରଫି, ଉପ ବିଜେତା ଏଲଡିଏନ କ୍ଲବ ଲୁଧିଆଣୀ ଦଳକୁ ୮ହଜାର ନଗଦ ସହ ଟ୍ରଫି, ତୃତୀୟ ସ୍ଥାନ ଅଧିକାର କରିଥିବା ନୂଆଗାଁ ଦଳକୁ ୬ ହଜାର ନଗଦ ସହ ଟ୍ରଫି ତଥା ଚତୁର୍ଥ ସ୍ଥାନ ଅଧିକାର କରିଥିବା ଆର. ଜି କ୍ଲବ ଟେନସାକୁ ୪ ହଜାର ନଗଦ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରେଫେରି ଭାବେ ଯୁଧିଷ୍ଠିର କୁଲସରେଇ,ତରୁଣ ବେହେରା, ବିଜୟ ମହାକୁଡ଼, ଭୀଷ୍ମଦେବ ମାହାନ୍ତ, ସଞ୍ଜିବ ପାତ୍ର, ଅଜିତ କୁମାର ପାତ୍ର ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟ ମୁଖ୍ୟ ଆକର୍ଷଣ ଥିଲା ଟେନସା ଡିଏଭି ପବ୍ଲିକ ସ୍କୁଲ ଛାତ୍ରୀ ଓ ଟେନସା ଇସ୍ପାତ ବିଦ୍ୟାଳୟର ଛାତ୍ରୀ ମଧରେ ଫୁଟବଲ ମ୍ୟାଚ। ଏହି ମ୍ୟାଚରେ ଡିଏଭି ପବ୍ଲିକ ସ୍କୁଲକୁ ହରାଇ ଇସ୍ପାତ ବିଦ୍ୟାଳୟ ବିଜୟ ହୋଇଥିଲା। ଟେନସା ମହିଳା ସମିତିର ସଭାପତି ଗାୟତ୍ରୀ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସିଏସ୍‌ଆର ବିଭାଗର ମ୍ୟାନେଜର ଅମୀୟ ରାଉତ ସମେତ ସିଏସ୍‌ଆରର କର୍ମକର୍ତ୍ତା ସମସ୍ତ ଖେଳକୁ ପରିଚାଳନା କରିଥିଲେ।

### ବଡ଼ଗାଁରେ ମେରି ମିଟି ମେରା ଦେଶ୍ କାର୍ଯ୍ୟକ୍ରମ

ବଡ଼ଗାଁ, ୧୩।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ପଞ୍ଚାୟତ ସମିତି ଯୁକ୍ତ ଦୁଇ କଲେଜରେ ଶୁକ୍ରବାର ମେରି ମିଟି ମେରା ଦେଶ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ନେହେରୁ ଯୁବକେନ୍ଦ୍ର, ରାଉରକେଲା ସିଆଇଏସ୍‌ଏଫ୍ ଓ କୁଆଁରମୁଣ୍ଡାର ସ୍ୱେଚ୍ଛାସେବୀ ସଙ୍ଗଠନ 'ସଂସ୍କାର' ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜାତୀୟ ପତାକା ଧରି ଓ ସ୍ଲୋଗାନ ଦେଇ ଛାତ୍ରୀଛାତ୍ର ଅତିଥିମାନଙ୍କୁ ମଞ୍ଚକୁ ପାଛୋଟି ନେଇଥିଲେ। ନେହେରୁ ଯୁବ କେନ୍ଦ୍ରର ପ୍ରତିନିଧି ତଥା ସଂସ୍କାର ସଙ୍ଗଠନର ସମ୍ପାଦକ ଡକ୍ଟର ଅମୂଲ୍ୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏଥିରେ କଲେଜର ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀ ଅଧକ୍ଷତା କରିଥିଲେ। ସିଆଇଏସଏଫର ସନାତନ ରଣା ମୁଖ୍ୟ ଅତିଥି ଓ ବିଭାଗୀୟ କର୍ମଚାରୀମାନେ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ସଂସ୍କାର ସଙ୍ଗଠନର ସମ୍ପାଦକ ଡକ୍ଟର ଜେନା 'ମେରୀ ମିଟ୍ଟି ମେରା ଦେଶ' କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବୁଝାଇ ଶହିଦଙ୍କ ସ୍ମୃତି, ବୀରଗାଥା ଉପରେ ଆଲୋକପାତ କରିଥିଲେ। ସମସ୍ତ ଅତିଥି ଶହିଦଙ୍କ ବଳିଦାନ, ରାଷ୍ଟ୍ରପ୍ରେମ, କର୍ତ୍ତବ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଶହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଉଥିବା ଓ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତରୁ ଘରଘର ବୁଲି ମାଟି ସଂଗ୍ରହ କରି କଲେଜକୁ ଅଣାଯାଇଥିବା ସିଆଇଏସଏଫ କର୍ମଚାରୀମାନେ ଛାତ୍ରୀଛାତ୍ରମାନଙ୍କୁ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଗ୍ରାମର କେତେକ ବ୍ୟକ୍ତି, ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

### ମେରି ମିଟି ମେରା ଦେଶ୍ କାର୍ଯ୍ୟକ୍ରମ

କୋକସରା,୧୩।୧୦(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ଡିଗ୍ରୀ ମହାବିଦ୍ୟାଳୟଠାରେ ଶୁକ୍ରବାର କେନ୍ଦ୍ର ସରକାରଙ୍କ ଜାତୀୟ ସେବା ଯୋଜନା ଏନଏସଏସ ମିଳିତ ଆନୁକୂଲ୍ୟରେ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ପୁଷ୍ପରାଜ ମେହେରଙ୍କ ଅଧକ୍ଷତାରେ ମେରି ମିଟି ମେରା ଦେଶ, ମାଟି କୋ ନମନ, ବିରୋ କୋ ବନ୍ଦନ ଅମୃତ କଳସ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶ ମାତୃକାର ପାଇଁ ଶହୀଦ ହୋଇଥିବା ବିର ଯବାନଙ୍କ ଉଦ୍ଦେଶ୍ୟରେ ଅମୃତ ବାଟିକା ନିର୍ମାଣ କରାଯିବ ସେ ନେଇ ଦେଶର ବିଭିନ୍ନ ପ୍ରାନ୍ତରୁ ମାଟି ସଂଗ୍ରହ କରି ପଠାଯିବ। ଏହି କ୍ରମରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ସୁସଜ୍ଜିତ କଳସରେ ଘର ଘର ବୁଲି ମାଟି ସଂଗ୍ରହ କରିଛନ୍ତି।

# ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କଲେ ମନ୍ତ୍ରୀ

ବାଲିଶଙ୍କରା,୧୩।୧୦(ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକର ବେହେରାଡିହି ପଞ୍ଚାୟତ ବ୍ରାହ୍ମଣମରା କ୍ୟାଥଲିକ ଚର୍ଚ୍ଚରେ ଶୁକ୍ରବାର ଗ୍ରାମ୍ୟ ଉନ୍ନୟନ ଦକ୍ଷତା ବିକାଶ ମନ୍ତ୍ରୀ ତଥା ସୁନ୍ଦରଗଡ଼ ଜିଲା ମୁଖ୍ୟ ପର୍ଯ୍ୟବେକ୍ଷକ ପ୍ରିତିରଞ୍ଜନ ଘଡେଇ ଅଞ୍ଚଳର ଜନସାଧାରଣଙ୍କ ସହିତ ସାକ୍ଷାତକାର କରି ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ସମସ୍ୟା ସବୁ ଆଗାମୀ ଦିନରେ ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଚର୍ଚ୍ଚରେ ରାଜ୍ୟ ସରକାରଙ୍କ ଅନୁଦାନରେ ଅନେକ ଉନ୍ନୟନମୂଳକ କାର୍ଯ୍ୟମାନ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ବିକାଶର ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରିଥିଲେ। ଉନ୍ନୟନମୂଳକ କାର୍ଯ୍ୟ ତଦାରଖରେ ଏସଡିସି ଚେୟାରମ୍ୟାନ ତଥା ଜିଲା ବିଜେଡି ସଭାପତି ବିନୟ ଟପ୍ପୋ, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଭ୍ୟ ବୈକୁଣ୍ଠ ନାଏକ, ରାଜ୍ୟ କାଉନସିଲର ମେମ୍ବର ମହମ୍ମଦ ହାରୁନ ରସିଦ, ଜିଲା ବିଜେଡି ଯୁବ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି, ବାଲିଶଙ୍କରା ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ, ବାଲିଶଙ୍କରା (କ) ଜୋନ ଜିଲା ପରିଷଦ ସଭ୍ୟ ବିନୋଦ କୁଜୁର, (ଖ) ଜୋନ ଜିଲା ପରିଷଦ ସଭ୍ୟା ଜୟନ୍ତୀ ଏକ୍କା, ସବଡେଗା ଜିଲା ପରିଷଦ ସଭ୍ୟ ମନୋଜ ବାରୁଆ, ବାଲିଶଙ୍କରା ଯୁବ ବିଜେଡି ସଭାପତି ରଞ୍ଜନ ସିଂ, ଛାତ୍ର ସଭାପତି ଅଭିଷେକ ମିଶ୍ର, ସକ୍ରିୟ ବିଜେଡି ନେତା ଜିତେନ୍ଦ୍ର ନାଏକ, ଆଖ୍ୟା ନାଏକ, ଅମିତ ସାହୁ, ବ୍ରଜ କିଶୋର ସାହୁ, ଉପେନ୍ଦ୍ର ଚିତା, ଜେନାମଣି କିସାନ, ଲମ୍ବୋଦର ସିଂ, ଅଶୋକ ସାହା ଦେଓ, ଲଳିନ ସିଂ ଦେଓ, ଯହୀର ଖାନ, ବେହେରାଡିହି ସମିତି ସଭ୍ୟ ପ୍ରଫୁଲ୍ଲ ତିର୍କୀ, କରୁଆବାହାଲ ସମିତି ସଭ୍ୟ କୃଷ୍ଣ ବରୁଆ, ପୂର୍ବତନ ସରପଞ୍ଚ ପ୍ରତିମା ଧୁରୁଆ ପ୍ରମୁଖ ବିଜେଡି କର୍ମୀ ଉପସ୍ଥିତ ଥିଲେ।



ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ତଥା ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡେଇ ବାଲିଶଙ୍କରା ବ୍ଲକ ଗସ୍ତ କରୁଛନ୍ତି।

# ଥାନା ଘେରିଲେ ଗ୍ରାମବାସୀ

**ନିର୍ଦ୍ଦୋଷଙ୍କୁ ଥାନାକୁ ଆଣିବାର ପ୍ରତିବାଦ**

ଅମରପାଲି,୧୩।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ନୂଆଁଗଡ ଗ୍ରାମରୁ ଏକ ଚୋରି ଘଟଣାରେ ଦୁଇଜଣ ନିର୍ଦ୍ଦୋଷଙ୍କୁ ଥାନାକୁ ଆଣିବାର ପ୍ରତିବାଦ କରି ଗ୍ରାମବସୀ ଶୁକ୍ରବାର ଥାନା ଘେରଥିଲେ। ପରେ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ୪ଜଣଙ୍କୁ ଧରିଛି। ସେମାନଙ୍କ ମଧରେ ସମ୍ପୃକ୍ତ ନାବାଳକ ଅଭିଯୁକ୍ତଙ୍କୁ ବୌଦ୍ଧ ସ୍ଥିତ ସତନ୍ତ୍ର ବାଳ ସ୍ୱଧର ଗୃହକୁ ପଠାଇ ଦିଆଯାଇଥିବା ବେଳେ ଅନ୍ୟ ୩ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଅପରପକ୍ଷରେ ଗ୍ରାମବାସୀ ଥାନା ଘେରାଉ କରି ପ୍ରତିବାଦ କରିବା ପରେ ସନ୍ଦେହରେ ଥାନାକୁ ଆଣିଥିବା ୨ ଜଣଙ୍କୁ ପୋଲିସ ଛାଡ଼ି ଦେଇଛି।

ସୂଚନମତେ ଗତ ୮ ତାରିଖରେ ନୂଆଁଗଡ ଗ୍ରାମର ପ୍ରତାପ ଜଗଦଲାଙ୍କ ଘରୁ ଚୋରି ହୋଇଥିଲା। ଚୋରମାନେ ତାଙ୍କ ଘରୁ ସୁନା ହାର, ମୁଦି, ଚୂଡ଼ି ଓ ରୂପା ପାଉଁଜି ଆଦି ଜିନିଷ ଚୋରି କରି ନେଇଥିଲେ। ଏନେଇ ବୀରମହାରାଜପୁର ଆଦର୍ଶ ଥାନାରେ ଏକ ମାମଲା(୧୭୫/୨୩) ରୁଜୁ ହୋଇଥିଲା। ପ୍ରତାପଙ୍କ ଅଭିଯୋଗ ଆଧାରରେ ନୂଆଁଗଡ ଗ୍ରାମର ଜଣେ ନାବାଳକଙ୍କ ସହିତ ୪ ଜଣଙ୍କୁ ଥାନାକୁ ଆଣି ପୋଲିସ ପଚରାଉଚରା କରିଥିଲା। ଅଭିଯୁକ୍ତମାନେ ଚୋରି କରିଥିବା ସ୍ୱୀକାର କରିଥିବା ବେଳେ ଉକ୍ତ ଚୋରି ଜିନିଷକୁ ଗ୍ରାମର ଅମିୟ ପେରା ଓ ଅଭିଯୋଗକାରୀଙ୍କ କାକା ତରଣି ଜଗଦଲାଙ୍କୁ ବିକ୍ରି କରିଥିବା କହିଥିଲେ। ତେଣୁ ପୋଲିସ ଉକ୍ତ ଦୁଇ ଜଣଙ୍କୁ ଥାନାକୁ ଆଣିପଚରାଉଚରା କରିଥିଲା। ଗ୍ରାମବାସୀ ଅଭିଯୋଗକାରୀଙ୍କ ସମ୍ପର୍କୀୟ ହୋଇ କେମିତି ଏଥିରେ ସମ୍ପୃକ୍ତ ରହିବେ ବୋଲି ଅଭିଯୋଗ କରିଥିଲେ। ପରେ ସେହି ଦୁଇଜଣଙ୍କୁ ତୁରନ୍ତ ଛାଡ଼ିବାକୁ ଦାବିକରି ଗ୍ରାମବାସୀ ଥାନା ଘେରାଉ କରିଥିଲେ। ତଦନ୍ତକାରୀ ଅଧିକାରୀ ନରେନ୍ଦ୍ର ପ୍ରସାଦ ଜେନାଙ୍କୁ ପଚାରିବାରୁ ସେ ଏହି ଚୋରିରେ ସମ୍ପୃକ୍ତ ଜଣେ ନାବାଳକଙ୍କ ସହିତ ୪ ଜଣଙ୍କୁ ଧରାଯାଇଛି ବୋଲି କହିଛନ୍ତି।



ବୀରମହାରାଜପୁର ଥାନା ଘେରିଛନ୍ତି ନୂଆଁଗଡ ଗ୍ରାମବାସୀ।

**ସଂକ୍ଷେପରେ**

## ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୩।୧୦(ଅନିଲ ଦାସ)

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଶୁକ୍ରବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଭୁବନେଶ୍ୱର ଚକବନ୍ଦୀ କମିଶନର ପ୍ରତାପ ଚନ୍ଦ୍ର ରାଉତଙ୍କୁ ସମବାୟ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିବା ବେଳେ ମୟୂରଭଞ୍ଜ ଏଡିଏମ୍ ରୁଦ୍ରନାରାୟଣ ମହାନ୍ତିଙ୍କୁ ଭୁବନେଶ୍ୱର ଏଡିଏମ୍ ଭାବେ ବଦଳି କରାଯାଇଛି। ସେହିପରି ଭୁବନେଶ୍ୱର ଏଡିଏମ୍ ଦିଲ୍ଲୀପ କୁମାର ମହାପାତ୍ରଙ୍କୁ ଲଘୁଖଣିଜ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ଢେଙ୍କାନାଳ ଏଡିଏମ୍ ନେତ୍ରାନନ୍ଦ ମଲ୍ଲିକଙ୍କୁ ମୟୂରଭଞ୍ଜ ଏଡିଏମ୍, ବ୍ରହ୍ମପୁର ଡେପୁଟି କଲେକ୍ଟର ଶୁଭଶ୍ରୀ ରଥଙ୍କୁ ବାଲେଶ୍ୱର ଅତିରିକ୍ତ ଜିଲାପାଳ, ହିନ୍ଦୋଳ ବିଡିଓ ଶଙ୍କର ମିଶ୍ରଙ୍କୁ ଜଗତ୍‌ସିଂହପୁର ସ୍ପେଶାଲ ଏଲ୍ଏଓ ଏବଂ ବାଲେଶ୍ୱର ଅତିରିକ୍ତ ଉପଜିଲାପାଳ ପାର୍ଥସାରଥି ହାଁସଦାଙ୍କୁ ପୁରୀ ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଛି।

# ଅନ୍ତେବାସୀ ହେଲେ ଜୀବନସାଥୀ

## କୁଷ୍ଠାଶ୍ରମରେ ନିଆରା ବିବାହ: ବର ୬୫କୁ କନ୍ୟା ୬୩

ବାଲେଶ୍ୱର, ୧୩।୧୦ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବାମପଦାସ୍ଥିତ କୁଷ୍ଠାଶ୍ରମରେ ଥିଲେ ଅନ୍ତେବାସୀ। ହେଲେ ଏବେ ପାଲଟିଯାଇଛନ୍ତି ଜୀବନସାଥୀ। ବର ୬୫କୁ କନ୍ୟା ୬୩। ପ୍ରେମ ପାଇଁ ବୟସର କୌଣସି ପରିସୀମା ନ ଥାଏ ତାହା ଆଜି ପ୍ରମାଣିତ କରିଛନ୍ତି ଦାସ ମାରାଣ୍ଡି ଓ ପଦ୍ମାବତୀ ଦାସ। ସାତ ଜନ୍ମର ସାଥୀ ଭାବେ ଏମାନେ ପରସ୍ପରକୁ ଆପଣାଇ ନେଇଛନ୍ତି। ପରିଣତ ବୟସରେ କୁଷ୍ଠ ରୋଗକୁ ହରାଇଥିବା ଏହି ପ୍ରେମୀଯୁଗଳଙ୍କ ବିବାହ ଶୁକ୍ରବାର ଆଶ୍ରମ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ସମସ୍ତ ରୀତିନୀତିରେ ସମ୍ପନ୍ନ ହୋଇଛି। ଦାସ ମାରାଣ୍ଡି ପଦ୍ମାବତୀଙ୍କ ମଥାରେ ସିନ୍ଦୂର, ହାତରେ ଶଙ୍ଖା ପିନ୍ଧାଇ, ବେକରେ ବରଣମାଳା ଦେଇ ନିଜର ସ୍ତ୍ରୀ ଭାବରେ ସ୍ୱୀକାର କରିଛନ୍ତି। ଏହି ବିବାହରେ ଆଶ୍ରମବାସୀ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ। କିଏ ଶଙ୍ଖ ଫୁଙ୍କିଥିଲା, ତ ଆଉ କିଏ ହୁଳହୁଳି ଦେଇଥିଲା। ସାରାଦିନ ଆଶ୍ରମ ପରିସରରେ ଲାଗି ରହିଥିଲା ଉତ୍ସବର ମାହୋଲ।



ବରକନ୍ୟାଙ୍କୁ ଆଶୀର୍ବାଦ କରୁଛନ୍ତି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ।

ପଦ୍ମାବତୀଙ୍କ ଘର ଔପଦା ବ୍ଲକ ଜୁଡ଼ାଗଡ଼ିଆ ଅଞ୍ଚଳରେ। ସେ ପୂର୍ବରୁ ବିବାହିତା ଥିଲେ। ୧୦ବର୍ଷ ପୂର୍ବେ ପଦ୍ମାବତୀ କୁଷ୍ଠରୋଗରେ ଆକ୍ରାନ୍ତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଘୃଣା କରିବାରୁ ସେ ଘର ଛାଡ଼ି ଆସି ବାମପଦାରେ ଥିବା କୁଷ୍ଠାଶ୍ରମରେ ରହି ଚିକିତ୍ସିତ ହେଉଥିଲେ। ଏବେ ସେ କୁଷ୍ଠ ରୋଗରୁ ମୁକ୍ତ ହୋଇଛନ୍ତି, ହେଲେ ଘରକୁ ଫେରିନାହାନ୍ତି। ସେହିଭଳି ବାଲେଶ୍ୱର ସଦର ବ୍ଲକ ସାର୍ଥା ଗ୍ରାମରେ ଦାସ ମାରାଣ୍ଡିଙ୍କ ଘର। ସେ ମଧ୍ୟ କୁଷ୍ଠ ରୋଗରେ ଆକ୍ରାନ୍ତ ହେବା ପରେ ପରିବାର ଲୋକେ ତାଙ୍କୁ ଘରୁ ତଡିଦେଇଥିଲେ। ସେ ୩ ବର୍ଷ ତଳେ ଆସି ଏହି କୁଷ୍ଠାଶ୍ରମରେ ରହି ଭଲ ହୋଇଛନ୍ତି। ସେ ମଧ୍ୟ ଆଉ ଘରକୁ ଫେରିନାହାନ୍ତି। ଦାସ ମାରାଣ୍ଡି ଜଣେ ଖୁବ୍ ଭଲ ମଣିଷ। ତେଣୁ ତାଙ୍କୁ କୁଷ୍ଠାଶ୍ରମର ସମସ୍ତେ ଭଲ ପାଆନ୍ତି। ପ୍ରାୟ ୨ମାସ ହେବ ଦାସ ବିବାହ କରିବାକୁ ପଦ୍ମାବତୀଙ୍କୁ ପ୍ରସ୍ତାବ ଦେଇଥିଲେ। ହେଲେ ପଦ୍ମାବତୀ ପ୍ରଥମେ ରାଜି ହୋଇ ନ ଥିଲେ। ପରେ ଆଶ୍ରମର ଅନ୍ୟ ୨/୩ଜଣ ସ୍ତ୍ରୀ ଲୋକ ଦାସଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେବାରୁ ପଦ୍ମାବତୀ ସମ୍ମତି ଜଣାଇଥିଲେ। ଉଭୟେ କୁଷ୍ଠାଶ୍ରମରେ ଥିବା ଡା. ସୁମିତ୍ରା ଦେଙ୍କୁ ଯାଇ ସମସ୍ତ କଥା ଜଣାଇଥିଲେ। ଡା. ଦେ ସେମାନଙ୍କର ବିବାହ ନିଜସ୍ୱ ଖର୍ଚ୍ଚରେ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶୁକ୍ରବାର ଉଭୟଙ୍କର ବିବାହ କୁଷ୍ଠାଶ୍ରମ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଦାସ ଓ ପଦ୍ମାବତୀଙ୍କ ବିବାହ ପରେ ସେମାନଙ୍କୁ ଲେପ୍ରୋସି ହସ୍ପିଟାଲ ବାରଣ୍ଡାକୁ ନିଆଯାଇ ବସାଯାଇଥିଲା। ସେଠାରେ ବରକନ୍ୟାଙ୍କୁ ଯିଏ ଯାହା ଉପହାର ଦେଇଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର ଉପସ୍ଥିତ ରହି ବରକନ୍ୟାଙ୍କୁ ଆଶୀର୍ବାଦ କରିବା ସହ ସେମାନଙ୍କର ସୁଖମୟ ଜୀବନ କାମନା କରିଥିଲେ।

# ଦୋଷୀଙ୍କୁ ୧୦ ବର୍ଷ ଜେଲ

## ନାବାଳିକାଙ୍କୁ ବଳାତ୍କାର ମାମଲା

କେନ୍ଦୁଝର,୧୩।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସ୍ୱତନ୍ତ୍ର କୋର୍ଟରେ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ବିଜୟ କୁମାର ମିଶ୍ର ଏହାର ଶୁଣାଣି କରି ଦୋଷୀଙ୍କୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ କୋର୍ଟ ଆଦେଶ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଢୁରୁମୁଙ୍ଗା ଥାନା ଅଞ୍ଚଳର ଭୋଳେଶ୍ୱର ମୁଣ୍ଡା।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ସେପ୍ଟେମ୍ବର ୨୦ ତାରିଖ ରାତିରେ ପୀଡ଼ିତା ପାଇଖାନାକୁ ଯାଇଥିବା ସମୟରେ ଅଭିଯୁକ୍ତ ଭୋଳେଶ୍ୱର ତାଙ୍କୁ ଏକୁଟିଆ ପାଇ ଜୋରଜବରଦସ୍ତ ଟାଣି ନେଇ ବଳାତ୍କାର କରିଥିଲେ। ପୀଡ଼ିତା ପାଟି କରିବାରୁ ପରିବାର ଲୋକେ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ। ପର ଦିନ ପୀଡ଼ିତା ଢୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୧୦୮/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Urgently Required
Female Trained Qualified
Nurse cum Attendant
24 hour Service in
Bhubaneswar.
Contact:9937203178

WANTED
ଆୟୁର୍ବେଦିକ କ୍ଲିନିକରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ।
ଯୋଗାଯୋଗ କରନ୍ତୁ:
8093176446
9861513098


## ସଂସ୍କୃତି, ଆଧୁନିକତାରେ...

ପ୍ରଥମ ପୃଷ୍ଠାରୁ...

ଶତାବ୍ଦୀର ଓଡ଼ିଶା ପାଇଁ ଆମର ସଂକଳ୍ପ। ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଭୂମି। ବିଶ୍ୱ ପ୍ରେମ, ଶାନ୍ତି, ସଦଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା। ଜାତି, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟ ସ୍ଥଳୀଗୁଡ଼ିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟ ସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ। ଗାଁରେ ଇଣ୍ଟରନେଟ୍ ସଂଯୋଗ ମିଳିବ। ବିଜ୍ଞାନ ପାର୍କ ହେବ। ଦକ୍ଷତା ବିକାଶ କେନ୍ଦ୍ର ହେବ। ୱାର୍କସ ହବ୍ ହେବ। ବ୍ୟାଙ୍କିଙ୍ଗ୍ ସୁବିଧା ମିଳିବ। ଏହି କାର୍ଯ୍ୟକ୍ରମରେ ଗାଁର ପ୍ରାଥମିକ ସ୍କୁଲଗୁଡ଼ିକ ମଧ୍ୟ ସାମିଲ ହେବ। ଏହା ଆମ ଯୁବ ସମାଜ ପାଇଁ, ମା'ମାନଙ୍କ ପାଇଁ, ଚାଷୀଭାଇ ଭଉଣୀମାନଙ୍କ ପାଇଁ ଓ ଛାତ୍ରୀଛାତ୍ରମାନଙ୍କ ପାଇଁ ଅମାପ ସୁଯୋଗ ଆଣିବ। ଏକ ଆଧୁନିକ, ସଶକ୍ତ, ପ୍ରଗତିଶୀଳ ତଥା ସଂସ୍କୃତି ସଚେତନ ରାଜ୍ୟ ଭାବେ ଓଡ଼ିଶାର ପରିଚୟକୁ ଆହୁରି ଉଜ୍ଜ୍ୱଳ କରିବ। ଏହି ନୂଆ ଓଡ଼ିଶାରେ ଆମର ଭିତ୍ତିଭୂମି ସୁଦୃଢ଼ ହେବା ସହ ଆକାଂକ୍ଷୀ ଓଡ଼ିଶା ପରିକଳ୍ପନା ସାକାର ରୂପ ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୁରୀର ୬ଟି ନିର୍ବାଚନମଣ୍ଡଳୀ ଓ ନୟାଗଡ଼ର ୪ଟି ନିର୍ବାଚନମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହୋଇଥିଲା। ୫-ଟି ସଚିବ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅଶୋକ ଚନ୍ଦ୍ର ପଣ୍ଡା, ତୁଷାରକାନ୍ତି ବେହେରା, ବିଧାୟକ ସମୀର ରଞ୍ଜନ ଦାଶ, ରୁଦ୍ରପ୍ରତାପ ମହାରଥୀ, ଉମାକାନ୍ତ ସାମନ୍ତରାୟ, ଜିଲା ପରିଷଦ ସଭାପତି, ସଦସ୍ୟଗଣ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗନେଇ ଗାଁ ଗାଁରେ ବିକାଶର ନୂଆ ଯୁଗ ଆସିଛି ବୋଲି ମତପ୍ରକାଶ କରିଥିଲେ। ନୟାଗଡ଼ ଜିଲା କାର୍ଯ୍ୟକ୍ରମରେ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ରମେଶ ଚନ୍ଦ୍ର ବେହେରା ଏବଂ ଅରୁଣ କୁମାର ସାହୁଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷ ଓ ସରପଞ୍ଚମାନେ ଯୋଗଦେଇ ମତାମତ ରଖିଥିଲେ। ୫-ଟି ସଚିବଙ୍କ ଗସ୍ତ ଯୋଗୁ ଜିଲାସ୍ତରରେ ବିକାଶ ତ୍ୱରାନ୍ୱିତ ହେବା ସହିତ ଅନେକ ଦିନରୁ ପଡ଼ିରହିଥିବା ସମସ୍ୟାଗୁଡିକ ମଧ୍ୟ ଦୂର ହୋଇଛି ବୋଲି ସେମାନେ କହିଥିଲେ। ତାଙ୍କ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଞ୍ଚଳ ପାଇଁ ଯେଉଁ ପ୍ରକଳ୍ପସବୁ ମଞ୍ଜୁର କରିଛନ୍ତି, ସେ ସମ୍ପର୍କରେ ପାଣ୍ଡିଆନ ସୂଚନା ଦେଇଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଲୋକଙ୍କ ପ୍ରସ୍ତାବିତ ପ୍ରକଳ୍ପ ଓ ଆବଶ୍ୟକତାକୁ ଦେଖି ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। କାର୍ଯ୍ୟକ୍ରମରେ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ, ଲିଙ୍ଗରାଜ ମନ୍ଦିର ଏକାମ୍ର ପ୍ରକଳ୍ପ, ତାଳଦଣ୍ଡା କେନାଲ ଆଦି ପ୍ରମୁଖ ରୂପାନ୍ତର କାର୍ଯ୍ୟକ୍ରମର ଭିଡିଓ ପ୍ରଦର୍ଶିତ ହୋଇଛି। ଏହି ରୂପାନ୍ତର ନବୀନ ଓଡ଼ିଶାର ଗୋଟିଏ ଗୋଟିଏ ନମୁନା ବୋଲି ୫-ଟି ସଚିବ କହିଛନ୍ତି। ଏହାକୁ ସମସ୍ତେ ସ୍ୱଚ୍ଛତାର ସହ ଓ ଠିକ୍ ସମୟରେ ଶେଷ କରିବାକୁ ସେ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉଭୟ ଜିଲାର ଜିଲାପାଳ ଧନ୍ୟବାଦ ଅର୍ପଣ କରିଛନ୍ତି।



ପୁରୀ ତାଳବଣିଆ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।

## ନଭେମ୍ବର ୨୭ରୁ...

(ସିଏମ୍‌ସି) ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ଏଭଳି ବୈଠକର ଯଥେଷ୍ଟ ଆବଶ୍ୟକତା ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିଯାତ୍ରାକୁ ଜାତୀୟ ଉତ୍ସବର ମାନ୍ୟତା ପ୍ରଦାନ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଦ୍ୱାରା ଅନୁରୋଧ କରିଥିଲେ। ଗତ ବାଲିଯାତ୍ରା ସମୟରେ ଇଣ୍ଡୋନେସିଆର ବାଲିଦ୍ୱୀପରେ ଉପସ୍ଥିତ ଥିବା ପ୍ରଧାନମନ୍ତ୍ରୀ କଟକ ବାଲିଯାତ୍ରାର ଅବତାରଣା କରି ଭୂୟସୀ ପ୍ରଶଂସା କରିଥିଲେ। ସିଏମ୍‌ସି ପକ୍ଷରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା କାଗଜ ଡଙ୍ଗା ତିଆରି କରି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ ହେବା ଆନନ୍ଦର ବିଷୟ ଥିଲା। ଚଳିତବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧ୍ୟକ୍ଷ ଅନିଲ କୁମାର ସାମଲ ଚଳିତ ବାଲିଯାତ୍ରାକୁ ଅଧିକ ସରସ ସୁନ୍ଦର କରିବା ନିମନ୍ତେ ବିଭାଗଗୁଡ଼ିକ ତତ୍ପରତାର ସହିତ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଦୃଢ ଆଶାପୋଷଣ କରିଥିଲେ। ନିରବଚ୍ଛିନ୍ନ, ସୁରକ୍ଷିତ ଓ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଣ ଦିଗରେ ଟିପିସିଓଡିଏଲ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ସେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ରାଞ୍ଚଳ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ ସମସ୍ତେ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରିବା ସହ ବାଲିଯାତ୍ରାର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ଆଶାପ୍ରକାଶ କରିଥିଲେ।

ଜିଲାପାଳ ଭବାନୀ ଶଙ୍କର ଚୟନୀ ରାସ୍ତାଘାଟ ମରାମତି, ବାଲିଯାତ୍ରା ପଡ଼ିଆର ଭିତ୍ତିଭୂମି, ୱାଟ୍‌କୋ ଦ୍ୱାରା ପାନୀୟଜଳ ଯୋଗାଣ, ଟିପିସିଓଡିଏଲ ଦ୍ୱାରା ଆଲୋକୀକରଣ, ଓର୍‌ମାସ୍ ଆନୁକୂଲ୍ୟରେ ପଲ୍ଲିଶ୍ରୀ ମେଳାର ଷ୍ଟଲ ସଂଖ୍ୟା ୪୦୦କୁ ବୃଦ୍ଧି କରିବା, ପର୍ଯ୍ୟଟନ ବିଭାଗ ପକ୍ଷରୁ ବାଲିଯାତ୍ରାକୁ ପର୍ଯ୍ୟଟନ ପଞ୍ଜିକାରେ ସ୍ଥାନିତ କରିବା, ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ମୁଦ୍ରିତ ଏବଂ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ବିଜ୍ଞାପନ ମାଧ୍ୟମରେ ଏହାର ବ୍ୟାପକ ପ୍ରଚାର ପ୍ରସାର ଓ ଉତ୍ସବକୁ ଜାତୀୟସ୍ତରୀୟ ମାନ୍ୟତା ପ୍ରଦାନ ନିମନ୍ତେ ହେଉଥିବା ଉଦ୍ୟମକୁ ଦୃଷ୍ଟିରେ ରଖି ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ସଞ୍ଚାଳିତ ଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶାଳ ଆୟୋଜନକୁ ଦୃଷ୍ଟିରେ ରଖି ଆର୍ଥିକ ଅନୁଦାନକୁ ବୃଦ୍ଧି କରିବା ଲାଗି ଜିଲାପାଳ ଅନୁରୋଧ କରିଥିଲେ। କଟକ ଡିସିପି ପିନାକ ମିଶ୍ର କହିଥିଲେ, ଲକ୍ଷାଧିକ ଦର୍ଶକ କଟକ ବାଲିଯାତ୍ରାକୁ ଆଗମନ କରୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ଘଟଣାମୁକ୍ତ ବାଲିଯାତ୍ରା ଆୟୋଜନ କରାଇବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ। ଗାଡ଼ି ରହଣିସ୍ଥଳ ଚିହ୍ନଟ, ଯାନବାହନ ନିୟନ୍ତ୍ରଣ, ୱାଚ୍ ଟାୱାର ନିର୍ମାଣକୁ ପ୍ରାଧାନ୍ୟ ଦିଆଯିବା ସହ ଆବଶ୍ୟକସ୍ଥଳେ ଅତିରିକ୍ତ ଫୋର୍ସ ନିୟୋଜନ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଥିଲେ।

ଏହି ବୈଠକରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, କଟକ ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମକରନ୍ଦ ବେଉରା, ବାରଙ୍ଗ ତହସିଲଦାର ସଙ୍କଳ୍ପ ସ୍ୱସ୍ତିକ ସାହୁ, କଟକ ସଦର ତହସିଲଦାର ସୁଜୟ କୁମାର ପତି ଓ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


College of Pharmaceutical Sciences, Berhampur
At/PO: Mohuda (GM)- 760002 (Orissa)
Estd:1979
(Approved by AICTE, PCI & UGC and affiliated to BPUT, BU & OSBP)
www.cpsmohuda.org, Mobile No.7894824133, 9439868992
WALK IN INTERVIEW FOR PHARMACY FACULTY
POST : ASST. PROFESSOR
Specialization : Pharmacognosy, (Preferable) Pharmaceutical Chemistry Pharmaceutics, Pharmacology, Pharma Analysis, Pharmacy Practice
Eligibility : As per PCI norms
Pay : NEGOTIABLE
Date of Interview : 15.10.2023 (Sunday) by 10.00 A.M.
Venue : Administrative Office, GPCDA Kamalavari Street, Near Big Bazar Berhampur-760002
Please send your C.V. by E.mail: "placementcellcps@gmail.com" with in seven days and attend interview in with complete C.V., Original certificates as well as photo copies of all certificates.
PRINCIPAL
NB: No TA/DA will be given for attending the interview.

WANTED
ଧରିତ୍ରୀ Oriya daily
is looking for
CIRCULATION MANAGERS
Roles and Responsibilities:-
- Lead and own all market related needs of the company - Distributor, Agents, and Retailers.
- Work with the circulation team of Company and Distributor to achieve company objectives.
- Action all the market related plans with respect to distribution and visibility of our brands.
- Competitive tracking and analysis to identify and pursue target accounts.
- Work with ad sales and marketing team to create and package to drive circulation.
- Achieve sales targets for bulk sales.
Requirements:-
- 5-6 years sales experience in frontline sales in print media.
- Ability to develop custom marketing proposals and ideas.
- Proficiency in MS-Office.
Apply immediately to :
recruitment@dharitri.com
Attractive salary commensurate with experience


## ଆକାଉଣ୍ଟକୁ ଭୁଲ୍‌ରେ ଆସିଥିବା ୫ ଲକ୍ଷ ଟଙ୍କା ଫେରାଇଲେ ଆଇନଜୀବୀ

ପାଟଣା,୧୩।୧୦ (ବୀର କିଶୋର ଦାଶ)

ଆକାଉଣ୍ଟକୁ ଭୁଲ୍‌ରେ ଆସିଥିବା ୫ଲକ୍ଷ ଟଙ୍କା ଫେରାଇ ମାନବିକତା ଦେଖାଇଛନ୍ତି କେନ୍ଦୁଝର ଜିଲା ସାହାରପଡ଼ାର ଆଇନଜୀବୀ ତଥା ଭାଜପା ନେତା ଶିବାଜୀ ଗୌତମ ମହାନ୍ତ ବର୍ମା। ଶୁକ୍ରବାର ମଧ୍ୟପ୍ରଦେଶ ଜବଲପୁରର ଆର୍ କେ କନ୍‌ଷ୍ଟ୍ରକ୍ସନ ନାମକ ଏକ କମ୍ପାନୀର ଆକାଉଣ୍ଟରୁ ସାହାରପଡ଼ାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଶିବାଜୀଙ୍କର ଥିବା ଆକାଉଣ୍ଟକୁ ୫ ଲକ୍ଷ ଟଙ୍କା ଆସିଥିଲା। କମ୍ପାନୀର ମ୍ୟାନେଜର ଦୁର୍ଗେସ ପଟେଲ ବ୍ୟାଙ୍କଠାରୁ ଶିବାଜୀଙ୍କ ଫୋନ ନମ୍ବର ନେଇ ଯୋଗାଯୋଗ କରିଥିଲେ। ଶିବାଜୀ ଟଙ୍କା ଆସିଥିବା ଜାଣିବାକୁ ପାଇବା ପରେ ବ୍ୟାଙ୍କ ମ୍ୟାନେଜରଙ୍କ ଜରିଆରେ ପୁଣି ବ୍ୟାଙ୍କ ଖାତା ମାଧ୍ୟମରେ ୫ ଲକ୍ଷ ଟଙ୍କା ଫେରାଇ ଦେଇଛନ୍ତି।

# ବିଦ୍ୟାଳୟ ହଷ୍ଟେଲରେ ୬ଷ୍ଠଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

## ଦାୟିତ୍ୱରେ ଅବହେଳା ଅଭିଯୋଗ ଆଣିଲେ ପରିବାର ଲୋକେ

ଗୁଣପୁର,୧୩।୧୦ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପୁଟାସିଂସ୍ଥିତ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଜଣେ ଛାତ୍ରୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତ ନାବାଳିକା ଜଣକ ହେଲେ କରଞ୍ଜିଆ ସିଂ ଗ୍ରାମର ରାଜେଶ ଭୂୟାଁଙ୍କ ଝିଅ ଲୀନା ଭୂୟାଁ। ଲୀନା ହଷ୍ଟେଲରେ ରହି ୬ଷ୍ଠ ଶ୍ରେଣୀରେ ପଢୁଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱରେ ଅବହେଳା ଯୋଗୁ ଝିଅର ମୃତ୍ୟୁ ହୋଇଥିବା ମୃତ ଛାତ୍ରୀଙ୍କ ବାପା ରାଜେଶ ଅଭିଯୋଗ କରିଛନ୍ତି।

ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୃନ୍ଦାବନ ସାହୁଙ୍କ କହିବା ଅନୁଯାୟୀ, ଛାତ୍ରୀ ଲୀନା ଗୁରୁବାର ଅସୁସ୍ଥ ହୋଇପଡ଼ିଥିଲେ। ହଷ୍ଟେଲ କର୍ତ୍ତୃପକ୍ଷ ନାବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ମ୍ୟାଲେରିଆ ଟେଷ୍ଟ ମଧ୍ୟ କରାଇଥିଲେ। ତେବେ ଶୁକ୍ରବାର ସକାଳୁ ଛାତ୍ରୀ ଜଣକ ହଠାତ୍ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ବିଦ୍ୟାଳୟ ଓ ହଷ୍ଟେଲ କର୍ତ୍ତୃପକ୍ଷ ତୁରନ୍ତ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି, ଝିଅ ଅସୁସ୍ଥ ହେବା ବିଷୟରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ କୌଣସି ସୂଚନା ଦେଇ ନ ଥିଲେ। ସେମାନଙ୍କ ଅବହେଳା ପାଇଁ ଝିଅର ମୃତ୍ୟୁ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ପୁଟାସିଂ ପୋଲିସ ୬/୨୦୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ଗୁଣପୁର ଡାକ୍ତରଖାନାରେ ବ୍ୟବଚ୍ଛେଦକରି ପରିବାରକୁ ହସ୍ତାନ୍ତର କରାଯାଇଛି। ଖବରପାଇ ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ଗୁଣପୁର ଆଇଟିଡିଏର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ଦଳେଇ, ଗୁଣପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ରାୟଗଡ଼ା ଜିଲା କଂଗ୍ରେସ ସଭାପତି ବିଜୟ କୁମାର ଗମାଙ୍ଗ, ଗୁଣପୁର ଯୁବକଂଗ୍ରେସ ସଭାପତି ଅବିନାଶ ଗମାଙ୍ଗ, ପୁଟାସିଂ ସରପଞ୍ଚ ଏସିଅ ଶବର ଡାକ୍ତରଖାନାକୁ ଯାଇ ମୃତ ଛାତ୍ରୀଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ।





NRI Academy Of Sciences
(NRI MEDICAL COLLEGE, GENERAL & SUPER SPECIALITY HOSPITAL)
Chinakakani, Mangalagiri Mandal, Guntur District. A.P.
Phone: 91 8645-230101, 230102, 230197, 9849986271
NRI Medical College & General Hospital is a premier institution of Medical Education and Healthcare in the state of Andhra Pradesh. It has more than 1200 bed capacity with all General and Super Specialities.
Applications are invited for the following positions:
1. PROFESSORS in the departments of Anatomy, Forensic Medicine, General Medicine, General Surgery, Paediatrics, Cardiology, Neuro Surgery & Emergency Medicine.
2. ASSOCIATE PROFESSORS in the departments of Pharmacology, Forensic Medicine, SPM, Critical Care Medicine & Emergency Medicine.
3. ASST. PROFESSORS in the departments of Pharmacology, Forensic Medicine, Community Medicine (SPM), Anaesthesiology, Cardiology, Neurology, Neuro Surgery, Medical Oncology, Medical Gastroenterology, Emergency Medicine, CT Surgery & Critical Care Medicine.
4. SENIOR RESIDENTS in the departments of Emergency Medicine, Forensic Medicine & Critical Care Medicine.
5. MEDICAL OFFICERS for Aarogyasri/Ayushman Bharat i.e, government sponsored medical insurance schemes and Anti-Retroviral Therapy (ART) centre.
Qualifications for the positions 1 to 4, as per National Medical Commission (NMC) norms.
Salary is not a constraint for deserving candidates. Interested candidates may send their resumes within 10 days through email to: hrm@nrias.ac.in.
Website: www.nrias.net


Reliance
Growth is Life
Reliance Jewels
BE THE MOMENT
ଏକ ଅନନ୍ୟ ଦୀପାବଳୀ
ଜ୍ୱେଲରୀ କଲେକଶନ୍ 2023
Swarn Banga
ଏକ କବିତା ବେଙ୍ଗଲ୍ ଦ୍ୱାରା ଅନୁପ୍ରାଣିତ
25%* ପର୍ଯ୍ୟନ୍ତ ଛାଡ଼
ସୁନା ଅଳଙ୍କାରର ଗଢା ମଜୁରୀ ଉପରେ
ଏବଂ ହୀରା ଅଳଙ୍କାରର ମୂଲ୍ୟ ଉପରେ ।
ସୀମିତ ଅବଧି ଅଫର୍ । * ସର୍ତ୍ତ ଓ ନିୟମାବଳୀ ଲାଗୁ
ଆମର ଅନନ୍ୟ କଲେକଶନ୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ଏବେ ଏଥିରେ ମଧ୍ୟ ଉପଲବ୍ଧ www.reliancejewels.com
ଆମକୁ ଅନୁସରଣ କରନ୍ତୁ:
ଅନଗୁଳ: ଫୋନ୍: 8249389498/06764-231280 । ବାଲାଙ୍ଗୀର: ଫୋନ୍: 7008120335 । ଭୁବନେଶ୍ୱର: ଜନପଥ, ଫୋନ୍: 7008218533 / 9835924332 / 7894455782 / 9861207889 / 0674-2570035/64 । ବରଗଡ଼: ଫୋନ୍: 7991081172/8249056295 । ବ୍ରହ୍ମପୁର (ଓଡିଶା): ଫୋନ୍: 7008995399, 0680-2250017/18 । ଭଦ୍ରକ: ଫୋନ୍: 9078000357 / 7377280211 / 8249081489 । ଢେଙ୍କାନାଳ: ଫୋନ୍: 9348432641 । ଯାଜପୁର: ଫୋନ୍: 9078084953 । ଝାରସୁଗୁଡ଼ା: ଫୋନ୍: 6645291740 / 9861925764 / 8926977419
ରାଉରକେଲା: ଫୋନ୍: 8456006992 / 9583420586 । ସମ୍ବଲପୁର: ଫୋନ୍: 6372909946 । କେନ୍ଦୁଝର: ଫୋନ୍: 7008752980 । କଟକ: ଫୋନ୍: 7682848136/0671-2520011


Reliance
Growth is Life
ଉତ୍ସବ ମନାନ୍ତୁ,
#DilKholKe
ଫେଷ୍ଟିଭାଲ ଅଫ୍ ଇଲେକ୍ଟ୍ରୋନିକ୍ସ
10% ଇନ୍ଷ୍ଟାଣ୍ଟ ଡିସ୍କାଉଣ୍ଟ*
କ୍ରେଡିଟ୍ କାର୍ଡସ୍ ଏବଂ ଇଜିଇଏମ୍ଆଇ ସହିତ ଟ. 5000 ଡିସ୍କାଉଣ୍ଟ ପର୍ଯ୍ୟନ୍ତ
₹10000 ପର୍ଯ୍ୟନ୍ତ କ୍ୟାଶବ୍ୟାକ୍*
କଂଜ୍ୟୁମର ଲୋନ୍ସ ଉପରେ
HDFC BANK
ଫେଷ୍ଟିଭ ଟ୍ରିଟସ
Reliance digital
PERSONALISING TECHNOLOGY
#TechnologySeRishtaJodo
MATCH DAY DEALS
TCL P745 2 Year Warranty 216cm(85) UHD TV Google TV ₹149990* *Price after Cashback
189 CM (75) UHD AVAILABLE AT ₹74990*
SAMSUNG 3 Year Warranty Neo QLED Starting from ₹99990* BENEFITS FREEBIES WORTH UPTO ₹124990/- *Price after Cashback
LG OLED evo 3 Year Warranty Starting from ₹89990* BENEFITS MAX 20% CASHBACK UPTO ₹15000*
JBL SOUNDBAR DOLBY ATMOS ₹28999 ₹17499*
EVERYDAY LAPTOP Intel® Core™ i3 Starting from ₹29999* AMD R3 Starting from ₹33999*
MULTITASKING LAPTOP AMD R5 Starting from ₹37999* Intel® Core™ i5 Starting from ₹39999*
GAMING LAPTOP GTX 1650 Starting from ₹40999* RTX 3050 Starting from ₹47999*
PRICE AFTER PROMO, CASHBACK & EXCHANGE BONUS AS APPLICABLE
LOWEST PRICE SAMSUNG S21 FE 5G ₹49999 Starting from ₹31999* *Price post Upgrade bonus & bank cashback
iPhone DEAL PRICE 13 128GB ₹59900* Starting from ₹33900* 14 128GB ₹69900* Starting from ₹39900* *Price post in store discount, exchange value, bonus and HDFC cashback
NEW LAUNCH VIVO V29 PRO Starting from ₹39999*
SIDE BY SIDE HAIER 628L ₹57990* EMIs of ₹4833 LG 655L ₹74990* EMIs of ₹6249 SAMSUNG 653L ₹97990* EMIs of ₹8166
FREE** 10 KG TOP LOAD WASHING MACHINE WORTH ₹32500 (ON SELECT SAMSUNG SBS*)
FRONT LOAD BOSCH 6 Kg ₹26590* EMIs of ₹2216 LG 8 Kg ₹33490* EMIs of ₹2791 SAMSUNG 8 Kg ₹33990* EMIs of ₹2833
WATER PURIFIER AQUAGUARD UV+UF ₹9990* AQUAGUARD RO+UV ₹18990 LG RO ₹21590
boAt Electra 1.81 ₹7990 ₹1499*
ଲାଟେଷ୍ଟ ଟେକ୍‌ର ବ୍ୟାପକ ରେଞ୍ଜ
ନିମ୍ନତମ ପ୍ରାଇସ୍*
ସହଜ ଇଏମ୍ଆଇ
ଦ୍ରୁତତମ ଡେଲିଭରୀ ଏବଂ ଇନଷ୍ଟଲେଶନ୍
Reliance resQ ବ୍ୟକ୍ତିଗତ ଅନୁସାରେ ମାର୍ଗଦର୍ଶନ । ସେବା । ମେଣ୍ଟେନାନ୍ସ 1800 889 1044
ଆଉ ମଧ୍ୟ ସପିଂ କରନ୍ତୁ: reliancedigital.in
SHOP ANY ELECTRONICS AT MY JIO STORE Jio DIGITAL LIFE
NOW OPEN AT: TALCHER ROAD, SHARMA CHOWK
VISIT US AT ODISHA: • JAJPUR ROAD CHODRA BY PASS PH :- 8984107745 • BHUBHANESHWAR • RELIANCE MALL, MASTER CANTEEN • NANDAN KANAN ROAD, PATIA • ESPLANADE ONE MALL, RASULGARH • CUTTACK • COLLEGE SQUARE • CDA, CUTTACK • PURI, VIP ROAD | ALSO AVAILABLE AT:- • BALASORE • BEHRAMPUR • ROURKELA • SAMBALPUR • ANGUL • BALANGIR • JHARSUGUDA • SUNDERGARH • TALCHER |
TO LOCATE YOUR NEAREST MYJIO STORE, SMS LOCATE <PINCODE> TO 561611
Unless specified, the retail prices shown are for 1 unit of the product.